RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR
•VOLUME- 44 •ISSUE-24 •SATURDAY •18 JULY 2026 •PAGE-12 •₹ 7.00
•ବର୍ଷ-୪୪ •ସଂଖ୍ୟା-୨୪ •ଶନିବାର •୧୮ ଜୁଲାଇ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦



# ଗୁଣ୍ଡିଚା ଦୁଆରେ ତିନି ରଥ

■ ପୁରୀ, ୧୭।୭ (ସମିସ): ନବଦିନାତ୍ମକ ଯାତ୍ରାରେ ବାହାରି ବଡଦାଣ୍ଡରେ ଭାଇଭଉଣୀଙ୍କ ସହ ଅଟକି ରହିଥିଲେ କାଳିଆ ଠାକୁର। ରାତିରେ ରଥାରୂଢ଼ ଠାକୁରଙ୍କୁ ମନଲୋଭା ଦର୍ଶନ କରିଥିଲେ ଶ୍ରଦ୍ଧାଳୁ। ଶୁକ୍ରବାର ସକାଳୁ ନିର୍ଘଣ୍ଟ ନୀତିକାନ୍ତି ପରେ ପୁନଶ୍ଚ ଆରମ୍ଭ ହୋଇଥିଲା ରଥଟଣା। ମେଘଭରା ଆକାଶ ସାଙ୍ଗକୁ ଅନୁକୂଳ ପାଗ ଭକ୍ତଙ୍କ ମଧ୍ୟରେ ଉତ୍ସାହ ଭରିଥିଲା। ଜୟ ଜଗନ୍ନାଥ ଧ୍ୱନିରେ ରଥ ଟାଣିଥିଲେ ହଜାର ହଜାର ଶ୍ରଦ୍ଧାଳୁ। ଏବେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ପହଞ୍ଚି ଯାଇଛନ୍ତି ତିନିରଥ। ରଥାରୂଢ଼ ଠାକୁରଙ୍କୁ ଦର୍ଶନ କରୁଛନ୍ତି ଭକ୍ତ। ଶୁକ୍ରବାର ରାତି ଏବଂ ଶନିବାର ଦିନବ୍ୟାପୀ ଭକ୍ତଙ୍କୁ ଦର୍ଶନ ଦେବା ପରେ ଅପରାହ୍ନରେ ଚତୁର୍ଦ୍ଧାବିଗ୍ରହ ଜନ୍ମବେଦୀ ତଥା ଆଡପ ମଣ୍ଡପକୁ ବିଜେ କରିବେ।

ଆଷାଢ଼ ଶୁକ୍ଳ ଦ୍ୱିତୀୟା ଥିଲା ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା। ଗୁରୁବାର ନିର୍ଘଣ୍ଟ ସମୟରେ ଚାଲିଥିଲା ନୀତିକାନ୍ତି। ଧାର୍ଯ୍ୟ ସମୟ ପୂର୍ବରୁ ଆରମ୍ଭ ହୋଇଥିବା ପହଣ୍ଡି କିନ୍ତୁ ଶେଷ ହେବା ବେଳକୁ ଦେଢଘଣ୍ଟା ବିଳମ୍ବ ହୋଇଥିଲା। ରଥଟଣା ବି ଘଣ୍ଟାଏ ବିଳମ୍ବ ହୋଇଥିଲା। ଶ୍ରୀବଳଭଦ୍ରଙ୍କ ରଥ ଏବଂ ଦେବୀ ସୁଭଦ୍ରାଙ୍କ ରଥ କିଛି ବାଟ ଗଡିଥିଲେ ବି ସିଂହଦ୍ୱାରରୁ ଟସ୍କି ନ ଥିଲା ଶ୍ରୀଜଗନ୍ନାଥଙ୍କ ରଥ। ସନ୍ଧ୍ୟା ୭ଟା ୨୫ରେ ରଥଟଣା ବନ୍ଦ ବେଳକୁ ତାଳଧ୍ୱଜ ରଥ ମାର୍କେଟ ଛକ, ଦର୍ପଦଳନ ରଥ ମରୀଚିକୋଟ ଛକରେ ଅଟକି ଥିବା ବେଳେ ନନ୍ଦିଘୋଷ ରଥ କେବଳ ବିଧି ରକ୍ଷା ଉଦ୍ଦେଶ୍ୟରେ ମାତ୍ର ଦୁଇହାତ ଗଡି ସେହି ସିଂହଦ୍ୱାରରେ ଅଟକି ରହିଥିଲା। ରଥାରୂଢ଼ ଠାକୁରଙ୍କୁ ବିଳମ୍ବିତ ରାତି ଯାଏ ମନଭରି ଦର୍ଶନ କରିଥିଲେ ଭକ୍ତ।

**ଆଜି ଆଡ଼ପ ମଣ୍ଡପ ବିଜେ**

ଶୁକ୍ରବାର ସକାଳ ୭ଟା ୨୦ରୁ ୮ଟା ମଧ୍ୟରେ ତିନିରଥ ଉପରେ ମଙ୍ଗଳ ଆଳତି ଓ ୯ଟା ୨୫ରେ ଅବକାଶ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ସକାଳ ୯ଟା ୪୦ରେ ରଥଟଣା ଆରମ୍ଭ ହୋଇଥିଲା। ଡାହୁକର ଡାକ ଓ ଘଣ୍ଟୁଆଙ୍କ ଘଣ୍ଟର ତାଳେ ତାଳେ ତାଳଧ୍ୱଜ, ଦର୍ପଦଳନ ଓ ନନ୍ଦିଘୋଷ ରଥ ଆଗକୁ ଆଗକୁ ମାଡି ଚାଲିଥିଲା। ସବୁଠୁ ବଡ଼ କଥା ଥିଲା ଶୁକ୍ରବାର ପାଗ ବେଶ୍ ଅନୁକୂଳ ରହିଥିଲା। ଆଦୌ ଖରା ନ ଥିଲା। ଆକାଶ ମେଘାଚ୍ଛନ୍ନ ଥିଲା କିନ୍ତୁ ଗୁରୁବାର ଭଳି ମେଘ ବରଷୁ ନ ଥିଲା। ଶ୍ରଦ୍ଧାଳୁମାନେ ଖୁସିରେ ରଥ ଟାଣୁଥିଲେ। ଅବଶ୍ୟ ବାଟରେ କିଛି ଜାଗାରେ ରଥ ମୋଡ଼ ନେଇଥିଲା। ହେଲେ ସେମିତି ବେଶୀ ▶ପୃଷ୍ଠା-୭

# ଦୌଡ଼ିଲା ଦେଶର ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍

■ ନୂଆଦିଲ୍ଲୀ, ୧୭।୭ (ଏଜେନ୍ସି): ଭାରତୀୟ ସେବା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ଦେଶର ପ୍ରଥମ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହାଇଡ୍ରୋଜେନ୍ ଚାଳିତ ଟ୍ରେନ। ହରିୟାଣାର ଜିନ୍ଦ-ସୋନିପତ ରେଳପଥରେ ଆଜି ଏହି ଟ୍ରେନର ପରୀକ୍ଷାମୂଳକ ପ୍ରଚଳନ ଆରମ୍ଭ ହୋଇଛି। ଏହାସହିତ ବିଶ୍ୱର ସେହି କେତେକ ସୀମିତ ଦେଶ ମଧ୍ୟରେ ଭାରତ ସାମିଲ ହୋଇଛି, ଯେଉଁମାନେ ମହାକାଶ ଓ ପରିବହନ କ୍ଷେତ୍ରରେ ହାଇଡ୍ରୋଜେନ୍ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏହାର ଶୁଭାରମ୍ଭ କରିଛନ୍ତି। ହରିୟାଣାର ଜିନ୍ଦ-ସୋନିପତ ରୁଟ୍‌ରେ ଆରମ୍ଭ ହୋଇଥିବା ଭାରତର ଏହି ଅତ୍ୟାଧୁନିକ ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍‌ର ଟିକେଟ୍ ମୂଲ୍ୟ ସାଧାରଣ ଜନତାଙ୍କ ପାଇଁ ଅତ୍ୟନ୍ତ ସୁଲଭ ରଖାଯାଇଛି। ଏହାର ନିମ୍ନତମ ଭଡ଼ା ୫ ଟଙ୍କା ଓ ସର୍ବାଧିକ ଭଡ଼ା ୨୫ଟଙ୍କା (ଯାତ୍ରାର ଦୂରତା ଅନୁଯାୟୀ) ରଖାଯାଇଛି।




**ଭଡ଼ା ମାତ୍ର ୫ ଟଙ୍କାରୁ ଆରମ୍ଭ**

ରେଳ ଅଧିକାରୀଙ୍କ ମୁତାବକ, ୧୦ଟି ବଗି ବିଶିଷ୍ଟ ଏହି ଟ୍ରେନ୍ ବିଶ୍ୱର ସବୁଠାରୁ ଦୀର୍ଘ ଏବଂ ଶକ୍ତିଶାଳୀ ହାଇଡ୍ରୋଜେନ୍ ଟ୍ରେନ୍। ସାଧାରଣ ଡିଜେଲ୍ କିମ୍ବା ବିଦ୍ୟୁତ ଚାଳିତ ଟ୍ରେନ୍ ଭଳି ଏଥିରେ ବାହ୍ୟ ଶକ୍ତିର ଆବଶ୍ୟକତା ପଡ଼େନାହିଁ। ଏହି ଟ୍ରେନ୍ ନିଜ ଭିତରେ ହିଁ ବିଦ୍ୟୁତ ଶକ୍ତି ଉତ୍ପନ୍ନ କରିଥାଏ। ଟ୍ରେନର ମୁଖ୍ୟ ଶକ୍ତି ହେଉଛି ୧, ୨୦୦ କିଲୋୱାଟ୍ ବିଶିଷ୍ଟ ଏକ ପ୍ରୋଟନ୍ ଏକ୍ସଚେଞ୍ଜ ମେମ୍ବ୍ରେନ୍ ଫ୍ୟୁଏଲ୍ ସେଲ୍‌ଫ। ଟ୍ରେନରେ ଥିବା ଉଚ୍ଚ ଚାପଯୁକ୍ତ ସିଲିଣ୍ଡରରୁ ହାଇଡ୍ରୋଜେନ୍ ଗ୍ୟାସ ଏବଂ ବାୟୁମଣ୍ଡଳରୁ ଅମ୍ଳଜାନ ମଧ୍ୟରେ ଏକ ସ୍ୱତନ୍ତ୍ର ରାସାୟନିକ ପ୍ରକ୍ରିୟା ଘଟାଇ ବିଦ୍ୟୁତ ଶକ୍ତି ପ୍ରସ୍ତୁତ କରାଯାଏ। ଫ୍ୟୁଏଲ୍ ସେଲ୍‌ଫ ଦ୍ୱାରା ଉତ୍ପନ୍ନ ଏହି ବିଦ୍ୟୁତ ଶକ୍ତି ଟ୍ରେନର ମୋଟରକୁ ଚଳାଇବା ସହ ଏଥିରେ ଲାଗିଥିବା ଲିଥିୟମ୍ ଆଇରନ୍ ଫସଫେଟ୍ ▶ପୃଷ୍ଠା-୭

## ଇରାନ ଉପରେ ଆମେରିକାର ଆକ୍ରମଣ

# ଟାର୍ଗେଟରେ ବେସାମରିକ ପ୍ରତିଷ୍ଠାନ



## ସେତୁ, ବିମାନବନ୍ଦର, ରେଳ ଷ୍ଟେସନ ଧ୍ୱଂସ, ୭ ମୃତ

■ ୱାସିଂଟନ, ତେହେରାନ, ୧୭।୭ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧ ସ୍ଥିତି ଅତି ଭୟାନକ ରୂପ ଧାରଣ କରିଛି। ଆକ୍ରମଣରେ ଇରାନର ସାମରିକ ଶକ୍ତି ଧ୍ୱସ୍ତ ହୋଇଯାଇଛି ବୋଲି ଆମେରିକା ଦାବି କରୁଥିବା ବେଳେ ଇରାନ କିନ୍ତୁ କଡ଼ା ପ୍ରହାର କରିବାରେ ଲାଗିଛି। ଏଥିରେ ହତୋତ୍ସାହିତ ହୋଇ ଆମେରିକା ଏବେ ଇରାନର ବେସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରିବା ଆରମ୍ଭ କରିଛି। କ୍ରମାଗତ ଷଷ୍ଠ ରାତି ପାଇଁ ଆମେରିକା ପକ୍ଷରୁ ଇରାନର ବିଭିନ୍ନ ବେସାମରିକ ପ୍ରତିଷ୍ଠାନ ଉପରେ ତୀବ୍ର ଆକ୍ରମଣ କରାଯାଇଛି। ଆମେରିକାର ସେଣ୍ଟ୍ରାଲ କମାଣ୍ଡ ସୂଚନା ଦେଇଛି ଯେ ସେମାନଙ୍କ ଯୁଦ୍ଧବିମାନ, ଡ୍ରୋନ ଏବଂ ଯୁଦ୍ଧଜାହାଜ ଗୁଡ଼ିକ ଇରାନର ଦକ୍ଷିଣ ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ବେସାମରିକ ଭିତ୍ତିଭୂମିକୁ ଟାର୍ଗେଟ୍ କରିଛନ୍ତି। ଇରାନର ହୋର୍ମୋଜଗାନ ପ୍ରଦେଶରେ ଥିବା ବନ୍ଦର-ଏ-ଖମିର ନିକଟସ୍ଥ ତିନୋଟି ବ୍ରିଜ୍, ବନ୍ଦର ଅବ୍ବାସର ଏକ ରେଳ ଜଙ୍କସନ ଷ୍ଟେସନ ଏବଂ ଦକ୍ଷିଣ-ପୂର୍ବରେ ଅବସ୍ଥିତ ଇରାନସହର ବିମାନବନ୍ଦର ଉପରେ ଆମେରିକା କ୍ଷେପଣାସ୍ତ୍ର ମାଡ଼ କରିଛି। ଏହି କାରଣରୁ ଅନେକ ସ୍ଥାନରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଛି। ଏହି ଆକ୍ରମଣରେ ଅତିକମରେ ୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି।

**ଜୋର୍ଡାନରେ ଆରେମିକା ଘାଟିକୁ ଧ୍ୱଂସ କଲା ଇରାନ**

ଅନ୍ୟପକ୍ଷରେ ଇରାନ ଆଜି ଦାବି କରିଛି ଯେ ଏହାର ସେନା ପକ୍ଷରୁ ଆଜି ପାଲଟା ଆକ୍ରମଣ କରାଯାଇଛି। ଜର୍ଡାନରେ ଥିବା ଆମେରିକାର ସାମରିକ ଘାଟିକୁ ଉଡ଼ାଇ ଦିଆଯାଇଛି। ଏଥିରେ ଆମେରିକାର ଲଢୁଆ ବିମାନ ଏବଂ ରିଫୁଏଲିଂ ବିମାନ ମଧ୍ୟ ରହିଛି। ଇରାନ ପକ୍ଷରୁ ବାଲିଷ୍ଟିକ କ୍ଷେପଣାସ୍ତ୍ର ଓ ଡ୍ରୋନ ଆକ୍ରମଣରେ ଘାଟି କ୍ଷତିଗ୍ରସ୍ତ ହୋଇଥିବା ଜୋର୍ଡାନ ସ୍ୱୀକାର କରିଛି। ଏହାପୂର୍ବରୁ ୟୁଏଇ, କୁଏତ ଏବଂ ସିରିଆରେ ଥିବା ଆମେରିକାର ସାମରିକ ପ୍ରତିଷ୍ଠାନକୁ ମଧ୍ୟ ଆକ୍ରମଣ କରିଥିଲା ଇରାନ।

# ଭୋଟର ତାଲିକାରୁ ନାମ କଟିଲେ ନାଗରିକତ୍ୱ ଯିବନାହିଁ: ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୧୭।୭(ଏଜେନ୍ସି): ଭୋଟର ତାଲିକାରୁ କାହାର ନାମ କାଟି ଦିଆଗଲେ ସେମାନଙ୍କର ଭାରତୀୟ ନାଗରିକତ୍ୱ ରଦ୍ଦ ହୋଇଯାଏ ନାହିଁ। ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି ସମୟରେ ସୁପ୍ରିମକୋର୍ଟ ଆଜି ଏହା ସ୍ପଷ୍ଟ କରିଛନ୍ତି। ଭୋଟର ସଂଶୋଧନ ପ୍ରକ୍ରିୟା (ଏସ୍‌ଆଇଆର୍) ଅଧୀନରେ ଭୋଟର ତାଲିକାରୁ ନାମ କଟିଯାଇଥିବା ଲୋକଙ୍କ ନାଗରିକତ୍ୱ ମାମଲାର ଚୂଡ଼ାନ୍ତ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ସେମାନଙ୍କୁ ସରକାରୀ ଜନକଲ୍ୟାଣକାରୀ ଯୋଜନାର ସମସ୍ତ ସୁବିଧା ପ୍ରଦାନ କରିବାକୁ ନେଇ ଦାଖଲ ହୋଇଥିବା ଏକ ଆବେଦନ ଉପରେ କୋର୍ଟ ଏହା କହିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚି ଏବଂ ବିଚାରପତି ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ ନିର୍ବାଚନ କମିସନ ଏବଂ ପଶ୍ଚିମବଙ୍ଗ ସରକାରଙ୍କୁ ନୋଟିସ୍ ଜାରି କରି ଜବାବ ମାଗିଛନ୍ତି। ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ନାଗରିକତ୍ୱ ସନ୍ଦେହରେ ଯାହାର ନାମ ଭୋଟର ତାଲିକାରୁ ବାଦ୍ ପଡ଼ିଛି ସେମାନଙ୍କ ସଂପର୍କରେ ଯାଞ୍ଚ ପାଇଁ କମିସନ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଜଣାଇବା ଉଚିତ।



ପଶ୍ଚିମବଙ୍ଗ କଂଗ୍ରେସ ନେତା ପ୍ରସେନଜିତ ବୋଷଙ୍କ ପକ୍ଷରୁ ଦାଖଲ ଆବେଦନରେ ଦର୍ଶାଯାଇଛି ଯେ, ଯେଉଁମାନଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡ଼ିଛି ସେମାନଙ୍କୁ ପଶ୍ଚିମବଙ୍ଗ ସରକାର ରାସନ (ପିଡିଏସ୍), 'ଅନ୍ନପୂର୍ଣ୍ଣା ଯୋଜନା' ଏବଂ ଜାତିଗତ ପ୍ରମାଣପତ୍ର ଆଦି ସରକାରୀ ସେବାରୁ ବଞ୍ଚିତ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୪ ଲକ୍ଷ ଆବେଦନ ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି, କିନ୍ତୁ ମାତ୍ର ୩୮୦୦୦ ଆବେଦନ ଉପରେ ହିଁ ନିଷ୍ପତ୍ତି ନିଆଯାଇଛି। ସାରା ▶ପୃଷ୍ଠା-୭

# ଦାରିଦ୍ର୍ୟ ଛଡ଼ାଇନେଲା ମମତା

## ମା' କୋଳରୁ ଛଡ଼ାଇ ନେଇ ୪ ବର୍ଷର ଶିଶୁପୁତ୍ରକୁ ହାଣିଦେଲା ବାପା

■ କପ୍ତିପଦା, ୧୭।୭ (ସମିସ): ସରକାରଙ୍କ ମାଳ ମାଳ ଯୋଜନା; ତଥାପି ଗରିବୀ ପିଛା ଛାଡୁନି। ସମାଜର ତଳସ୍ତରରେ ଯେ ପହଞ୍ଚିପାରୁନି ଜନକଲ୍ୟାଣକାରୀ ଯୋଜନା ତାହା ହାତେ ହାତେ ପ୍ରମାଣିତ। ପୋଷିପାରିଲାନି ବୋଲି ପୁଅକୁ ମାରିଦେଲା ବାପା। ଗତକାଲି ମୟୂରଭଞ୍ଜ ଜିଲ୍ଲା ଉଦଳାର ପୁରୁଣାପାଣି ଗାଁରେ ବାପା ଜଣେ ୪ ବର୍ଷର ଶିଶୁପୁଅକୁ କଟୁରୀରେ ହାଣି ହତ୍ୟା କରିଥିଲା। ଘଟଣାରେ ଖୋଳତାଡ଼ କରି ପୋଲିସ ପଦାକୁ ଆଣିଛି ଏହି ବିସ୍ଫୋରକ ସତ୍ୟ। ପାରିବାରିକ ଦାରିଦ୍ର୍ୟ କାରଣରୁ ମା' କୋଳରୁ ପୁଅକୁ ଛଡାଇ ନେଇ କଟୁରୀରେ ହାଣି ବାପା ହତ୍ୟା କରିଛି ବୋଲି କହିଛନ୍ତି ସ୍ଥାନୀୟ ଶରତ ଥାନା ଅଧିକାରୀ। ଶରତ ଥାନା ପୁରୁଣାପାଣି ଗାଁର ସୋହନ ସିଂ ନିଜର ୪ ବର୍ଷର ପୁଅ ଦୁମ୍ବି ସିଂକୁ ଗତକାଲି ମା' କୋଳରୁ ଛଡାଇ ନେଇ କଟୁରୀରେ ହାଣି ହତ୍ୟା କରିଥିଲା। ତାଙ୍କର ୫ ଜଣ ପିଲା ଥିବାବେଳେ ସେମାନଙ୍କୁ ନେଇ ପରିବାର ଚଳାଇବା କଷ୍ଟ ହେବାରୁ ପୁଅକୁ ହତ୍ୟା କରିଥିବା ଗିରଫ ଅଭିଯୁକ୍ତ ସୋହନ ସିଂ ପୁଲିସ ଆଗରେ ମାନିଥିବା କହିଛନ୍ତି ଥାନା ଅଧିକାରୀ ରମାକାନ୍ତ ପାତ୍ର। ଏପରି ଏକ ସମ୍ବେଦନଶୀଳ ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବାବେଳେ ରାଜ୍ୟ ସରକାରଙ୍କ ଯୋଜନାର ଲୋକେ ସୁଫଳ ପାଉନାହାଁନ୍ତି ବୋଲି ପ୍ରମାଣିତ ହୋଇଛି।

## କଟକ ଚାଉଳିଆଗଞ୍ଜରେ 'କଙ୍ଗାରୁ କୋର୍ଟ'

# ନାବାଳକକୁ ଉଲଗ୍ନ କରି ମାଡ଼

■ କଟକ, ୧୭।୭ (ସମିସ): ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ମଠସାହିରେ ୩ଦିନ ପୂର୍ବରୁ ଏକ ସମ୍ବେଦନୀଶୀଳ ଅପରାଧିକ ମାମଲା ଘଟିଛି। ଯାହା ଅତ୍ୟନ୍ତ ଅମାନୁଷିକ, ବର୍ବରତାର ସବୁ ସୀମା ଅତିକ୍ରମ କରିଛି। ମଣିଷ ସମାଜ ପ୍ରତି ଏଭଳି ଘଟଣା ନିହାତି ନିନ୍ଦନୀୟ ଓ ଲଜ୍ୟାର ବିଷୟ। ସ୍ଥାନୀୟ ଥଟାରୀ ସାହିର ଜଣେ ନାବାଳକକୁ ସମ୍ପୂର୍ଣ୍ଣ ଭାବେ ଲଙ୍ଗଳା କରି ବାଉଁଶରେ ମାଡ଼ ମାରିବା ସହିତ ରାସ୍ତାରେ ଚଲାଇ ଚଲାଇ ଅଭିଯୁକ୍ତମାନେ ନେଇଥିଲେ। ଏହା ପରେ ସେହି ଭିଡ଼ିଓକୁ ବିଭିନ୍ନ ସାମାଜିକ ଗଣମାଧ୍ୟମ ଓ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଭାଇରାଲ୍ କରି ଦେଇଥିଲେ। ଭୟରେ ସମ୍ପୃକ୍ତ ନାବାଳକ ଜଣକ ଘରେ କାହାକୁ କିଛି

**ନାବାଳକର ମା'ଙ୍କ ଏତଲା: ୮ ଜଣଙ୍କ ସମ୍ପୃକ୍ତି ସ୍ପଷ୍ଟ**

**ଜଣେ ଗିରଫ, ୭ ଫେରାର୍**

ନକହି ପୁରୀ ଚାଲିଯାଇଥିବା ବେଳେ ଆଜି ଘରକୁ ଫେରିବା ପରେ ଏହି ଘଟଣା ତାଙ୍କ ମା' ଜାଣିବାକୁ ପାଇଥିଲେ। ଏହାପରେ ସେ ଥାନାରେ ୮ଜଣଙ୍କ ନାଁରେ ▶ପୃଷ୍ଠା-୭



## ସ୍କୁଲ ଗାଡ଼ିକୁ ଧକ୍କା ଦେଲା ଟ୍ରେନ୍

# ୩ ସ୍କୁଲ୍ ପିଲାଙ୍କ ମୃତ୍ୟୁ

■ ମୁର୍ଶିଦାବାଦ, ୧୭।୭ (ଏଜେନ୍ସି): ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲାରେ ଶୁକ୍ରବାର ସକାଳେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦ୍ରୁତଗାମୀ 'ନିମତିତା-କାଟୱା' ପାସେଞ୍ଜର ଟ୍ରେନ୍ ରେଳକ୍ରସିଂ ନିକଟରେ ଏକ ସ୍କୁଲ ଗାଡ଼ି ଏବଂ ଜଣେ ସାଇକେଲ ଆରୋହୀଙ୍କୁ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ୩ ଜଣ ସ୍କୁଲ୍ ଛାତ୍ର ଏବଂ ଜଣେ ସ୍ଥାନୀୟ ବାସିନ୍ଦାଙ୍କ ସମେତ ମୋଟ ୪ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ବେହରାମପୁର ଥାନା ଅନ୍ତର୍ଗତ କର୍ଣ୍ଣସୁବର୍ଣ୍ଣ ଏବଂ ଗୋବିନ୍ଦପୁର ରେଳ ଷ୍ଟେସନ ମଧ୍ୟରେ ଥିବା ଗେଟ୍ ନମ୍ବର ୨୪ଏ/୨ ନିକଟରେ ସକାଳ ପ୍ରାୟ ୭ଟା ସମୟରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣା ସମୟରେ ସ୍କୁଲ ଗାଡ଼ିରେ ମୋଟ ୧୦ ଜଣ ଛାତ୍ରଛାତ୍ରୀ ଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଗୋଟିଏ ଟ୍ରେନ୍ ଅତିକ୍ରମ କରିବା ପରେ ଗେଟକିପର୍ ରେଳ ଗେଟ୍‌ଟିକୁ ଖୋଲି ଦେଇଥିଲେ। ଗେଟ୍ ଖୋଲିବା ମାତ୍ରେ ସ୍କୁଲ ଗାଡ଼ି ଓ ଅନ୍ୟମାନେ ଟ୍ରାକ୍ ପାର୍ ହେଉଥିବା ବେଳେ ହଠାତ୍ ଅନ୍ୟ ପଟୁ ଆସୁଥିବା ଏହି ପାସେଞ୍ଜର ଟ୍ରେନ୍‌ଟି ଦ୍ରୁତ ଗତିରେ ସେମାନଙ୍କୁ ଧକ୍କା ଦେଇଥିଲା। ଗେଟକିପରଙ୍କ ଚରମ ଅବହେଳା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ଦର୍ଶାଇ ▶ପୃଷ୍ଠା-୭

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଫୁଁ'

# ବ୍ଲାକ୍‌ରେ ବିକ୍ରି ହେଲା କର୍ଡନ୍ ପାସ୍

■ ଭୁବନେଶ୍ୱର, ୧୭।୭ (ସମିସ): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଫୁଁ' କରିଦେଲା ପୁରୀ ଜିଲ୍ଲା ଓ ମନ୍ଦିର ପ୍ରଶାସନ। ଆବଶ୍ୟକତାଠାରୁ କୌଣସିମତେ ଅଧିକ ପାସ୍ ଦିଆଯିବ ନାହିଁ ଓ କେବଳ ଅଧିକୃତ ବ୍ୟକ୍ତିଙ୍କୁ କର୍ଡନ ପାସ୍ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କଡ଼ା ନିର୍ଦ୍ଦେଶ ଦେଇଥିଲେ। ହେଲେ ପୁରୀ ରଥଯାତ୍ରାକୁ ପାସ୍ ବଣ୍ଟନକୁ ନେଇ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଘଟଣାମାନ ସାମନାକୁ ଆସୁଛି। ସୋସିଆଲ ମିଡିଆରେ ପୁରୀ ରଥଯାତ୍ରା କର୍ଡନ ପାସ୍ ବ୍ଲାକରେ ବିକ୍ରି ହେବା ଭଳି ଘଟଣା ସାମ୍ନାକୁ ଆସିବା ପରେ ପାସ୍ ବଣ୍ଟନର ସ୍ୱଚ୍ଛତାକୁ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।




କର୍ଡନ୍ ପାସ୍‌ର ଫଟୋ ଏବେ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍‌ରେ ଭାଇରାଲ ହେବାରେ ଲାଗିଛି। ଗଦାଗଦା ପାସ୍ ଦେଖାଇ ଅଳ୍ପ କିଛି ପାସ୍ ଆଉ ବଳିଛି, ଯଦି କାହାର ଦରକାର୍ ତେବେ ମେସେଜ୍ କରିବା ପାଇଁ ଗୋଟିଏ ଆକାଉଣ୍ଟରେ ଲେଖାଯାଇଥିବା ଫଟୋ ଭାଇରାଲ ହେଉଛି। ମାଳମାଳ କର୍ଡନ୍ ପାସ୍ ଲୋକଙ୍କ ହାତରେ କିପରି ବାଜିଲା ତାକୁ ନେଇ ପ୍ରଶ୍ନ ଉଠିଛି। ଚଳିତବର୍ଷ କର୍ଡନ ଭିତରେ ଭିଡ଼ ହ୍ରାସ ପାଇଁ କର୍ଡନ ପାସ୍ ଇସ୍ୟୁ ଯଥାସମ୍ଭବ କମ୍ କରିବାକୁ ସରକାର ଓ ପ୍ରଶାସନ ନିଷ୍ପତ୍ତି ନେଇଥିଲେ ହେଁ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଫଟୋ ଏହି ନିଷ୍ପତ୍ତି କେବଳ କାଗଜକଲମରେ ସୀମିତ ଥିବା ଦର୍ଶାଉଛି।

କିଛି ଦଲାଲ ମହାପ୍ରଭୁଙ୍କ ଦର୍ଶନ ପାଇଁ କର୍ଡନ ପାସ୍‌କୁ ବ୍ଲାକ ମାର୍କେଟରେ ବିକ୍ରି କରୁଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ସୋସିଆଲ୍ ମିଡିଆରେ ଏହାର ଏକ ଭିଡିଓ ମଧ୍ୟ ଭାଇରାଲ୍ ହେଉଛି। ଗତ ୬ ତାରିଖରେ ରଥଯାତ୍ରା ପରିଚାଳନା ନେଇ ସ୍ୱତନ୍ତ୍ର ସମନ୍ୱୟ କମିଟି ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଅଧିକୃତ ସେବାୟତଙ୍କ ବ୍ୟତୀତ କର୍ଡନ ପାସ୍ କାହାକୁ ବି ଇସ୍ୟୁ ନ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏବେ କର୍ଡନ ପାସ୍ ବେଧଡ଼କ ସାଧାରଣରେ ଘୂରିବୁଲୁଛି। ଅନ୍ୟପଟେ ପାସ୍ ଇସ୍ୟୁରେ କୌଣସି ନିୟମ ଉଲ୍ଲଂଘନ ହୋଇନଥିବା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିବା ପରେ ଏହି ଘଟଣାକୁ ନେଇ ବିବାଦ ବଢ଼ିଛି।

## ବିହନ, ସାର ଓ ଔଷଧ ହେରଫେର ଘଟଣା

# ଏଏଓ ନିଲମ୍ବିତ; ଦୁଇ କର୍ମଚାରୀ ଚାକିରିରୁ ବିଦା

■ ଭୁବନେଶ୍ୱର, ୧୭।୭ (ସମିସ): କୃଷକଙ୍କ ପାଇଁ ହୋଇଥିବା ଯୋଜନାକୁ ହଡ଼ପ କରୁଥିବା ଅଧିକାରୀଙ୍କ ଉପରେ ବାଜିଛି ସରକାରୀ ଛାଟ। ସିଆର୍‌ଏଫ୍ ଯୋଜନାରେ ଆସିଥିବା ବିହନ, ସାର ଓ ଔଷଧକୁ ବାଟମାରଣା କରିଥିବା ଅଭିଯୋଗରେ ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ୍‌ର ସହକାରୀ କୃଷି ଅଧିକାରୀ (ଏଏଓ) ନିଲମ୍ବିତ ହୋଇଛନ୍ତି। ସେହିପରି ଦୁର୍ନୀତିରେ ସହଯୋଗ କରିଥିବା ଜଣେ ବ୍ଲକ୍ ଏଗ୍ରିକଲଚର୍ ଟେକ୍ନିକାଲ୍ ମ୍ୟାନେଜର (ଏଟିଏମ୍) ଏବଂ ଏଏଫ୍‌ସିର ବ୍ଲକ୍ ସଂଯୋଜକଙ୍କ ନାମରେ ଥାନାରେ ମାମଲା ହେବା ସହ ଉଭୟଙ୍କୁ ଚାକିରିରୁ ହଟାଯାଇଛି। ଫଳରେ କୃଷି ବିଭାଗରେ କମ୍ପନ ସୃଷ୍ଟି ହୋଇଥିବାବେଳେ ଦୁର୍ନୀତିଗ୍ରସ୍ତଙ୍କ ମଧ୍ୟରେ ଛନକା ପସିଛି। ବ୍ୟାପକ ପରିମାଣରେ ବିହନ ହେରଫେର ସହିତ ଚାଷୀଙ୍କୁ ବାଣ୍ଟିବାକୁ ଆସିଥିବା ସାର ଓ ଔଷଧକୁ ବେପାରୀକୁ ବିକ୍ରି କରି ଦେଇଥିବାର ଅଭିଯୋଗ ହୋଇଥିଲା। ଅନୁଗୋଳ ▶ପୃଷ୍ଠା-୭

## ୟୁକେର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବେ ଆଣ୍ଡି ବର୍ନହ୍ୟାମ୍

ଲଣ୍ଡନ, ୧୭ ।୭ (ଏଜେନ୍ସି): ଗ୍ରେଟର ମାଞ୍ଚେଷ୍ଟରର ପୂର୍ବତନ ମେୟର ଆଣ୍ଡି ବର୍ନହ୍ୟାମ୍ ବ୍ରିଟେନର ଶାସକ 'ଲେବର ପାର୍ଟି'ର ନୂଆ ନେତା ହେବାକୁ ଯାଉଛନ୍ତି। ଏହି ନିଯୁକ୍ତି ସହିତ ସେ ଆସନ୍ତା ସୋମବାର କିର୍ ଷ୍ଟାର୍ମରଙ୍କ ସ୍ଥାନରେ ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବେ। ୫୬ ବର୍ଷୀୟ ବର୍ନହ୍ୟାମ୍ ଦୁଇ ଦୁଇ ଥର



ଦଳର ସର୍ବୋଚ୍ଚ ପଦ ପାଇଁ ଅସଫଳ ପ୍ରୟାସ କରିବା ପରେ ତୃତୀୟ ଚେଷ୍ଟାରେ ଏହି ସଫଳତା ପାଇଛନ୍ତି। ବିଗତ ୯ ବର୍ଷ ଧରି ମାଞ୍ଚେଷ୍ଟରର ମେୟର ଭାବେ କାର୍ଯ୍ୟ କରି ସେ ବେଶ୍ ଜନପ୍ରିୟତା ହାସଲ କରିଛନ୍ତି। ନିଜ ଅଞ୍ଚଳର ଅଧିକାର ପାଇଁ ସ୍ୱର ଉତ୍ତୋଳନ କରୁଥିବାରୁ ତାଙ୍କୁ ଲୋକେ ଆଦରରେ 'କିଙ୍ଗ୍ ଅଫ୍ ଦି ନର୍ଥ' ବୋଲି କୁହନ୍ତି। ୨୦୦୧ ରୁ ୨୦୧୭ ପର୍ଯ୍ୟନ୍ତ ସେ ସଂସଦର ସଦସ୍ୟ ଥିଲେ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର ଓ ଗର୍ଡ଼ନ ବ୍ରାଉନଙ୍କ ସରକାରରେ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ପଦ ସମ୍ଭାଳିଥିଲେ। ବର୍ନହ୍ୟାମ୍ ନିଜକୁ ଏକ ବ୍ୟବସାୟ ଅନୁକୂଳ ସମାଜବାଦୀ ନେତା ଭାବେ ଗଢ଼ି ତୋଳିଛନ୍ତି, ଯାହାକୁ 'ମାଞ୍ଚେଷ୍ଟରିଜମ୍' କୁହାଯାଏ। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଭାବେ ଦେଶର ରାଜନୀତିକୁ ଏକ ନୂଆ ଦିଗ ଦେବା ସହ ବିରୋଧୀ ଦଳଗୁଡ଼ିକର କଡ଼ା ମୁକାବିଲା କରିବା ତାଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେବ।

## ବେଲୁଚ୍ ବିଦ୍ରୋହୀଙ୍କ ଆକ୍ରମଣ, ୪୫ ପାକ୍ ସୈନ୍ୟ ନିହତ

କ୍ୱେଟା, ୧୭ ।୭ (ଏଜେନ୍ସି): ପାକିସ୍ତାନର ଅଶାନ୍ତ ବାଲୋଚିସ୍ତାନ ପ୍ରଦେଶରେ ସୁରକ୍ଷା ବାହିନୀ ଉପରେ ପୁଣି ଏକ ବଡ଼ ଧରଣର ଆକ୍ରମଣ ହୋଇଛି। ପ୍ରତିବନ୍ଧିତ ବିଦ୍ରୋହୀ ସଂଗଠନ 'ବାଲୋଚ୍ ଲିବରେସନ୍ ଆର୍ମି' (ବିଏଲ୍ଏ) ଏକ ସାମରିକ ଗାଡ଼ି ବହର ଉପରେ ଭୟାବହ ଆକ୍ରମଣ କରି ୪୫ରୁ ଅଧିକ ପାକିସ୍ତାନୀ ସୈନ୍ୟଙ୍କୁ ହତ୍ୟା କରିଥିବା ଏବଂ ଅନେକଙ୍କୁ ଆହତ କରିଥିବା ଦାବି କରିଛି। ଏହି ରକ୍ତାକ୍ତ ସଂଘର୍ଷ ବାଲୋଚିସ୍ତାନର ମାଷ୍ଟୁଙ୍ଗ ଜିଲ୍ଲା ଅନ୍ତର୍ଗତ କୋଏଟା-



କରାଚି ଜାତୀୟ ରାଜପଥରେ ଘଟିଛି। ସୂଚନା ଅନୁଯାୟୀ, ସେନା କର୍ମଚାରୀଙ୍କୁ ନେଇ ଯାଉଥିବା ଗାଡ଼ିଗୁଡ଼ିକୁ ଟାର୍ଗେଟ କରି ବିଏଲ୍ଏର ବିଶେଷ ସ୍କ୍ୱାଡ୍ ଏହି ଯୋଜନାବଦ୍ଧ ଆକ୍ରମଣ କରିଥିଲା। ଆକ୍ରମଣ ସମୟରେ ଘଟଣାସ୍ଥଳକୁ ସହାୟତା ପାଇଁ ଆସିଥିବା ଅତିରିକ୍ତ ସେନା ବଳକୁ ମଧ୍ୟ ବିଦ୍ରୋହୀମାନେ ଚତୁରତାର ସହ ଘେରି ଯାଇ ଗୁଳିଚାଳନା କରିଥିଲେ। ପାକିସ୍ତାନ ସେନା ପକ୍ଷରୁ ଏହି ଆକ୍ରମଣ ସମ୍ପର୍କରେ ସ୍ପଷ୍ଟୀକରଣ ଦିଆଯାଇଥିଲେ ହେଁ ସୈନ୍ୟମାନଙ୍କ ମୃତ୍ୟୁ ସଂଖ୍ୟା ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ରିପୋର୍ଟ ପ୍ରକାଶ କରାଯାଇନାହିଁ। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ସେନା ଓ ବିଦ୍ରୋହୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଛି, ଯାହାଫଳରେ ମୃତାହତଙ୍କ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି।

## ୨୨ କୋଟି ଭୋଟରଙ୍କ ଗୁପ୍ତ ତଥ୍ୟ ଚୋରି କରିଛି ଚୀନ୍: ଟ୍ରମ୍ପ

ୱାଶିଂଟନ, ୧୭ ।୭ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନ୍ ବିରୋଧରେ ଦେଶର ଇତିହାସରେ ସବୁଠାରୁ ବଡ଼ ନିର୍ବାଚନ ସମ୍ବନ୍ଧୀୟ ତଥ୍ୟ ଚୋରିର ଅଭିଯୋଗ ଆଣିଛନ୍ତି। ଚୀନ୍ ବେଆଇନ ଭାବେ ଆମେରିକାର ପ୍ରାୟ ୨୨ କୋଟି ଭୋଟରଙ୍କ ନାମ, ଠିକଣା, ଫୋନ୍ ନମ୍ବର ଏବଂ ରାଜନୈତିକ ପସନ୍ଦ ଭଳି ଗୁପ୍ତ ସୂଚନା ହାସଲ କରିଛି ବୋଲି ସେ ଏକ ସମ୍ବୋଧନରେ ଦାବି କରିଛନ୍ତି। ଟ୍ରମ୍ପଙ୍କ ଅନୁଯାୟୀ, ଚୀନର ଏହି ସାଇବର ଗୁପ୍ତଚର ବୃତ୍ତି ଆମେରିକାର ଗଣତନ୍ତ୍ର ଏବଂ ନିର୍ବାଚନ ସୁରକ୍ଷା ପ୍ରତି ଏକ ବଡ଼ ବିପଦ। ତେବେ ରାଷ୍ଟ୍ରପତିଙ୍କ ଏହି ବୟାନକୁ ଦେଶର ବିରୋଧୀ ଏବଂ ପ୍ରମୁଖ ଗଣମାଧ୍ୟମଗୁଡ଼ିକ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି।


ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି ଯେ, ଆଗାମୀ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଯଦି ଶାସକ ଦଳର ପରାଜୟ ହୁଏ, ତେବେ ଫଳାଫଳ ଉପରେ ପ୍ରଶ୍ନ ଉଠାଇବା ପାଇଁ ଟ୍ରମ୍ପ ଏବେଠାରୁ ହିଁ ଏଭଳି ପରିବେଶ ସୃଷ୍ଟି କରୁଛନ୍ତି। ଏହି କାରଣରୁ ଅନେକ ବଡ଼ ଟେଲିଭିଜନ ଚ୍ୟାନେଲ ତାଙ୍କର ଏହି ଭାଷଣକୁ ସିଧା ପ୍ରସାରଣ କରିବାକୁ ମଧ୍ୟ ମନା କରିଦେଇଥିଲେ। ସୁରକ୍ଷା ବିଶେଷଜ୍ଞ ଏବଂ ଗୋଇନ୍ଦା ଅଧିକାରୀଙ୍କ ମତରେ, ଆମେରିକାରେ ମୋଟ ପଞ୍ଜୀକୃତ ଭୋଟରଙ୍କ ସଂଖ୍ୟା ୨୨ କୋଟିରୁ ଯଥେଷ୍ଟ କମ୍ ଥିବାରୁ ଟ୍ରମ୍ପଙ୍କ ଦାବି ସମ୍ପୂର୍ଣ୍ଣ ଭୁଲ୍। ନିର୍ବାଚନ ପୂର୍ବରୁ କୌଣସି ପ୍ରମାଣ ନଥାଇ ଏଭଳି ସାଂଘାତିକ ଅଭିଯୋଗ ଆଣିବା ଦ୍ୱାରା ଦେଶର ଗଣତାନ୍ତ୍ରିକ ପ୍ରକ୍ରିୟା ଉପରୁ ସାଧାରଣ ଜନତାଙ୍କ ଭରସା ତୁଟିଯିବାର ଆଶଙ୍କା ରହିଛି।



ତେବେ ଚୀନ ପକ୍ଷରୁ ଏଭଳି ଅଭିଯୋଗକୁ ଖଣ୍ଡନ କରାଯାଇଛି। ଚୀନ ମୁଖପାତ୍ର କହିଛନ୍ତି ଯେ ଟ୍ରମ୍ପ ଏଭଳି ଅଭିଯୋଗ ଆଣି ନିଜେ ଲୋକହସା ହେଉଛନ୍ତି। କାରଣ ସମଗ୍ର ବିଶ୍ୱ ଜାଣୁଛି କିଏ ଅନ୍ୟ ଦେଶ ବ୍ୟାପାରରେ ମୁଣ୍ଡ ପୂରାଏ । ଅନ୍ୟ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ଚୀନ କେବେ ହେଲେ ହସ୍ତକ୍ଷେପ କରେନାହିଁ।

## ଅଟକିଲା ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ବହିଷ୍କାର ବିଲ୍

ନୂଆଦିଲ୍ଲୀ, ୧୭।୭ (ଏଜେନ୍ସି): ସଂସଦର ଆସନ୍ତା ମୌସୁମୀ ଅଧିବେଶନରେ ଆସିବ ନାହିଁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ବହିଷ୍କାର ସଂକ୍ରାନ୍ତ ୧୩୦ତମ ସମ୍ବିଧାନ ସଂଶୋଧନ ବିଲ୍। ଏହି ବିଲ୍ ଏବେ ଯୁଗ୍ମ ସଂସଦୀୟ କମିଟି (ଜେପିସି)ର ବିଚାରାଧୀନ ଥିବା ବେଳେ ଏହା ଉପରେ ଅଧିକ ବିଚାରବିମର୍ଶର ଆବଶ୍ୟକତା ଥିବାରୁ ଏହାକୁ ଏବେ ଆଗତ ନକରିବା ଲାଗି ସ୍ଥିର କରାଯାଇଛି। ଜେପିସି ଅଧକ୍ଷା ତଥା ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି ଯେ, ଏହା ଏକ ଜାତୀୟ ପ୍ରସଙ୍ଗ ଏବଂ ଏଥିପାଇଁ ବିଭିନ୍ନ ପକ୍ଷଙ୍କ ସହ ଅଧିକ ପରାମର୍ଶ ତଥା ବ୍ୟାପକ ସହମତିର ଆବଶ୍ୟକତା ରହିଛି। ଗତବର୍ଷ ଅଗଷ୍ଟରେ ଗୃହମନ୍ତ୍ରୀ ଅମିତ ଶାହଙ୍କ ଦ୍ୱାରା ଆଗତ ଏହି ବିଲ୍‌ରେ ପ୍ରସ୍ତାବ ଦିଆଯାଇଛି ଯେ, ଯଦି କୌଣସି ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ୫ ବର୍ଷ ବା ତା'ଠାରୁ ଅଧିକ ଜେଲ୍ ଦଣ୍ଡାଦେଶ ଥିବା କୌଣସି ଗୁରୁତର ଅପରାଧିକ ମାମଲାରେ ଗିରଫ ହୁଅନ୍ତି ଏବଂ ଲଗାତାର ୩୦ ଦିନ ପର୍ଯ୍ୟନ୍ତ ଜେଲରେ ରୁହନ୍ତି, ତେବେ ସେମାନଙ୍କୁ ମନ୍ତ୍ରୀ ପଦରୁ ବହିଷ୍କାର କରାଯାଇପାରିବ।



ତେବେ ଏହି ଅଧିବେଶନରେ ସରକାର ୭ଟି ବିଲ୍ ଆଗତ କରିବାକୁ ଯୋଜନା କରିଛନ୍ତି। ଏଥିରେ ରହିଛି ଜାତୀୟ ସଙ୍ଗୀତ ଅବମାନନା ନିରୋଧ ବିଲ୍, ସୁପ୍ରିମକୋର୍ଟ ବିଚାରପତି ସଂଖ୍ୟା ବୃଦ୍ଧି (୩୩ରୁ ୩୭) ବିଲ୍, ଆୟକର ସଂଶୋଧନ ବିଲ୍, ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ସଂଶୋଧନ ବିଲ୍। ବିଳମ୍ବରେ ଜନ୍ମ କିମ୍ବା ମୃତ୍ୟୁ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ କଡ଼ାକଡ଼ି କରିବା ଲାଗି ଜନ୍ମ ମୃତ୍ୟୁ ସଂଶୋଧନ ବିଲରେ ବ୍ୟବସ୍ଥା କରାଯିବ। ଏହାସହିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ ମଧ୍ୟ ଆଗତ ହେବ। ଉଚ୍ଚଶିକ୍ଷା କ୍ଷେତ୍ରରେ ବଡ଼ ସଂସ୍କାର ଆଣିବା ପାଇଁ ଏବଂ ୟୁଜିସି ଓ ଏଆଇସିଟିଇ ସ୍ଥାନରେ ଏକ ନୂଆ ଶିକ୍ଷା ଆୟୋଗ ଗଠନ କରିବା ପାଇଁ ଏହି ବିଲ୍ ଆସିବ।

ଏହାସହ ସରକାର ସୀମା ନିର୍ଦ୍ଧାରଣ ବିଲ୍‌କୁ ପୁଣି ଥରେ ଆଣିବା ପାଇଁ ପ୍ରସ୍ତୁତି ଚଳାଇଥିବା ଚର୍ଚ୍ଚାରେ ରହିଛି। ଏହି ପ୍ରସ୍ତାବିତ ବିଲ୍‌ରେ ମହିଳା ସଂରକ୍ଷଣର ବ୍ୟବସ୍ଥା ମଧ୍ୟ ଯୋଡ଼ି ଦିଆଯାଇଛି। ପୂର୍ବରୁ ଆବଶ୍ୟକୀୟ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ନମିଳିବା କାରଣରୁ ଏହି ସଂଶୋଧନ ବିଲ୍ ସଂସଦରେ ପାସ୍ ହୋଇପାରି ନଥିଲା।



## କାହିଁକି ଇସ୍ରୋ ଛାଡୁଛନ୍ତି ବୈଜ୍ଞାନିକ

ନୂଆଦିଲ୍ଲୀ, ୧୭ ।୭ (ଏଜେନ୍ସି): ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ବର୍ତ୍ତମାନ ଏକ ବଡ଼ ସମସ୍ୟାର ସମ୍ମୁଖୀନ ହୋଇଛି। ଗତ କିଛି ମାସ ମଧ୍ୟରେ ୧୦୦ରୁ ଅଧିକ ଅଭିଜ୍ଞ ବୈଜ୍ଞାନିକ ଇସ୍ରୋରୁ ଇସ୍ତଫା ଦେଇଛନ୍ତି କିମ୍ବା ସ୍ୱେଚ୍ଛାକୃତ ଅବସର ନେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ମହାକାଶ ବିଭାଗ ଗଗନଯାନ ଭଳି ଗୁରୁତ୍ୱପୂର୍ଣ୍ଣ ମିଶନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପାଇଁ ଚାକିରି ଛାଡ଼ିବା ନିୟମକୁ ଅଧିକ କଡ଼ାକଡ଼ି କରିଛି। ୨୦୨୦ ମସିହାରୁ ମହାକାଶ କ୍ଷେତ୍ରରେ ଘରୋଇ କମ୍ପାନୀଗୁଡ଼ିକର ପ୍ରବେଶ ପରେ ଅନେକ ନୂଆ ଷ୍ଟାର୍ଟଅପ୍ ଗଢ଼ି ଉଠିଛି। ଏହି କମ୍ପାନୀଗୁଡ଼ିକ ବୈଜ୍ଞାନିକମାନଙ୍କୁ ଅଧିକ ଦରମା, ଉନ୍ନତ କାର୍ଯ୍ୟ ପରିବେଶ ଏବଂ ଶୀଘ୍ର ପଦୋନ୍ନତିର ସୁଯୋଗ ଦେଉଛନ୍ତି। ସଂଗଠନ ମଧ୍ୟରେ କେନ୍ଦ୍ରୀଭୂତ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ଯୋଗୁଁ କାର୍ଯ୍ୟରେ ନମନୀୟତା କମିଯାଇଛି ଏବଂ ଅନେକ ପ୍ରକଳ୍ପର ସମୟସୀମା ବିଳମ୍ବ ହେଉଛି। ବିଶେଷଜ୍ଞଙ୍କ ମତରେ ଇସ୍ରୋକୁ ନାସା ଭଳି ବିଦେଶୀ ସଂସ୍ଥା ଅନୁସରଣରେ ପ୍ରକଳ୍ପଭିତ୍ତିକ ନିଯୁକ୍ତି ପ୍ରକ୍ରିୟା ଆପଣାଇବାକୁ ହେବ। ସଂକ୍ଷେପରେ କହିବାକୁ ଗଲେ, ପୂର୍ବରୁ ମହାକାଶ ଇଞ୍ଜିନିୟରମାନଙ୍କ ପାଇଁ ଇସ୍ରୋ ଏକମାତ୍ର ବିକଳ୍ପ ଥିବାବେଳେ, ଏବେ ଘରୋଇ କମ୍ପାନୀଗୁଡ଼ିକର ଆକର୍ଷଣୀୟ ଅଫର ଯୋଗୁଁ ବୈଜ୍ଞାନିକମାନେ ସେଠାକୁ ମୁହାଁଉଛନ୍ତି, ଯାହା ଇସ୍ରୋ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି।

**ଅଧିକ ଦରମା, ଉନ୍ନତ ସୁଯୋଗର ପ୍ରଲୋଭନ**

## ଦେଶର ୭୦% ଅଞ୍ଚଳରେ ପହଞ୍ଚିଲା ମୌସୁମୀ

- ଆସନ୍ତା ୭ ଦିନ ୟୁପି, ବିହାରରେ ପ୍ରବଳ ବର୍ଷା ସମ୍ଭାବନା
- ଜମ୍ମୁ-କାଶ୍ମୀରରେ ୧୫ ଦିନରେ ୧୬ଟି ବାଦଲଫଟା ବର୍ଷା

ନୂଆଦିଲ୍ଲୀ, ୧୭ ।୭ (ଏଜେନ୍ସି): ଭାରତରେ ମୌସୁମୀ ବାୟୁ ପୁଣି ଥରେ ସକ୍ରିୟ ହୋଇଛି। ଦେଶର ପ୍ରାୟ ୫୦ ରୁ ୭୦ ପ୍ରତିଶତ ଅଞ୍ଚଳ ବର୍ତ୍ତମାନ ମେଘାଚ୍ଛନ୍ନ ରହିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଅନୁଯାୟୀ, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଏକ ଲଘୁଚାପ ବଳୟ ଯୋଗୁଁ ଏହି ବର୍ଷାର ପରିମାଣ ବୃଦ୍ଧି ପାଇଛି। ଏହି ସକ୍ରିୟ ପାଣିପାଗ ବ୍ୟବସ୍ଥା ଯୋଗୁଁ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଉତ୍ତର ପ୍ରଦେଶ, ବିହାର ଏବଂ ଉତ୍ତର-ପୂର୍ବ ଭାରତରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି। ଏହା ସହିତ ବିଷୁବରେଖା ନିକଟରେ ଆଉ ଏକ ପାଣିପାଗ ବଳୟ ସୃଷ୍ଟି ହେଉଛି। ଏହି ଦୁଇଟି ପ୍ରଭାବ ଯୋଗୁଁ ଆସନ୍ତା ଜୁଲାଇ ୨୦ରୁ ୩୦ ତାରିଖ ମଧ୍ୟରେ ମଧ୍ୟ ପ୍ରଦେଶ ସମେତ ସମଗ୍ର ଉତ୍ତର ଏବଂ ମଧ୍ୟ ଭାରତରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଜୁଲାଇ ପ୍ରଥମ ସପ୍ତାହରେ ମୌସୁମୀ ଆସିବା ପରଠାରୁ ଜମ୍ମୁ-କାଶ୍ମୀରରେ ପ୍ରକୃତିର ତାଣ୍ଡବ ଦେଖିବାକୁ ମିଳିଛି। ଗତ ୧୫ ଦିନ ମଧ୍ୟରେ ସେଠାରେ ୧୬ଟି ବାଦଲଫଟା ବର୍ଷା ରେକର୍ଡ କରାଯାଇଛି। ଆଗାମୀ ଦିନରେ ଏଭଳି ସାଙ୍ଘାତିକ ପାଣିପାଗ ପରିସ୍ଥିତି ଆହୁରି ବଢ଼ିପାରେ ବୋଲି ସ୍ଥାନୀୟ ପାଣିପାଗ କେନ୍ଦ୍ର ଚେତାବନୀ ଦେଇଛି।

ଅନ୍ୟପଟେ ଦକ୍ଷିଣ ଭାରତର ତାମିଲନାଡୁରେ 'ଏଲ୍ ନିନୋ' ପ୍ରଭାବ ଯୋଗୁଁ ବର୍ଷାର ପରିମାଣ ହ୍ରାସ ପାଇଛି। ଫଳରେ ସେଠାରେ ଗ୍ରୀଷ୍ମ ପ୍ରବାହ ପାଇଁ ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ଦୁଇ ଦିନରେ ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼, ଦିଲ୍ଲୀ, ଉତ୍ତର ପ୍ରଦେଶ ଏବଂ ତାମିଲନାଡୁରେ ପ୍ରବଳ ଗରମ ସହ ଗୁଳୁଗୁଳି ଅନୁଭୂତ ହେବ। ଓଡ଼ିଶା ଏବଂ ପଶ୍ଚିମବଙ୍ଗ ପାଇଁ ପ୍ରବଳ ବର୍ଷା ଏବଂ ବଜ୍ରପାତ ସହ ଝଡ଼ବର୍ଷାର 'ଅରେଞ୍ଜ ଆଲର୍ଟ' ଜାରି କରାଯାଇଛି।

ବିହାର, ଝାଡ଼ଖଣ୍ଡ, ଆସାମ, ମେଘାଳୟ ଏବଂ ଅରୁଣାଚଳ ପ୍ରଦେଶ ସମେତ ସମସ୍ତ ଉତ୍ତର-ପୂର୍ବ ରାଜ୍ୟରେ ପ୍ରବଳ ବର୍ଷା ହେବ। କର୍ଣ୍ଣାଟକ ଏବଂ ତେଲେଙ୍ଗାନାରେ ହାଲୁକା ବର୍ଷା ହୋଇପାରେ। ବଙ୍ଗୋପସାଗରୀୟ ପାଣିପାଗ ନିୟାମକ ପ୍ରଭାବରେ ଦେଶର ବିଭିନ୍ନ ସ୍ଥାନରେ ବର୍ଷାର ପରିମାଣ ବୃଦ୍ଧି ପାଇଛି। ବିହାରର ବାଗାହାରେ ନଦୀର ଜଳସ୍ତର ବୃଦ୍ଧି ପାଇଥିବା ବେଳେ ଛତିଶଗଡ଼ର



ରାୟପୁର ଏବଂ ଝାଡ଼ଖଣ୍ଡର ରାଞ୍ଚିରେ ମଧ୍ୟ ପ୍ରବଳ ବର୍ଷା ଜାରି ରହିଛି। ପାଣିପାଗ ବିଭାଗ ଜନସାଧାରଣଙ୍କୁ ବଜ୍ରପାତ ଏବଂ ପ୍ରବଳ ବର୍ଷା ସମୟରେ ସୁରକ୍ଷିତ ସ୍ଥାନରେ ରହିବାକୁ ଏବଂ ଆବଶ୍ୟକ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛି।



## ଅନଶନ ଭାଙ୍ଗିବାକୁ ସର୍ତ୍ତ ରଖିଲେ ୱାଙ୍ଗଚୁକ୍

- ୨୦ ତାରିଖ ପଦଯାତ୍ରାରେ ସାମିଲ ହେବେ
- ସମର୍ଥନ ଜଣାଇଲେ କେଜ୍ରିୱାଲ, ସୁପ୍ରିୟା
- ଆଲର୍ଟରେ ସମସ୍ତ ଦିଲ୍ଲୀ ମେଡିକାଲ

ନୂଆଦିଲ୍ଲୀ, ୧୭ ।୭ (ଏଜେନ୍ସି): ଦିଲ୍ଲୀର ଯନ୍ତର ମନ୍ତରଠାରେ ବିଶିଷ୍ଟ ଶିକ୍ଷା ସଂସ୍କାରକ ସୋନମକ ୱାଙ୍ଗଚୁକଙ୍କ ଆମରଣ ଅନଶନ ଆଜି ୨୦ତମ ଦିବସରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ସେ ନିଜର ଅନଶନ ପ୍ରତ୍ୟାହାର କରିବା ନେଇ ଏକ ବଡ଼ ଘୋଷଣା କରିଛନ୍ତି। ଆସନ୍ତା ଜୁଲାଇ ୨୦ ତାରିଖରେ ହେବାକୁ ଥିବା ସଂସଦ ଅଭିଯାନ ବା 'ସଂସଦ ଚଲୋ' ପଦଯାତ୍ରାରେ ସାମିଲ ହେବା ପରେ ସେ ଅନଶନ ଭାଙ୍ଗିବେ ବୋଲି ସ୍ପଷ୍ଟ କରିଛନ୍ତି। ଏହାସହ ଯଦି ଏହି ପଦଯାତ୍ରାରେ ଲୋକଙ୍କ ସଂଖ୍ୟା କମ୍ ରହେ, ତେବେ ସେ 'ଭୂତ ହୋଇ ଫେରିବେ' ବୋଲି ମଜାରେ ସମର୍ଥକମାନଙ୍କୁ କହିଛନ୍ତି। ଦେଶର ଶିକ୍ଷା ବ୍ୟବସ୍ଥାରେ ଅନିୟମିତତା ଅଭିଯୋଗ କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ପକ୍ଷରୁ ଚାଲିଥିବା ଏହି ଆନ୍ଦୋଳନ ଆଜି ୨୮ ଦିନରେ ପ୍ରବେଶ କରିଛି। ଏହି ଆନ୍ଦୋଳନକୁ ସୋନମ ୱାଙ୍ଗଚୁକ ସମ୍ପୂର୍ଣ୍ଣ ସମର୍ଥନ ଦେଇ ଅନଶନରେ ବସିଛନ୍ତି। ଜୁଲାଇ ୨୦ ତାରିଖରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଥିବାରୁ ସେହିଦିନ ଏକ ବିଶାଳ ପଦଯାତ୍ରାର ଆୟୋଜନ କରାଯାଇଛି। 'ମୁଁ ଯେକୌଣସି ପ୍ରକାରେ ଜୁଲାଇ ୨୦ ତାରିଖ ପର୍ଯ୍ୟନ୍ତ ନିଜକୁ ଜୀବିତ ରଖିବି, ଯେପରି ମୁଁ ଆପଣମାନଙ୍କ ସହ ସଂସଦ ଅଭିଯାନର ନେତୃତ୍ୱ ନେଇପାରିବି। ଯଦି ଜୁଲାଇ ୨୦ର ଏହି ପଦଯାତ୍ରା ସଫଳ ନହୁଏ, ତେବେ ମୁଁ ଭୂତ ହୋଇ ଫେରିବି।' ଅନ୍ୟପଟେ, ଏନ୍‌ସିପି ସାଂସଦ ସୁପ୍ରିୟା ସୁଲେ ଶୁକ୍ରବାର ଦିଲ୍ଲୀର ଜନ୍ତର ମନ୍ତରଠାରେ ସୋନମ୍ ୱାଙ୍ଗଚୁକ୍‌ଙ୍କୁ ଭେଟି ତାଙ୍କୁ ଅନଶନ ପ୍ରତ୍ୟାହାର କରିବାକୁ ଅନୁରୋଧ କରିଛନ୍ତି। ଆସନ୍ତା ସଂସଦର ଅଧିବେଶନରେ ସୁଲେ ୱାଙ୍ଗଚୁକ୍‌ଙ୍କ ସମସ୍ୟା ସହିତ ନିଟ୍ ପରୀକ୍ଷାର୍ଥୀଙ୍କ ପ୍ରସଙ୍ଗ ମଧ୍ୟ ଉଠାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି, ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ମଧ୍ୟ ଶ୍ରୀ ୱାଙ୍ଗଚୁକ୍‌ଙ୍କୁ ସମର୍ଥନ ଜଣାଇଛନ୍ତି। ସେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିବା ସହ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛନ୍ତି। ଏପରିକି ସୋନମ୍ ୱାଙ୍ଗଚୁକ୍‌ଙ୍କୁ ଦେଶର ଶିକ୍ଷାମନ୍ତ୍ରୀ କରାଯାଉ ବୋଲି ସେ କହିଛନ୍ତି। ଦୀର୍ଘ ତିନି ସପ୍ତାହ ଧରି ଖାଦ୍ୟ ତ୍ୟାଗ କରିଥିବା ଯୋଗୁଁ ୫୯ ବର୍ଷୀୟ ସୋନମଙ୍କ ସ୍ୱାସ୍ଥ୍ୟବସ୍ଥା ଦ୍ରୁତ ଗତିରେ ହ୍ରାସ ପାଇବାରେ ଲାଗିଛି। ଶେଷ ଚିକିତ୍ସା ରିପୋର୍ଟ ଅନୁଯାୟୀ, ଅନଶନ ଆରମ୍ଭ ଦିନଠାରୁ ତାଙ୍କର ଓଜନ ପ୍ରାୟ ୯ କିଲୋଗ୍ରାମରୁ ଅଧିକ କମିଯାଇ ବର୍ତ୍ତମାନ ୫୬.୭୫ କିଲୋଗ୍ରାମରେ ପହଞ୍ଚିଛି। ତାଙ୍କର ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତା ପ୍ରକଟ କରି ଦିଲ୍ଲୀ ହାଇକୋର୍ଟ କେନ୍ଦ୍ର ଏବଂ ଦିଲ୍ଲୀ ସରକାରଙ୍କୁ ଦୈନିକ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକୀୟ ଚିକିତ୍ସା ସେବା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଦିଲ୍ଲୀରେ ସମସ୍ତ ମେଡିକାଲ ଆଲର୍ଟରେ ରହିଛନ୍ତି।

## ମନ୍ଦିର ଦର୍ଶନ ବାହାନାରେ ସ୍ୱାମୀଙ୍କୁ ହତ୍ୟା, ପତ୍ନୀ ଅଟକ

ତିରୁପତି, ୧୭ ।୭ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ଚିତ୍ତୁର ଜିଲ୍ଲାରେ ଜଣେ ୧୯ ବର୍ଷୀୟା ମହିଳା ନିଜ ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ତାମିଲନାଡୁର ରମେଶ (୨୩)। ତାଙ୍କ ପତ୍ନୀ ହାସିନୀ ନିଜ ପିଲାଦିନର ସାଙ୍ଗ ତଥା ପ୍ରେମିକ ଯୁଗନ୍ଧର (୨୦) ସହ ମିଶି ଏହି ହତ୍ୟାକାଣ୍ଡର ଯୋଜନା କରିଥିଲେ। ହାସିନୀ ତାଙ୍କ ସ୍ୱାମୀଙ୍କୁ ମଲ୍ଲପ୍ପା କୋଣ୍ଡା ପାହାଡ଼ ଉପରେ ଥିବା ଶ୍ରୀ ମଲ୍ଲେଶ୍ୱର ସ୍ୱାମୀ ମନ୍ଦିରକୁ ବୁଲିବାକୁ ଯିବା ପାଇଁ ପ୍ରବର୍ତ୍ତାଇଥିଲେ। ପାହାଡ଼ ରାସ୍ତାରେ ଯୋଜନାବଦ୍ଧ ଭାବେ ହାସିନୀ ନିଜ ହ୍ୟାଣ୍ଡବ୍ୟାଗ୍‌କୁ ତଳେ ପକାଇ ଦେଇଥିଲେ। ରମେଶ ବ୍ୟାଗ୍ ଉଠାଇବା ପାଇଁ ବାଇକ୍ ରଖିବା ମାତ୍ରେ ଯୁଗନ୍ଧର ଓ ତାର ସହଯୋଗୀମାନେ ଆକ୍ରମଣ କରିଥିଲେ। ରମେଶ ଜଙ୍ଗଲ ଆଡ଼କୁ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ଗୋଡ଼ାଇ ଗୋଡ଼ାଇ ହତ୍ୟା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ ପରେ ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲା। ପୋଲିସ ହାସିନୀ, ତାଙ୍କ ପ୍ରେମିକ ଯୁଗନ୍ଧର ଏବଂ ଅନ୍ୟ ଦୁଇ ସହଯୋଗୀଙ୍କୁ ଗିରଫ କରିଛି।

## 'ବୁଲେଟ୍ ଟ୍ରେନ୍ ପ୍ରକଳ୍ପରେ ବିଳମ୍ବ ପାଇଁ ଭାରତ ଦାୟୀ'

- ଜାପାନର ପୂର୍ବତନ ମନ୍ତ୍ରୀଙ୍କ ଗୁରୁତର ଅଭିଯୋଗ
- ଖଣ୍ଡନ କଲେ ଭାରତ ସରକାର

ଟୋକିଓ, ୧୭ ।୭ (ଏଜେନ୍ସି): ମୁମ୍ବାଇ-ଅହମ୍ମଦାବାଦ ବୁଲେଟ୍ ଟ୍ରେନ୍ ପ୍ରକଳ୍ପରେ ହେଉଥିବା ବିଳମ୍ବକୁ ନେଇ ଜାପାନର ପୂର୍ବତନ ନ୍ୟାୟ ମନ୍ତ୍ରୀ ହିଦେକି ମାକିହାରା ଭାରତ ଉପରେ ଗୁରୁତର ଅଭିଯୋଗ ଆଣିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟ କରି ସେ କହିଛନ୍ତି ଯେ ପ୍ରକଳ୍ପର ମନ୍ଥର ଗତି ପାଇଁ ସମ୍ପୂର୍ଣ୍ଣ ଭାବେ ଭାରତୀୟ ପକ୍ଷ ହିଁ ଦାୟୀ। ମାକିହାରା ଦାବି କରିଛନ୍ତି ଯେ ସେ ନିଜେ ଏହି ପ୍ରକଳ୍ପ ସହ ଜଡ଼ିତ ଥିଲେ। ଆଲୋଚନା ସମୟରେ ଭାରତୀୟ ଅଧିକାରୀମାନେ ବାରମ୍ବାର ନିଜର ପ୍ରତିଶ୍ରୁତିରୁ ଓହରି ଯାଉଥିଲେ, ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ନିଜ ସୁବିଧା ଅନୁଯାୟୀ ନିୟମ ବଦଳାଉଥିଲେ ଏବଂ କେବଳ ନିଜ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିଲେ। ସେ ସମ୍ପୃକ୍ତ ଭାରତୀୟ ମନ୍ତ୍ରୀଙ୍କ ଆଭିମୁଖ୍ୟକୁ ମଧ୍ୟ ଅତ୍ୟନ୍ତ ନୈରାଶ୍ୟଜନକ ବୋଲି ଦର୍ଶାଇଛନ୍ତି। ଜାପାନର ଏକ ପ୍ରତିଷ୍ଠିତ ଗଣମାଧ୍ୟମ ରିପୋର୍ଟକୁ ସେୟାର କରି ସେ ଅଭିଯୋଗ କରିଛନ୍ତି ଯେ ବୁଲେଟ୍ ଟ୍ରେନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଅଂଶ ବୋଲାଉଥିବା 'ସିଗନାଲିଂ ସିଷ୍ଟମ'ରୁ ଜାପାନକୁ ଦୂରେଇ ରଖାଯାଇଛି, ଯାହା ମୂଳ ସିଙ୍କାନସେନ୍ ମଡେଲଠାରୁ ସମ୍ପୂର୍ଣ୍ଣ ଭିନ୍ନ। ବର୍ତ୍ତମାନର ଯୋଜନା ଅନୁଯାୟୀ, ଜାପାନ ପକ୍ଷରୁ ପ୍ରଥମେ ଇ-୩ ଏବଂ ଇ-୫ ମଡେଲର ଗୋଟିଏ ଲେଖାଏଁ ଟ୍ରେନ୍ ସେଟ୍ ଯାଞ୍ଚ ପାଇଁ ଭାରତକୁ ଦିଆଯିବ। ପରବର୍ତ୍ତୀ ସମୟରେ, ୨୦୩୦ ଦଶକର ପ୍ରାରମ୍ଭରେ ମୁମ୍ବାଇ-ଅହମ୍ମଦାବାଦ ମଧ୍ୟରେ



ଅତ୍ୟାଧୁନିକ ଇ-୧୦ ସିରିଜର ହାଇ-ସ୍ପିଡ୍ ଟ୍ରେନ୍ ଚଳାଇବାକୁ ଲକ୍ଷ୍ୟ ରଖାଯାଇଛି, ଯାହା ଅଗଷ୍ଟ ୨୦୨୭ ସୁଦ୍ଧା ହସ୍ତାନ୍ତର ହେବାର ସମ୍ଭାବନା ଅଛି। ତେବେ ଏହି ସାଂଘାତିକ ଅଭିଯୋଗ ଉପରେ ବୁଲେଟ୍ ଟ୍ରେନ୍ ପ୍ରକଳ୍ପର କୌଣସି ଅଧିକାରୀଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ଜବାବ ମିଳିନାହିଁ।

ତେବେ ଜାପାନରର ଏହି ପୂର୍ବତନ ମନ୍ତ୍ରୀ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଭାରତ ସରକାର। ବୈଦେଶିକ ବିଭାଗର ମୁଖପାତ୍ର କହିଛନ୍ତି ଯେ ଏବେ ମାକିହାରା ହେଉଛନ୍ତି ଜଣେ ସାଧାରଣ ନାଗରିକ। ଏହା ତାଙ୍କର ବ୍ୟକ୍ତିଗତ ମତ ହୋଇପାରେ। ତାଙ୍କର ମନ୍ତବ୍ୟକୁ ଭାରତ ଗୁରୁତ୍ୱ ଦେଉନାହିଁ। ଏହାସହିତ ସେ ସ୍ପଷ୍ଟ କରିଛନ୍ତି ଯେ ଭାରତରେ ବୁଲେଟ୍ ଟ୍ରେନ ପ୍ରକଳ୍ପ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଅଗ୍ରଗତି କରୁଛି।

## ଆନ୍ଧ୍ରରେ ବ୍ୟାପୁଛି କରୋନା

**ମୃତ୍ୟୁସଂଖ୍ୟା ୪କୁ ବଢ଼ିଲା, ୧୨ ସଂକ୍ରମିତ**

- କେରଳ, କର୍ଣ୍ଣାଟକରେ ମଧ୍ୟ ବଢୁଛି ସଂକ୍ରମଣ
- ୩୩୯ ନୂଆ ରୋଗୀ ଚିହ୍ନଟ

ଅମରାବତୀ, ୧୭ ।୭ (ଏଜେନ୍ସି): ଆନ୍ଧ୍ରପ୍ରଦେଶରେ କରୋନା ଭୂତାଣୁ (କୋଭିଡ-୧୯) ର ନୂଆ ମାମଲା ସାମ୍ନାକୁ ଆସିବା ପରେ ରାଜ୍ୟ ସରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ଗତ ଜୁନ୍ ୨୬ ରୁ ଜୁଲାଇ ୧୬ ତାରିଖ ମଧ୍ୟରେ ରାଜ୍ୟରେ ମୋଟ ୧୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୪ ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଭୂତାଣୁର ନୂଆ ପ୍ରକାର (ଭ୍ୟାରିଆଣ୍ଟ) ଚିହ୍ନଟ କରିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୫ଟି ସଂକ୍ରମିତ ନମୁନାକୁ ପୁଣେସ୍ଥିତ 'ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଭିରୋଲୋଜି' (ଏନ୍ଆଇଭି) କୁ ଜିନୋମ ସିକ୍ୱେନ୍ସିଂ ପାଇଁ ପଠାଯାଇଛି। ମୋଟ ଚିହ୍ନଟ ହୋଇଥିବା ୧୨ଟି ମାମଲା ମଧ୍ୟରୁ କଡ଼ପାରୁ ସର୍ବାଧିକ ୮ଟି, ଗୁଣ୍ଟୁରରୁ ୨ଟି ଏବଂ ବିଶାଖାପାଟଣା ଓ କାକିନାଡ଼ାରୁ ଗୋଟିଏ ଲେଖାଏଁ ମାମଲା ରହିଛି। ସ୍ୱାସ୍ଥ୍ୟ ସଚିବ ଜି. ବୀରପାଣ୍ଡିଆନ ସ୍ପଷ୍ଟ କରିଛନ୍ତି ଯେ ସମସ୍ତ ମାମଲା ଭିନ୍ନ ଭିନ୍ନ ସ୍ଥାନରୁ ଚିହ୍ନଟ ହୋଇଛି, ତେଣୁ ଏହାକୁ ସାମୂହିକ ସଂକ୍ରମଣ କୁହାଯାଇପାରିବ ନାହିଁ। କରୋନାରେ ପ୍ରାଣ ହରାଇଥିବା ୪ ଜଣଯାକ ରୋଗୀ ପୂର୍ବରୁ ମଧୁମେହ, ଉଚ୍ଚ ରକ୍ତଚାପ ଏବଂ କିଡନୀ ରୋଗ ଭଳି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ଥିଲେ। ସ୍ୱାସ୍ଥ୍ୟ ବିଭାଗ ଲୋକମାନଙ୍କୁ ଭୟଭୀତ ନହେବାକୁ ଅନୁରୋଧ କରିବା ସହ ସତର୍କତା ଅବଲମ୍ବନ କରିବାକୁ ଏବଂ ସାଧାରଣ ଜନଗହଳି ସ୍ଥାନରେ ମାସ୍କ ପିନ୍ଧିବାକୁ ପରାମର୍ଶ ଦେଇଛି। ରାଜ୍ୟର ସମସ୍ତ ପ୍ରମୁଖ ଡାକ୍ତରଖାନା ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ



ଦିଆଯାଇଛି। ଆନ୍ଧ୍ରପ୍ରଦେଶରେ ସଂକ୍ରମଣ ବଢ଼ିବା ପରେ ପଡ଼ୋଶୀ କର୍ଣ୍ଣାଟକ ସରକାର ସୀମାନ୍ତ ଜିଲ୍ଲାଗୁଡ଼ିକରେ (ବିଶେଷ କରି ତୁମକୁରୁ ଜିଲ୍ଲାରେ) ନିଜର ସୁରକ୍ଷା ଓ ସ୍କ୍ରିନିଂ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିଛନ୍ତି।

ସୂଚନାଯୋଗ୍ୟ ଯେ, ଜୁଲାଇ ୧ ତାରିଖ ପରଠାରୁ ସାରା ଦେଶରେ ପ୍ରାୟ ୩୩୯ଟି ନୂଆ କୋଭିଡ୍ ମାମଲା ରେକର୍ଡ କରାଯାଇଛି, ଯେଉଁଥିରେ କେରଳ (୧୧୫) ଏବଂ କର୍ଣ୍ଣାଟକ (୬୪) ସବୁଠାରୁ ଆଗରେ ରହିଛନ୍ତି।





# ପରିଚାଳନା ବିଭ୍ରାଟ ପାଇଁ ଶ୍ରୀମନ୍ଦିର ପ୍ରଶାସକ ଅନୁତପ୍ତ ହେବା ଉଚିତ: ଭକ୍ତ

ଭୁବନେଶ୍ୱର, ୧୭।୭ (ସମିସ): ଚଳିତ ବର୍ଷ ମହାପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରା ପରିଚାଳନାରେ ବ୍ୟାପକ ତ୍ରୁଟି ହୋଇଛି। ଏହା ରାଜ୍ୟବାସୀଙ୍କ ଭାବାବେଗକୁ ଗଭୀର ଆଘାତ ଦେଇଛି। ପ୍ରଥମ ଥର ନୁହଁ, ଓଡ଼ିଆଙ୍କ ଭାବାବେଗକୁ ଡବଲ ଇଞ୍ଜିନ ସରକାର କ୍ରମାଗତ ଆଘାତ କରିଚାଲିଛି ବୋଲି କହି ବିଜେପି ସରକାର ଉପରେ ବର୍ଷିଛି କଂଗ୍ରେସ।



ଶୁକ୍ରବାର ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ମହାପ୍ରଭୁ ଜଗନ୍ନାଥ ଓଡ଼ିଶାର ସମସ୍ତ ଜନତାଙ୍କ ଭାବାବେଗ ସହ ଜଡିତ ଏବଂ ରଥଯାତ୍ରା ପର୍ବ ପାଇଁ କେବଳ ଓଡିଶାରୁ ନୁହେଁ ବିଦେଶରୁ ମଧ୍ୟ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୁଏ। କିନ୍ତୁ ଏଇ ସରକାର କ୍ରମାଗତ ଭାବରେ ତିନିବର୍ଷ ହେଲା ଜଗନ୍ନାଥଙ୍କ ପରିଚାଳନାରେ ଗୁରୁତର ତ୍ରୁଟି କରି ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀମୁଖକୁ ଶ୍ରୀହୀନ କରି ଦେଇଛି।

ପରିତାପର ବିଷୟ ସରକାର ଲୋକଙ୍କ ଭାବାବେଗକୁ ଖାତିର କରୁ ନାହାନ୍ତି। ଏ ବର୍ଷ ରଥଯାତ୍ରାରେ ମହାପ୍ରଭୁ ଜଗନ୍ନାଥ ଶ୍ରୀମନ୍ଦିରରୁ ବିନା ଟାହିଆରେ ରଥାରୁଢ଼ ହେଲେ। ରଥଯାତ୍ରା ଓ ବାହୁଡ଼ାରେ ଟାହିଆ ବ୍ୟବହାର କରିବା ବାଧ୍ୟତାମୂଳକ ଶାସ୍ତ୍ରୀୟ ପରମ୍ପରା ରହି ଆସିଅଛି ଏବଂ ଶହ ଶହ ବର୍ଷ ଧରି ବିନା ବ୍ୟତିକ୍ରମରେ ଚାଲି ଆସିଅଛି। କିନ୍ତୁ ଏଥର ଟାହିଆ ପ୍ରଭୁ ବ୍ୟବହାର କରି ପାରିଲେ ନାହିଁ। ପରମ୍ପରାରେ ଅବହେଳା ଘଟିଲା କାହିଁକି? ଏହି ଗୁରୁତର ନୀତିକାନ୍ତି ତ୍ରୁଟି ସମସ୍ତ ରାଜ୍ୟବାସୀଙ୍କୁ ହତବାକ କରିବା ସହ ଅତ୍ୟନ୍ତ ବ୍ୟଥିତ କରିଛି ବୋଲି ସେ କହିଛନ୍ତି। ଶ୍ରୀମନ୍ଦିର ପ୍ରଶାସକ ଅରବିନ୍ଦ ପାଢ଼ୀ କାହା ପରାମର୍ଶ କ୍ରମେ ଶ୍ରୀଜଗନ୍ନାଥଙ୍କୁ ଟାହିଆ ପିନ୍ଧିବାରୁ ବଞ୍ଚିତ କରାଇଲେ ଓ ଏଥିପାଇଁ ଶ୍ରୀ ପାଢ଼ୀ ଅନୁତପ୍ତ ହେବା ଉଚିତ

**ଶ୍ରୀରାମଙ୍କ ନାମରେ ଲୁଟ ପରେ ଏବେ ପ୍ରଭୁ ଜଗନ୍ନାଥ ଉପରେ ଆଖି**

ବୋଲି ଶ୍ରୀ ଦାସ କହିଛନ୍ତି। ଖୋଦ ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କ ସଭାପତିତ୍ୱରେ ଅନେକ ବୈଠକ ହୋଇଛି। ବ୍ୟାପକ ପ୍ରସ୍ତୁତିର ଭାଷଣ ପରେ ଏବେ ଫଳାଫଳ ଲୋକଙ୍କ ଆଗରେ ଅଛି। ଦଳା ଚକଟାରେ ତିନିଜଣଙ୍କ ମୃତ୍ୟୁ ଘଟିବା ଓ ୧୫୦ ଆହତ ହୋଇ ଚିକିତ୍ସିତ ହେବା ଘଟଣା ସରକାରଙ୍କ ବିଫଳତାକୁ ଦର୍ଶାଉଛି। ହେଲେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ବେପରୁଆ ମନ୍ତବ୍ୟ 'ଦଳଚକଟା ଘଟଣା ଘଟିନି' ସରକାରଙ୍କ ଅମାନବୀୟତା ଏବଂ ଉତ୍ତରଦାୟିତ୍ୱହୀନତା ଦର୍ଶାଉଛି ବୋଲି ଶ୍ରୀ ଦାସ କହିଛନ୍ତି।

ଶ୍ରୀ ଦାସ ବିଜେପି ସରକାରଙ୍କୁ ସମାଲୋଚନା କରି ପୁଣି କହିଛନ୍ତି ଯେ' ଏମାନେ ରାମଙ୍କ ନାମ ବ୍ୟବହାର କରି ରାମ ମନ୍ଦିର ଦାନ ଅଳଙ୍କାର ଓ ଅର୍ଥର ଲୁଟ କରିଛନ୍ତି, ବର୍ତ୍ତମାନ ନଜର ଆମ ମହାପ୍ରଭୁଙ୍କ ଉପରେ ପଡ଼ିଛି। ଶ୍ରୀରାମଙ୍କ ଭଳି ପ୍ରଭୁ ଜଗନ୍ନାଥଙ୍କ ସହିତ ଖେଳନ୍ତୁ ନାହିଁ। ମୃତ ଓ ଆହତ ଭକ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ ତୁରନ୍ତ ପ୍ରଦାନ କରାଯାଉ।

# ମହାପ୍ରଭୁଙ୍କ ଘୋଷଯାତ୍ରାରେ ମହାବିଭ୍ରାଟ | ପରିଚାଳନାଗତ ତ୍ରୁଟି ଯୋଗୁଁ ଦଳାଚକଟା: ବିଜେଡି



**ସରକାରଙ୍କ ସମନ୍ୱୟ ଅଭାବରୁ ଚାଲିଗଲା ଶ୍ରଦ୍ଧାଳୁଙ୍କ ଜୀବନ**

**ମୃତ ଶ୍ରଦ୍ଧାଳୁଙ୍କ ପରିବାରବର୍ଗଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ଦାବି**

**ଜଗନ୍ନାଥପ୍ରେମୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ ରାଜ୍ୟ ସରକାର**

ଭୁବନେଶ୍ୱର, ୧୭।୭ (ସମିସ): ଲଗାତାର ତୃତୀୟ ବର୍ଷ ଧରି ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ବ୍ୟାପକ ତ୍ରୁଟି ଦେଖିବାକୁ ମିଳିଛି। ବିନା ଟାହିଆରେ ମହାପ୍ରଭୁ ବିଜେ କରିବା ଓ ବାଇଶି ପାହାଚରେ ମହାପ୍ରଭୁ ୪୦ ମିନିଟ୍ ଅଟକି ରହିବା ଅଗଣିତ ଜଗନ୍ନାଥପ୍ରେମୀଙ୍କ ମନକୁ ଆଘାତ ଦେଇଛି। ରଥଯାତ୍ରା ପରିଚାଳନରେ ବ୍ୟାପକ ତ୍ରୁଟି ଯୋଗୁଁ ଦଳାଚକଟାରେ ଅକାଳରେ ଶ୍ରଦ୍ଧାଳୁଙ୍କ ଜୀବନ ଯାଇଥିବା ଆଦି ଦର୍ଶାଇ ସରକାରଙ୍କୁ କଡ଼ା ଭର୍ତ୍ସନା କରିଛି ବିଜେଡି।

ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ ରଥଯାତ୍ରା ପରିଚାଳନାରେ ବ୍ୟାପକ ତ୍ରୁଟିକୁ ନେଇ ରାଜ୍ୟ ସରକାରଙ୍କୁ କଡ଼ା ନିନ୍ଦା କରିଛନ୍ତି।

ପ୍ରମିଳା ମଲ୍ଲିକ, ପହଣ୍ଡି ବିଜେ ବେଳେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଟାହିଆ ନଥିବା ପ୍ରସଙ୍ଗକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଟାହିଆ ବର୍ଷାରେ ଓଦା ହୋଇ ଖସି ଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ। ପ୍ରଭୁ ବଳଭଦ୍ର ଓ ମା' ସୁଭଦ୍ରାଙ୍କ ଟାହିଆ ବର୍ଷାରେ ଖସିନଥିବା ବେଳେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଟାହିଆ କିପରି ଖସିଲା ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। କୋଟି ଓଡିଆଙ୍କ ମଉଡମଣି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବିନା ଟାହିଆରେ ନନ୍ଦିଘୋଷ ରଥକୁ ବିଜେ କରାଇଲେ। ରାଜ୍ୟ ସରକାର ନିଜ ଭୁଲ ପାଇଁ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରନ୍ତୁ। ରାଜ୍ୟ ବାହାର ଅତିଥି ମାନଙ୍କ ସୁରକ୍ଷା ପ୍ରଦାନରେ ବ୍ୟସ୍ତ ରହି ସରକାର ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ପାଶୋରି ଯାଉଛନ୍ତି, ଯାହାଫଳରେ ନିରୀହ ଶ୍ରଦ୍ଧାଳୁ ମୃତ୍ୟୁ ମୁଖରେ ପଡୁଛନ୍ତି ବୋଲି ଶ୍ରୀମତି ମଲ୍ଲିକ କହିଛନ୍ତି।

ସଞ୍ଜୟ ଦାସବର୍ମା କହିଥିଲେ ଯେ, ବଡ଼ଦାଣ୍ଡରେ ବିଭ୍ରାଟ ଯୋଗୁଁ ଶ୍ରଦ୍ଧାଳୁଙ୍କ ମୃତ୍ୟୁ, କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ମନକୁ ଆଘାତ ଦେଇଛି। ଉକ୍ତ ତ୍ରୁଟି ପାଇଁ ଶ୍ରୀମନ୍ଦିର ପ୍ରଶାସକଙ୍କ ସମେତ ସେବାୟତ ନିଯୋଗ ମଧ୍ୟ ଦାୟୀ। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ମାନଙ୍କୁ ବ୍ୟାରିକେଡ୍‌ରେ ଅଟକାଇ ଦେବାରୁ ଭିଡ଼ ଯୋଗୁଁ ଅଘଟଣ ଘଟିଛି। ରଥଯାତ୍ରାର କର୍ଡନ ପାସ୍ ଦିଆଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ, କିନ୍ତୁ ହଜାର ହଜାର ଲୋକଙ୍କୁ ପାସ ଦିଆଯାଇଛି। ଆଇନ ମନ୍ତ୍ରୀ ବିବୃତ୍ତି ଦେଇଥିଲେ ଯେ ଯେଉଁମାନେ ନୀତିକାନ୍ତି ସହ ଜଡ଼ିତ ରହିଛନ୍ତି ତାଙ୍କୁ ପାସ୍ ପ୍ରଦାନ କରାଯିବ, କିନ୍ତୁ ଇନର୍ କର୍ଡନ ମଧ୍ୟରେ ଅନେକ ଲୋକ ରହିଥିଲେ। ଫଳରେ ଭିଡ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଦଳାଚକଟାରେ ୩ଟି ଅମୂଲ୍ୟ ଜୀବନ ହାନି ଘଟିଛି। ୩୬୨ ଜଣ ଆହତ ହୋଇଥିବା ବେଳେ ସେଥି ମଧ୍ୟରୁ ୧୨୨ ଜଣ ଗୁରୁତର ଆହାତ ହୋଇଥିବା ଜଣାପଡିଛି। ମୃତକଙ୍କ ପରିବାରବର୍ଗଙ୍କୁ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରିବା ସହ ଆହତମାନଙ୍କୁ ଉନ୍ନତ ଚିକିତ୍ସା ସେବା ପ୍ରଦାନ କରାଯାଉ ବୋଲି ଶ୍ରୀ ଦାସବର୍ମା ଦାବି କରିଛନ୍ତି।

ଶୁଭାଶିଷ ଖୁଣ୍ଟିଆ କହିଥିଲେ ଯେ, ଡବଲ ଇଞ୍ଜିନ ସରକାରରେ ପୁରୀ ଏକ ମରଣଯନ୍ତା ପାଲଟି ଯାଇଛି। ରଥଯାତ୍ରା ସୁପରିଚାଳନା ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ରାଜ୍ୟ ସରକାର କିଛି ଶିକ୍ଷା ଗ୍ରହଣ କରନ୍ତୁ ବୋଲି ଶ୍ରୀ ଖୁଣ୍ଟିଆ କହିଛନ୍ତି।

ଉମାକାନ୍ତ ସାମନ୍ତରାୟ କହିଥିଲେ ଯେ, ବିଜେପି ସରକାରର ପ୍ରଥମ ବର୍ଷରେ ପ୍ରଭୁ ବଳଭଦ୍ର ଚାରମାଳରୁ ଖସି ପଡ଼ିଲେ, ଦ୍ୱିତୀୟ ବର୍ଷରେ ମାଉସୀ ମା' ମନ୍ଦିର ନିକଟରେ ଦଳାଚକାଟରେ ୨ ଜଣ ଶ୍ରଦ୍ଧାଳୁଙ୍କ ଜୀବନ ହାନି ଘଟିଲା, ଚଳିତ ବର୍ଷ ପରିଚାଳନାଗତ ତ୍ରୁଟି ପାଇଁ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ଜୀବନ ଚାଲିଗଲା। କିନ୍ତୁ ସରକାର କୌଣସି ଶିକ୍ଷା ଗ୍ରହଣ କରିପାରିଲେ ନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ରଥଯାତ୍ରାର ସୁପରିଚାଳନ ନିମନ୍ତେ ପ୍ରଶାସନିକ ସ୍ତରରେ ଭକ୍ତମାନଙ୍କ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିଲା, ଯାହାକୁ ବିଜେପି ସରକାର ଏଡ଼ାଇ ଦେଇଛି।

# ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ସାମଲ ଅସୁସ୍ଥ

ଭୁବନେଶ୍ୱର/ଭଦ୍ରକ,୧୭।୭(ସମିସ): ବରିଷ୍ଠ ବିଜେଡି ନେତା ତଥା ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଗତକାଲି ଭୁବନେଶ୍ୱର ବାସଭବନରେ ସେ ଅସୁସ୍ଥ

**ଆଶୁ ଆରୋଗ୍ୟ କାମନା କଲେ ନବୀନ**

**ହସ୍ପିଟାଲ୍‌ରେ ଭେଟିଲେ ବିଜେଡି ପ୍ରତିନିଧିମଣ୍ଡଳୀ**





ହେବାରୁ ପରିବାର ଲୋକେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତାଙ୍କର ବ୍ରେନ ଷ୍ଟ୍ରୋକ(ମସ୍ତିଷ୍କ ଆଘାତ) ହୋଇଥିବା ଜଣାଯାଇଛି।

ଶ୍ରୀ ସାମଲଙ୍କ ଅସୁସ୍ଥତା ଖବର ପାଇ ଦିଲ୍ଲୀ ଗସ୍ତରେ ଥିବା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ 'ଏକ୍ସ'ରେ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଅନ୍ୟପକ୍ଷରେ ଆଜି ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ପ୍ରଫୁଲ୍ଲ ଘଡ଼େଇ, ଦେବୀ ମିଶ୍ର, ପ୍ରମିଳା ମଲ୍ଲିକ, ରାଜ୍ୟ ବିଜେଡି ଉପସଭାପତି ପ୍ରଣବପ୍ରକାଶ ଦାସ, ଭଣ୍ଡାରିପୋଖରୀ ବିଧାୟକ ସଂଜୀବ କୁମାର ମଲ୍ଲିକ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ପୁରୀ ଜିଲ୍ଲା ବିଜେଡି ସଭାପତି ଉମା ସାମନ୍ତରାୟ ପ୍ରମୁଖ ହସ୍ପିଟାଲ ଯାଇ ଶ୍ରୀ ସାମଲଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

ଏଥିସହିତ ବିଜେଡି ପ୍ରତିନିଧିମଣ୍ଡଳୀ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରାଙ୍କ ମା'ଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ମଧ୍ୟ ପଚାରି ବୁଝିଥିଲେ।


ହସ୍ପିଟାଲରେ ପ୍ରଫୁଲ୍ଲ ସାମଲଙ୍କୁ ଭେଟିବା ଅବସରରେ ବିଜେଡି ନେତ୍ରୀ ସୁଜାତା ରାଉତ ଚନ୍ଦ୍ରସାରଥୀଙ୍କ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି

# ଏସ୍‌ସିଇଆରଟିରେ କ୍ରାଇମ୍‌ବ୍ରାଞ୍ଚର ୪ ଜଣିଆ ଟିମ୍

ଭୁବନେଶ୍ୱର,୧୭।୭(ସମିସ): ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ ତଦନ୍ତ କରୁଥିବା କ୍ରାଇମ୍‌ବ୍ରାଞ୍ଚ ଆର୍ଥିକ କାରବାର ନେଇ ଶୁକ୍ରବାରଠାରୁ ତଦନ୍ତ ଆରମ୍ଭ କରିଛି। ଆର୍ଥିକ କାରବାର ସମ୍ଭାଳୁଥିବା ଏସ୍‌ସିଇଆରଟିର କିଛି ବରିଷ୍ଠ ଅଧିକାରୀଙ୍କୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ପଚରାଉଚରା କରିଥିଲା। ତୃତୀୟ ଥର ପାଇଁ କ୍ରାଇମ୍‌ବ୍ରାଞ୍ଚ ଏସ୍‌ସିଇଆରଟିକୁ ଯାଇ ଛାନ୍‌ଭିନ୍ କରିଛି। ସରକାରୀ ପାଠ୍ୟ ପୁସ୍ତକ ଉତ୍ପାଦନ ଏବଂ ବିକ୍ରୟ କେନ୍ଦ୍ରରେ ତନାଘନା କରି ପ୍ରିଣ୍ଟିଂଠାରୁ ପ୍ରଡକ୍‌ସନ୍ ସମସ୍ତ ଡକ୍ୟୁମେଣ୍ଟ ଯାଞ୍ଚ କରିଛି। ପ୍ରାୟ ୭ ଘଣ୍ଟା ଧରି ଯାଞ୍ଚ କରିବା ପରେ ପ୍ରିଣ୍ଟିଂ ଏବଂ ଟେଣ୍ଡରର ଫାଇଲ ଜବତ କରିଛି। ସୂଚନା ମୁତାବକ, ଏସ୍‌ସିଇଆରଟି ଟେକ୍ସଟ୍ ବୁକ୍ ତିଆରି ଏବଂ ପ୍ରିଣ୍ଟିଂ କରିବା ପାଇଁ ଟଙ୍କା ପ୍ରଦାନ କରେ। ଏସ୍‌ସିଇଆରଟି ପ୍ରିଣ୍ଟିଂ ପାଇଁ ବିଭିନ୍ନ ପ୍ରେସ୍‌କୁ କେତେ ଟଙ୍କା ପ୍ରଦାନ କରିଛି, କେତେ ବହି ପ୍ରିଣ୍ଟିଂ ପାଇଁ ଟଙ୍କା ଦିଆଯାଇଥିଲା, କାହାକୁ କେତେ ଟଙ୍କା ପ୍ରଦାନ କରାଯାଇଥିଲା ସେ ନେଇ କ୍ରାଇମ୍‌ବ୍ରାଞ୍ଚ ପଚରାଉଚରା କରିଛି। ଏ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ମଧ୍ୟ ସଂଗ୍ରହ କରିଛି। ଏସ୍‌ସିଇଆରଟି କାହାକୁ କେତେ ପେମେଣ୍ଟ ଦେଇଛି, ତାହା ଯାଞ୍ଚ କରାଯାଉଥିବା କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ନରେନ୍ଦ୍ର ବେହେରା କହିଛନ୍ତି।

**ପ୍ରିଣ୍ଟିଂ ଏବଂ ଟେଣ୍ଡରର ଫାଇଲ ଜବତ**

# 'ଭଲ ମଣିଷ' ତିଆରି କରୁଛି ପ୍ରିୟଙ୍କାଦେବୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ସ୍- ଡ. ବାବୁଲା ବେହେରା



ପୁରୀ, ୧୬/୭: ୨୦୦୯ ମସିହାରେ ପୁରୀର ବାଲିଗୁଆଳିରେ ଆରମ୍ଭ ହୋଇଥିବା ପ୍ରିୟଙ୍କାଦେବୀ ସ୍କୁଲ୍ ଅଫ୍ ନର୍ସିଂ ଆଜି ଓଡ଼ିଶାରେ ଏକାଧିକ ସ୍ଥାନରେ କେବଳ ଶାଖା ଖୋଲିନାହିଁ, ବରଂ 'ପ୍ରିୟଙ୍କାଦେବୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ସ୍' ଭାବରେ ଖ୍ୟାତ। ଛାତ୍ରଛାତ୍ରୀଙ୍କର ଏହି ଅନୁଷ୍ଠାନ ଏବେ ପ୍ରଥମ ପସନ୍ଦ ପାଲଟିଛି। ରାଜ୍ୟର ବଡ଼ବଡ଼ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଏହାର ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟସେବାରେ ନିୟୋଜିତ ଅଛନ୍ତି। ଏହି ଅନୁଷ୍ଠାନ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ ପାଇଁ ଉଦ୍ୟମ ଅବ୍ୟାହତ ରଖିଛି। ଯେଉଁଥିପାଇଁ ୧୭ ବର୍ଷ ଧରି 'ମଣିଷ' ତିଆରି କରୁଛି ପ୍ରିୟଙ୍କାଦେବୀ ଗ୍ରୁପଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ସ୍ । ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ଏଭଳି ସଫଳତାର କାହାଣୀ କହିଛନ୍ତି ଅନୁଷ୍ଠାନର ନିର୍ଦ୍ଦେଶକ ଡ. ବାବୁଲା ବେହେରା।

**❑ ଅନ୍ୟ ଅନୁଷ୍ଠାନଠାରୁ ପ୍ରିୟଙ୍କା ଦେବୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ସ୍ ଭିନ୍ନ କେମିତି?**

ଏଠାରେ ଏଏନ୍‌ଏମ୍, ଜିଏନ୍‌ଏମ୍, ବିଏସ୍‌ସି, ନର୍ସିଂ, ପୋଷ୍ଟ ବେସିକ୍ ନର୍ସିଂ, ଏମ୍‌ଏସ୍‌ସି ନର୍ସିଂ ଓ ଡ. ଫାର୍ମା ଭଳି କୋର୍ସ ରହିଛି। କେବଳ ପୁରୀରେ ନୁହେଁ, ବରଂ ମୟୂରଭଞ୍ଜ ଓ କନ୍ଧମାଳରେ ଆମ ଅନୁଷ୍ଠାନର ଶାଖା ରହିଛି। ଏଠାରେ ଛାତ୍ରଛାତ୍ରୀଙ୍କୁ କେବଳ ପାଠ ପଢ଼ାଯାଏ ନାହିଁ, ବରଂ ଶୃଙ୍ଖଳା ଶିଖାଯାଏ। କେମିତି ଜଣେ ଭଲ ମଣିଷ ହୋଇ ଅନୁଷ୍ଠାନରୁ ବାହାରିବ ସେ ନେଇ ଉଦ୍ୟମ କରାଯାଏ। ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନ ଆମେ ଅହରହ ଲାଗିଥାଉ। ଆମେ ଏଠାରେ ଯେଉଁ ଆଧୁନିକ ଲାବରେଟୋରି ସୁବିଧା ରଖିଛୁ ତାହାକୁ ଛାତ୍ରଛାତ୍ରୀଙ୍କ ମନକିଣି ନେଲା ଭଳି ହୋଇଛି। ଛାତ୍ର ଓ ଛାତ୍ରୀଙ୍କ ପାଇଁ ହଷ୍ଟେଲ୍, ଡିଜିଟାଇଜ୍‌ଡ୍ କ୍ଲାସ୍‌ରୁମ୍, ଲାଇବ୍ରେରି, ଡାଇନିଂ ହଲ୍, ପରିବହନ ବ୍ୟବସ୍ଥା, ରାଗିଙ୍ଗ୍ ଫ୍ରି କ୍ୟାମ୍ପସ୍ ପାଇଁ ଏହାକୁ ଛାତ୍ରଛାତ୍ରୀ ପସନ୍ଦ କରନ୍ତି।

**❑ ସଫଳତା ହାର କିଭଳି?**

ସଫଳତା ହାର କହିବା ଆବଶ୍ୟକତା ନାହିଁ। ରାଜ୍ୟ ଓ ରାଜ୍ୟ ବାହାରେ ଯେତିକି ବଡ଼ବଡ଼ ହସ୍‌ପିଟାଲ୍ ଅଛି, ଆଜି ସେଠାରେ ଆମର ଶହଶହ ଛାତ୍ରଛାତ୍ରୀ ସଫଳତାର ସହ କାମ କରୁଛନ୍ତି। କେବଳ ଆମ ଅନୁଷ୍ଠାନର ଟେକ ରଖିନାହାନ୍ତି ବରଂ ଜଣେ ଶୃଙ୍ଖଳିତ କର୍ମଚାରୀ ଓ ଅଧିକାରୀ ଭାବରେ ସେଠାରେ ପ୍ରିୟପାତ୍ର ହୋଇ ପାରିଛନ୍ତି। ବ୍ରହ୍ମପୁର ଏମ୍‌କେସିଜି ହସ୍‌ପିଟାଲ୍, ଏମ୍‌ସ୍, ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଏସ୍‌ସିବି ମେଡିକାଲ୍ କଲେଜ୍ ଆଣ୍ଡ ହସ୍‌ପିଟାଲ୍, ମୟୂରଭଞ୍ଜ ପିଆର୍ ଏମ୍‌ସିଏଚ୍, ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କୋଲକାତା ଟାଟା ମେମୋରିଆଲ୍, କିମ୍ସ, ସମ୍, କେୟାର, ଶ୍ରୀ, ଆପୋଲୋ, ସନ୍, ସଦ୍‌ଗୁରୁ ପ୍ରଭୃତି ଘରୋଇ ହସ୍‌ପିଟାଲ୍‌ରେ ସେମାନେ କାମ କରୁଛନ୍ତି।

**❑ ଆଉ କଣ ଲକ୍ଷ୍ୟ ରହିଛି?**

ଆମେ ଅନୁଷ୍ଠାନ କେବଳ ତିନିଟି ଜିଲ୍ଲାରେ ଅଛି। ଆମେ ସାରା ରାଜ୍ୟରେ ପହଞ୍ଚିବାକୁ ଯୋଜନା କରିଛୁ। ଛାତ୍ରଛାତ୍ରୀଙ୍କ ପାଇଁ ଆହୁରି ସୁବିଧା ଓ ସେମାନଙ୍କର ଲକ୍ଷ୍ୟ ହାସଲ ଦିଗରେ ଆଉ ଯାହା କରାଯାଇପାରିବ, ତାହା କରାଯାଉଛି । ଲାବରେଟୋରି ଓ ଲାଇବ୍ରେରିକୁ ନୂଆ ରୂପ ଦିଆଯାଉଛି। ଯାହା ସମଗ୍ର ରାଜ୍ୟରେ ୧ ନମ୍ବର ହେବ।

# ଝାଡ଼ଖଣ୍ଡମୁହାଁ ଲଘୁଚାପ; ରାଜ୍ୟରେ କମିବ ବର୍ଷା

**୧୭ ଦିନରେ ମାସକର ବର୍ଷା: ୨୪ ଘଣ୍ଟାରେ ସ୍ୱାଭାବିକଠୁ ୨୦୪ ପ୍ରତିଶତ ଅଧିକ**

ଭୁବନେଶ୍ୱର, ୧୭।୭ (ସମିସ): ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଧୀରେଧୀରେ ଦୁର୍ବଳ ହେଉଛି। ବର୍ତ୍ତମାନ ଏହି ଲଘୁଚାପଟି ଗାଙ୍ଗେୟ ପଶ୍ଚିମବଙ୍ଗ ସଂଲଗ୍ନ ଝାଡଖଣ୍ଡ ଓ ଉତ୍ତର ଓଡ଼ିଶା ପାଖାପାଖି ରହିଛି। ଏହି ଲଘୁଚାପ ଯୋଗୁଁ ଯଦିଓ ପୂର୍ବାପେକ୍ଷା ରାଜ୍ୟରେ ବର୍ଷାର ପ୍ରଭାବ କମିଛି, ମାତ୍ର ଶୁକ୍ରବାର ଦିନ ତମାମ ରାଜ୍ୟର ଅଧିକାଂଶ ସ୍ଥାନରେ କୋହଲା ପାଗ ସାଙ୍ଗକୁ କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣ ବର୍ଷା ହୋଇଛି। ଶନିବାରଠାରୁ ବର୍ଷାର ପ୍ରବାଭ ଆହୁରି ହ୍ରାସ ହେବାକୁ ଥିବା ବେଳେ ଆସନ୍ତା ୩-୪ ଦିନ ପର୍ଯ୍ୟନ୍ତ ରାଜ୍ୟର କିଛି ଅଞ୍ଚଳରେ କାଁ ଭାଁ ବର୍ଷା ଆଶଙ୍କା କରାଯାଉଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଶନିବାର ବଲାଙ୍ଗିର, ବରଗଡ଼, ନୂଆପଡା, କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଆଦି ୬ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ଅନ୍ୟପଟେ ଗଲା ଲଘୁଚାପ ଯୋଗୁଁ ରାଜ୍ୟରେ ଗତ ୩ ମଧ୍ୟରେ ଅନେକ ସ୍ଥାନରେ ଭାରି ବର୍ଷା ରେକର୍ଡ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୪୮ ଟି ଷ୍ଟେସନ୍‌ରେ ପ୍ରବଳ ବର୍ଷା ରେକର୍ଡ ହୋଇଥିବା ବେଳେ ୯ ଟି ଷ୍ଟେସନରେ ଅତି ପ୍ରବଳ ବର୍ଷା ଓ ଗୋଟିଏ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ବର୍ଷା ହୋଇଥିବା ସ୍ଥାନଗୁଡ଼ିକ ମଧ୍ୟରେ କେନ୍ଦୁଝରର ହାଟଡିହିରେ ସର୍ବାଧିକ ୨୧୦ ମିମି ବର୍ଷା ରେକର୍ଡ କରାଯାଇଛି। ଗତ ୨୪ ଘଣ୍ଟାରେ ସ୍ୱାଭାବିକ ବର୍ଷାର ପରିମାଣ ୧୧.୮ ମିମି ରହିଥିବା ବେଳେ ରାଜ୍ୟରେ ୩୬.୧ ମିମି ବର୍ଷା ହୋଇଛି, ଯାହାକି ସ୍ୱାଭାବିକ ବର୍ଷା ତୁଳନାରେ ୨୦୪ ପ୍ରତିଶତ ଅଧିକ ବର୍ଷା ରେକର୍ଡ କରାଯାଇଛି। ଏହି ଲଘୁଚାପ ଯୋଗୁଁ ଉତ୍ତର ଓଡ଼ିଶାରେ ସର୍ବାଧିକ ବର୍ଷା ହୋଇଥିବାରୁ ବୈତରଣୀ ସହ ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ଆଦି ନଦୀର ଜଳସ୍ତର ବଢ଼ିଛି। ଜଳକା ନଦୀରେ ଜଳସ୍ତର ଅଧିକ ବଢ଼ିଥିବା ବେଳେ କିଛି ତଳି ଅଞ୍ଚଳରେ ବନ୍ୟା ଜଳ ମଧ୍ୟ ପ୍ରବେଶ କରିଛି। ଚଳିତ ଜୁଲାଇ ମାସରେ ଦୁଇ ଲଘୁଚାପ ସୃଷ୍ଟି ହୋଇଥିବା ବେଳେ ଏହାଦ୍ୱାରା ରାଜ୍ୟକୁ ଭଲ ବର୍ଷା ମିଳିଛି। ରାଜ୍ୟରେ ମୌସୁମୀ ଋତୁ ଆରମ୍ଭ ଅର୍ଥାତ ୧-୩୦ଜୁନ ମଧ୍ୟରେ ମାତ୍ର ୧୧୦.୩ ମିମି ବର୍ଷା ରେକର୍ଡ ହୋଇଥିଲା। ଏହି ପରିମାଣର ବର୍ଷା ସହ ମାସ ଶେଷ ସୁଦ୍ଧା ବର୍ଷାର ପରିମାଣ ସ୍ୱାଭାବିକ ତୁଳନାରେ ପ୍ରାୟ ୪୬ ପ୍ରତିଶତ କମ୍ ରହିଥିଲା। ତେବେ ଜୁଲାଇର ୨ ଟି ଲଘୁଚାପ ଦ୍ୱାରା ଚଳିତ ମାସର ସ୍ୱାଭାବିକ ବର୍ଷା ୩୪୧.୪ମିମି ତୁଳନାରେ ଜୁଲାଇ ୧୭ ସୁଦ୍ଧା ମୋଟ୍ ୩୩୬.୬ ମିମି ବର୍ଷା ରେକର୍ଡ ହୋଇସାରିଛି। ମାସପୁରିବାକୁ ଆହୁରି ୧୪ଦିନ ବାକି ରହିଥିବାରୁ ଚଳିତ ମାସ ସ୍ୱାଭାବିକ ତୁଳନାରେ ବର୍ଷାର ପରିମାଣ ଯଥେଷ୍ଟ ଅଧିକ ବୋଲି ଆକଳନ କରାଯାଉଛି।

# ନିଟ୍ ଅସଫଳ; ଛାତ୍ରୀଙ୍କ ଆତ୍ମହତ୍ୟା

ବ୍ରହ୍ମପୁର/ରଙ୍ଗେଇଲୁଣ୍ଡା,୧୭।୭ (ସମିସ): ଗତକାଲି ପ୍ରକାଶ ପାଇଥିବା ନିଟ୍ ପ୍ରବେଶିକା ପରୀକ୍ଷାରେ ଅସଫଳ ହେବାରୁ ଜନୈକା ଛାତ୍ରୀ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତ୍ୟୁବରଣ କରିଥିବା ଛାତ୍ରୀ ଜଣକ ସ୍ଥାନୀୟ ହଳଦିଆପଦର ଅଞ୍ଚଳର ଭଗବାନ ସାହୁଙ୍କ ଏକମାତ୍ର କନ୍ୟା ସଞ୍ଜିତା ସାହୁ ବୋଲି ଜଣାପଡିଛି। ଗତ ରାତିରେ ନିଟ୍ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ସେଥିରେ ସେ ଅକୃତକାର୍ଯ୍ୟ ହୋଇଥିବା ଜାଣିପାରିଥିଲେ। ଏବଂ ରାତିରେ ହିଁ ନିଜ ପ୍ରକୋଷ୍ଠରେ ଆତ୍ମହତ୍ୟା କରିଥିବା ଜଣାପଡିଛି। ଭୋର ସମୟରେ ପରିବାର ଲୋକେ ଏନେଇ ଜାଣିବାକୁ ପାଇଥିଲେ। ପରେ ପୁଲିସକୁ ଖବର ଦେଇଥିଲେ। ମରଶରୀରକୁ ବଡ ମେଡିକାଲକୁ ଅଣାଯାଇଥିଲା ଏବଂ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କର ଶବ ବ୍ୟବଚ୍ଛେଦ କରାଯାଇଥିଲା। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ସୂଚନା ଯୋଗ୍ୟ ଯେ' ଏଥି ପୂର୍ବରୁ ସଂଞ୍ଜିତା ଥରେ ନିଟ ପ୍ରବେଶିକା ପରୀକ୍ଷା ଦେଇଥିଲେ ଏବଂ ଏହା ତାଙ୍କର ଦ୍ୱିତୀୟ ଉଦ୍ୟମ ଥିବା ପରିବାର ବର୍ଗଙ୍କ ପକ୍ଷରୁ ସୂଚନା ମିଳିଛି।

## ଅଚଳ ପଡ଼ିଛି ନଳକୂଅ

# ମଧ୍ୟାହ୍ନଭୋଜନ ଖାଇ ଥାଳି ଧୋଇବାକୁ ନାଳକୁ ଯାଉଛନ୍ତି ଛାତ୍ରଛାତ୍ରୀ





**ଭବାନୀପଟଣା, ୧୭ ।୭ (ସମିସ)**

କଳାହାଣ୍ଡି ଜିଲ୍ଲା ସଦର ମହକୁମାଠାରୁ ମାତ୍ର ୧୩କି.ମି. ଦୂରରେ ଅବସ୍ଥିତ ଶଗଡ଼ା ପଞ୍ଚାୟତର ଡାକିବଣ୍ଡେଲ ଗ୍ରାମ। ଏଠାରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ନଳକୂଅ ବର୍ଷ ବର୍ଷ ଧରି ଅଚଳ ହୋଇ ପଡ଼ିଛି। ଉକ୍ତ ବିଦ୍ୟାଳୟରେ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପ୍ରଥମରୁ ପଞ୍ଚମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ବିଶେଷଭାବେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରିବା ଠାରୁ ଆରମ୍ଭକରି ଖାଇବା ଥାଳି ଧୋଇବା ବଡ଼ ସମସ୍ୟାର କାରଣ ସାଜିଛି। କୁନିକୁନି ଛାତ୍ର ଛାତ୍ରୀ ଖାଇବାପରେ ନିକଟସ୍ଥ ନାଳକୁ ଯାଇ ଖାଇବା ଥାଳି ଧୋଇବାର ବିକଳ ଦୃଶ୍ୟ ନିତିଦିନିଆ ଘଟଣା ହୋଇସାରିଛି। ବର୍ତ୍ତମାନ ବର୍ଷା ଋତୁ ନଦୀନାଳକୁ ଯିବା ମାନେ ବିପଦକୁ ଡାକି ଆଣିବା ସଙ୍ଗେ ସମାନ। ମଧ୍ୟାହ୍ନଭୋଜନ ପାଇଁ କିଛି ଦୂରରେ ଥିବା ପାଇପ ଜଳ ବ୍ୟବହାର କରାଯାଉଥିବା କୁହାଯାଉଛି। କିନ୍ତୁ ବିଶୁଦ୍ଧ ପିଇବା ପାଣି ମିଳିବା କଷ୍ଟକର ହୋଇପଡ଼ିଛି। ବିଦ୍ୟାଳୟ ବାହାରକୁ ଯାଇ ଖାଇବା ଥାଳି ଧୋଇବା ସମୟରେ ପାଦ ଖସିଗଲେ ନିଶ୍ଚିତ ବିପଦକୁ ଏଡେଇ ଦେଇହେବ ନାହିଁ। ଦ୍ୱିତୀୟରେ ସରୀସୃପ ଭୟ ରହୁଛି। ଏ ସମ୍ପର୍କରେ ବାରମ୍ବାର ବିଦ୍ୟାଳୟ ତରଫରୁ ଜିଲ୍ଲାପାଳ, ବିଡ଼ିଓ, ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ ଗ୍ରାମ୍ୟ ଜଳ ଯୋଗାଣ ସଂସ୍ଥାକୁ ଜଣାଇ କୌଣସି ସୁଫଳ ମିଳିନାହିଁ। ଦୁଃଖର ବିଷୟ ଶିକ୍ଷା ବିଭାଗ ପକ୍ଷରୁ ଏହି ସମସ୍ୟାକୁ ଗୁରୁତର ସହିତ ବିଚାରକୁ ନିଆଯାଇ ନ ଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଗ୍ରାମସଭାରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଥି ପୂର୍ବରୁ ପାଇପ ଯୋଗେ ପାନୀୟଜଳ ଯୋଗାଇବାକୁ ଉଦ୍ୟମ ହୋଇଥିଲା। ବଡ଼ ସିନଟେକ୍ସ ଟାଙ୍କି ଅଛି କିନ୍ତୁ ଜଳ ଯୋଗାଣ ବ୍ୟବସ୍ଥା ସମ୍ଭବପର ହେଲା ନାହିଁ। ମାଟି ଧସିଯିବାରୁ ତାହା ଅଟକିଗଲା। ସଦର ବିଇଓ କହିଛନ୍ତି ଯେ କିଛି ଲୋକ ଆସି ସମସ୍ୟା ଜଣାଇଥିଲେ। ଗୋଟିଏ ବର୍ଷ ହେବ ଛାତ୍ର ଛାତ୍ରୀମାନେ ନଦୀ ନାଳକୁ ଭରସା କରୁଥିଲେ ସୁଦ୍ଧା କାହାର ଚିନ୍ତା ଚେତନା ନ ଥିବା ଦୁର୍ଭାଗ୍ୟର ବିଷୟ। ଜଳ ହିଁ ଜୀବନ କୁହାଯାଉଥିବା ବେଳେ ଜଳ କଷ୍ଟ ଛାତ୍ର ଛାତ୍ରୀଙ୍କୁ ନୟାନ୍ତ କଲାଣି। ଖୁବ୍‌ଶୀଘ୍ର ପାନୀୟ ଜଳ ବ୍ୟବସ୍ଥାରେ ନଳ କୂଅ ଯୋଗାଇବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଛାତ ଭୁଶୁଡ଼ି ବୃଦ୍ଧା ମୃତ



**ଖଡ଼ିଆଳ, ୧୭ ।୭ (ସମିସ):** ଘର ବାରଣ୍ଡା ଛାତ ପଡ଼ି ଜଣେ ବୃଦ୍ଧାଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ମୃତ ବୃଦ୍ଧା ଜଣକ ବଲାଙ୍ଗିର ଜିଲ୍ଲା ସିନ୍ଧେକେଲା ଥାନା ଅଧୀନ ଶ୍ରୀରାମ ଗ୍ରାମର ୮୩ ବର୍ଷୀୟା ବୃଦ୍ଧା ତିଖୁର ବଗର୍ତ୍ତି ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ଶ୍ରୀରାମ ଗ୍ରାମର ବୃଦ୍ଧା ତିଖୁର ବଗର୍ତ୍ତି ତାଙ୍କ ଘରର ବାରଣ୍ଡାରେ ବସିଥିବା ବେଳେ ବର୍ଷାରେ ସନ୍ତସନ୍ତିଆ ଥିବା ବାରଣ୍ଡା ଛାତ ହଠାତ୍ ଭୁଶୁଡ଼ି ପଡ଼ିଥିଲା। ଯାହାଫଳରେ ବୃଦ୍ଧା ତିଖୁର ବଗର୍ତ୍ତି ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବର୍ତ୍ତମାନ ବୃଦ୍ଧାଙ୍କ ମୃତଦେହ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ରଖାଯାଇଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

# ହାତୀ ଶାବକର ମୃତଦେହ ଉଦ୍ଧାର

**ଦେବଗଡ଼, ୧୭ ।୭(ସମିସ):** ଦେବଗଡ଼ ବନଖଣ୍ଡ ରିଆମାଳ ବନାଞ୍ଚଳ ରେଙ୍ଗାଲବେଡା ସେକ୍ସନ ଅଧୀନ ଟିଙ୍କବୀର ଗ୍ରାମ ନିକଟସ୍ଥ ରାଇଖୋଲ ଖେସଡ଼ା ଜଙ୍ଗଲରୁ ଏକ ଅସମୟରେ ଜନ୍ମିତ ହାତୀ ଶାବକର ମୃତଦେହ ଠାବ କରାଯାଇଛି। ରିଆମାଳ ବନାଞ୍ଚଳ ଅଧିକାରୀଙ୍କ ଠାରୁ ସୂଚନା ପାଇ ବନଖଣ୍ଡ ଅଧିକାରୀ ମିସ ରଶ୍ମାଜି, ଅତିରିକ୍ତ ବନ ସଂରକ୍ଷକ ସ୍ୱାଧୀନତା ସାହାଣି, ଅରୁଣ ବେହେରା, ରିଆମାଳ ବନାଞ୍ଚଳ ଅଧିକାରୀ ନିରଞ୍ଜନ ଧାରୁଆ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ହାତୀ ଶାବକର ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ କରାଇଥିବା ଜଣାପଡ଼ିଛି।

# ଅସହାୟ ପରିବାର ପାଇଁ ଦେବଦୂତ ସାଜିଲେ ଚାରବାହାଲର ଯୁବକ

**ଜୁନାଗଡ଼/ଚାରବାହାଲ, ୧୭ ।୭(ସମିସ):** ଜୁନାଗଡ଼ ବ୍ଲକ ଅଧୀନ ଚାରବାହାଲରେ ମାନବିକତାର ଏକ ନିଦର୍ଶନ ଦେଖିବାକୁ ମିଳିଛି। ବିହାର ରାଜ୍ୟର ଜଣେ ଫେରିବାଲା ଦୀର୍ଘ ବର୍ଷ ଧରି ଚାରବାହାଲରେ ରହି ଗାଁ ଗାଁ ବୁଲି ଶାଢ଼ି ବିକ୍ରୟ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ସହ ସ୍ତ୍ରୀ ଓ ପୁଅ ମଧ୍ୟ ଚାରବାହାଲରେ ବସବାସ କରୁଥିଲେ। ଶୁକ୍ରବାର ହଠାତ୍ ତାଙ୍କ ସ୍ତ୍ରୀଙ୍କ ଦେହାନ୍ତ ଘଟିବା ପରେ ବାପାପୁଅ ଗଭୀର ଶୋକରେ ଭାଙ୍ଗି ପଡ଼ିଥିଲେ। ଆର୍ଥିକ ଅସୁବିଧା ଓ ସହାୟତାର ଅଭାବରୁ ମୃତଦେହର ଶେଷକୃତ୍ୟ କିପରି ସମ୍ପନ୍ନ କରିବେ ସେନେଇ ସେମାନେ ଚିନ୍ତାରେ ପଡ଼ିଥିଲେ। ଏହି ଖବର ପାଇ ଚାରବାହାଲସ୍ଥିତ ମହାବୀର ଟ୍ରାନ୍ସପୋର୍ଟର କର୍ମକର୍ତ୍ତା ଚନ୍ଦ୍ରଶେଖର କର, ମହେନ୍ଦ୍ର ସିଂହ (ବବି), ନରେଶ କର ଓ ଗଗନ ପୂଜାରୀ ତୁରନ୍ତ ସହାୟତାର ହାତ ବଢ଼ାଇଥିଲେ। ସେମାନେ ମୃତଦେହକୁ ଚାରବାହାଲ ଶ୍ମଶାନକୁ ନେଇ ସମସ୍ତ ରୀତିନୀତି ଅନୁଯାୟୀ ଶେଷକୃତ୍ୟ ସମ୍ପନ୍ନ କରିବାରେ ସହଯୋଗ କରିଥିଲେ।

# ବୃନ୍ଦାବାହାଲ - ଜାରିଙ୍ଗ ମୁଖ୍ୟ ରାସ୍ତା ଶୋଚନୀୟ

## ଦୁର୍ଦ୍ଦଶା ଭୋଗୁଛନ୍ତି ଜନସାଧାରଣ

**ଧର୍ମଗଡ଼/ଗୋଲାମୁଣ୍ଡା, ୧୭ ।୭(ସମିସ):** ପୂର୍ତ୍ତ ବିଭାଗ ଅଧୀନରେ ଥିବା ବୃନ୍ଦାବାହାଲ - ଜାରିଙ୍ଗ ମୁଖ୍ୟ ରାସ୍ତାର ଅବସ୍ଥା ବେହାଲ ହୋଇପଡ଼ିଛି। ଦୀର୍ଘଦିନ ବିତି ଯାଇଥିଲେ ମଧ୍ୟ ଏହାର କୌଣସି ସ୍ଥାୟୀ ସମାଧାନ ହେଉନାହିଁ, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ତ୍ତ ବିଭାଗ ସବୁ ଜାଣିଶୁଣି ନିଦାବିଷ୍ଟ ସାଜିଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ବୃନ୍ଦାବାହାଲ ମୁଖ୍ୟ ଛକଠାରୁ ଗାଁ ପର୍ଯ୍ୟନ୍ତ ରାସ୍ତା ସାରା କେବଳ ଖାଲଖମା ଭରି ରହିଛି। ବିଭାଗ ପକ୍ଷରୁ କେବଳ ଦେଖେଇବା ପାଇଁ ଆଖିକୁ ସୁନ୍ଦର ଦିଶୁଥିବା ପ୍ରାୟ ୨୦୦ ମିଟର ରାସ୍ତା ନିର୍ମାଣ କରାଯାଇଛି। କିନ୍ତୁ ବାକି ପ୍ରାୟ ୧ କିଲୋମିଟର ରାସ୍ତା ସମ୍ପୂର୍ଣ୍ଣ ରୂପେ ମରଣଯନ୍ତା ପାଲଟିଛି। ବର୍ତ୍ତମାନ ବର୍ଷା ଋତୁ ଚାଲିଥିବାରୁ ଏହି ବଡ଼ ବଡ଼ ଖାଲଗୁଡ଼ିକରେ ବର୍ଷା ପାଣିଜମି ରହି ଲହଡ଼ି ମାରୁଛି। ଫଳରେ ସ୍କୁଲ, କଲେଜ ଯାଉଥିବା ଛାତ୍ରଛାତ୍ରୀ ଓ ପଥଚାରୀମାନେ ଯାତାୟାତ ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଖରାପ ରାସ୍ତା ଯୋଗୁଁ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ପ୍ରକାଶଥାଉ କି, ବୃନ୍ଦାବାହାଲ ଛକ ଏକ ପ୍ରମୁଖ ମୁଖ୍ୟ ଛକ ଅଟେ। ଏହି ରାସ୍ତାଉପରେ ପଡ଼ୋଶୀ ଗ୍ରାମପଞ୍ଚାୟତ ଧାମନପୁର, ଫରଙ୍ଗ, ଦଶପୁର, ଚିଚିଆ ଓ ଟେମରି ସମେତ ଅନେକ ପଞ୍ଚାୟତର ହଜାର ହଜାର ଲୋକ ନିର୍ଭର କରିଥାନ୍ତି। ଖରାପ ରାସ୍ତା ଯୋଗୁଁ ସାଧାରଣ ଲୋକେ ଗଭୀର ଚିନ୍ତାରେ ଗତି କରୁଛନ୍ତି। ମିଳିଥିବା ସୂଚନା ମୁତାବକ, ଏହି ରାସ୍ତା ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ଅର୍ଥ ମଧ୍ୟ ଅନୁମୋଦନ ହୋଇସାରିଛି। ମାତ୍ର ଉକ୍ତ ରାସ୍ତା ଜାଗାଟି କିଛି ଜଣ ବ୍ୟକ୍ତିଙ୍କ ନିଜସ୍ୱ ନାମରେ ଥିବା ହେତୁ ସରକାରୀ କାର୍ଯ୍ୟ ଆଗେଇ ପାରୁନାହିଁ। ଏହି ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ ଜମି ମାଲିକମାନଙ୍କୁ ତୁରନ୍ତ ଆର୍ଥିକ ସହାୟତା ରାଶି (କ୍ଷତିପୂରଣ) ପ୍ରଦାନ କରି ରାସ୍ତା କାର୍ଯ୍ୟ ଆଗେଇବା ଜରୁରୀ ହୋଇପଡ଼ିଛି। ଗ୍ରାମବାସୀ ଏନେଇ ଅନେକଥର ପୂର୍ତ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ପ୍ରଶାସନ ଓ ପୂର୍ତ୍ତ ବିଭାଗ ତୁରନ୍ତ ଏଥିପ୍ରତି ଧ୍ୟାନ ଦେଇ ଜମି ବିବାଦର ସମାଧାନ ପୂର୍ବକ ରାସ୍ତା କାମ ଶେଷ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।



# ଚୌହାନ୍ ଗଣା ସମାଜର ବ୍ଲକସ୍ତରୀୟ ପଦାଧିକାରୀ ନିର୍ବାଚନ

**ନୂଆପଡ଼ା, ୧୭ ।୭(ସମିସ) :** ନୂଆପଡ଼ା ବ୍ଲକ ଚୌହାନ୍ ଗଣା ସମାଜର ବ୍ଲକସ୍ତରୀୟ ପଦାଧିକାରୀ ନିର୍ବାଚନ ସମାପନ ହୋଇଛି। ଅନୁଷ୍ଠିତ ଏହି ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ, ଗଣତାନ୍ତ୍ରିକ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିଲା। ନିର୍ବାଚନ ପରିଚାଳନାର ଦାୟିତ୍ୱ ଜିଲ୍ଲା ଉପସଭାପତି ରାଧେ ଶ୍ୟାମ ବାଗ, ଅମର ସିଂହ ମହାନନ୍ଦ, ରାମ ଚରଣ ତାଣ୍ଡି ଏବଂ ଭୋଗ ସିଂ ବାଗ ସଫଳତାର ସହ ତୁଲାଇଥିଲେ। ସେମାନଙ୍କ ନେତୃତ୍ୱରେ ସମଗ୍ର ନିର୍ବାଚନ ପ୍ରକ୍ରିୟା ସୁଚାରୁ ଭାବେ ସମ୍ପନ୍ନ ହୋଇଥିଲା। ନିର୍ବାଚନ ଫଳାଫଳ ଅନୁଯାୟୀ ମାଧୋ ଲାଲ ଚୌହାନ ବ୍ଲକ ସଭାପତି, ରାଜୁ ଚୌହାନ ଉପସଭାପତି, ହେମୁ ନିଆଲ ସାଧାରଣ ସମ୍ପାଦକ ଏବଂ ଗିରିଧାରୀ ବାଗ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ନବନିର୍ବାଚିତ ପଦାଧିକାରୀମାନଙ୍କୁ ସମାଜର ସଦସ୍ୟମାନେ ଶୁଭେଚ୍ଛା ଜଣାଇବା ସହ ସମାଜର ସର୍ବାଙ୍ଗୀନ ବିକାଶ ଦିଗରେ ସେମାନଙ୍କ ସଫଳ କାର୍ଯ୍ୟକାଳ କାମନା କରିଛନ୍ତି।

# ନିଟ୍ ୟୁଜି ପରୀକ୍ଷାରେ ସ୍ୱୟଂ ସ୍ୱାଗତ କରଙ୍କ ସଫଳତା

**ଭବାନୀପାଟଣା, ୧୭ ।୭(ସମିସ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନର୍ଲାର ଛାତ୍ର ଶ୍ରୀମାନ ସ୍ୱୟଂ ସ୍ୱାଗତ କର ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୧୧୨୨ ସ୍ଥାନ ଅଧିକାର କରି ନର୍ଲା ପାଇଁ ଗୌରବ ଆଣି ଦେଇଛନ୍ତି। ଏହାସହ ସେ ଅଣୁଶକ୍ତି ବିଭାଗ, ଭାରତ ସରକାରଙ୍କ ଅଧୀନରେ ପରିଚାଳିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ନାଇଜର)ର ସ୍ନାତକ ପ୍ରବେଶିକା ପରୀକ୍ଷା୨୦୨୬ରେ ସର୍ବଭାରତୀୟ ସ୍ତରରେ ୧୩ତମ ସ୍ଥାନ ଓ ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ପ୍ରତିଷ୍ଠାନ ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୧୮୬ ତମ ସ୍ଥାନ ଅଧିକାର କରି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସେହିପରି ଜାତୀୟ ପ୍ରଦ୍ୟୋଗିକ ସଂସ୍ଥା (ନିଟ୍) ପ୍ରବେଶିକା ପରୀକ୍ଷାରେ ମଧ୍ୟ କୃତିତ୍ୱ ପ୍ରଦର୍ଶନ କରିଛନ୍ତି। ଏହା ପୂର୍ବରୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସସି) ଦ୍ୱାରା ଆୟୋଜିତ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୯୫.୬% ଅଙ୍କ ରଖି କୃତିତ୍ୱ ଅର୍ଜନ କରିଥିଲେ। ବର୍ତ୍ତମାନ ସେ ଆଇକନିକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଭୁବନେଶ୍ୱର ରେ ଅଧ୍ୟୟନ ରତ।ସେହିଭଳି ୫୬୯ ମାର୍କ ରଖି ସୁବ୍ରତ ସାହାଣୀ କଳାହାଣ୍ଡି ଜିଲ୍ଲା ପାଇଁ ଗର୍ବ ଆଣିଛନ୍ତି। ଏହି ଦୁଇ ଜଣ ଛାତ୍ର ମଧ୍ୟରୁ ଜଣେ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ନର୍ଲାରୋଡ ଜୟ ଦୁର୍ଗା ଉଚ୍ଚ ବିଦ୍ୟାଳୟର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର କରଙ୍କ ପୁତ୍ର ସ୍ୱୟଂ ସ୍ୱାଗତ କର ହୋଇଥିବାବେଳେ ଅନ୍ୟଜଣେ ଲାଞ୍ଜିଗଡ଼ ବ୍ଲକ ଲକଟାଖମନ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶରତ ଚନ୍ଦ୍ର ସାହାଣୀଙ୍କ ପୁତ୍ର ସୁବ୍ରତ ସାହାଣୀ ବୋଲି ଜଣାପଡ଼ିଛି। ଏହି ଖବର ପ୍ରସାରଣ ପରେ ୨ ଜଣ ଛାତ୍ରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବା ସହ ନର୍ଲା ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି।



# ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡା.ଦେବେନ୍ଦ୍ର ପ୍ରଧାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**ଦେବଗଡ଼, ୧୭ ।୭(ସମିସ):** ଦେବଗଡ଼ ସର୍କିଟ୍‌ହାଉସ ନିକଟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପୂର୍ବତନ ସାଂସଦ ସ୍ୱର୍ଗତ ଡା.ଦେବେନ୍ଦ୍ର ପ୍ରଧାନଙ୍କ ଜନ୍ମ ଦିବସରେ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ କବୀନ୍ଦ୍ର ସାହୁ ଯୋଗ ଦେଇ ପ୍ରତିମୂର୍ତ୍ତିର ଅନାବରଣ କରିଥିଲେ। ଡାକ୍ତର ପ୍ରଧାନଙ୍କ କାର୍ଯ୍ୟକାଳରେ ଦେବଗଡ଼ ଜିଲ୍ଲା ଦେଇ ନୂତନ ଜାତୀୟ ରାଜପଥ ସହ ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇଥିବା ଦୃଷ୍ଟିରୁ ଦେବଗଡ଼ ଜିଲ୍ଲା ପ୍ରତି ତାଙ୍କ ଅବଦାନକୁ ଜନମାନସରେ ଉଦ୍‌ଜୀବିତ ରଖିବା ଉଦ୍ଦେଶ୍ୟରେ ତାଙ୍କ ଏହି ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ କିଶୋର ଚନ୍ଦ୍ର ମୁଣ୍ଡ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ଜିଲ୍ଲା ବିଜେପି ସଭାପତି ଅରୁଣ ସାହୁ, ଭାରପ୍ରାପ୍ତ ପୌରାଧ୍ୟକ୍ଷ ପ୍ରଜିତ ଭୋଜଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ନୂତନ ପରିଚାଳନା କମିଟି

**ଖଡ଼ିଆଳ, ୧୭ ।୭ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ପିଏମ୍ ଶ୍ରୀ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ନୂତନ ପରିଚାଳନା କମିଟି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ଯୋଷୀଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଯାଇଛି। ବୈଠକରେ ସଦସ୍ୟମାନଙ୍କ ସର୍ବସମ୍ମତି କ୍ରମେ ପରିଚାଳନା ପରିଚାଳନା କମିଟିର ଅଧ୍ୟକ୍ଷ ଭାବରେ ଲବରଣା, ଉପ ଅଧ୍ୟକ୍ଷା ଭାବରେ ସେହେନାଜ୍ ବେଗମ୍, ତଫସିଲଭୁକ୍ତ ଜାତି ଶ୍ରେଣୀରୁ ତୁଲାରାମ ସତନମୀ, ତଫସିଲଭୁକ୍ତ ଜନଜାତିରୁ ମାଣିକ୍ୟ ଶବର, ବିଶେଷ ଆବଶ୍ୟକତା ଥିବା ଶିକ୍ଷାର୍ଥୀଙ୍କ ଅଭିଭାବକରୁ ବାସନ୍ତୀ ବିଭାର ଏବଂ ଅନ୍ୟମାନଙ୍କ ମଧ୍ୟରୁ ନଟରାଜ ଠାକୁର, ସଙ୍ଗୀତା ବିଭାର, ଧନେଶ୍ୱର କୈବର୍ତ୍ତ, ଯଶୋଦା ଧୀବର, ଲଇବନି ସୁନା, ସୁମିତ୍ରା ଜଗତ, ମଞ୍ଜୁଳା ଶବର, ବଲ୍ଲଭ ପଟେଲ ଏବଂ କାଉନସିଲର ରେବତୀ ଶବର, ଅଙ୍ଗନବାଡି କର୍ମୀ ହେମଲତା ପଟେଲ, ଆଶାକର୍ମୀ ଗୀତାଞ୍ଜଳି ହଂସ, ବରିଷ୍ଠ ଶିକ୍ଷୟିତ୍ରୀ ରାଜଶ୍ରୀ ଦଣ୍ଡସେନା, ସଦସ୍ୟ ସଚିବ ଭାବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ଯୋଷୀ ପ୍ରମୁଖ ମନୋନୀତ ହୋଇଛନ୍ତି। ସେହିପରି ବିଦ୍ୟାଳୟ ଶିକ୍ଷାଗତ କମିଟିରେ ଶିକ୍ଷାବିତ୍ ସଦସ୍ୟ ଭାବରେ ସତୀଶ କୁମାର ପଟ୍ଟନାୟକ, ସଦସ୍ୟ ପ୍ରତିନିଧି ଭାବରେ ନିକଟସ୍ଥ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଗଙ୍ଗାଧର ଭୋଇ, ସଦସ୍ୟ ସମନ୍ୱୟ ଭାବରେ ସିଆରସିସି ଅରୁଣ କୁମାର ନାଗ, ବିଦ୍ୟାଳୟ ଗୃହ ନିର୍ମାଣ କମିଟିର ବୈଷୟିକ ପରାମର୍ଶଦାତା ଭାବରେ କୈଳାଶ ଚନ୍ଦ୍ର ମେହେର ମନୋନୀତ ହୋଇଛନ୍ତି। ବିଦ୍ୟାଳୟର ସହକାରୀ ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ନୀଳିମା ରାଣୀ ସାଗର, କର୍ମଚାରୀ ଦୀପକ ରଞ୍ଜନ ଯୋଷୀ, ଆଶିଷ କୁମାର ପଟ୍ଟନାୟକ, ଦମୟନ୍ତୀ ବିଶି ପ୍ରମୁଖ ଉପସ୍ଥିତ ଥିଲେ।



# ମେଡିକାଲ ପ୍ରବେଶିକା ପରୀକ୍ଷାରେ ଆର୍ଯ୍ୟଶ୍ଳୋକଙ୍କ ସଫଳତା

**ଖଡ଼ିଆଳ, ୧୭ ।୭(ସମିସ):** ଜାତୀୟସ୍ତରୀୟ ମେଡିକାଲ ପ୍ରବେଶିକା ପରୀକ୍ଷା (ନିଟ୍) ରେ ସଫଳତା ହାସଲ କରି ଖଡ଼ିଆଳ ଅଞ୍ଚଳ ତଥା ନିଜ ପରିବାର ପାଇଁ ଗୌରବ ଆଣିଛନ୍ତି ଖଡ଼ିଆଳ ବ୍ଲକ ବରଗାଁ ଗ୍ରାମର ମେଧାବୀ ଛାତ୍ର ଆର୍ଯ୍ୟଶ୍ଳୋକ ମୁଣ୍ଡ। ସେ ଚଳିତ ପରୀକ୍ଷାର ଫଳାଫଳ ଅନୁଯାୟୀ ମୋଟ ୫୯୫ ମାର୍କ ରଖି ସର୍ବଭାରତୀୟ ସ୍ତରରେ ୧୧୭୨୯ ରାଙ୍କ ହାସଲ କରିଛନ୍ତି। ଆର୍ଯ୍ୟ ଶ୍ଳୋକ କେବଳ ମେଡିକାଲ ପାଇଁ ଉଦ୍ଦିଷ୍ଟ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇନାହାନ୍ତି, ବରଂ ଜାତୀୟସ୍ତରୀୟ ଯୁଗ୍ମ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ଜେଇଇ (ମେନ)ରେ ମଧ୍ୟ ଚମତ୍କାର ପ୍ରଦର୍ଶନ କରି ୯୮.୬୧ ପ୍ରତିଶତ ନମ୍ବର ରଖିଛନ୍ତି। ଆର୍ଯ୍ୟଶ୍ଳୋକ ଜିଲ୍ଲାର ଖରିଆର ରୋଡ୍ ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କରିଥିଲେ। ଏହାପରେ ବଲାଙ୍ଗିର ପବ୍ଲିକ ସ୍କୁଲରୁ ନବମ ଓ ଦଶମ ଶ୍ରେଣୀ ପଢ଼ି ସେ ମାଟ୍ରିକ ପରୀକ୍ଷାରେ ଶତକଡା ୯୧.୫ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଏହାପରେ ସେ ବଲାଙ୍ଗିର ସ୍ଥିତ ଯୁବୋଦୟରୁ ୯୨%ମାର୍କ ସହ ଦ୍ୱାଦଶ ଶ୍ରେଣୀ (+୨ ବିଜ୍ଞାନ) ପାସ୍ କରିଥିଲେ। ନିଜର ଏହି ଅଭୁତପୂର୍ବ ସଫଳତା ପାଇଁ ଆର୍ଯ୍ୟ ଶ୍ଳୋକ ନିଜର ପିତାମାତା, ଗୁରୁଜନ ଏବଂ ଯୁବୋଦୟ ବଲାଙ୍ଗୀର ଶିକ୍ଷାନୁଷ୍ଠାନର ଅଧ୍ୟାପକ /ଅଧ୍ୟାପିକାମାନଙ୍କୁ ଶ୍ରେୟ ଦେଇଛନ୍ତି। ନିୟମିତ ଅଧ୍ୟୟନ, ସଠିକ୍ ମାର୍ଗଦର୍ଶନ ଏବଂ ନିଷ୍ଠାପର ଉଦ୍ୟମ ହିଁ ତାଙ୍କୁ ଆଜି ଏହି ଶୀର୍ଷରେ ପହଞ୍ଚାଇ ପାରିଛି ବୋଲି ସେ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ସେ ଜଣେ ଦକ୍ଷ ଡାକ୍ତର ହୋଇ ଦେଶ ଓ ସମାଜର ସେବା କରିବାକୁ ଲକ୍ଷ୍ୟ ରଖିଛନ୍ତି।



# ଜିଲ୍ଲାବ୍ୟାପୀ ଚାରା ରୋପଣ


**ନୂଆପଡ଼ା, ୧୭ ।୭(ସମିସ):** ନୂଆପଡ଼ା ଜିଲ୍ଲା ମଦର ଟେରେସା ସେବା ସଂଗଠନ ନୂଆପଡ଼ା ଓ ବାନର ସେନା ସାମାଜିକ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ପବିତ୍ର ରଥଯାତ୍ରା ଦିନଠାରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାକୁ ସବୁଜ ବଜାନୀ କରିବା ସହ ପରିବେଶ ସୁରକ୍ଷା କ୍ଷେତ୍ରରେ ଆଗେଇ ଆସି ଜିଲ୍ଲାରେ ବିଭିନ୍ନ ବର୍ଗର ୧୦ ହଜାର ଚାରା ରୋପଣ ପାଇଁ ସଂକଳ୍ପ ନେଇ କାର୍ଯ୍ୟ ଜାରି ରଖିଛନ୍ତି। ଜିଲ୍ଲାର ୫ଟି ବ୍ଲକ ନୂଆପଡ଼ା, କୋମନା, ଖଡ଼ିଆଳ, ବୋଡେନ, ସିନାପାଲି ସମେତ ୩ଟି ଏନଏସି ଖରିଆର ରୋଡ, ଖଡ଼ିଆଳ, ନୂଆପଡ଼ା ଓ ୧୩୧ଟି ପଞ୍ଚାୟତରେ ଚାରା ରୋପଣ କାର୍ଯ୍ୟ ଚାଲିଛି। ଏହି ଚାରା ରୋପଣ କାର୍ଯ୍ୟକ୍ରମରେ ମଦର ଟେରେସା ଓ ବାନର ସେନାର କର୍ମକର୍ତ୍ତା ପଞ୍ଚାୟତ ସଭାପତି, ଉପ ସଭାପତି, ମହିଳା ଫୋରମର ମହିଳା ମାନେ ଭାଗ ନେଇଛନ୍ତି। ଜିଲ୍ଲାବ୍ୟାପୀ ଚାଲିଥିବା ଚାରା ରୋପଣରେ ନିମ୍ବ, କରଞ୍ଜ, ବର, ଓସ୍ତ, ଜାମୁ, ଆମ୍ବ, ପିଜୁଳି, ସଜନା, ପଣସ, ଲେମ୍ବୁ, ଅଁଳା, କାଜୁ, ସାବୁନ ସମେତ ଅଞ୍ଚଳରେ ପରିଚିତ ଅର୍ଜୁନ(ଖ), ସାହାଜ, ବିଜା, କଦମ୍ବ ଭଳି ବିଭିନ୍ନ ପ୍ରକାର ଚାରା ରୋପଣ କରା ଯାଉଛି। ଏହା ସହିତ ପରିବେଶ ସୁରକ୍ଷା ପାଇଁ ସଚେତନାତା ବାର୍ତ୍ତା ଦେଇ ଘରକୁ ଘର ଚାରା ବଣ୍ଟନ କରି ବାଡ଼ି ବଗିଚା, ଜମିହିଡ, ଖୋଲା ସ୍ଥାନ ମାନଙ୍କରେ ଚାରା ଲଗାଇବା ପାଇଁ ଅନୁରୋଧ କରାଯାଉଛି। ଏହି କାର୍ଯ୍ୟକ୍ରମକୁ ଲୋକେ ଗ୍ରହଣ କରି ଲଘୁଚାପ ଜନିତ ଲଗାଣ ବର୍ଷାରେ ମଧ୍ୟ ଚାରା ରୋପଣ ପାଇଁ ଆଗେଇ ଆସୁଛନ୍ତି। ଚାରା ଲଗାଇ ଏହାର ଯତ୍ନ ନେବା ପାଇଁ ମଧ୍ୟ ଶପଥ ନେଉଛନ୍ତି। ଉମାକାନ୍ତ ଶଗରିଆ, ତେଜୁରାମ ନାଏକ, ସତ୍ୟବ୍ରତ ସାମଲ, ଫକିର ରାଉତ, ଯଶୋବନ୍ତୀ ନାଏକ, ନଳିନୀ ମାଝୀ, ମମତା ପ୍ରଧାନ ପ୍ରମୁଖ ଚାରା ଯୋଗାଇବାରେ ସାହାର୍ଯ୍ୟ କରୁଛନ୍ତି। ଆଗକୁ ମଧ୍ୟ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଅନୁଷ୍ଠାନ ସମ୍ପାଦକ ଶେଷଦେବ ପ୍ରଧାନୀ କହିଛନ୍ତି। ଜିଲ୍ଲା ବ୍ୟାପୀ ଚାରା ରୋପଣ କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।



# ବିଶ୍ୱନାଥପୁର ରଥଯାତ୍ରା; ସାମିଲ ହେଲେ ହଜାର ହଜାର ଭକ୍ତ

**ଲାଞ୍ଜିଗଡ଼, ୧୭ ।୭ (ସମିସ)**

ମହାପ୍ରଭୁଙ୍କ କୃପାରୁ ଇତିହାସ ସୃଷ୍ଟି ହୋଇଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ବିଶ୍ୱନାଥପୁରରେ। ପ୍ରଥମ ଥର ପାଇଁ ଶ୍ରୀ ଗୁଣ୍ଡିଚା ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଯାଇଛି। ପ୍ରଥମ ବର୍ଷରେ ହିଁ ଏତେବଡ଼ ଆୟୋଜନ ହେବା ଅଞ୍ଚଳବାସୀଙ୍କ ପାଇଁ ଗର୍ବର ବିଷୟ ପାଲଟିଛି। ରଥଯାତ୍ରା ଦିନ ସକାଳୁ ହିଁ ବିଶ୍ୱନାଥପୁର ଓ ଆଖପାଖ ଗାଁ ଉତ୍ସବ ମୁଖର ହୋଇଉଠିଥିଲା। କଳାହାଣ୍ଡି ସହ ରାୟଗଡ଼ା ଓ କନ୍ଧମାଳ ଜିଲ୍ଲାର ଦୂର ଦୂରାନ୍ତରୁ ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ପହଞ୍ଚିଥିଲେ। ରଥ ଟଣା ବେଳେ 'ଜୟ ଜଗନ୍ନାଥ, ଜୟ ବଳଭଦ୍ର, ଜୟ ସୁଭଦ୍ରା' ନାମରେ ଆକାଶ ବାତାସ କମ୍ପି ଉଠିଥିଲା। "ସବୁଠାରୁ ବଡ଼ ଆକର୍ଷଣ ଥିଲା ନିଜ ପାରମ୍ପରିକ ବେଶଭୂଷା ଓ ଅସ୍ତ୍ରଶସ୍ତ୍ର ଧାରଣ କରି ସେମାନେ ରଥର ଦଉଡ଼ି ଟାଣିଥିଲେ। ଏହି ଐତିହାସିକ ରଥଯାତ୍ରାକୁ ଶ୍ରୀ ଜଗନ୍ନାଥ ସେବା ସମିତି ତରଫରୁ ବହୁତ ସୁଚାରୁ ରୂପେ ପରିଚାଳନା କରାଯାଇଥିଲା। ଏଥିରେ ବିଭିନ୍ନ ସ୍ୱେଚ୍ଛାସେବୀ ଦିନ ସାରା ପାଣି, ପ୍ରସାଦ ଓ ଭକ୍ତଙ୍କ ସେବାରେ ଲାଗିଥିଲେ। ବିଶ୍ୱନାଥପୁର ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଟ୍ରାଫିକ୍ ଠାରୁ ଆରମ୍ଭ କରି ଆଇନ ଶୃଙ୍ଖଳା ପର୍ଯ୍ୟନ୍ତ ସବୁକିଛି ଶାନ୍ତିରେ ପରିଚାଳିତ ହୋଇଥିଲା। ଏଥିରେ ଜୟ ଜଗନ୍ନାଥ ଘଣ୍ଟଦଳ ଓ କଟପ୍ପା ନୃତ୍ୟ ଆକର୍ଷଣୀୟ ହୋଇଥିଲା। କେବଳ ବିଶ୍ୱନାଥପୁର ନୁହେଁ, ଲାଞ୍ଜିଗଡ଼ ବ୍ଲକର ପ୍ରତିଟି ସ୍ଥାନରେ ରଥଯାତ୍ରା ପାଳିତ ହୋଇଛି। ଲାଞ୍ଜିଗଡ଼, ଲାଞ୍ଜିଗଡ଼ରୋଡ, ରାମଚନ୍ଦ୍ରପୁର, ଗନ୍ଧରବାରୁ ଓ ମୂଷାନାଳରେ ମଧ୍ୟ ହଜାର ହଜାର ଭକ୍ତଙ୍କ ଉପସ୍ଥିତିରେ ରଥ ଟଣା ହୋଇଛି। ବିଶ୍ୱନାଥପୁରରେ ଗାଁ ଗୌଡିଆ ପ୍ରଦୀପ କୁମାର ଘଡେଇ ଛେରାପହଁରା କରିଥିବା ବେଳେ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ପାରମ୍ପରିକ ନୀତିକାନ୍ତି ପାଳନ କରାଯାଇଛି। ତେବେ ବିଶ୍ୱନାଥପୁରରେ ପ୍ରଥମ ବର୍ଷରେ ଏତେ ବଡ଼ ସଫଳତା ପରେ ବିଶ୍ୱନାଥପୁରବାସୀ ଆଗାମୀ ବର୍ଷ ଆହୁରି ବୃହତ ସ୍ତରରେ ରଥଯାତ୍ରା ଆୟୋଜନ କରିବାକୁ ଆଶା ରଖିଛନ୍ତି।



# ସରକାରୀ ବାସଭବନ ଆବଣ୍ଟନରେ ଅନିୟମିତତା

## ନିୟମିତଙ୍କୁ ମିଳୁନି, ମାଡ଼ିବସିଛନ୍ତି ଚୁକ୍ତିଭିତ୍ତିକ କର୍ମଚାରୀ

**ସମ୍ବଲପୁର, ୧୭।୭ (ସମିସ):** ସମ୍ବଲପୁର ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟରେ ସରକାରୀ ବାସଭବନ (କ୍ୱାର୍ଟର୍ସ) ଆବଣ୍ଟନକୁ ନେଇ ଏକ ବଡ଼ଧରଣର ଦୁର୍ନୀତି ଓ ସରକାରୀ ପାଣ୍ଠିର ଅପବ୍ୟବହାର ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି। ସୂଚନା ଅଧିକାର (ଆର.ଟି.ଆଇ.) ଆଇନ ବଳରେ ମିଳିଥିବା ସାମ୍ବାଦିକ ତଥ୍ୟ ଆଧାରରେ ଏହି ଦୁର୍ନୀତିର ପେଡ଼ି ଖୋଲିଛି। ଏ ନେଇ ପୂର୍ବତନ ସରପଞ୍ଚ ତଥା ଅଲ୍ ଇଣ୍ଡିଆ କଂଗ୍ରେସ କମିଟି ମାନବାଧିକାର ବିଭାଗର ଜିଲ୍ଲା ସଭାପତି ସଞ୍ଜୟ ଛୁରିଆ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଅଫିସର ପଦବୀ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର 'ଏନ-ମାର୍କ' କୋଠାଘର ଖାଲି ଥିବା ସତ୍ତ୍ୱେ ଜଣେ ଚୁକ୍ତିଭିତ୍ତିକ ଡାଟା ଅପରେଟରଙ୍କୁ ବିଗତ ୧୫-୧୬ ବର୍ଷ ହେବ ସେଠାରେ ବେଆଇନ ଭାବେ ରହିବାକୁ ସୁଯୋଗ ଦିଆଯାଇଛି। କେଉଁ ସ୍ୱାର୍ଥରେ ଓ କାହା ଛତ୍ରଛାୟାରେ ଉକ୍ତ କର୍ମଚାରୀଜଣକ ଦୀର୍ଘବର୍ଷ ଧରି ସରକାରୀ ବାସଭବନ ମାଡ଼ି ବସିଛନ୍ତି ଏବଂ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପଟେ କାର୍ଯ୍ୟାଳୟର ସାଧାରଣ ନିୟମିତ କର୍ମଚାରୀମାନେ ବାସଭବନଟିଏ ପାଇବାକୁ ହଇରାଣହରକତ ହେଉଥିବା ବେଳେ ଜଣେ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ଏଭଳି ଅହେତୁକ ଅନୁକମ୍ପା ପ୍ରଶାସନର ମନମୁଖୀ କାର୍ଯ୍ୟକଳାପକୁ ପଦାରେ ପକାଇଛି।



ସେହିପରି ବର୍ତ୍ତମାନର ଜିଲ୍ଲା ମଙ୍ଗଳ ଅଧିକାରୀ ପୂର୍ବରୁ ସଦର ଅତିରିକ୍ତ ଦାୟିତ୍ୱରେ ଥିବା ସମୟରେ ନିଜ ପାଇଁ ନିର୍ଦ୍ଧାରିତ ସରକାରୀ କୋଠାରେ ନ ରହି, ବେନିୟମ ଭାବେ ଘରଭଡ଼ା ଭତ୍ତା ଉଠାଇ ସରକାରୀ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି। ଯଦି ଅତିରିକ୍ତ ମଙ୍ଗଳ ଅଧିକାରୀଙ୍କ ନାମରେ ଘର ଦିଆଯାଇଛି, ତେବେ ସେ ସେଠାରେ ନ ରହି କିଭଳି ସରକାରୀ ଭଡ଼ା ଅନୁଦାନ ନେଉଥିଲେ ବୋଲି ଶ୍ରୀ ଛୁରିଆ ପ୍ରଶ୍ନ କରିଛନ୍ତି। ବିଗତ ୧୫/୧୬ ବର୍ଷ ଧରି ବେଆଇନ ଭାବେ ରହୁଥିବା ଉକ୍ତ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ଠାରୁ ସରକାରୀ ଘରଭଡ଼ା ବାବଦ ସମସ୍ତ ବକେୟା ଟଙ୍କା ତୁରନ୍ତ ଆଦାୟ କରାଯିବା ସହ ଉକ୍ତ ସ୍ୱତନ୍ତ୍ର କୋଠାରେ ଜଣେ ଯୋଗ୍ୟ ନିୟମିତ କର୍ମଚାରୀଙ୍କୁ ଘର ଆବଣ୍ଟନ କରାଯାଉ ବୋଲି ଦାବି ହୋଇଛି। ଏହି ଅଭିଯୋଗ ପତ୍ରର ନକଲକୁ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି, ପଛୁଆ ଜାତି କଲ୍ୟାଣ ବିଭାଗର ସଚିବ ଏବଂ ଓଡ଼ିଶା ମାନବାଧିକାର କମିଶନ ଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରେରଣ କରାଯାଇଛି।

### ମହାନଗର ନିଗମରେ ଦୁର୍ନୀତିର ଗନ୍ଧ!

# ଷଷ୍ଠୀରେ ପିଚୁ ହେଉଛି; ରଥରେ ଉଠିଯାଉଛି

**ସମ୍ବଲପୁର, ୧୭।୭ (ସମିସ)**

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଶୀତଳଷଷ୍ଠୀ ସମୟରେ ରାସ୍ତା ପିଚୁ କରାଯାଉଛି ଏବଂ ରଥଯାତ୍ରା ପୂର୍ବରୁ ତାହା ଉଠିଯାଉଛି। ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ମହାନଗର ନିଗମ ପକ୍ଷରୁ ବିଶ୍ୱ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ସମୟରେ ଶୋଭାଯାତ୍ରା ରୁଟ୍ ସହିତ ଅନ୍ୟ ରାସ୍ତାଘାଟ ପିଚୁ କରାଯାଇଥାଏ। ପିଚୁକରଣ କାହିଁକି ମାତ୍ର

### ରାସ୍ତାରେ ଗର୍ତ୍ତ ଯୋଗୁଁ ଭାଙ୍ଗିଲା ସମ୍ବଲପୁରର 'ରଥଯାତ୍ରା ପରମ୍ପରା'

ବର୍ଷେ ରହୁଛି, ଦୀର୍ଘସ୍ଥାୟୀ ହେଉନାହିଁ ବୋଲି ପ୍ରଶ୍ନ ଉଠୁଛି। ପୁଣି ଗତବର୍ଷ ୨୦୨୫ରେ ମଧ ଏହିଭଳି ଶୀତଳଷଷ୍ଠୀ ଯାତ୍ରା ସମୟରେ ପିଚୁ କରାଯାଇଥିବାବେଳେ ରଥଯାତ୍ରା ବେଳକୁ ତାହା ଉଠିଯାଇଥିଲା। ମହାନଗର ନିଗମର ଠିକାଦାର ପୋଷା ନୀତି ସହ ଦୁର୍ନୀତିର ଗନ୍ଧ ବାରି ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଚଳିତବର୍ଷ ବଡ଼ସଡ଼କର ଜଗନ୍ନାଥଙ୍କ ରଥ ଯିବା ରାସ୍ତାରେ ଗର୍ତ୍ତ ଓ ରାସ୍ତା ଦବିଯିବା ଯୋଗୁଁ ସମ୍ବଲପୁରରର ରଥଯାତ୍ରା ପରମ୍ପରାକୁ ଏକ ବଡ଼ ଧକ୍କା ଲାଗିଛି।

ରଥଗୁଡ଼ିକ ମ୍ୟୁନିସିପାଲିଟି ଛକ ପର୍ଯ୍ୟନ୍ତ ଯାଇ ନ ପାରି ହାଟପଡ଼ା ପର୍ଯ୍ୟନ୍ତ ଯାଇ ଫେରିଆସିଛନ୍ତି। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ସମ୍ବଲପୁରର ବଡ଼ସଡ଼କ ଯାହା କି ବଡ଼ଦାଣ୍ଡ କହିଲେ ଅତ୍ୟୁକ୍ତି ହେବ ନାହିଁ, ସେହି ରାସ୍ତାରେ ସମ୍ବଲପୁର ରଥଯାତ୍ରା ର ଅନନ୍ୟ ଲୋକଗୀତ ଅନୁଯାୟୀ ରଥଗୁଡ଼ିକ କ୍ରମାନ୍ୱୟରେ







ଯାଇଥାନ୍ତି। ବହୁ ପୁରାତନ କାଳରୁ ରଥ ଗୁଡ଼ିକ ବିନାଖଣ୍ଡିସ୍ଥିତ ମାଉସୀ ମା' ମନ୍ଦିରକୁ ଯାଉଥିଲା, ତେବେ, ଧୁତୁରାପଡ଼ା ଛକ-କଚେରୀ ଛକ ଫ୍ଲାଏଓଭର ନିର୍ମାଣ ପରେ ରଥ ଗୁଡ଼ିକ ବିନାଖଣ୍ଡିକୁ ଯାଇ ନପାରି ମ୍ୟୁନିସିପାଲିଟି ଛକ ପର୍ଯ୍ୟନ୍ତ ଯାଉଛି। ରଥଯାତ୍ରା ଦିନ ପହଣ୍ଡି ଓ ଛେରାପହଁରା ପରେ ରଥଗୁଡ଼ିକ ଟଣାହୋଇ କ୍ରମାନ୍ୱୟରେ ମ୍ୟୁନିସିପାଲିଟି ଛକରେ ପହଞ୍ଚି ସେଠାରେ ରାତ୍ରି ଆଳତୀ ସହ ଅବସ୍ଥାନ କରିଥାନ୍ତି। ପରଦିନ ପୁଣି ରଥ ଗୁଡ଼ିକ ଟଣାଯାଇ ସ୍ୱମନ୍ଦିର ନିକଟସ୍ଥ ମାଉସୀ ମା' ମନ୍ଦିରକୁ ପ୍ରବେଶ କରିଥାନ୍ତି। ତେବେ, ଚଳିତବର୍ଷ ଏହାର ବ୍ୟତିକ୍ରମ ହୋଇଛି। ଭାଙ୍ଗିଛି ସମ୍ବଲପୁରର ରଥଯାତ୍ରା ପରମ୍ପରା। ବଡ଼ସଡ଼କରେ ବହୁ ସ୍ଥାନରେ ପିଚୁ ଦବିଯିବା ସହ ଗର୍ତ୍ତ ସୃଷ୍ଟି ହୋଇଛି। ଗତକାଲି ବଡ଼ସଡ଼କରେ ରଥ ଗୁଡ଼ିକ ଯାଉଥିବାବେଳେ ହାଟପଡ଼ା ଆଗକୁ ଯାଇ ନ ପାରି ଫେରି ଆସିଥିଲା। ଏହି ରାସ୍ତାରେ କୁଞ୍ଜେଲପଡ଼ା ଛକରୁ ମ୍ୟୁନିସିପାଲିଟି ଛକ ପର୍ଯ୍ୟନ୍ତ ଭକ୍ତ ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଅପେକ୍ଷା କରିଥାନ୍ତି। ରଥ ଟଣା ହେବା ସମୟରେ ଉଭୟ ପାର୍ଶ୍ୱରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ତେବେ, ଚଳିତବର୍ଷ ଭକ୍ତମାନେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବାରୁ ବଞ୍ଚିତ ହୋଇଛନ୍ତି।

ମହାନଗର ନିଗମ କର୍ତ୍ତୃପକ୍ଷ ଏବଂ ପୂର୍ତ୍ତ ବିଭାଗ କାର୍ଯ୍ୟଗୁଡ଼ିକ ତଦାରଖ କରୁନଥିବାରୁ ବହୁ ସମୟରେ ନିମ୍ନମାନର କାର୍ଯ୍ୟ ହେଉଥିବା ପରିଲକ୍ଷିତ ହେଉଛି। ଏହାଦ୍ୱାରା ସାଧାରଣ ଜନତାଙ୍କ ଟିକସ ଅର୍ଥ ପାଣିରେ ପଡୁଛି। ଏହାର ଉଦାହରଣ ହେଉଛି ଶୀତଳଷଷ୍ଠୀ ସମୟରେ ସମ୍ବଲପୁରର ସହରର ସମସ୍ତ ରାସ୍ତା ଗୁଡ଼ିକର ପିଚୁକରଣ। ରାସ୍ତାଗୁଡ଼ିକ ଶୀତଳଷଷ୍ଠୀ ପୂର୍ବରୁ ପିଚୁ କରାଯାଇଥିବାବେଳେ ରଥଯାତ୍ରା ସମୟକୁ ଉପୁଡ଼ି ପଡୁଥିବା ଦେଖାଯାଉଛି। ଗତବର୍ଷ ମଧ ପ୍ରଥମ ବର୍ଷା ପରେ ରାସ୍ତା ଗୁଡ଼ିକର ପିଚୁ ଉଠିଯାଇ ଗର୍ତ୍ତ ହେବାଦ୍ୱାରା ଯାନବାହନ ଫସି ଯାଇ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ହେବା ନଜିର ରହିଛି। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ଆଜି ସମୀକ୍ଷା ବୈଠକ କରାଯାଇ ପୂର୍ତ୍ତ ବିଭାଗକୁ ସମସ୍ତ ରାସ୍ତା କାର୍ଯ୍ୟ ସମୟରେ ମନିଟରିଂ ଓ ତଦାରଖ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ବଡ଼ସଡ଼କ ରାସ୍ତାର ତୁରନ୍ତ ମରାମତି ପାଇଁ ମଧ ନିର୍ଦ୍ଦେଶ ଦିଆଯାଇଥିବା ଜିଲ୍ଲାପାଳ ସୂଚନା ଦେଇଛନ୍ତି।

### ଟିପିଡବ୍ଲୁଓଡିଏଲ ଅବହେଳାରେ ଚାଷୀଙ୍କ ମୃତ୍ୟୁ ଘଟଣା

# ଜୀବନର ମୂଲ୍ୟ ମାତ୍ର ୫୦ ହଜାର!

**ସମ୍ବଲପୁର, ୧୭।୭(ସମିସ):** ରାଜ୍ୟରେ ଚାଷୀ ଓ ଗରିବଙ୍କ ଜୀବନର ମୂଲ୍ୟ କେତେ? ବିଦ୍ୟୁତ ବିତରଣ କମ୍ପାନୀ ପାଇଁ ଜଣେ ଅନ୍ନଦାତାର ଜୀବନର ଦାମ କ'ଣ ମାତ୍ର କେଇ ହଜାର ଟଙ୍କା? ପଶ୍ଚିମ ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀ( ଟିପିଡବ୍ଲୁଓଡିଏଲ)ର ଚରମ ଅବହେଳା ଓ ବିଚିତ୍ର ନୀତି ଯୋଗୁଁ ବୁଧବାର ଜଣେ ନିରୀହ ଚାଷୀଙ୍କ ଜୀବନ ଯାଇଛି। ବିଦ୍ୟୁତ୍ ବିଭାଗର ବେପରୁଆ ମନୋଭାବ ଯୋଗୁଁ ଜଣେ ଚାଷୀ ଅକାଳରେ ଆଖି ବୁଜିଥିବାବେଳେ, କମ୍ପାନୀ ପକ୍ଷରୁ ଦିଆଯାଉଥିବା କ୍ଷତିପୂରଣର ରାଶି ଏବେ ସାଧାରଣରେ ତୀବ୍ର ଅସନ୍ତୋଷ ଓ ଆକ୍ରୋଶ ସୃଷ୍ଟି କରିଛି।

ସୂଚନା ଅନୁସାରେ, ବୁଧବାର ସକାଳେ ଧନକଉଡ଼ା ବ୍ଲକ ବସନ୍ତପୁର ପଞ୍ଚାୟତ ଅଧୀନସ୍ଥ ବୁର୍ଲା ଥାନା ଗୋଶାଳା ଫାଣ୍ଡି ଅଧୀନ ରୁପାପାଲି ଗ୍ରାମର ବାସୁଦେବ ମେହେର (୫୮)ଙ୍କ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଥିଲା। ଉକ୍ତ ଦିନ ସେ ନିଜ ବିଲ ଦେଖିବାକୁ ସକାଳେ ଯାଇଥିଲେ। ଏହି ସମୟରେ ଟିପିଡବ୍ଲୁଓଡିଏଲ ପକ୍ଷରୁ ପାଖରେ କାମ ହେଉଥିଲା। ବାସୁଦେବ ନିଜ ଜମିରେ ଥିବା ବେଳେ ଏକ ତାର ଛିଣ୍ଡି ତାଙ୍କ ମୁଣ୍ଡରେ ବାଜିଥିଲା। ବିଦ୍ୟୁତ ଆଘାତ ଏତେ ଜୋରଦାର ଥିଲା ଯେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ପରିବାରଲୋକେ ବୁର୍ଲା ଥାନାରେ କମ୍ପାନୀ ବିରୋଧରେ ଅଭିଯୋଗ ମଧ କରିଥିଲେ। କମ୍ପାନୀର ଅବହେଳା ପାଇଁ ବାସୁଦେବଙ୍କ ମୃତ୍ୟୁ ଘଟିଥିଲା। ଏହି ସ୍ୱର୍ଶକାତର ଘଟଣା ପରେ କମ୍ପାନୀ ପକ୍ଷରୁ ମୃତ ଚାଷୀଙ୍କ ପରିବାରକୁ ମୋଟ ୫୦ ହଜାର ଟଙ୍କାର ସହାୟତା ରାଶି ଦିଆଯିବ ବୋଲି କୁହାଯାଇଛି। ସେଥିମଧ୍ୟରୁ ତତ୍କାଳୀନ ଭାବେ ୨୦ ହଜାର ଟଙ୍କା ଏବଂ ପରବର୍ତ୍ତୀ ସମୟରେ ଆଉ ୩୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି କମ୍ପାନୀ ସଫେଇ ଦେଇଛି। ଏଇଠି ପ୍ରଶ୍ନ ଉଠୁଛି, ଜଣେ ମଣିଷର, ଜଣେ ଅନ୍ନଦାତାର ଜୀବନର ମୂଲ୍ୟ କଣ ମାତ୍ର ୫୦ ହଜାର ଟଙ୍କା। କୋଟି କୋଟି ଟଙ୍କାର ବ୍ୟବସାୟ କରୁଥିବା ଏହି କମ୍ପାନୀ ନିଜ ଭୁଲ୍ ପାଇଁ ଜଣଙ୍କ ଜୀବନ ନେଇସାରିବା ପରେ ଏଭଳି ପରିହାସପୂର୍ଣ୍ଣ କ୍ଷତିପୂରଣ ଘୋଷଣା କରିବା କେତେଦୂର ଯୁକ୍ତିଯୁକ୍ତ। ବାସୁଦେବଙ୍କ ପଛରେ କେବଳ ତାଙ୍କର ପତ୍ନୀ ଅଛନ୍ତି। ସେ ଥିଲେ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି। ସେ ଜମିରୁ ଯାହା ରୋଜଗାର କରୁଥିଲେ,

### ମୃତ ସ୍ୱାମୀଙ୍କ ଉପରେ ନିର୍ଭର ଥିଲେ ସ୍ତ୍ରୀ

ସେଥିରେ ପରିବାର ପ୍ରତିପୋଷଣ ହେଉଥିଲା। ମାତ୍ର ସେ ଆଖି ବୁଜିବା ପରେ ତାଙ୍କ ପତ୍ନୀ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛି। ତାଙ୍କ ପତ୍ନୀଙ୍କ ଚଳାଇବା ପାଇଁ କୌଣସି ଆୟର ପନ୍ଥା ନାହିଁ। କମ୍ପାନୀ ଦେବାକୁ କହିଥିବା ୫୦ ହଜାର ଟଙ୍କା କେଇଟା ଦିନରେ ଶେଷ ହୋଇଯିବ, କିନ୍ତୁ ବାକି ଜୀବନ ଏହି ପରିବାର କେମିତି ବଞ୍ଚିବ, ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସାଧାରଣ ଜନତା ଏବଂ ଚାଷୀ ସଂଗଠନଗୁଡ଼ିକ ଟିପିଡବ୍ଲୁଓଡିଏଲର ଏହି ବିଚିତ୍ର ନୀତିକୁ ତୀବ୍ର ନିନ୍ଦା କରିଛନ୍ତି। ବିଦ୍ୟୁତ ବିଭାଗର ଦାୟିତ୍ୱହୀନତା ପାଇଁ ଦୋଷୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତ ଚାଷୀଙ୍କ ପରିବାରକୁ ଉପଯୁକ୍ତ ସରକାରୀ ସହାୟତା ଓ ଅଧିକ ଟଙ୍କାର କ୍ଷତିପୂରଣ ଦେବାକୁ ଦାବି ହୋଇଛି।

# ହୀରାକୁଦର ସମସ୍ତ ଗେଟ୍ ବନ୍ଦ; ଜଳସ୍ତର ୬୦୯.୭୫ ଫୁଟ୍

**ସମ୍ବଲପୁର, ୧୭।୭ (ସମିସ) :** ଶୁକ୍ରବାର ସନ୍ଧ୍ୟା ୬ଟାରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୯.୭୫ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୩୨, ୬୨୨ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୨, ୬୨୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚେନାଲ ଦେଇ ୨୯୬୫୯ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୨୭୧୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ପଥର୍ଲାଠାରେ ୬୦, ୫୧୩ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ଖଇରମାଲଠାରେ ୨, ୦୬, ୦୦୦ କ୍ୟୁସେକ୍, ବାରମୁଲଠାରେ ୯୦, ୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୧, ୨୧, ୫୩୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୫୦.୫୧ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୫୭.୫୦ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୯ ତାରିଖ ହୀରାକୁଦ ନଦୀବନ୍ଧରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ୧୦ଟି ଗେଟ୍ ଦେଇ ଆରମ୍ଭ ହୋଇଥିଲା। ଜଳପ୍ରବେଶ ପରିମାଣ ଓ ଜଳସ୍ତର ହ୍ରାସ ପାଇବାସହ ବର୍ଷା ବନ୍ଦ ହୋଇଯିବାରୁ ପରବର୍ତ୍ତୀ ଦିନ ମାନଙ୍କରେ ପର୍ଯ୍ୟାୟକ୍ରମେ ୯ଟି ଗେଟ୍ ବନ୍ଦ କରାଯାଇଥିଲା। ଏହାପରେ ୧୪ ତାରିଖ ସନ୍ଧ୍ୟାରେ ବଳକା ଆଉ ଗୋଟିଏ ଗେଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବର୍ତ୍ତମାନ ହୀରାକୁଦ ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି।

# ଗୁଣ୍ଡିଚା ମନ୍ଦିରକୁ ବିଜେକଲେ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି

**ରେଢ଼ାଖୋଲ, ୧୭।୭(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହର ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଚଳଚଞ୍ଚଳ ହୋଇ ଉଠୁଛି। ଚତୁର୍ଦ୍ଧା ମୂର୍ତ୍ତିଙ୍କ ପ୍ରଥମ ଦିନରେ ରଥଯାତ୍ରା ଅଧା ବାଟରେ ବାଟ ରହଣି କରାଯାଇଥିଲା। ଶୁକ୍ରବାର ଦ୍ୱିତୀୟ ଦିନ ମେଘୁଆ ପାଗରେ ଭକ୍ତମାନଙ୍କ ଦ୍ୱାରା ରଥାରୁଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କ ରଥଟଣା ଆରମ୍ଭ ହୋଇଥିଲା। ରଥଟଣା ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପରେ ଭକ୍ତଙ୍କ ଗ୍ରହଣରେ ରଥାଟଣା ଆରମ୍ଭ କରାଯାଇଥିଲା। ଭକ୍ତମାନେ ଆନନ୍ଦ ମନରେ ରଥ ଦଉଡ଼ି ଟାଣି ନିଜକୁ ଧନ୍ୟ ମନେ କରିଥିଲେ। ରଥକୁ ଟାଣି ଟାଣି ନେଇ ମାଉସୀ ମାଆ ମନ୍ଦିର ତଥା ଗୁଣ୍ଡିଚା ମନ୍ଦିରରେ ପହଁଞ୍ଚାଇଥିଲେ। ଏ ବର୍ଷ ପ୍ରବଳ ବର୍ଷା ହେବା ପରେ ବି ବହୁତ ଭିଡ଼ ପରିଲକ୍ଷିତ ହୋଇଥିଲା। କୁଚିଣ୍ଡା ପୁଲିସ ପକ୍ଷରୁ ଉତ୍ତମ ପରିଚାଳନାରେ ସମ୍ପୂର୍ଣ୍ଣ ଶାନ୍ତି ଶୃଙ୍ଖଳା ସହିତ ଜଗନ୍ନାଥଙ୍କ ରଥ ମାଉସୀ ମା ମନ୍ଦିରରେ ପହଞ୍ଚିଥିଲା।







ସହସ୍ରାଧିକ ଭକ୍ତଙ୍କ ସମାଗମରେ ରେଢ଼ାଖୋଲ ବ୍ରହ୍ମ ସମାଜ ପକ୍ଷରୁ ସେବାୟତ ମାନଙ୍କ ଦ୍ୱାରା ପହଣ୍ଡି ଯାତ୍ରା ଅନୁଷ୍ଠିତ ହୋଇଥିଲା। ପହଣ୍ଡି ଯାତ୍ରାରେ ଝୁଲିଝୁଲି ମହାପ୍ରଭୁ ମହାବାହୁ ଶ୍ରୀ ଜଗନ୍ନାଥଙ୍କ ଭାଇ ଭଉଣୀ ସହିତ ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ଏଥିରେ ରେଢ଼ାଖୋଲ ଦେବୋତ୍ତର ବିଭାଗ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ଏହି ରଥଯାତ୍ରା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଧାରା ବିବରଣୀ ପ୍ରସ୍ତୁତ କରାଯାଇଛି। ଏଥିରେ ଭାସ୍କର ପ୍ରଧାନ ସହଯୋଗ କରିଥିଲେ।

**କୁଚିଣ୍ଡା:** କୁଚିଣ୍ଡା ମନ୍ଦିର ଛକସ୍ଥିତ ସର୍ବପୁରାତନ ଜଗନ୍ନାଥ ମନ୍ଦିରର ମନ୍ଦିର କମିଟି ପକ୍ଷରୁ ରଥଯାତ୍ରା ଅନୁଷ୍ଠିତ ହୋଇଛି। ଛେରା ପହଁରା ପରେ ପ୍ରଭୁ ଜଗନ୍ନାଥଙ୍କୁ ରଥାରୂଢ଼ କରାଯାଇ

# ଶ୍ରୀଜଗନ୍ନାଥଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା

**ସମ୍ବଲପୁର, ୧୭।୭ (ସମିସ) :** ସମ୍ବଲପୁର ଭୁତାପଡ଼ାସ୍ଥିତ ମା' ମଙ୍ଗଳାଙ୍କ ମନ୍ଦିର ପରିସରରେ ଶ୍ରୀଜଗନ୍ନାଥ ମହାପ୍ରଭୁ ପତିତପାବନଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଛି। ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ଗୁରୁବାର ଦିନ ଶ୍ରୀ ବିଗ୍ରହଙ୍କ ସିଂହାସନ ବିଜେ ଅନୁଷ୍ଠିତ ହୋଇଥିଲା। ସକାଳ ୮ଟା ସମୟରେ ପୂଜାଦିକର୍ମ, ହୋମ, ଆଳତୀ ପରେ ଶ୍ରୀ ବିଗ୍ରହ ସିଂହାସନ ବିଜେ କରିଥିଲେ। ଶ୍ରୀ ଜଗନ୍ନାଥ ପ୍ରଭୁ ପତିତପାବନ ତାଙ୍କ ଶ୍ରୀମସ୍ତକରେ ଟାହିଆ ଶିରୋଭୂଷଣ କରି ପହଣ୍ଡି ବିଜେ ପରେ ସିଂହାସନକୁ ଯିବା ସମୟରେ ଭକ୍ତମାନଙ୍କ ହରିବୋଲ ଏବଂ ହୁଳହୁଳି ଧ୍ୱନିରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ଦେବଗଡ଼ର ଯାଦବଚନ୍ଦ୍ର ଦେହୁରୀ ଏବଂ ସ୍ଥାନୀୟ ଧୁତୁରାପଡ଼ାର ସରୋଜ ସାହୁ ଛେରା ପହଁରା କରିଥିଲେ। ସିଂହାସନ ଉପରେ ବିରାଜମାନ ହୋଇ ମହାପ୍ରଭୁ ଶ୍ରୀ ଜଗନ୍ନାଥ ପତିତପାବନ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ଭୂତାପଡ଼ା ମଙ୍ଗଳା ମନ୍ଦିରର ପୂଜକ ମହେଶ୍ୱର ପଣ୍ଡା, ମୁଖ୍ୟଆଚାର୍ଯ୍ୟ ପଣ୍ଡିତ ବଂଶୀଧର ମିଶ୍ର, ପଣ୍ଡିତ ଆଦିତ୍ୟ ମିଶ୍ର, ପଣ୍ଡିତ ଜିତେନ୍ଦ୍ର ମିଶ୍ର, ପଣ୍ଡିତ ପ୍ରଣବ କୁମାର ମିଶ୍ର, ପ୍ରଦୀପ କୁମାର ଦାସ, ବିଦ୍ୟା ଦାସ, ଜୟନ୍ତ ମହାପାତ୍ର, ଦିଶାଙ୍କ ତ୍ରିପାଠୀ, ରାଜକୁମାର ଷଡ଼ଙ୍ଗୀ ପ୍ରମୁଖ ପୂଜାଦି କାର୍ଯ୍ୟ କରିଥିଲେ। ମଙ୍ଗଳା ମନ୍ଦିର କମିଟିର ରବୀନ୍ଦ୍ର ଜେନା, ଇନ୍ଦ୍ରମଣୀ ଦାସ, କଳ୍ପତରୁ ବେହେରା, ପ୍ରତାପ କୁମାର ମିଶ୍ର, ସୁରେଶ କୁମାର ମହାପାତ୍ର, ରସାନନ୍ଦ ବେହେରା, ପିତବାସ ବେହେରା, ଓମ ପ୍ରକାଶ ଦାସ, ଅସିତ ବିଶ୍ୱାଳ, ପଠାଣି ସାମନ୍ତ ଦାସ, ଅଲେଖ କୁମାର ଦାସ, ରବୀନ୍ଦ୍ର ବାରିକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଗତ ୧୩ ତାରିଖ ସ୍ଥାନୀୟ ମହାନଦୀ ଘାଟରୁ ଜଳ ଆଣି ବିଧି ମୁତାବକ ପୂଜନୋତ୍ସବ ଆରମ୍ଭ କରାଯାଇଥିବାବେଳେ ୧୪ ତାରିଖ ନେତ୍ରୋତ୍ସବ / ପ୍ରାଣ ପ୍ରତିଷ୍ଠା, ୧୫ ତାରିଖ ହୋମ ଯଜ୍ଞ ଏବଂ ୧୬ ତାରିଖ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା (ଶ୍ରୀଗୁଣ୍ଡିଚା) ଦିନ ଶ୍ରୀ ବିଗ୍ରହଙ୍କ ସିଂହାସନ ବିଜେ ନୀତି ଅନୁଷ୍ଠିତ ହୋଇଥିଲା।

# ବେଆଇନ ମଦ ବିକ୍ରେତାକୁ କାବୁକଲେ ଗ୍ରାମବାସୀ

**ସମ୍ବଲପୁର, ୧୭।୭(ସମିସ):** ସମ୍ବଲପୁର ଶାସନ ଥାନା ଅଧୀନ ଭିକମପୁର ବରାଟ ବଜାର ଛକରେ କିଛି ବ୍ୟକ୍ତି ବେଆଇନ ଭାବେ ଦେଶୀ ମଦ ଚାଲାଣ କରୁଥିଲେ। ଏହି ସମୟରେ ଗ୍ରାମବାସୀ କାବୁ କରି ଜଣକୁ ଅଟକ ରଖି ଶାସନ ଥାନାକୁ ହସ୍ତାନ୍ତର କରିଥିଲେ। ଏଥିରେ ୫୦ ଲିଟର ଦେଶୀ ମଦ ଓ ୬୦ ଟି ପାଉଚ ମଦ ଜବତ ହୋଇଛି। ଏହି ସମୟରେ କିରମ ମହାକୁଡ, ଚିନ୍ମୟ ମେହେର, ରାଜା ପ୍ରଧାନ, ବଜରଙ୍ଗ ରନବିଡା ଓ ଚକ୍ର ଭୋଇ ସମେତ ଅନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ।

# କବାଡ଼ି ଗୋଦାମରେ ଡକାୟତି; ୫ ଗିରଫ



**ସମ୍ବଲପୁର, ୧୭।୭(ସମିସ):** ରେଙ୍ଗାଲି ଥାନା ଅଧୀନ ଗୁରୁପାଲି ଗ୍ରାମରେ ଥିବା ଏକ କବାଡ଼ି ଗୋଦାମରୁ ସଶସ୍ତ୍ର ଡକାୟତି ହୋଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ପୁଲିସ ତତ୍ପରତା ପ୍ରକାଶ କରି ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ କତରବଗା ଥାନା ପ୍ରଧାନପାଲିର ସଚିନ ବେହେରା(୨୩), ରିଶବ ବେହେରା(୨୨) ଓ ଗୌତମ ପ୍ରଧାନ(୨୩) ଏବଂ ରେଙ୍ଗାଲି ଥାନା ଝୁରିପଡ଼ାର ଆକାଶ କାନ୍ତ(୨୨)ଓ ଲାରିପାଲିର ବିବେକ ଭୋଇ(୨୦)। ସୂଚନା ଅନୁସାରେ ଗତ ବୁଧବାର ଗୁରୁବାର ବିଳମ୍ବିତ ରାତି ପ୍ରାୟ ୧.୩୦ ସମୟରେ, ୫ରୁ ୬ ଜଣ ଦୁର୍ବୃତ୍ତ ଏକ ନମ୍ବର ବିହୀନ କାର୍‌ରେ ଆସି ମହମ୍ମଦ ରୁସ୍ତମଙ୍କ କବାଡ଼ି ଗୋଦାମରେ ପଶିଥିଲେ। ଦୁର୍ବୃତ୍ତମାନେ ଅସ୍ତ୍ରଶସ୍ତ୍ରରେ ସେଠାରେ କାମ କରୁଥିବା ଶ୍ରମିକଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ମୁଣ୍ଡକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଜ୍ଞାନ ପ୍ରକାଶ ମିଶ୍ର, ମହମ୍ମଦ ହାସିମ ଏବଂ ମହମ୍ମଦ ଗୁଡୁ ଗୁରୁତର ଭାବେ ଆହତ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ରେଙ୍ଗାଲି ଡାକ୍ତରଖାନା ଓ ପରେ ଉନ୍ନତ ଚିକିତ୍ସା ପାଇଁ ବୁର୍ଲା ଭିମସାର୍‌କୁ ସ୍ଥାନାନ୍ତର କରାଯାଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁସାରେ ସ୍କ୍ରାପ୍ ମ୍ୟାଟେରିଆଲ୍, ଗୋଟିଏ କମ୍ପ୍ୟୁଟର ଓଜନ ମେସିନ୍ ଏବଂ ବଟକରା, ଗୋଟିଏ ଫାଇବର କୁଲର, ୩ଟି ମୋବାଇଲ୍ ଫୋନ୍ ଓ ନଗଦ ୨ ଲକ୍ଷ ୩୦ହଜାର ଟଙ୍କା ଡକାୟତି କରିଥିବା ଅଭିଯୋଗ କରିଥିଲେ। ପୁଲିସ ୨ ଲକ୍ଷ ଦଶ ହଜାର, ବ୍ୟବହୃତ କାର, ମୋବାଇଲ ଫୋନ୍ ଜବତ କରିଛି।

# ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ

**ସମ୍ବଲପୁର, ୧୭।୭ (ସମିସ)**

ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ବନ୍ୟା ଏବଂ ଜଳବନ୍ଦୀ ସମସ୍ୟାର ମୁକାବିଲା ପାଇଁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ଆନ୍ତଃ-ବିଭାଗୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା, ସମ୍ବଲପୁର ମହାନଗର ନିଗମ ଅଧିକାରୀ, ଜଳସେଚନ ବିଭାଗ, ପୂର୍ତ୍ତ ବିଭାଗ ଏବଂ ଟାଉନ ପ୍ଲାନିଂ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ସହରାଞ୍ଚଳ ଜଳବନ୍ଦୀ ସମସ୍ୟାର ତୁରନ୍ତ ଏବଂ ସ୍ଥାୟୀ ସମାଧାନ, ୱାର୍ଡଭିତ୍ତିକ ସ୍ଥିତିର ବିଶ୍ଳେଷଣ, ସମନ୍ୱିତ ପଦକ୍ଷେପ ଏବଂ ମାଷ୍ଟର ପ୍ଲାନରେ ଆବଶ୍ୟକ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ଜିଲ୍ଲାପାଳ ସହରର ବିଭିନ୍ନ ୱାର୍ଡରେ ଥିବା ଜଳବନ୍ଦୀ ସମସ୍ୟାର ସମୀକ୍ଷା କରିବା ସହ ଏହାର ତୁରନ୍ତ ଏବଂ ସ୍ଥାୟୀ ପ୍ରତିକାର ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସହରର କେଉଁ କେଉଁ ସ୍ଥାନରେ ଜଳବନ୍ଦୀ ହେଉଛି, ତାର କାରଣ ଏବଂ କେଉଁ ବିଭାଗ ଦ୍ୱାରା କେବେ ସୁଦ୍ଧା କାର୍ଯ୍ୟ ଶେଷ ହେବ, ତାର ଏକ ସ୍ୱଷ୍ଟ ବିବରଣୀ ତୁରନ୍ତ ପ୍ରସ୍ତୁତ କରି ଜମା କରିବାକୁ ଜିଲ୍ଲାପାଳ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ପ୍ରମୁଖ ଏବଂ ଶାଖା ଡ୍ରେନଗୁଡ଼ିକରୁ ପଙ୍କୋଦ୍ଧାର ଏବଂ ଜରୁରୀକାଳୀନ ଡ୍ରେନ ପ୍ରସ୍ତୁତ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ କହିଛନ୍ତି। ଏହି କାର୍ଯ୍ୟରେ ଅବହେଳା କରୁଥିବା ଅଧିକାରୀ କିମ୍ବା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଚେତାବନୀ ଦେଇଛନ୍ତି। ସହରର ପ୍ରାକୃତିକ ନାଳ ଏବଂ ଡ୍ରେନ ଉପରେ ହୋଇଥିବା ବେଆଇନ ଜବରଦଖଲ ଯୋଗୁଁ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଛି। ଏଥିପାଇଁ ଏକ ସ୍ୱଷ୍ଟ ରୋଡମ୍ୟାପ



ପ୍ରସ୍ତୁତ କରି ତୁରନ୍ତ ଜବରଦଖଲ ଉଚ୍ଛେଦ କରିବା ଏବଂ ପ୍ରତିବନ୍ଧକ ସାଜୁଥିବା ବେଆଇନ ନିର୍ମାଣକୁ ଭାଙ୍ଗିବା ପାଇଁ ମହାନଗର ନିଗମ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରେଡ୍ କିମ୍ବା ଅରେଞ୍ଜ ୱାର୍ଣ୍ଣିଂ ସମୟରେ ତଳିଆ ଅଞ୍ଚଳରେ ପାଣି ଜମି ରହିଲେ, ତୁରନ୍ତ ପାଣି ପମ୍ପ ଏବଂ ଜେସିବି ମେସିନ ସହାୟତାରେ ଜଳ ନିଷ୍କାସନ କରାଯିବ। ସେଥିପାଇଁ ଅଗ୍ରୀମ ଭାବେ ମହାନଗର ନିଗମ ପକ୍ଷରୁ ସମସ୍ତ ୱାର୍ଡରେ ମାନବ ସମ୍ବଳ ଏବଂ ଯନ୍ତ୍ରପାତି ପ୍ରସ୍ତୁତ ରଖାଯିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ୱାର୍ଡ ନଂ. ୧୩ ବିହାରୀପଡ଼ା, ପୋଦ୍ଦାର କଲୋନୀ, ୱାର୍ଡ ନଂ. ୧୪, ୱାର୍ଡ ନଂ. ୧୫, ୱାର୍ଡ ନଂ. ୧୬ ଚମାରପଡ଼ା, ୱାର୍ଡ ନଂ. ୧୮, ୱାର୍ଡ ନଂ. ୧୯ ଗୋପାଳମାଲ, କୁଳତାପଡ଼ା, ଦାନୀପାଲି, ୱାର୍ଡ ନଂ. ୨୦, ୱାର୍ଡ ନଂ. ୨୨ ମୁଦିପଡ଼ା, ୱାର୍ଡ ନଂ. ୨୩, ୱାର୍ଡ ନଂ. ୨୭ ବରୁଣ ଏନ୍‌କ୍ଲେଭ, ଜଗନ୍ନାଥ କଲୋନୀ, ଏକ୍‌ଜିକ୍ୟୁଟିଭ୍ କଲୋନୀ, ୱାର୍ଡ ନଂ. ୨୮, ୱାର୍ଡ ନଂ. ୩୨, ୱାର୍ଡ ନଂ. ୩୬, ୱାର୍ଡ ନଂ. ୩୭, ୱାର୍ଡ ନଂ. ୩୮ ଆଦି ଅଞ୍ଚଳର ଜଳ ନିଷ୍କାସନ ସମସ୍ୟା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

# ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ନିମନ୍ତ୍ରଣ

**ସମ୍ବଲପୁର, ୧୭।୭ (ସମିସ) :** ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ରାଜ୍ୟବ୍ୟାପୀ ବିଭିନ୍ନ ସ୍ଥାନରେ ସମ୍ବଲପୁରୀ ଦିନ୍ ପାଳନ କରାଯାଉଛି। ମଞ୍ଚ ପକ୍ଷରୁ ସମ୍ବଲପୁର ଜେଲଛକ ନିକଟରେ ଥିବା ଗୁରୁଶ୍ରୀ ସତ୍ୟ ନାରାୟଣ ସମ୍ବଲପୁରୀ ଡେରାରେ ୧୪ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ ପାଳନ କରାଯିବ। ଏହି ମର୍ମରେ ମଞ୍ଚ ପକ୍ଷରୁ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍ ପାଇଁ ଭୁବନେଶ୍ୱରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରି ନିମନ୍ତ୍ରଣ କରାଯାଇଛି। ଏହାସହ ରାଜ୍ୟର ଉଚ୍ଚ ଶିକ୍ଷା, କ୍ରୀଡା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ



ହସ୍ତତନ୍ତ, ବୟନଶିଳ୍ପ ଓ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କୁ ମଧ ୧୪ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ୍‌ରେ ଅତିଥି ଭାବେ ଯୋଗ ଦେବାପାଇଁ ଏକତା ମଞ୍ଚ ପକ୍ଷରୁ ନିମନ୍ତ୍ରଣ କରାଯାଇଛି। ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଉପଦେଷ୍ଟା ନାଉରୀ ନାୟକ, ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସି, ସଙ୍ଗଠନ ସଂଯୋଜକ ସୁବୋଧ କୁମାର ଦୋରା, ଭୁବନେଶ୍ୱର ସଂଯୋଜକ କିଶୋର କୁମ୍ଭାର, ଆବାହକ ଭବାନୀ ଶଙ୍କର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



କେତେକ ବ୍ୟକ୍ତି ପରିବର୍ତ୍ତନ ବିପକ୍ଷରେ ମତ ଦିଅନ୍ତି; କିନ୍ତୁ ବିପର୍ଯ୍ୟୟକୁ ଟାଳିବାକୁ ହେଲେ ପରିବର୍ତ୍ତନ ନିତାନ୍ତ ଆବଶ୍ୟକ।
-ଏଲନ୍ ମସ୍କ

## ମୁକ୍ତିର ଆଲୋକ

ପରିଣତ ବୟସରେ ପହଞ୍ଚିସାରିଥିବା ଏବଂ ଦୁରାରୋଗ୍ୟରେ ପୀଡ଼ିତ କଏଦୀମାନଙ୍କୁ ଜେଲ୍‌ରୁ ମୁକ୍ତି ଦେବା ପାଇଁ ଆସନ୍ତା ତିନିମାସ ଭିତରେ ନୀତି ନିର୍ଦ୍ଧାରଣ କରିବାକୁ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ସରକାରଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ନୀତି ନିର୍ଦ୍ଧାରଣ ବେଳେ ରାଜ୍ୟସ୍ତରୀୟ ବିଧିସେବା କର୍ତ୍ତୃପକ୍ଷ(ଏସ୍‌ଏଲ୍‌ଏସ୍‌ଏ) ସହିତ ବିହିତ ପରାମର୍ଶ କରିବା ଏବଂ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଏ ସମ୍ପର୍କିତ ନୀତିଗତ ସମତା ବଜାୟ ରହେ ସେ ଦିଗରେ ମଧ୍ୟ ଦୃଷ୍ଟି ଦେବାକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି। ବର୍ଷ ବର୍ଷ ଧରି ବିଚାରାଧୀନ କଏଦୀ ଭାବେ ବନ୍ଦୀ ଜୀବନ କାଟୁଥିବା କିମ୍ବା ଦଣ୍ଡିତ ହୋଇଥିବା ବୟସ୍କ ଓ ଅସୁସ୍ଥ ବ୍ୟକ୍ତିଙ୍କ ଅବଶିଷ୍ଟ ଜୀବନରେ ମୁକ୍ତିର ଆନନ୍ଦ ଉପଭୋଗ କରିବାର ଆଶା ସର୍ବୋଚ୍ଚ ନ୍ୟାୟାଳୟଙ୍କ ଉପରୋକ୍ତ ନିର୍ଦ୍ଦେଶ ପରେ ସଞ୍ଚାର ହୋଇଛି।

ଆଶାର ଆଲୋକ ଜେଲ୍‌କୁ ଛୁଇଁବା ପୂର୍ବରୁ ସନ୍ଦେହର କେତେକ କଳାବାଦଲ୍ ଦୃଶ୍ୟମାନ ହେଉଛି। କେଉଁମାନେ ମୁକ୍ତି ପାଇବା ପାଇଁ ଯୋଗ୍ୟ ତାହା ନିର୍ଣ୍ଣୟ କରିବାକୁ ଡାକ୍ତରୀ ପ୍ରମାଣପତ୍ରକୁ ଆଧାର ରୂପେ ଗ୍ରହଣ କରିବା ଏବଂ ଜେଲ୍ ହ୍ୟାଣ୍ଡବୁକ୍‌ର ମାର୍ଗଦର୍ଶିକା ଅନୁପାଳନ କରାଯିବା ଲାଗି ମଧ୍ୟ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ତିନିମାସ ମଧ୍ୟରେ ରାଜ୍ୟସ୍ତରୀୟ ନୀତି ନିର୍ଦ୍ଧାରଣ ହେବା, ଜାତୀୟସ୍ତରରେ ଏଥିରେ ସମତା ଆଣିବା, ଜେଲ୍ ହ୍ୟାଣ୍ଡବୁକ୍ ମାର୍ଗଦର୍ଶିକାକୁ ଅନୁପାଳନ କରିବା ଆଦି ସର୍ତ୍ତ ଆଧାରିତ ନିୟମାବଳୀ ପ୍ରସ୍ତୁତ ହେବା ସମ୍ଭବ ଲାଗୁନାହିଁ। ଏହାପରେ ପୁଣି ତାହାକୁ କାର୍ଯ୍ୟାନ୍ୱୟନରେ ବିଭିନ୍ନ ଅର୍ଗଳି ମାନ ରହୁଛି। ଆମ ଦେଶର ପ୍ରକ୍ରିୟାଗତ ବା ରୂପାୟନ କ୍ଷେତ୍ରରେ ମନ୍ଥର ବ୍ୟବସ୍ଥାରେ ଏହି ଆଦେଶର କେତେଦୂର ଅନୁପାଳନ ହୋଇପାରିବ ଏବଂ କଏଦୀମାନଙ୍କର ଆଶା ଯେ ଶୀଘ୍ର ପୂରଣ ହେବ ତାହାର କୌଣସି ନିଶ୍ଚିତତା ଥିବା ପରି ଲାଗୁନାହିଁ।

୨୦୨୪ରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଘୋଷଣା କରିଥିଲେ ଯେ ସେହିବର୍ଷ ନଭେମ୍ବର ୨୬ ତାରିଖ ସୁଦ୍ଧା ବିଚାରାଧୀନ କଏଦୀମାନେ ସେମାନେ ସମ୍ପୃକ୍ତ ଥିବା ଅପରାଧ ପାଇଁ ଉଦ୍ଦିଷ୍ଟ ଦଣ୍ଡବିଧାନର ଏକ-ତୃତୀୟାଂଶ ଭୋଗୀ ସାରିଥିବେ ସେମାନଙ୍କୁ ନଭେମ୍ବର ୨୬ ସମ୍ବିଧାନ ଦିବସ ପୂର୍ବରୁ ଜାମିନରେ କାରାମୁକ୍ତ କରିଦିଆଯିବ। ଏଥିପାଇଁ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୪୭୯ର ଅନୁପାଳନ କରାଯିବ। କିନ୍ତୁ ଆମେ ଦେଶରେ ଜାମିନ ପ୍ରକ୍ରିୟା ଏତେ ଜଟିଳ ଯେ ସରକାରୀ ଆଦେଶ କାର୍ଯ୍ୟକାରୀ ହେବାକୁ ବହୁ ସମୟ ଲାଗିଗଲା ଏବଂ ଏବେ ସୁଦ୍ଧା ସେହି ପ୍ରକ୍ରିୟା ଜାରି ରହିଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୪୭୯ ଏବଂ ପୂର୍ବପ୍ରଚଳିତ ଆପରାଧିକ କ୍ରିୟାବିଧି ସଂହିତା(ସିଆରପିସି) ୧୯୭୩ର ଧାରା ୪୩୬(କ) ରେ ଜଣେ ବିଚାରାଧୀନ କଏଦୀଙ୍କୁ ସର୍ବାଧିକ କେତେଦିନ ପରେ ଜାମିନ ପ୍ରଦାନ କରାଯାଇପାରିବ ତାହାର ସୀମା ନିର୍ଦ୍ଧାରଣ କରାଯାଇଛି। ସିଆରପିସିର ଉପରୋକ୍ତ ଉଦ୍ଦିଷ୍ଟ ଧାରା ଅନୁଯାୟୀ ଯଦି ସମ୍ପୃକ୍ତ ଅଭିଯୁକ୍ତ ବା ବିଚାରାଧୀନ କଏଦୀଙ୍କ ବିରୋଧରେ ଅନୁସନ୍ଧାନ ପ୍ରକ୍ରିୟା କିମ୍ବା ଶୁଣାଣି ବିଳମ୍ବିତ ହେଉଥିବ ଏବଂ ସେମାନେ ସମ୍ପୃକ୍ତ ଥିବା ଅପରାଧ ପାଇଁ ଉଦ୍ଦିଷ୍ଟ ଦଣ୍ଡବିଧାନର ଅଧା ଭୋଗ କରିସାରିଥିବେ ତେବେ ସେମାନଙ୍କୁ ଜାମିନ୍‌ରେ ମୁକୁଳିବା ପାଇଁ ଅନୁମତି ଦିଆଯାଇପାରିବ। କିନ୍ତୁ ସେମାନେ ଯଦି ମୃତ୍ୟୁଦଣ୍ଡ କିମ୍ବା ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିବେ କିମ୍ବା ସେମାନଙ୍କ ନାମରେ ଏକାଧିକ ମାମଲା ରୁଜୁ ହୋଇ ଅନୁସନ୍ଧାନ ଜାରି ରହିଥିବ ସେଭଳି କ୍ଷେତ୍ରରେ ଉପରୋକ୍ତ ଜାମିନ୍ ନିୟମ ଲାଗୁ ହେବ ନାହିଁ। ସେହିପରି ଜୁଲାଇ ୧ ତାରିଖରୁ କାର୍ଯ୍ୟକାରୀ ହୋଇଥିବା ଭାରତୀୟ ନାଗରିକ ସୁରକ୍ଷା ସଂହିତା ଅନୁଯାୟୀ ପ୍ରଥମ ଥର ପାଇଁ ଅପରାଧରେ ଅଭିଯୁକ୍ତଙ୍କ ପାଇଁ ଉପରୋକ୍ତ ଜାମିନ୍ ନିୟମ ମୋଟ ଦଣ୍ଡବିଧାନ ଅବଧିର ଅଧା ବଦଳରେ ଏକ-ତୃତୀୟାଂଶକୁ ହ୍ରାସ କରାଯାଇଛି।

ଏହି ପୃଷ୍ଠଭୂମିରେ ୨୦୨୪ ଅଗଷ୍ଟ ୨୩ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ଏକ ଯୁଗାନ୍ତକାରୀ ନିର୍ଦ୍ଦେଶ ଦେଇଥିଲେ, ଯାହା ବିଚାରାଧୀନ କଏଦୀଙ୍କୁ ମୁକ୍ତିର ଆଲୋକ ଦେଖାଇବାର ରାସ୍ତା ପରିଷ୍କାର କରିଥିଲା। ଖଣ୍ଡପୀଠଙ୍କ ଉକ୍ତ ରାୟ ଅନୁଯାୟୀ ଜାମିନ କଟକଣା ବା ନିୟମକୁ କୋହଳ କରାଯିବାର ବ୍ୟବସ୍ଥା ପିଛିଲା ଭାବେ ଅର୍ଥାତ୍ ଗତ ଜୁଲାଇ ୧ ତାରିଖରେ ନୂଆ ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବା ପୂର୍ବରୁ ପୁରୁଣା ଫୌଜଦାରୀ କ୍ରିୟାବିଧି ସଂହିତା(ସିଆରପିସି) କିମ୍ବା ଦଣ୍ଡ ବିଧି ସଂହିତା(ଆଇପିସି) ଆଧାରରେ ପଞ୍ଜିକୃତ ମାମଲାଗୁଡ଼ିକ ପାଇଁ ମଧ୍ୟ ପ୍ରଯୁଜ୍ୟ ହେବ। ଏଭଳି ଜାମିନ୍ ପାଇବାକୁ ଯୋଗ୍ୟ ବିଚାରାଧୀନ କଏଦୀଙ୍କ ତାଲିକା ତିନି ମାସ ମଧ୍ୟରେ ପ୍ରସ୍ତୁତ କରିବାକୁ ଖଣ୍ଡପୀଠ ସମସ୍ତ ରାଜ୍ୟ, କେନ୍ଦ୍ର ଶାସିତ ଅଞ୍ଚଳ ଓ କାରାଗାର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏହାର କେତେ ଅନୁପାଳନ ହୋଇଛି ତାହା ଅସ୍ପଷ୍ଟ। ତେଣୁ ସଦ୍ୟତମ ନିର୍ଦ୍ଦେଶନାମା ପ୍ରଭାବରେ ସୃଷ୍ଟି ହୋଇଥିବା ଆଶାର ଆଲୋକ ଏବେ ଝାପ୍‌ସା ଦୃଶ୍ୟମାନ ହେଉଛି।

ସର୍ବୋଚ୍ଚ ନ୍ୟାୟାଳୟ ୨୦୨୪ ଅଗଷ୍ଟ ୨୩ ତାରିଖରେ ଦେଇଥିବା ରାୟର ଅନୁପାଳନର ସମୀକ୍ଷା ପାଇଁ ସେହିବର୍ଷ ଅକ୍ଟୋବର ୨୨ ତାରିଖରେ ବସିଥିବା ହୃଷିକେଶ ରାୟ ଓ ଏସ୍ ଭି ଏନ୍ ଭଟ୍ଟିଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ଜାଣିବାକୁ ପାଇଥିଲେ ଯେ ମାତ୍ର ୧୯ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର କାରାଗାର କର୍ତ୍ତୃପକ୍ଷ ବିଚାରାଧୀନ କଏଦୀଙ୍କ ତାଲିକା ପଠାଇଥିଲେ। ତେଣୁ ୨୦୨୪ ନଭେମ୍ବର ୧୯ ତାରିଖରେ ଖଣ୍ଡପୀଠ ପୁଣି ଥରେ ଏ ସମ୍ପର୍କରେ ସବୁ କାରାଗାର କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ, ଯେଉଁଥିରେ ବିଚାରାଧୀନ ମହିଳା କଏଦୀଙ୍କ ତାଲିକା ପ୍ରସ୍ତୁତ କରିବା ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶ ରହିଥିଲା। କିନ୍ତୁ ତାହାର ଅନୁପାଳନ ହୋଇଛି କି ନାହିଁ ତାହା ସର୍ବୋଚ୍ଚ ନ୍ୟାୟାଳୟ ପୁଣି ଥରେ ତର୍ଜମା କରିବାକୁ ପଡ଼ିବ।

ଏବେ ଆଉ ଅଧିକ ବିଳମ୍ବ ନ କରି ବ୍ୟବସ୍ଥାର ଜଟିଳତାକୁ ଗୁରୁତ୍ୱ ନ ଦେଇ ମାନବାଧିକାରର ସୁରକ୍ଷା ପାଇଁ ଆଗଭର ହେବାକୁ ପଡ଼ିବ। ଏଥିରେ ଆନ୍ତରିକତା ଓ ନିଷ୍ଠା ରହିଲେ ସ୍ୱାଧୀନ ଭାରତର ବିଚାର ବ୍ୟବସ୍ଥା ଏକ ସ୍ୱର୍ଣ୍ଣାଭ ଇତିହାସ ସୃଷ୍ଟି କରିବ, ଏହା ନିଃସନ୍ଦେହ।

# ଯୁଦ୍ଧ ବିଭୀଷିକା ଓ ବିଶ୍ୱଶାନ୍ତି

**ହେମନ୍ତ କୁମାର କର**

ଏକବିଂଶ ଶତାବ୍ଦୀର ତୃତୀୟ ଦଶକରେ ଠିଆ ହୋଇ ଯେତେବେଳେ ମଣିଷ ଚନ୍ଦ୍ରରୁ ମଙ୍ଗଳ ଯାଏଁ ଯିବା କଥା କହୁଛି, ସେତେବେଳେ ହିଁ ପୃଥିବୀର ମାଟି ପୁଣି ରକ୍ତରେ ଓଦା ହେଉଛି। ପୂର୍ବ-ୟୁରୋପରେ ରୁଷ-ୟୁକ୍ରେନ ଯୁଦ୍ଧ ଲକ୍ଷଲକ୍ଷ ଜୀବନକୁ ଶରଣାର୍ଥୀ କରିଦେଇଛି, ଗାଁ-ସହର ଧ୍ୱଂସସ୍ତୂପ ପାଲଟିଛି, ଆଉ ଖାଦ୍ୟ-ଇନ୍ଧନ ସଙ୍କଟ ସମଗ୍ର ବିଶ୍ୱକୁ ଦୋହଲାଇ ଦେଇଛି। ସେପଟେ ପଶ୍ଚିମ-ଏସିଆରେ ଆମେରିକା-ଇସ୍ରାଏଲ ବନାମ ଇରାନର ଛାୟାଯୁଦ୍ଧ ଆଜି ପ୍ରତ୍ୟକ୍ଷ ସଂଘର୍ଷର ରୂପ ନେଉଛି। ମିସାଇଲ୍ ମାଡ, ଡ୍ରୋନ୍ ଆକ୍ରମଣ, ତେଲ ଟ୍ୟାଙ୍କର ଜଳିବା ଆଉ ସାଧାରଣ ନାଗରିକଙ୍କ ମୃତଦେହ - ଏ ସବୁ ପ୍ରମାଣ କରୁଛି ଯେ ସନ୍ଧିପତ୍ର ଉପରେ ଧୂଳି ଜମିଲେ ତା' ତଳେ ବାରୁଦ ହିଁ ହସେ। ଯେଉଁ ପରମାଣୁ ଅସ୍ତ୍ର ଶାନ୍ତିର ଗ୍ୟାରେଣ୍ଟି ବୋଲି କୁହାଯାଉଥିଲା, ଆଜି ସେହି ଅସ୍ତ୍ର ହିଁ ସମଗ୍ର ମାନବଜାତିର ମୁଣ୍ଡ ଉପରେ ଝୁଲୁଥିବା ଖଣ୍ଡା ପାଲଟିଛି। ଯୁଦ୍ଧ କେବଳ ସମରଭୂମିରେ ଲଢୁଥିବା ଯୋଦ୍ଧାଙ୍କୁ ନୁହେଁ ନିରୀହ ଶିଶୁ, ମହିଳା, ବୃଦ୍ଧ - ସମସ୍ତଙ୍କ ଜୀବନ ନେଇଯାଏ। ସେ ଅର୍ଥନୀତିକୁ ଧ୍ୱଂସ କରେ, ସଂସ୍କୃତିକୁ ପୋଡ଼ି ଦିଏ, ପିଢ଼ି ପରେ ପିଢ଼ିକୁ ଅନାଥ, ବିଧବା ଓ ଶରଣାର୍ଥୀ କରିଦିଏ। ଯୁଦ୍ଧର କ୍ଷତ ଯୁଦ୍ଧ ଅନ୍ତେ ବି ଦଶକ ଦଶକ ଧରି ରହେ - ରୋଗ, ଦାରିଦ୍ର୍ୟ ଓ ମାନସିକ ଆଘାତ ରୂପରେ।

ବିଂଶ ଶତାବ୍ଦୀ ମାନବଜାତିର ଇତିହାସରେ ସବୁଠୁ ବେଶୀ ରକ୍ତରଞ୍ଜିତ। ୧୯୧୪ ରୁ ୧୯୧୮ ପର୍ଯ୍ୟନ୍ତ ବ୍ୟାପ୍ତ ପ୍ରଥମ ବିଶ୍ୱ ଯୁଦ୍ଧରେ ପ୍ରାୟ ୧.୫ କୋଟିରୁ ୨.୫ କୋଟି ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଦ୍ୱିତୀୟ ବିଶ୍ୱ ଯୁଦ୍ଧ (୧୯୩୯-୪୫) ରେ ମୃତ୍ୟୁ ସଂଖ୍ୟା ହେଉଛି ପ୍ରାୟ ୭ କୋଟିରୁ ୮.୫ କୋଟି। ସେହିଭଳି ୧୯୫୦ ସାଲରେ ଉତ୍ତର କୋରିଆ-ଦକ୍ଷିଣ କୋରିଆ ଯୁଦ୍ଧରେ ୨୫-୩୦ ଲକ୍ଷ, ୧୯୫୫ ରୁ ୧୯୭୫ ସାଲରେ ଭିଏତନାମ ଯୁଦ୍ଧରେ ୨୦-୪୦ ଲକ୍ଷ, ୧୯୭୧ ପାକିସ୍ତାନ-ବାଂଲାଦେଶ ଯୁଦ୍ଧରେ ୩-୫ ଲକ୍ଷ ( ସରକାରୀ ତଥ୍ୟ ଅନୁଯାୟୀ ୩୦ ଲକ୍ଷ ) ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୯୭୮ ରୁ ଆଜି ପର୍ଯ୍ୟନ୍ତ ଆଫଗାନିସ୍ତାନରେ ଲଗାତାର ଯୁଦ୍ଧ ଓ ଗୃହଯୁଦ୍ଧରେ ପ୍ରାୟ ୧୪ ଲକ୍ଷରୁ ୨୧ ଲକ୍ଷ ବ୍ୟକ୍ତି ଜୀବନ ହାରିଛନ୍ତି। ବିଡ଼ମ୍ବନା ବିଷୟ ଏହି କି ଯେ ଉକ୍ତ ଶତାବ୍ଦୀରେ ମଣିଷ ଚନ୍ଦ୍ରପୃଷ୍ଠରେ ପାଦ ଦେଲା, କମ୍ପ୍ୟୁଟର ଆବିଷ୍କାର କଲା, ଜୀବନ ପ୍ରତ୍ୟାଶା ଦ୍ୱିଗୁଣିତ କଲା ସତ, କିନ୍ତୁ ସେହି ମଣିଷ ହିଁ ୨୦ କୋଟିରୁ ଅଧିକ ମଣିଷଙ୍କୁ ନିଃଶେଷ କରିଛି।

ମାନବଜାତିର ଇତିହାସ କେବଳ ରକ୍ତର କାଳିରେ ନୁହେଁ ଆଶାର ଆଲୋକରେ ଲେଖାଯାଏ। ଯୁଦ୍ଧ ଯଦି ମାନବ ସଭ୍ୟତାର କଳା ଗ୍ରହଣ ପରି, ଶାନ୍ତି ହେଉଛି ତା' ପରର ସୂର୍ଯ୍ୟୋଦୟ। ପ୍ରଶ୍ନ ହେଉଛି ଏକବିଂଶ ଶତାବ୍ଦୀରେ ଛିଡ଼ା ହୋଇ ଆମେ କେଉଁ ପଥକୁ ଆପଣାଇ ନେବା? ପୁନଶ୍ଚ ବାରୁଦର ଧୂଆଁ ନା ଶାନ୍ତିର ପ୍ରଶ୍ୱାସ? ଶାନ୍ତି ହେଉଛି ପୃଥିବୀର ସବୁଠାରୁ ପୁରୁଣା କ୍ଷୁଧା। ଆଦିମ ମଣିଷ ଯେତେବେଳେ ଗୁମ୍ଫା ମୁହଁରେ ବସି ଆକାଶର ତାରା ଗଣୁ ଥିଲା, ସେତେବେଳେ ସେ ଖାଦ୍ୟ ମାଗୁ ନ ଥିଲା। ସେ ନିର୍ଭୟରେ ଗୋଟିଏ ରାତି ମାଗୁଥିଲା। ସେହି ସ୍ଥିତି ଆଜି ବି ରହିଛି। କେବଳ ଗୁମ୍ଫା ବଦଳି ଗଗନଚୁମ୍ବୀ ହୋଇଛି, ନିଆଁ ବଦଳି ପରମାଣୁ ହୋଇଛି। କ୍ଷୋଭର ବିଷୟ ଏହିକି, ଏକବିଂଶ ଶତାବ୍ଦୀର ମଣିଷ ପାଖରେ ଯୁଦ୍ଧ କରିବାର ପ୍ରଯୁକ୍ତି ଅଛି, କିନ୍ତୁ ଯୁଦ୍ଧ ଅଟକାଇବାର ରାଜନୈତିକ ଇଚ୍ଛାଶକ୍ତି କ୍ରମଶଃ କ୍ଷୀଣ ହେଉଛି। ଶୀତଳଯୁଦ୍ଧର ଶେଷରେ ଯେଉଁ 'ଇତିହାସର ଅନ୍ତ' ଘୋଷଣା ହୋଇଥିଲା, ଆଜି ସେହି ଇତିହାସ ପୁଣି ପୁରୁଣା ଅଧ୍ୟାୟକୁ ଫେରୁଛି ସାମ୍ରାଜ୍ୟବାଦ, ଜାତୀୟତାବାଦ ଓ ସମ୍ବଳ ପାଇଁ ସଂଘର୍ଷ। ପାର୍ଥକ୍ୟ କେବଳ ଏତିକି - ପୂର୍ବର ଯୁଦ୍ଧ ସୀମା ଭିତରେ ସୀମିତ ଥିଲା, ଆଜିର ଯୁଦ୍ଧ ସାଇବର୍ ସ୍ପେସ୍, ଅର୍ଥନୀତି, ଜଳବାୟୁ ଓ ସୂଚନା ପର୍ଯ୍ୟନ୍ତ ବ୍ୟାପ୍ତ।

ଦ୍ୱିତୀୟ ବିଶ୍ୱଯୁଦ୍ଧର ଚିତାଭସ୍ମ ଉପରେ ଛିଡ଼ା ହୋଇ ୧୯୪୫ରେ ମାନବଜାତି ଯେଉଁ ମିଳିତ ଜାତିସଂଘ ଗଢ଼ିଥିଲା, ତା'ର ଲକ୍ଷ୍ୟ ଥିଲା 'ଆଗାମୀ ପିଢ଼ିକୁ ଯୁଦ୍ଧର ବିଭୀଷିକାରୁ ରକ୍ଷା କରିବା।' କିନ୍ତୁ ଆଠ ଦଶକ ପରେ ସୁରକ୍ଷା ପରିଷଦର 'ଭିଟୋ' ଅସ୍ତ୍ର ବାରମ୍ବାର ଶାନ୍ତିର ପଥ ଅବରୋଧ କରିଛି। ସିରିଆରେ ୧୬ ଥର ପ୍ରସ୍ତାବ ଅଟକିଲା, ରୁଆଣ୍ଡାରେ ୮ ଲକ୍ଷ ଲୋକ ମରିବା ବେଳେ ଜାତିସଂଘ ଦର୍ଶକ ସାଜିଲା। ରୁଷ-ୟୁକ୍ରେନ ଯୁଦ୍ଧରେ ସଂସ୍ଥା କେବଳ ନିନ୍ଦା କରିପାରିଲା, କାରଣ ଆକ୍ରମଣକାରୀ ନିଜେ ସ୍ଥାୟୀ ସଦସ୍ୟ। ଉପରୋକ୍ତ ବିଫଳତା ଆମକୁ ବୁଝାଇ ଦେଉଛି ଯେ ପୁରୁଣା କାନ୍ଥରେ ନୂଆ ଛାତ ପଡ଼ି ପାରିବ ନାହିଁ। ବାରୁଦର ଧୂଆଁ ଅଟକାଇବାକୁ ହେଲେ ଆମକୁ ପୁଣି ଥରେ ମଲ୍ଲୀର ସୁବାସ ଫେରାଇ ଆଣିବାକୁ ପଡ଼ିବ। ସେଥିପାଇଁ ବିଶ୍ୱସ୍ତରରେ ତୁରନ୍ତ କିଛି ପଦକ୍ଷେପ ନେବାକୁ ପଡ଼ିବ।

୧୯୪୫ର ବିଶ୍ୱ ଆଜି ୨୦୨୬ରେ ପହଞ୍ଚିଛି। କିନ୍ତୁ ସୁରକ୍ଷା ପରିଷଦ ଗଠନ ସେହି ପୁରୁଣା ହିଁ ରହିଛି। ଏହି ଅସନ୍ତୁଳନ ହିଁ ସମସ୍ୟାର ମୂଳ। ତେଣୁ ପ୍ରଥମ କାମ ହେଲା ପରିଷଦର ସଂଖ୍ୟା ବଢ଼ାଇ ଏସିଆ, ଆଫ୍ରିକାକୁ ସ୍ଥାୟୀ ସ୍ଥାନ ଦେବା। ଦ୍ୱିତୀୟତଃ, ଗଣହତ୍ୟା ଓ ଯୁଦ୍ଧ ଅପରାଧ ମାମଲାରେ ଭିଟୋ ପ୍ରୟୋଗ ଉପରେ ତୁରନ୍ତ ନିଷେଧାଦେଶ ଲଗାଇବାକୁ ହେବ। ନଚେତ୍ ଶାନ୍ତିର ଦର୍ପଣରେ ଆଗକୁ ବି ଫାଟ ରହିବ। 'ପରମାଣୁ ଅସ୍ତ୍ର ପ୍ରସାର ରୋଧ ସନ୍ଧି' ଏବଂ 'ବ୍ୟାପକ ପ୍ରସାର ରୋଧ ସନ୍ଧି'କୁ ସମସ୍ତ ଦେଶ ମାନିବା ଆବଶ୍ୟକ। ନୂଆ ପରୀକ୍ଷଣ ବନ୍ଦ ସାଙ୍ଗକୁ ଅସ୍ତ୍ର ଭଣ୍ଡାର ହ୍ରାସ ପାଇଁ ସ୍ୱଚ୍ଛ ଓ ଯାଞ୍ଚ ଯୋଗ୍ୟ ରୋଡମ୍ୟାପ୍ ତିଆରି ହେବା ଉଚିତ। ଯେତେଦିନ ଯାଏଁ ପରମାଣୁ ଅସ୍ତ୍ର ଥିବ, ସେତେଦିନ ଯାଏ ଶାନ୍ତିର ଭୟ ଲାଗି ରହିବ। ସନ୍ତ୍ରାସବାଦୀ ସଙ୍ଗଠନକୁ ପାଣ୍ଠି, ଅସ୍ତ୍ର ଓ ଆଶ୍ରୟ ଦେଉଥିବା ଯେକୌଣସି ଦେଶ ବା ସଙ୍ଗଠନ ଉପରେ ବିଶ୍ୱସ୍ତରୀୟ ପ୍ରତିବନ୍ଧକ ଲାଗିବା ଦରକାର। ଗୁଳି ଚାଲିବା ପୂର୍ବରୁ ଆଲୋଚନା ଟେବୁଲ ଖୋଲା ରଖିବାକୁ ହେବ। ରୁଷ-ୟୁକ୍ରେନ ହେଉ ବା ଇସ୍ରାଏଲ-ଇରାନ, ବିବାଦ ଯେତେ ଗଭୀର ହେଲେ ବି ତା'ର ସମାଧାନ କେବଳ କୂଟନୀତିରେ ଅଛି। ଆଞ୍ଚଳିକ ସଙ୍ଗଠନଗୁଡ଼ିକୁ ଆହୁରି ସକ୍ରିୟ କରିବାକୁ ହେବ। ପଡ଼ୋଶୀ ଦେଶ ମଧ୍ୟରେ ସଂପର୍କ ଓ ବାଣିଜ୍ୟ ବଢ଼ିଲେ ଯୁଦ୍ଧର ଆଶଙ୍କା କମିବ।

ଯୁଦ୍ଧ ହେବା ପରେ ଶରଣାର୍ଥୀଙ୍କୁ ସାହାଯ୍ୟ କରିବା ଅପେକ୍ଷା ଯୁଦ୍ଧ ପୂର୍ବରୁ ତା'କୁ ରୋକିବା ହଜାରେ ଗୁଣ ଶସ୍ତା। ଛୋଟ ବିବାଦ ସବୁକୁ ପ୍ରାରମ୍ଭରେ ଚିହ୍ନଟ କରି ସମାଧାନ କଲେ ବଡ଼ ଯୁଦ୍ଧ ହୋଇପାରିବ ନାହିଁ। ଯେଉଁ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କାରବାର ଲକ୍ଷ କୋଟି ଡଲାରର, ସେମାନେ ଯୁଦ୍ଧ କରିବା ପୂର୍ବରୁ ଦଶ ଥର ଚିନ୍ତା କରିବା ଆବଶ୍ୟକ। କାରଣ ଯୁଦ୍ଧ ଅର୍ଥନୀତିକୁ ଧ୍ୱଂସ କରେ, ଆଉ ବାଣିଜ୍ୟ ତାହାକୁ ଗଢ଼େ। ତେଣୁ ମୁକ୍ତ ବାଣିଜ୍ୟ ଚୁକ୍ତି, ଯୋଗାଣ ବ୍ୟବସ୍ଥା ଓ ସମ୍ବଳ ସହଭାଗିତା ବଢ଼ିଲେ ସଂଘର୍ଷର ଆଶଙ୍କା ହ୍ରାସ ପାଏ। ଏବେ ଯୁଦ୍ଧ ସାଇବର ଦୁନିଆକୁ ବ୍ୟାପିଥିବାରୁ ଡିଜିଟାଲ ଯୁଗ ପାଇଁ ନୂଆ ନିୟମ ଦରକାର। ସାଧାରଣ ପ୍ରଯୁକ୍ତି ଉପରେ ଆକ୍ରମଣ ନିଷେଧ ଓ କଂପାନୀ ସବୁର ନିରପେକ୍ଷତା ଏହି ସନ୍ଧିର ମୂଳ ହେବା ଉଚିତ।

ଯୁଦ୍ଧ ପୁରୁଷ କରନ୍ତି, କିନ୍ତୁ ଏହାର କ୍ଷତ ସବୁଠୁଁ ବେଶୀ ମହିଳା ଓ ପିଲାମାନଙ୍କୁ ଭୋଗିବାକୁ ପଡ଼େ। ତେଣୁ ଶାନ୍ତି ଆଲୋଚନାର ପ୍ରତିଟି ଟେବୁଲରେ ଯଥେଷ୍ଟ ମହିଳା ପ୍ରତିନିଧିତ୍ୱ ଆବଶ୍ୟକ। କ୍ଷୁଦ୍ର ଦେଶ ରୁଆଣ୍ଡା ପ୍ରମାଣ କରିଛି ଯେତେବେଳେ ସଂସଦରେ ୬୧ % ମହିଳା ଥିଲେ, ସେ ଦେଶ ୩୦ ବର୍ଷର ଗଣହତ୍ୟାର ଛାଇରୁ ଆଫ୍ରିକାର ସବୁଠୁ ସୁରକ୍ଷିତ ରାଷ୍ଟ୍ର ଭାବେ ଉଭା ହେଲା। ଅନୁରୂପ ଭାବେ ଲାଇବେରିଆରେ ମହିଳାମାନେ ୧୪ ବର୍ଷର ଘରୋଇ ଯୁଦ୍ଧ ବନ୍ଦ କରାଇବାରେ ସକ୍ଷମ ହେଲେ। ମନେ ରଖିବାକୁ ହେବ - ଶାନ୍ତି ଆକାଶରୁ ଖସେ ନାହିଁ, ତା'କୁ ଘରର ଚୁଲି ପାଖରୁ ଗଢ଼ିବାକୁ ହୁଏ। ଆଉ ସେହି ଗଢ଼ଣରେ ନାରୀର ଭୂମିକା ନିର୍ଣ୍ଣାୟକ। ଶାନ୍ତି ହେଉଛି ମାନବତାର ସର୍ବୋଚ୍ଚ ଆକାଂକ୍ଷା ଓ ସଭ୍ୟତାର ମୂଳ ପରିଚୟ। ଏହାକୁ ସାକାର କରିବାକୁ ହେଲେ ଶିକ୍ଷାର ଦୀପ ଜଳାଇବାକୁ ହେବ। ସ୍କୁଲ-କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସହନଶୀଳତା, ଭ୍ରାତୃତ୍ୱ ଓ ଭିନ୍ନତାର ସମ୍ମାନ ଶିଖାଇବା ଆବଶ୍ୟକ। ଯେଉଁ ମନରେ ଘୃଣା ନାହିଁ, ସେଠାରେ ଯୁଦ୍ଧର ବିଷବୃକ୍ଷ ଅଙ୍କୁରିତ ହୋଇପାରିବ ନାହିଁ।


ଆମକୁ ଦାରିଦ୍ର୍ୟ, ଅସମାନତା ଓ ଅନ୍ୟାୟର ମୂଳୋତ୍ପାଟନ କରିବାକୁ ହେବ। ଯେଉଁ ସମାଜରେ ପେଟର ଜ୍ୱାଳା ଥାଏ, ସେଠାରେ ଅସନ୍ତୋଷ ଓ ହିଂସା ସୃଷ୍ଟି ହୁଏ। ସମସ୍ତଙ୍କୁ ସମାନ ସୁଯୋଗ, ସ୍ୱାସ୍ଥ୍ୟ ଓ ନ୍ୟାୟ ମିଳିଲେ ହିଁ ସ୍ଥାୟୀ ଶାନ୍ତି ସମ୍ଭବ। ପୁନଶ୍ଚ ଜଳ, ଜଳବାୟୁ ଓ ପ୍ରାକୃତିକ ସମ୍ପଦକୁ ନେଇ ବିଶ୍ୱସ୍ତରୀୟ ସହମତି ଏକ ଅତ୍ୟାବଶ୍ୟକତା। ସମ୍ପଦର ଅଧିକାରକୁ ନେଇ ସଂଘର୍ଷ ଅନେକ ସଂଘାତର ମୂଳ କାରଣ। ତେଣୁ ଦେଶ ଦେଶ ମଧ୍ୟରେ ଉତ୍ତମ ବୁଝାମଣା ଓ ଚୁକ୍ତି ସ୍ୱାକ୍ଷରିତ ହେବା ଜରୁରୀ। ମିଳିତ ଜାତିସଂଘ କୌଣସି ଅତିମାନବ ଶକ୍ତି ନୁହେଁ, ଏହା ଆମ ୧୯୩ ଟି ଦେଶର ମିଳିତ ଇଚ୍ଛାର ପ୍ରତିଫଳନ ମାତ୍ର। ଆଇନାରେ ଫାଟ ସୃଷ୍ଟି ହେଲେ ତା'କୁ ଦୋଷ ଦେବା ପରିବର୍ତ୍ତେ ଆମେ ନିଜ ମୁହଁକୁ ଠିକ୍ କରିବା ଆବଶ୍ୟକ। ଯୁଦ୍ଧ ମାନବତା ଉପରେ ଲାଗିଥିବା ସବୁଠୁ ବଡ଼ କଳଙ୍କ। ଆଉ ସେଇ କଳଙ୍କକୁ ଲିଭାଇବାର ଏକମାତ୍ର ଉପାୟ ହେଉଛି ଆମର ମିଳିତ ସ୍ୱର। ସେଇ ସ୍ୱର ଯେତେ ଜୋରରେ ଉଠିବ, ଶାନ୍ତିର ସୂର୍ଯ୍ୟ ସେତେ ଶୀଘ୍ର ଉଦୟ ହେବ।

ଭୁବନେଶ୍ୱର, ମୋ: ୯୮୬୧୫୭୨୧୧୦

# ଧାର୍ମିକ ଲୋକତନ୍ତ୍ରରେ ଜାତୀୟ ସୁରକ୍ଷାର ପ୍ରଶ୍ନ

**ଗୋସ୍ୱାମୀ ଅନାମ ଚରଣ ଦାଶ**

ପୂର୍ବଲେଖାରେ ଆମେ ଏକ ପ୍ରଶ୍ନ ଉଠାଇଥିଲୁ ଦୁର୍ବଳ ରାଷ୍ଟ୍ରରେ ନାଗରିକ ସ୍ୱାଧୀନ ରହିପାରିବେ କି? ଯଦି ଉତ୍ତର 'ନା' ଦିଗକୁ ଯାଏ, ତେବେ ପରବର୍ତ୍ତୀ ପ୍ରଶ୍ନ ହେଉଛି: ଏକ ସୁଦୃଢ଼ ରାଷ୍ଟ୍ର କିପରି ଗଢ଼ାଯାଏ? ସୁଦୃଢ଼ ରାଷ୍ଟ୍ରର ଅର୍ଥ କେବଳ ବଡ଼ ସେନାବଳ ନୁହେଁ। ଏହାର ଅର୍ଥ ହେଉଛି ସୁରକ୍ଷିତ ସୀମା, ଦୃଢ଼ ସଂସ୍ଥା, ଆଇନର ଶାସନ, ସାମାଜିକ ସମନ୍ୱୟ, ଆର୍ଥିକ ସ୍ଥିରତା, ସୂଚନା ସୁରକ୍ଷା ଏବଂ ସଚେତନ ନାଗରିକ ସମାଜ। ଅର୍ଥଶାସ୍ତ୍ରରେ କୌଟିଲ୍ୟ ରାଷ୍ଟ୍ରକୁ କେବଳ ରାଜାର ସଂସ୍ଥା ଭାବେ ନୁହେଁ, ବରଂ ଭୂମି, ପ୍ରଜା, ଶାସନ, ସୁରକ୍ଷା ଓ ସମୃଦ୍ଧିର ଏକ ସଂଯୁକ୍ତ ବ୍ୟବସ୍ଥା ଭାବେ ଦେଖିଥିଲେ। ଆଜିର ଭାରତରେ ମଧ୍ୟ ସେହି ପ୍ରଶ୍ନ ଅତ୍ୟନ୍ତ ପ୍ରାସଙ୍ଗିକ।



ପ୍ରଥମେ ଆସେ ସୀମା ସୁରକ୍ଷାର ପ୍ରଶ୍ନ। ବିଶ୍ୱର ପ୍ରାୟ ସମସ୍ତ ଦେଶ ନିଜ ସୀମା, ନାଗରିକତ୍ୱ ଓ ପ୍ରବେଶ ନୀତିକୁ ଗୁରୁତ୍ୱ ଦେଇଥାଏ। ଆମେରିକା, ବ୍ରିଟେନ, ଜାପାନ, ଅଷ୍ଟ୍ରେଲିଆ, ଇଉରୋପୀୟ ଦେଶ ସମସ୍ତେ ବୈଧ ଓ ଅବୈଧ ପ୍ରବେଶ ମଧ୍ୟରେ ପାର୍ଥକ୍ୟ କରନ୍ତି। ଏହା କେବଳ ରାଜନୀତିକ ବିଷୟ ନୁହେଁ; ଏହା ସାର୍ବଭୌମତ୍ୱର ପ୍ରଶ୍ନ। ଭାରତର ପଡ଼ୋଶୀ ପରିସ୍ଥିତି ଜଟିଳ। ଦୀର୍ଘ ସୀମା, ଐତିହାସିକ ସମ୍ପର୍କ, ଦାରିଦ୍ର୍ୟ, ଚୋରାଚାଲାଣ, ଅବୈଧ ଅନୁପ୍ରବେଶ, ମାନବ ଚାଲାଣ, ସୁରକ୍ଷା ଆହ୍ୱାନ ଏସବୁକୁ ଭାବନାରୁ ନୁହେଁ ବରଂ ନୀତି, ଆଇନ ଓ ମାନବିକତାର ସନ୍ତୁଳନରେ ଦେଖିବା ଦରକାର।

ସୀମା ସୁଦୃଢ଼ କରିବାର ଅର୍ଥ କୌଣସି ସମ୍ପ୍ରଦାୟ ବିରୋଧୀ ହେବା ନୁହେଁ। ଏହାର ଅର୍ଥ ରାଷ୍ଟ୍ର ନିଜର ଭୂମି, ଆଇନ ଓ ନାଗରିକତ୍ୱ ପ୍ରକ୍ରିୟାକୁ ଗମ୍ଭୀରତାର ସହ ନେଉଛି। କିନ୍ତୁ ଜାତୀୟ ସୁରକ୍ଷା କେବଳ ସୀମାରେ ଶେଷ ହୁଏ ନାହିଁ। ଆଜିର ବିଶ୍ୱରେ ସୂଚନା ଯୁଦ୍ଧ ମଧ୍ୟ ଏକ ବଡ଼ ପ୍ରଶ୍ନ। ଭ୍ରାନ୍ତ ସୂଚନା, ସାଇବର ଆକ୍ରମଣ, ସୋସିଆଲ୍ ମିଡିଆ ମାଧ୍ୟମରେ ବିଭାଜନମୂଳକ ପ୍ରଚାର, ବିଦେଶୀ ପ୍ରଭାବ ଏସବୁ ନୂଆ ସୁରକ୍ଷା ଆହ୍ୱାନ। ଏକ ସମାଜ କେବଳ ଅସ୍ତ୍ରରେ ନୁହେଁ, ଭୁଲ ସୂଚନାରେ ମଧ୍ୟ ଦୁର୍ବଳ ହୋଇପାରେ। ସେଥିପାଇଁ ଆଜିର ନାଗରିକଙ୍କୁ କେବଳ ଦେଶପ୍ରେମ ନୁହେଁ, ସୂଚନା ସଚେତନତା ମଧ୍ୟ ଦରକାର। କ'ଣ ସତ୍ୟ? କ'ଣ ପ୍ରଚାର? କିଏ ଭୟ ବଢ଼ାଉଛି? କିଏ ସମାଜକୁ ଭାଙ୍ଗିବାକୁ ଚେଷ୍ଟା କରୁଛି? ଏସବୁ ପ୍ରଶ୍ନରେ ବିବେକୀ ହେବା ଆବଶ୍ୟକ।

ତୃତୀୟ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ସଂସ୍ଥାର ସୁଦୃଢ଼ତା। ସେନା ଦୃଢ଼ ହେବା ଦରକାର, କିନ୍ତୁ ନ୍ୟାୟବ୍ୟବସ୍ଥା, ପ୍ରଶାସନ, ପୁଲିସ, ସ୍ଥାନୀୟ ଶାସନ, ଶିକ୍ଷା ପ୍ରଣାଳୀ ଓ ଜନବିଶ୍ୱାସ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ। ଦୁର୍ନୀତି, ପ୍ରଶାସନିକ ଅକ୍ଷମତା, ଆଇନର ଅସମାନ ପ୍ରୟୋଗ ଏସବୁ ମଧ୍ୟ ରାଷ୍ଟ୍ରକୁ ଭିତରୁ ଦୁର୍ବଳ କରେ। ଧାର୍ମିକ ଦୃଷ୍ଟିରୁ ଦେଖିଲେ, ଶକ୍ତି ସହିତ ନ୍ୟାୟ ଓ କରୁଣା ମଧ୍ୟ ଜଡ଼ିତ। ଭାରତୀୟ ଚିନ୍ତନରେ ରାଜଧର୍ମର ଅର୍ଥ କେବଳ ଶାସନ କରିବା ନୁହେଁ ବରଂ ଦୁର୍ବଳ, ବଞ୍ଚିତ ଓ ଆବଶ୍ୟକତାରେ ଥିବା ଲୋକଙ୍କ ସୁରକ୍ଷା ମଧ୍ୟ ଏହାର ଅଂଶ। ସେଥିପାଇଁ ଜାତୀୟ ସୁରକ୍ଷାର ଚର୍ଚ୍ଚା ହେଲେ ମାନବିକତା, ସାମ୍ବିଧାନିକତା ଓ ଆଇନର ଶାସନ ସମାନ ଭାବେ ଆଲୋଚନାରେ ରହିବା ଦରକାର।

ଆଜି ଆଉ ଏକ ସୂକ୍ଷ୍ମ ଅଥଚ ଗଭୀର ପ୍ରଶ୍ନ ଆମ ସମ୍ମୁଖରେ ଅଛି। ତାହା ହେଉଛି ଉପନିବେଶିକ ମାନସିକତା। ଅନେକ ସମୟରେ ଆମେ ରାଷ୍ଟ୍ର, ସୁରକ୍ଷା, ସଭ୍ୟତା ବା ଆତ୍ମବିଶ୍ୱାସ ଉପରେ ଚର୍ଚ୍ଚା କରିବାକୁ ମଧ୍ୟ ଲଜ୍ଜାବୋଧ କରୁ। ଅନ୍ୟପଟେ କେହି କେହି ଅତ୍ୟଧିକ ଆକ୍ରମଣଶୀଳତାକୁ ହିଁ ଶକ୍ତି ବୋଲି ଧରିନେଇଥା'ନ୍ତି। ଧାର୍ମିକ ପଥ ଏହି ଦୁଇ ଚରମ ପଦକ୍ଷେପରୁ ଦୂରରେ ରହିବାକୁ ଶିଖାଏ। ଭାରତକୁ ଏମିତି ଏକ ଆତ୍ମବିଶ୍ୱାସ ଦରକାର ଯାହା ନିଜ ସଭ୍ୟତାରେ ଗର୍ବିତ, କିନ୍ତୁ ଅହଂକାରୀ ନୁହେଁ; ଯାହା ସୁରକ୍ଷାକୁ ଗୁରୁତ୍ୱ ଦିଏ, କିନ୍ତୁ ଭୟର ରାଜନୀତି କରେନାହିଁ; ଯାହା ସୀମାକୁ ସୁଦୃଢ଼ କରେ, କିନ୍ତୁ ମାନବିକତାକୁ ଭୁଲେ ନାହିଁ।

ଶେଷ ପ୍ରଶ୍ନ ହେଉଛି - ଏହି ସୁରକ୍ଷା ଦର୍ଶନରେ ନାଗରିକଙ୍କ ଭୂମିକା କ'ଣ? କେବଳ ସରକାର ଓ ସୁରକ୍ଷା ବଳ ଉପରେ ସବୁ ଭାର ଛାଡ଼ିଦେବା ଯଥେଷ୍ଟ କି? ନା କି ଆମକୁ ମଧ୍ୟ ଅଧିକ ସଚେତନ, ସୁସଂଗଠିତ, ଶାରୀରିକ ଓ ମାନସିକ ଭାବେ ପ୍ରସ୍ତୁତ ନାଗରିକ ସମାଜ ହେବାକୁ ପଡ଼ିବ? ଏହି ପ୍ରଶ୍ନର ଉତ୍ତର ବୋଧହୁଏ ଗ୍ରାମ, ପରିବାର, ଯୁବପିଢ଼ି, ସାମୁଦାୟିକ ଜୀବନ ଓ ଦୈନନ୍ଦିନ ନାଗରିକ ଅଭ୍ୟାସରେ ଲୁଚିଥାଏ।

ବ୍ରହ୍ମପୁର(କେନ୍ଦ୍ରାପଡ଼ା), ମୋ: ୯୯୩୭୨୨୭୯୯୪

# ମହାପ୍ରଭୁଙ୍କ ମହାବେଦୀ ମାହାତ୍ମ୍ୟ

## ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

**ଡକ୍ଟର ଭାସ୍କର ମିଶ୍ର**

ଅଷ୍ଟାଦଶ ସଂସ୍କୃତି ମହାପୁରାଣ ମଧ୍ୟରେ ପ୍ରସିଦ୍ଧ ସ୍କନ୍ଦପୁରାଣ 'ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମାହାତ୍ମ୍ୟ'ର ୨୯ ଅଧ୍ୟାୟରେ ମହାବେଦୀ ତଥା ଗୁଣ୍ଡିଚା ମଣ୍ଡପ ମହାପ୍ରଭୁଙ୍କ ପୃଥିବୀର ସବୁଠାରୁ ଅତ୍ୟନ୍ତ ପ୍ରୀତିପଦ ସ୍ଥାନ ବୋଲି ବର୍ଣ୍ଣନା କରାଯାଇଛି। ସ୍ୱୟଂ ମହାପ୍ରଭୁ ଶ୍ରୀଜଗନ୍ନାଥ ପରମ ବୈଷ୍ଣବ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନିର୍ଦ୍ଦେଶ ଦେଇ କହିଥିଲେ ଯେ- 'ହେ କ୍ଷୀତିଶ୍ୱର! ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ମୋର ଶ୍ରୀଗୁଣ୍ଡିଚା ନାମକ ଯାତ୍ରା ପାଳନ ପୂର୍ବକ ମୋତେ ମହାବେଦୀରେ ସପ୍ତଦିବସ ବ୍ୟାପୀ ଅବସ୍ଥାନ କରାଇବ। କାରଣ ଏହି ସ୍ଥାନ ମୋର ଆବିର୍ଭାବ ବା ଜନ୍ମ ସ୍ଥଳ।'

ବିଭିନ୍ନ ସଂସ୍କୃତ ପୁରାଣ ଓ ଆଧ୍ୟାତ୍ମିକ ଶାସ୍ତ୍ର ମଧ୍ୟରେ ବ୍ରହ୍ମପୁରାଣ, ପଦ୍ମପୁରାଣ, ସ୍କନ୍ଦପୁରାଣ, ଯାତ୍ରା ଭାଗବତ, ନୀଳାଦ୍ରିମହୋଦୟ, ବାମଦେବ ସଂହିତା ଇତ୍ୟାଦି ଗ୍ରନ୍ଥରେ ଗୁଣ୍ଡିଚା ମନ୍ଦିରର ନାମ ମହାବେଦୀ, ଯଜ୍ଞବେଦୀ, ଗୁଣ୍ଡିଚା ମଣ୍ଡପ, ରାସ ମଣ୍ଡପ, ଆଟୋପ ମଣ୍ଡପ, ଆଡ଼ପ ମଣ୍ଡପ ଇତ୍ୟାଦି ନାମରେ ଉଲ୍ଲେଖ ରହିଥିବା ଜଣାଯାଏ। ଦୀନକୃଷ୍ଣ ଦାସଙ୍କ 'ଜଗମୋହନ ଛାନ୍ଦ'ରେ ଗୁଣ୍ଡିଚା ମନ୍ଦିରକୁ 'ଆଡ଼ମ୍ବର ମଣ୍ଡପ' ଭାବେ ବର୍ଣ୍ଣନା କରାଯାଇଛି।

ବରିଷ୍ଠ ଗବେଷକ ତଥା ସଂସ୍କୃତିବିତ୍ ବିଦ୍ୱାନ ପ୍ରଫେସର ଗୋପୀନାଥ ମହାପାତ୍ର ପୁରାଣର ଆଧାରକୁ ନେଇ ମତ ପ୍ରଦାନ କରିଛନ୍ତି ଯେ 'ଗୁଣ୍ଡିକା' ଶବ୍ଦରୁ 'ଗୁଣ୍ଡିଚା' ସୃଷ୍ଟି। ବ୍ରହ୍ମପୁରାଣରେ ଏହାକୁ 'ଗୁଣ୍ଡିକା' ବୋଲି ବର୍ଣ୍ଣନା କରାଯାଇଛି। 'ଗୁଣ୍ଡ' ଧାତୁର ଅର୍ଥ ହେଲା 'ଲୁଚାଇବା'। ଯଜ୍ଞବେଦୀ ବା ମହାବେଦୀରେ ଚତୁର୍ଦ୍ଧାମୂର୍ତ୍ତି ଆବିର୍ଭାବ କାଳରେ ଏକ ପଟ୍ଟବସ୍ତ୍ରରେ ଆଚ୍ଛାଦିତ କରି ଲୁକ୍କାୟିତ ଭାବେ ରଖାଯାଇଥିବା ବିଷୟରୁ 'ଗୁଣ୍ଡିକା' ଶବ୍ଦର ଅପଭ୍ରଂଶରେ 'ଗୁଣ୍ଡିଚା' ହୋଇଥିବା ସମ୍ଭବପର ମନେହୁଏ। ତେଣୁ ଜନ୍ମବେଦୀ ବା ମହାବେଦୀକୁ ଯାତ୍ରା କରିବାକୁ 'ଗୁଣ୍ଡିଚା ଯାତ୍ରା' ଏବଂ ଏହି ମନ୍ଦିରକୁ 'ଗୁଣ୍ଡିଚା ମନ୍ଦିର' କୁହାଯାଇଛି।



ସ୍କନ୍ଦପୁରାଣର 'ଶ୍ରୀଜଗନ୍ନାଥ ମାହାତ୍ମ୍ୟ' ବର୍ଣ୍ଣନାନୁଯାୟୀ ମହାରାଜା ଇନ୍ଦ୍ରଦ୍ୟୁମ୍ନ ନାରଦଙ୍କ ପରାମର୍ଶ ଅନୁସାରେ ନୀଳକଣ୍ଠେଶ୍ୱରଙ୍କ ନିକଟରେ ନୃସିଂହ ମନ୍ଦିର ନିର୍ମାଣ କରାଇଥିଲେ। ନିଜେ ନାରଦ ପଞ୍ଚମ ଦିନ ପ୍ରାଣପ୍ରତିଷ୍ଠା କରି ମୂର୍ତ୍ତିଙ୍କୁ ଆଣି ମନ୍ଦିରରେ ରଖିଲେ। ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ଶନିବାର ସ୍ୱାତୀ ନକ୍ଷତ୍ର ସନ୍ଧ୍ୟା ବେଳେ ଏହି ନୃସିଂହଙ୍କର ପ୍ରତିଷ୍ଠା ହୋଇଥିଲା। ମହାବେଦୀ ବା ଯଜ୍ଞମଣ୍ଡପ ପରିସରରେ ନୃସିଂହଙ୍କୁ ରଖାଯାଇ ସହସ୍ର ଅଶ୍ୱମେଧ ଯଜ୍ଞ କରିବା ପାଇଁ ମହାରାଜା ଇନ୍ଦ୍ରଦ୍ୟୁମ୍ନ ବ୍ୟାପକ ଆୟୋଜନ ପୂର୍ବକ ବହୁ ନୃପତି, ବ୍ରାହ୍ମଣ, ସାଧୁ, ସନ୍ଥ, ମୁନି, ଋଷି, ଦେବତାମାନଙ୍କୁ ସାଦର ନିମନ୍ତ୍ରଣ କରିଥିଲେ। ମହାବେଦୀ ସ୍ଥଳଠାରେ ଏକ ବିରାଟ ଆକର୍ଷଣୀୟ ସଭାମଣ୍ଡପ ନିର୍ମିତ ହେଲା। ଏହାର ପାର୍ଶ୍ୱରେ ଯଜ୍ଞ ବେଦୀ ମଧ୍ୟ ନିର୍ମିତ ହେଲା। ସହସ୍ର ଅଶ୍ୱମେଧ ଯଜ୍ଞ ସମାପନ ହେବା ସମୟରେ ଅବଭୃଥ ସ୍ନାନ ପାଇଁ ବେଲେଶ୍ୱରଙ୍କ ନିକଟରେ ସମୁଦ୍ର କୂଳରେ ସ୍ନାନାଗାର ନିର୍ମିତ ହେଲା।

ଦାରୁରୁ ମୂର୍ତ୍ତି ଗଠନ କରିବା ସମ୍ବନ୍ଧରେ ଦେବର୍ଷିଙ୍କ ସହିତ ରାଜା ଆଲୋଚନା କରୁଥିବା ସମୟରେ ଦୈବବାଣୀ ଶୂନ୍ୟରୁ ଆସିଲା - 'ଭଗବାନ ସ୍ୱୟଂ ନିଜ ପ୍ରତିମା ଗଠନ ସମ୍ବନ୍ଧରେ ବିବେଚନା କରି ମହାବେଦୀକୁ ଆସିବେ।' ଶେଷରେ ଯଜ୍ଞମଣ୍ଡପ ବା ମହାବେଦୀରେ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀଜଗନ୍ନାଥ ଓ ଶ୍ରୀସୁଦର୍ଶନ ଆବିର୍ଭୂତ ହେଲେ। ରାଜାଙ୍କ ଅନୁରୋଧକ୍ରମେ ବ୍ରହ୍ମାଙ୍କ ଆଗମନ ପୂର୍ବକ ଯଜ୍ଞବେଦୀ ବା ମହାବେଦୀରୁ ଶ୍ରୀବିଗ୍ରହମାନଙ୍କୁ ରଥରେ ବସାଇ ନୀଳଗିରି ପର୍ବତ ଉପରେ ନିର୍ମିତ ଭବ୍ୟ ଶ୍ରୀବତ୍ସଖଣ୍ଡଶାଳ ପ୍ରାସାଦକୁ ବିଜେ କଲେ।

ଏଠାରେ ସ୍ୱୟଂ ଜଗନ୍ନାଥ ମହାପ୍ରଭୁ ଆଦେଶ ଦେଇଛନ୍ତି ଯେ - 'ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟାରେ ଆମ୍ଭଙ୍କୁ ରଥାରୂଢ଼ ପୂର୍ବକ ମହୋତ୍ସବ କରାଇ ଯେଉଁ ସ୍ଥାନରେ ମୁଁ ପୂର୍ବେ ଆବିର୍ଭୂତ ହୋଇଥିଲି ତଥା ଯେଉଁଠାରେ ସହସ୍ର ଅଶ୍ୱମେଧ ଯଜ୍ଞ ସ୍ଥଳ, ଯାହାକି ମହାବେଦୀ ବା ଯଜ୍ଞମଣ୍ଡପ ରୂପେ ଅଭିହିତ, ସେହିସ୍ଥାନକୁ ଆମ୍ଭମାନଙ୍କୁ ନେଇ ଯିବ। ପୃଥିବୀରେ ସେ ସ୍ଥାନ ଅପେକ୍ଷା ପବିତ୍ରତମ ସ୍ଥାନ ଆଉ ନାହିଁ। ଅର୍ଥାତ୍ ତୁମ୍ଭେ ପୂର୍ବରେ ମୋ ପ୍ରୀତି ନିମିତ୍ତ ସେଠାରେ ଯଥାବିଧାନ ଅନୁଯାୟୀ ପଞ୍ଚଶତ ବର୍ଷ ପର୍ଯ୍ୟନ୍ତ ଆହୁତି ପ୍ରଦାନ କରିଅଛ ବୋଲି ସେ ସ୍ଥାନ ଅପେକ୍ଷା ମୋର ପ୍ରୀତିକର ସ୍ଥାନ ପୃଥିବୀରେ ଅନ୍ୟତ୍ର ନାହିଁ। ବିଶେଷତଃ ଉକ୍ତ ସ୍ଥାନଟି ମୋର ଜନ୍ମସ୍ଥାନ ବୋଲି ଅଖଣ୍ଡ ପ୍ରୀତିଜନକ। ମହାବେଦୀଠାରେ ମୋର ଅବସ୍ଥିତି କାଳରେ ଯେଉଁ ସମସ୍ତ ମାନବ ମୋତେ ଦର୍ଶନ କରିବେ, ସେମାନେ ମୋର ଆଳୟ ବୈକୁଣ୍ଠ ଧାମକୁ ଗମନ କରିବେ। ଏପରିକି ନବମ ଦିବସ ଦକ୍ଷିଣାଭିମୁଖ ଯାତ୍ରା କାଳରେ ଯେଉଁମାନେ ମୋତେ ଅବଲୋକନ କରିବେ, ସେମାନେ ପ୍ରତି ପଦକ୍ଷେପରେ ଅଶ୍ୱମେଧ ଯଜ୍ଞର ଫଳଭାଗୀ ହେବେ। ଏପରିକି ଇହଲୋକରେ ଇନ୍ଦ୍ରତୁଲ୍ୟ ଐଶ୍ୱର୍ଯ୍ୟ ଭୋଗ କରି ମରଣାନ୍ତେ ମୋର ସାଯୁଜ୍ୟ ଲାଭ କରିବେ।'

ସ୍କନ୍ଦପୁରାଣର ଉଲ୍ଲେଖପ୍ରକାରେ ମହାବେଦୀକୁ ଗମନ କାଳରେ ରଥାରୂଢ଼ ପୁରୁଷୋତ୍ତମ ଜଗନ୍ନାଥ ଓ ସଙ୍କର୍ଷଣରୂପୀ ଶ୍ରୀବଳଭଦ୍ର, ଭଦ୍ର ପ୍ରଦାୟିନୀ ଦେବୀ ସୁଭଦ୍ରାଙ୍କୁ ଦର୍ଶନ କରି ମାନବ ଗଣ ଶତକୋଟି ଜନ୍ମାର୍ଜିତ ପାପ ରାଶିକୁ ବିନିଷ୍ଟ କରିଥାଏ।

ଶ୍ରୀଜଗନ୍ନାଥ ଧାମ(ପୁରୀ), ମୋ: ୯୪୩୭୨୮୧୧୦୨

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଦାରା ମୁକ୍ତି ମସୁଧାକୁ ନେଇ ଉଠୁଛି ବିରୋଧ

**ଦାରା ସିଂହଙ୍କ ମୁକ୍ତି ଅପରାଧୀଙ୍କର ମନୋବଳ ବଢ଼ାଇବ**

**ସରକାରଙ୍କ ନିଷ୍ପତ୍ତି ଗୁରୁତର ଆହ୍ୱାନ ସୃଷ୍ଟି କରିବ**

ଭୁବନେଶ୍ୱର,୧୭।୭(ସମିସ): ଗ୍ରାହାମ୍ ଷ୍ଟେନ୍ ଏବଂ ତାଙ୍କର ଦୁଇ ନିଷ୍ପାପ ନାବାଳକ ପୁଅଙ୍କୁ ଜିଅନ୍ତା ଜାଳି ହତ୍ୟା କରିବା ଘଟଣାରେ ଦୋଷୀ ସାବ୍ୟସ୍ତ ଦାରା ସିଂହ ଓରଫ ରବୀନ୍ଦ୍ର ପାଲ୍ ସିଂହଙ୍କୁ କାରାଗାରରୁ ମୁକ୍ତ କରିବା ପାଇଁ ବିଜେପି ନେତୃତ୍ୱାଧୀନ ଓଡ଼ିଶା ସରକାରଙ୍କ ଉଦ୍ୟମକୁ ଦୃଢ଼ ନିନ୍ଦା କରିଛି ସିପିଆଇ। ପାର୍ଟିର ରାଜ୍ୟ ପରିଷଦ ପକ୍ଷରୁ କୁହାଯାଇଛି, ଦାରା ସିଂହଙ୍କ ମୁକ୍ତି ରାଜ୍ୟରେ ଅପରାଧକୁ ରୋକିବା ପରିବର୍ତ୍ତେ ଅନ୍ୟ ସାମ୍ପ୍ରଦାୟିକ ଓ ସଂଗଠିତ ଅପରାଧୀମାନଙ୍କର ମନୋବଳ ବଢ଼ାଇବ ଏବଂ ସେମାନଙ୍କୁ ଏଭଳି ଅପରାଧ କରିବାକୁ ଉତ୍ସାହିତ କରିବ। ଓଡ଼ିଶା ଗତ ୨ ବର୍ଷ ଧରି ସାମ୍ପ୍ରଦାୟିକ ଓ ଜାତିଆଣ ଘୃଣା, ହିଂସା ଏବଂ ଭିଡ଼ହତ୍ୟା, ନାରୀ ନିର୍ଯାତନା ଯୋଗୁ ଗୁରୁତର ଆଇନଶୃଙ୍ଖଳା ସଙ୍କଟ ପାଇଁ ଦେଶବିଦେଶରେ ନିନ୍ଦିତ ହେଉଛି। ଏଭଳି ସମୟରେ ଅଭ୍ୟାସଗତ ଓ କୁଖ୍ୟାତ ଅପରାଧୀ ଦାରା ସିଂହଙ୍କୁ ମୁକ୍ତ କରାଗଲେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଆହୁରି ଅସ୍ଥିର ଓ ବିସ୍ଫୋରକ ହୋଇଯିବ ବୋଲି ଦଳ କହିଛି।

## ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କ ଅବସର ଗ୍ରହଣ



କଟକ,୧୭।୭(ସମିସ): ହାଇକୋର୍ଟର ବିଚାରପତି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଅବସର ନେଇଛନ୍ତି। ଆଜି ହାଇକୋର୍ଟରେ ତାଙ୍କ ଶେଷ କାର୍ଯ୍ୟ ଦିବସ ଥିବା ବେଳେ ତାଙ୍କୁ ହାଇକୋର୍ଟଙ୍କ ପୂର୍ଣ୍ଣ ପୀଠ ଓ ବାର ଆସୋସିଏସନ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନଙ୍କ ସମେତ ସମସ୍ତ ବିଚାରପତି, ଆଡଭୋକେଟ ଜେନେରାଲ, ଡିଏସଜିଆଇ, ହାଇକୋର୍ଟ ବାର ଆସୋସିଏସନ ସଭାପତି ପ୍ରମୁଖ ଜଷ୍ଟିସ ଶ୍ରୀପଦଙ୍କ କାର୍ଯ୍ୟ ଦକ୍ଷତାର ପ୍ରଶଂସା କରିଥିଲେ। ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ୧୯୬୪ ଜୁଲାଇ ୨୦ ତାରିଖରେ କର୍ଣ୍ଣାଟକରେ ଜନ୍ମଗ୍ରହଣ କରିଥିଲେ। ସେ ୧୯୮୬ମସିହାରେ ବିଜ୍ଞାନରେ ସ୍ନାତକ ସମାପ୍ତ କରି ୧୯୮୯ରେ ଧାରୱାଡ଼ର କର୍ଣ୍ଣାଟକ ବିଶ୍ୱବିଦ୍ୟାଳୟରୁ ଏଲଏଲବି ଡିଗ୍ରୀ ହାସଲ କରିଥିଲେ। ୧୯୮୯ଜୁଲାଇରେ କର୍ଣ୍ଣାଟକ ରାଜ୍ୟ ଆଇନଜୀବୀ ପରିଷଦରେ ଜଣେ ଆଇନଜୀବୀ ଭାବରେ ପଞ୍ଜିକୃତ ହେବା ପରେ କର୍ଣ୍ଣାଟକ ଏବଂ ମାଡ୍ରାସ ଉଚ୍ଚ ନ୍ୟାୟାଳୟରେ ଓକିଲାତି ଆରମ୍ଭ କରିଥିଲେ। ନିର୍ବାଚନ,ଚାକିରି ସଂକ୍ରାନ୍ତୀୟ, କୃଷି ସଂସ୍କାର, ବ୍ୟାଙ୍କିଙ୍ଗ୍ ଇତ୍ୟାଦି ସହ ଜଡ଼ିତ ଆଇନରେ ସେ ବିଶେଷଜ୍ଞତା ହାସଲ କରିଥିଲେ। ୧୯୯୯ରେ ଭାରତୀୟ ନିର୍ବାଚନ କମିଶନଙ୍କ ସିନିୟର ଷ୍ଟାଣ୍ଡିଂ କାଉନସେଲ ଓ ୨୦୧୪ରେ କେନ୍ଦ୍ର ସରକାରଙ୍କ ଆସିଷ୍ଟାଣ୍ଟ ସଲିସିଟର ଜେନେରାଲ ହୋଇଥିଲେ। ୨୦୧୮ ଫେବୃଆରୀରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। କର୍ଣ୍ଣାଟକ ହାଇକୋର୍ଟରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଜଷ୍ଟିସ ଦୀକ୍ଷିତ ଅନେକ ଅତି ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରୁଥିବା ଖଣ୍ଡପୀଠର ସଦସ୍ୟ ଥିଲେ। ସେହି ପ୍ରମୁଖ ମାମଲାଗୁଡ଼ିକ ମଧ୍ୟରେ ରହିଛି ହିଜାବ ବିବାଦ, ଅନଲାଇନ୍ ଗେମିଂ, ଉତ୍ତରାଧିକାର ପ୍ରମାଣପତ୍ର ବିବାଦ, ବିଶ୍ୱବିଦ୍ୟାଳୟଗୁଡ଼ିକୁ ଜିଏସଟିରୁ ରିହାତି ଇତ୍ୟାଦି। ସେ ୨୦୨୫ ମସିହା ମେ ୧୨ ତାରିଖରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଭାବରେ ଶପଥ ଗ୍ରହଣ କରିଥିଲେ। ଆସନ୍ତା ୧୯ ତାରିଖରେ ସେ ଅବସର ଗ୍ରହଣ କରୁଥିଲେ ହେଁ ଆଜି ତାଙ୍କର ଶେଷ କାର୍ଯ୍ୟ ଦିବସ ଥିଲା। ଜଷ୍ଟିସ ଶ୍ରୀପଦଙ୍କ ଅବସର ପରେ ହାଇକୋର୍ଟ ବିଚାରପତିଙ୍କ ସଂଖ୍ୟା ୧୭କୁ ହ୍ରାସ ପାଇଛି।

## ସାଉଦି ଆରବରେ ଫସିଥିବା ଓଡ଼ିଆ ଯୁବକଙ୍କୁ ଫେରାଇ ଆଣିବାକୁ ଶିଳ୍ପ ମନ୍ତ୍ରୀଙ୍କ ଅନୁରୋଧ

ଭୁବନେଶ୍ୱର,୧୭।୭(ସମିସ): ସାଉଦି ଆରବରେ ଫସି ରହିଥିବା ଓଡ଼ିଆ ଯୁବକ ପ୍ରଳୟ ରଞ୍ଜନ ମହାପାତ୍ରଙ୍କୁ ସୁରକ୍ଷିତ ଭାବେ ଦେଶକୁ ଫେରାଇ ଆଣିବା ପାଇଁ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ହସ୍ତକ୍ଷେପ କରିବା ସହ ଯଥାଶୀଘ୍ର ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ। ଏନେଇ ସେ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଚିଠି ଲେଖିଛନ୍ତି। ଜଗତସିଂହପୁର ଜିଲ୍ଲାର ପ୍ରଳୟ ରଞ୍ଜନ ମହାପାତ୍ର ଗତ ୨୪.୦୫.୨୦୨୪ରେ ସାଉଦି ଆରବ ଯାଇଥିଲେ । ସେଠାରେ ସେ 'ମଜାଦ୍ ଅଲ୍-ହରବି' କୋ. ନାମକ ଏକ କମ୍ପାନୀରେ ହୁଇଲ୍ ଲୋଡର୍ ଡ୍ରାଇଭର ଭାବେ କାମ କରୁଥିଲେ। ଗତ ଏପ୍ରିଲ ୩୦ ତାରିଖ ୨୦୨୬ରେ ଉକ୍ତ କମ୍ପାନୀ ଏବଂ ପ୍ରଳୟ ରଞ୍ଜନଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅବଧି ଶେଷ ହୋଇଥିଲା। କାର୍ଯ୍ୟ ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ସମ୍ପୃକ୍ତ କମ୍ପାନୀ ପ୍ରଳୟଙ୍କୁ ଭାରତ ଫେରିବାକୁ ଅନୁମତି ଦେଉ ନଥିବା ନେଇ ପ୍ରଳୟଙ୍କ ମାଆ ପ୍ରତିମା ସେଠୀ ଅଭିଯୋଗ କରିଛନ୍ତି। ଏପଟେ ପ୍ରଳୟଙ୍କ ବାପା ସାଧୁ ଚରଣ ସେଠୀଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନଥିବାରୁ ପରିବାରର ମାନସିକ ଚିନ୍ତା ଆହୁରି ବଢ଼ାଇ ଦେଇଛି। ଏନେଇ ପ୍ରତିମା ପୁଅକୁ ସୁରକ୍ଷିତ ଫେରାଇ ଆଣିବାକୁ ନିବେଦନ ମନ୍ତ୍ରୀ ଶ୍ରୀଯୁକ୍ତ ସ୍ୱାଇଁଙ୍କୁ କରିଥିଲେ। ମାନବିକତା ଦୃଷ୍ଟିକୋଣରୁ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏହି ମାମଲାରେ ତୁରନ୍ତ ହସ୍ତକ୍ଷେପ କରି ତାଙ୍କୁ ଯଥାଶୀଘ୍ର ସୁରକ୍ଷିତ ଦେଶକୁ ଫେରାଇ ଆଣିବା ପାଇଁ ପଦକ୍ଷେପ ନେବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଚିଠି ଲେଖିଛନ୍ତି। ଏହାସହ ସାଉଦି ଆରବରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ତୁରନ୍ତ ପଦକ୍ଷେପ ଗ୍ରହଣ ନିମନ୍ତେ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି।

## LOST DOCUMENT NOTICE

The original Sale Deed (No.3240, Dated: 20.09.2010) belonging to Sri Dinesh Prasad Gupta (S/o: Late Dwaraka Prasad of Chandanbazar, P.S: Purunabazar, Dist: Bhadrak) was lost on 02.07.2026 while coming from Chandan Bazar by Scooter. An affidavit has been filed before the Notary Public, Bhadrak on 10.07.26 with no.2050 for token proof of evidence which is to produce before the concerned authority.

## AFFIDAVIT

By virtue of an affidavit sworn before The Notary Public, Titilagarh, on dated- 17/07/2026. I, **Barun Kumar Sahu** (applicant name), S/o Shankar Prasad Sahu, permanent & current resident of AT: Sargiguda, PO/PS: Titilagarh, Dist: Balangir, State: Odisha, PIN: 767033 declare that I have changed my minor daughter's name from **Tejaswini Sahu** (old name) to **Pratyasha Priyadarshani Sahu** (new name). Henceforth, she shall be known as **Pratyasha Priyadarshani Sahu** (new name) for all future purposes.

**Barun Kumar Sahu**

## AFFIDAVIT

I, Babula Nahak, S/o- Sahadeba Nahak resident of Vill./Po.- Jarada, Ps.- Kabisuryanagar, Dist.- Ganjam, odisha, Pin-761104 state vide Affidavit no.A-I dtd.03.07.2026 that I have changed my name from **Baburam Das** to **Babula Nahak**. Henceforth I will be known as **Babula Nahak** for all future purposes.

## AFFIDAVIT

By Virtue of an affidavit (Sl No-277, dtd-15.07.2026) sworn before in The court of Executive Magistrate, Baripada, Mayurbhanj. I,Sulochana Barik, W/o- Srikanta Barik, of Village- Asans, PO-Asana, PS-Bisoi, Dist- Mayurbhanj. That, My minor Daughter's actual name is DIBYAMAYEE BARIK which is reflected in his Birth certificate vide Regd. No.- 6515/2014.That in Aadhar card No -4341 3894 7900 my daughter's name has been wrongly entered as DIPANJALI BARIK instead of DIBYAMAYEE BARIK.That both the name DIBYAMAYEE BARIK and DIPANJALI BARIK is one and same person belongs to my daughter's name. Henceforth, she shall be known as **DIBYAMAYEE BARIK** for all purpose.

**Sd/- SULOCHANA BARIK**

## AFFIDAVIT

I, Smt. S Gouthami @ Sutapali Goutami, W/o- Sri Sutapali Balaji, D/o- Sri Madeti Rama, Resident of Dasarathi Street, Post/PS-Jeypore Town, District-Koraput, Odisha, PIN-764001 declare by this affidavit No.945/2026, dated 17.07.2026 that, now onwards I shall be known as **S Gouthami @ Sutapali Goutami** for all future purposes.

## ୩୫ ପୌରାଞ୍ଚଳ ପାଇଁ ସଂରକ୍ଷଣ ବିଜ୍ଞପ୍ତି ପ୍ରକାଶ

**୧୫ ଦିନ ମଧ୍ୟରେ ଆପତ୍ତି ପରାମର୍ଶ ଗ୍ରହଣ**

ଭୁବନେଶ୍ୱର,୧୭।୭(ସମିସ): ନବଗଠିତ ଏନ୍ଏସି ଓ ମ୍ୟୁନସିପାଲଟିଗୁଡ଼ିକର ଅଧ୍ୟକ୍ଷ ପଦବୀ ସଂରକ୍ଷଣ ବ୍ୟବସ୍ଥା ପ୍ରସ୍ତୁତ କରି ଚିଠା ବିଜ୍ଞପ୍ତି ପ୍ରକାଶ କରିଛି ରାଜ୍ୟ ନଗର ଉନ୍ନୟନ ବିଭାଗ। ରାଜ୍ୟ ୩୫ ଟି ଏନ୍ଏସି ଓ ମ୍ୟୁନସିପାଲଟିର ଅଧ୍ୟକ୍ଷ ପଦ ପାଇଁ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ଆସନ୍ତା ପୌର ନିର୍ବାଚନରେ ଅଧ୍ୟକ୍ଷ ପଦବୀ ସଂରକ୍ଷଣ ନେଇ ପ୍ରକାଶିତ ବିଜ୍ଞପ୍ତି ସମ୍ପର୍କରେ କୌଣସି ଆପତ୍ତି କିମ୍ବା ପରାମର୍ଶ ଥିଲେ ୧୫ ଦିନ ମଧ୍ୟରେ ବିଭାଗ ନିକଟରେ ଦାଖଲ କରିହେବ ବୋଲି ସରକାରଙ୍କ ପକ୍ଷରୁ ଦର୍ଶାଯାଇଛି। ଓଡ଼ିଶା ପୌର ଆଇନ, ୧୯୫୦ ଓ ସମ୍ପର୍କିତ ନିୟମାବଳୀ ଅନୁଯାୟୀ ଏହି ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଆପତ୍ତି ଓ ପରାମର୍ଶ ପୌର ପ୍ରଶାସନଙ୍କ କାର୍ଯ୍ୟାଳୟରେ ଦାଖଲ କରିହେବ ବୋଲି ସ୍ଥିର ହୋଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ମିଳିଥିବା ଆପତ୍ତି ଓ ପରାମର୍ଶକୁ ରାଜ୍ୟ ସରକାର ବିଚାର କରିବେ ଓ ଏହାପରେ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ସ୍ଥିର ହୋଇଛି।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୧୧ଟି ଏନଏସିର ଅଧ୍ୟକ୍ଷ ପଦବୀ ଅନୁସୂଚିତ ଜାତି (ମହିଳା)ଙ୍କ ପାଇଁ ସଂରକ୍ଷିତ ହୋଇଛି। ସେଗୁଡ଼ିକ ହେଲା ପାତ୍ରପୁର, ସାଲେପୁର, ବିଶମକଟକ, ଜଗନ୍ନାଥପ୍ରସାଦ, ତିହିଡ଼ି, ସୋହେଲା, ବୀରମହାରାଜପୁର, ନରସିଂହପୁର, ନର୍ଲା ଓ ସିମୁଳିଆ ଓ ବଡ଼ମ୍ବା ଏନଏସିର ଅଧ୍ୟକ୍ଷ ପଦବୀ ଅନୁସୂଚିତ ଜାତି (ମହିଳା)ଙ୍କ ପାଇଁ ସଂରକ୍ଷିତ ରହିଛି। ଏହା ବ୍ୟତୀତ ଲୋଇସିଂହା, ଧୁସୁରୀ, ପାଲଲହାଡ଼ା, ଯଶୀପୁର, ବସ୍ତା, ଟାଙ୍ଗୀ ଏନ୍ଏସି ଓ ଛତ୍ରପୁର ମ୍ୟୁନସିପାଲଟି ଅନୁସୂଚିତ ଜାତି (ଏସ୍‌ସି)ଙ୍କ ପାଇଁ ସଂରକ୍ଷିତ ହୋଇଛି। ୭ ଟି ଏନ୍ଏସି ଯଥା ଚିତ୍ରଡ଼ା, ବାଙ୍ଗିରିପୋଶି, କପ୍ତିପଦା, ବେତନଟୀ, ବାମରା, ରେଙ୍ଗାଲି ଓ ବୋରିଗୁମା ଅନୁସୂଚିତ ଜନଜାତି (ମହିଳା)ଙ୍କ ପାଇଁ ସଂରକ୍ଷିତ ହୋଇଥିବା ବେଳେ ରାସଗୋବିନ୍ଦପୁର, ଗୋଣ୍ଡା, ଜୟପାଟଣା, ଚଣ୍ଡିଖୋଲ ଏନ୍ଏସି ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ହୋଇଛି। ଅନ୍ୟପକ୍ଷରେ ବୌଦ୍ଧଗଡ଼, ଆସିକା, ଭଞ୍ଜନଗର ଓ କବିସୂର୍ଯ୍ୟନଗର ମ୍ୟୁନସିପାଲଟି ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଥିବା ବେଳେ ପୋଲସରା ମ୍ୟୁନସିପାଲଟି ଓ ଓଡ଼ଗାଁ ଏନ୍ଏସି ଅଣସଂରକ୍ଷିତ ରଖାଯାଇଛି। ଏହି ଚିଠା ବିଜ୍ଞପ୍ତିକୁ ରାଜ୍ୟ ନିର୍ବାଚନ କମିଶନ, ସମସ୍ତ ଜିଲ୍ଲାପାଳ, ସମ୍ପୃକ୍ତ ପୌରପାଳିକା ଓ ଏନଏସି ସମେତ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଓ ବ୍ୟାପକ ପ୍ରଚାର ପାଇଁ ପଠାଯାଇଛି।

## ପଶ୍ଚିମ ରେଳପଥ-ରତଲାମ

**ଇ-ଟେଣ୍ଡର ବିଜ୍ଞପ୍ତି**

W/623/5/3/NIT, ତାରିଖ 15/07/2026। ଇ-ଟେଣ୍ଡର ନଂ. RTM-2026-27-74। କାର୍ଯ୍ୟର ନାମ: ଦାହୋଦ ୱର୍କସପ୍‌ରେ M E M U ରେକ୍ ପରୀକ୍ଷଣ ଶେଡ୍ ପାଇଁ ପିଟ୍ ବ୍ୟବସ୍ଥା (ଆକାର ୩୦୦ ମି. × ୧୨ ମି.) ଏବଂ MEMU DEMU ଶପ୍ ଶେଡ୍‌ର ସମ୍ପ୍ରସାରଣ ସହିତ ପିଟ୍ ବ୍ୟବସ୍ଥା (ଆକାର ୬୦ ମି. × ୨୦ ମି.) କରିବା। ଆନୁମାନିକ ପରିମାଣ: ଟେଣ୍ଡର କାର୍ଯ୍ୟସୂଚୀ ଅନୁଯାୟୀ। ଆନୁମାନିକ ମୂଲ୍ୟ: ଟ.7,04,90,266.16/- । ଅମାନତ ଜମା : ଟ.14,09,800.00/- । କାର୍ଯ୍ୟ ସମାପ୍ତି ଅବଧି: ୧୮ ମାସ । ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୧୪/୦୭/୨୦୨୬ । ଟେଣ୍ଡର ଖୋଲିବାର ତାରିଖ: ୦୭.୦୮.୨୦୨୬ । ବିସ୍ତୃତ ଟେଣ୍ଡର ବିଜ୍ଞପ୍ତିର ସୂଚନା, ଯୋଗ୍ୟତା ମାନଦଣ୍ଡ ଏବଂ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ।

SNP-161

Like us on: facebook.com/WesternRly

## NOTICE

**(above 18 yeras of age)**

By virtue of an affidavit sworn before Notary Public, Udala, Mayurbhanj , dated 14-07-2026 I, Ashini Singh, W/O- Budhia Singh, Address At-Bangra, Po-Bangra, Ps - Khunta, Dist-Mayurbhanj, PIN-757074, Odisha declare that I have changed my name from Ashini Sningh to Ashini Singh. Henceforth, I shall be known as **Ashini Singh** for all purposes.

**(Ashini Singh)**

## AFFIDAVIT

By virtue of an affidavit sworn before Executive Magistrate, Soro, Balasore, Odisha vide Sl. no.1114 dt. 23.4.2026 I, Sumati Senapati, D/o- Sudarshan Senapati, W/o-Sanjay Kumar Dhamudia, At-Darakholi, Po- Wada, Ps- Soro, Dist.- Balasore-756045, declare that my name is recorded as Sumati Dhamudia in Adhar card bearing no. 821990392678 after my marriage. That Sumati Senapati (as per correct name) and Sumati Dhamudia (as per Adhar card) is one and same person. Henceforth, I shall be known as **Sumati Senapati** for all purposes.

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଗୁଣ୍ଡିଚା ଦୁଆରେ...

ଅଝଟ ହୋଇ ନ ଥିଲେ ଭାଇଭଉଣୀ। ପ୍ରଥମେ ତାଳଧ୍ୱଜ ରଥ ମଧ୍ୟାହ୍ନ ୧୨ଟା ୩୦ ଲାଗିଥିଲା ଗୁଣ୍ଡିଚା ମନ୍ଦିର ସମ୍ମୁଖରେ। ଏହାପରେ ଅପରାହ୍ନ ୧ଟା ୧୦ରେ ଦର୍ପଦଳନ ଏବଂ ଶେଷରେ ଅପରାହ୍ନ ୨ଟା ୪୦ରେ ନନ୍ଦିଘୋଷ ରଥ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିଥିଲା। ସଙ୍ଗେ ସଙ୍ଗେ ରଥତ୍ରୟ ଚତୁଃପାର୍ଶ୍ୱରେ ବ୍ୟାରିକେଡିଂ କରାଯାଇଥିଲା। ଏହାପରେ ରଥ ଉପରେ ଠାକୁରଙ୍କର ଅନ୍ୟାନ୍ୟ ନୀତି ଚାଲିଥିବା ବେଳେ ଦର୍ଶନ ପାଇଁ ଶରଧାବାଲି ଲୋକାରଣ୍ୟ ହୋଇପଡିଥିଲା। ଶନିବାର ଦିନତମାମ୍ ରଥ ଉପରେ ଭକ୍ତଙ୍କୁ ଦର୍ଶନ ଦେବେ ଦାରୁବିଗ୍ରହ। ଅପରାହ୍ନ ପ୍ରାୟ ୫ଟା ପରେ ଗୋଟି ପହଣ୍ଡିରେ ଆଡପମଣ୍ଡପ ଯାତ୍ରା କରିବେ ବିଶ୍ୱନିୟନ୍ତା। ରବିବାରଠାରୁ ଶ୍ରଦ୍ଧାଳୁଙ୍କୁ ମିଳିବ ଆଡପ ଅବଢ଼ା।

### ଦୌଡ଼ିଲା ଦେଶର...

ବ୍ୟାଟେରୀରେ ସଞ୍ଚିତ ହୋଇ ରହେ, ଯାହା ଗାଡ଼ିର ଗତି ବଢ଼ାଇବାରେ ସାହାଯ୍ୟ କରେ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାରେ କୌଣସି ପ୍ରକାରର ଧୂଆଁ କିମ୍ବା ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗତ ହୁଏନାହିଁ। ଏଥିରୁ ବର୍ଜ୍ୟବସ୍ତୁ ଭାବେ କେବଳ ଶୁଦ୍ଧ ଜଳୀୟ ବାଷ୍ପ ଏବଂ ସାମାନ୍ୟ ଉତ୍ତାପ ବାହାରିଥାଏ।

ଏହି ଟ୍ରେନରେ ପ୍ରାୟ ୨,୬୦୦ ଯାତ୍ରୀ ଏକାଠି ଯାତ୍ରା କରିପାରିବେ। ଏହାର ସର୍ବାଧିକ ଗତି ଘଣ୍ଟା ପ୍ରତି ୭୫ କିଲୋମିଟର ଧାର୍ଯ୍ୟ କରାଯାଇଥିବା ବେଳେ ଏହା ଘଣ୍ଟା ପ୍ରତି ୧୧୦ କିଲୋମିଟର ବେଗରେ ଚାଲିବା ପାଇଁ ଡିଜାଇନ୍ କରାଯାଇଛି। ହାଇଡ୍ରୋଜେନର ଶକ୍ତି ସାନ୍ଦ୍ରତା ଡିଜେଲ୍ ତୁଳନାରେ ପ୍ରାୟ ତିନି ଗୁଣ ଅଧିକ, ଯାହା କମ୍ ଇନ୍ଧନରେ ଅଧିକ କାର୍ଯ୍ୟଦକ୍ଷତା ପ୍ରଦାନ କରିଥାଏ। ହାଇଡ୍ରୋଜେନ୍ ଏକ ଅତି ଦହନଶୀଳ ଗ୍ୟାସ ହୋଇଥିବାରୁ ଟ୍ରେନରେ ଗ୍ୟାସ ଲିକ୍ ଚିହ୍ନଟକାରୀ ଯନ୍ତ୍ର, ସ୍ୱୟଂଚାଳିତ ଗ୍ୟାସ ବନ୍ଦ ବ୍ୟବସ୍ଥା ଏବଂ ଅଗ୍ନି ନିରୋଧକ ପ୍ରଯୁକ୍ତିବିଦ୍ୟା ଲଗାଯାଇଛି। ହରିୟାଣାର ଜିନ୍ଦଠାରେ ଦେଶର ସବୁଠାରୁ ବଡ଼ ହାଇଡ୍ରୋଜେନ୍ ସଂରକ୍ଷଣ ଏବଂ ଇନ୍ଧନ ଭରଣ କେନ୍ଦ୍ର ସ୍ଥାପନ କରାଯାଇଛି।

### ଭୋଟର ତାଲିକାରୁ...

ରାଜ୍ୟରେ ମାତ୍ର ୧୯ଟି ଟ୍ରିବ୍ୟୁନାଲ କାର୍ଯ୍ୟ କରୁଥିବାରୁ ଏହି ପ୍ରକ୍ରିୟାରେ ବହୁତ ବିଳମ୍ବ ହେଉଛି। ଆବେଦନରେ ଦର୍ଶାଯାଇଛି ଯେ ଯଦି ଜଣେ ବ୍ୟକ୍ତିଙ୍କ ପାଖରେ ବୈଧ ପାସପୋର୍ଟ ଅଛି, ତେବେ ତାଙ୍କୁ ବାରମ୍ବାର ନାଗରିକତ୍ୱ ପ୍ରମାଣ କରିବା ପାଇଁ ଅନ୍ୟ ଦସ୍ତାବେଜ ମଗାଯିବା ଅନୁଚିତ। ସୁପ୍ରିମକୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁଲାଇ ୨୫ ତାରିଖ ମଧ୍ୟରେ କରିବାକୁ ସମୟ ଧାର୍ଯ୍ୟ କରିଛନ୍ତି।

### ନାବାଳକକୁ ଉଲଗ୍ନ...

ଏତଲା ଦେଇଥିଲେ। ପୁଲିସ ମଠସାହିରେ ଚଢ଼ଉ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ୭ଜଣ ଅଭିଯୁକ୍ତ ଫେରାର୍ ଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ସମ୍ପୃକ୍ତ ନାବାଳକଙ୍କ ଘର ଚାଉଳିଆଗଞ୍ଜର ଅଟାରୀ ସାହିରେ ହୋଇଥିବା ବେଳେ ତାଙ୍କ ସାଙ୍ଗମାନଙ୍କ ଘର ସ୍ଥାନୀୟ ମଠସାହିରେ। ଏହି କାରଣରୁ ପ୍ରତ୍ୟେକ ଦିନ ଖେଳିବା ପାଇଁ ନାବଳକ ଜଣକ ମଠସାହି ଯାଇଥାଆନ୍ତି। ଗତ ୧୫ଦିନ ହେବ ମଠସାହି ଅଞ୍ଚଳରେ ବ୍ୟାଟେରୀ ଚୋରି ହେଉଥିଲା। ସ୍ଥାନୀୟ ୭/୮ ଜଣ ଯୁବକ ସମ୍ପୃକ୍ତ ନାବାଳକଙ୍କ ଉପରେ ଜୋରଜବରଦସ୍ତ ଲଦି ଦେଇଥିଲେ। ସେମାନେ କହିଥିଲେ ଯେ, ତୁ ବ୍ୟାଟେରୀ ଚୋରି କରୁଛୁ। ଏହାର ସିସି କ୍ୟାମେରା ଫୁଟେଜ୍ ରହିଛି। ଥାନାରେ ଏତଲା ଦିଆଯିବ। ଯେପର୍ଯ୍ୟନ୍ତ ଏହି ଘଟଣାର ସମାଧାନ ନହୋଇଛି, ସେ ପର୍ଯ୍ୟନ୍ତ ନାବାଳକ ଜଣଙ୍କୁ ମଠସାହିକୁ ଆସିବାକୁ ବାରଣ କରାଯାଇଥିଲା। କିନ୍ତୁ ୩ଦିନ ପୂର୍ବରୁ ଏକଥାକୁ ନମାନି ନାବାଳକ ଜଣକ ଅଟାରୀ ସାହିରୁ ମଠସାହିକୁ ତାଙ୍କ ସାଙ୍ଗଙ୍କୁ ଦେଖା କରିବାକୁ ଯାଇଥିଲେ। ଅପରାହ୍ନ ସମୟରେ ୭/୮ ଜଣ ଯୁବକ ନାବାଳକଙ୍କୁ ଏକ କ୍ୟାବିନ୍ ନିକଟକୁ ଡାକି ଛୁରୀ ଦେଖାଇ ଥିଲେ। ଏହାପରେ ତାଙ୍କ ପ୍ୟାଣ୍ଟ ଓ ସାର୍ଟ ଖୋଲି ଉଲଗ୍ନ କରି ଦେଇଥିଲେ। ବାଉଁଶରେ ମାଡ଼ ମାରି ରାସ୍ତାରେ ଚଲାଇ ଚଲାଇ ନେଇଥିଲେ। ଏହି ଭିଡ଼ିଓ ସ୍ଥାନୀୟ ଅଞ୍ଚଳରେ ପ୍ରଥମେ ଭାଇରାଲ୍ ହୋଇଥିଲା। ଏହାପରେ ପୀଡ଼ିତ ନାବାଳକଙ୍କ ମା'ଘଟଣା ସମ୍ପର୍କରେ ଜାଣିବା ପରେ ଆଜି ସନ୍ଧ୍ୟାରେ ଥାନାରେ ଏତଲା ଦେଇଥିଲେ। ଘଟଣା ସମ୍ପର୍କରେ ଜୋନ୍ ଏସିପି ସୁଧାଂଶୁ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ଏତଲାକୁ ପୁଲିସ ଗୁରୁତର ସହିତ ଗ୍ରହଣ କରିଛି। ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଥିବା ବେଳେ ଏହି ଘଟଣାରେ ଯେଉଁମାନଙ୍କୁ ସମ୍ପୃକ୍ତି ରହିଛି, ସମସ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ।

### ୩ ସ୍କୁଲ୍ ପିଲାଙ୍କ...

ଉତ୍ତ୍ୟକ୍ତ ଲୋକେ ସେଠାରେ ହଙ୍ଗାମା କରିଛନ୍ତି। ବର୍ତ୍ତମାନ ୫ ଜଣ ଆହତଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି, ଯେଉଁଥିରୁ ଦୁଇ ଜଣଙ୍କ ସ୍ଥିତି ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ଘଟଣାର ତଦନ୍ତ ପାଇଁ ରେଳବାଇ ପକ୍ଷରୁ ଏକ ଉଚ୍ଚସ୍ତରୀୟ ଟିମ୍ ଗଠନ କରାଯାଇଛି।

### ଏଏଓ ନିଲମ୍ବିତ...

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ (ସିଡିଏଓ)ଙ୍କ ନିର୍ଦ୍ଦେଶକ୍ରମେ ଏକ ଉଚ୍ଚସ୍ତରୀୟ କମିଟି ତଦନ୍ତ କରିବା ସହ କୃଷି ବିଭାଗକୁ ରିପୋର୍ଟ ଦେଇଛି। ସେହି ରିପୋର୍ଟ ଆଧାରରେ ବ୍ଲକର ଏଏଓ ଦୀପ୍ତିମୟୀ ସିଂଙ୍କୁ ସରକାର ନିଲମ୍ବିତ କରିଛନ୍ତି। ତାଙ୍କୁ ସହଯୋଗ କରିଥିବା ଅଭିଯୋଗରେ ଏଗ୍ରିକଲଚର ଟେକ୍ନିକାଲ୍ ମ୍ୟାନେଜର (ଏଟିଏମ୍) ଗୋପବନ୍ଧୁ ସାହୁ ଓ ଏଏଫ୍‌ସିର ବ୍ଲକ୍ ସଂଯୋଜକ ରଞ୍ଜନ କୁମାର ପ୍ରଧାନଙ୍କୁ ଚାକିରିରୁ ବିଦା କରିଛନ୍ତି। ସେହିପରି ଏହି ଦୁଇ କର୍ମଚାରୀଙ୍କ ବିରୋଧରେ ଥାନାରେ ଏତଲା ଦେବାକୁ ମଧ୍ୟ କୃଷି ବିଭାଗ ପକ୍ଷରୁ ସିଡିଏଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ଶୀଘ୍ର ରିପୋର୍ଟ ଦାଖଲ କରିବାକୁ ମଧ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ସିଆର୍‌ଏଫ୍‌ଏମ୍ ଯୋଜନାରେ ବ୍ୟାପକ ହରିଲୁଟ୍ ଘଟଣା ପଦାକୁ ଆସିବା ପରେ ଯୋଜନାର ରୂପାୟନ ପାଇଁ ସାରା ରାଜ୍ୟରେ ନିୟୋଜିତ ହୋଇଥିବା ଏନ୍‌ଜିଓର ସ୍ୱଚ୍ଛତା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନ୍‌ଜିଓ ବା ବେସରକାରୀ ସଂଗଠନକୁ ସରକାରୀ ଯୋଜନା କ୍ରିୟାନ୍ୱୟନରେ ସାମିଲ କରାଯାଉଥିବାରୁ ହରିଲୁଟ୍ କରିବାକୁ ମଉକା ମିଳୁଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ସେମାନଙ୍କ କହିବା କଥା, ଯୋଜନା କାର୍ଯ୍ୟକାରୀ କରିବାକୁ ଏନ୍‌ଜିଓକୁ ସମସ୍ତ ସାର ଓ ଔଷଧ ପ୍ରଦାନ କରାଯାଉଛି। କୃଷି ଅଧିକାରୀମାନେ କେବଳ ତାହାର ତଦାରଖ କରୁଛନ୍ତି। ଏଣୁ ବ୍ଲକ୍ ସ୍ତରର ଅଧିକାରୀମାନେ ଏନ୍‌ଜିଓ ସହ ମିଶି ଯୋଜନାକୁ ବାଟବଣା କରିବାରେ ସଫଳ ହେଉଥିବା ଅଭିଯୋଗ ହେଉଛି।

## PUBLIC NOTICE

This is to inform the public that Bank Guarantee No. 2451NDLG00212525 (Rs. 2,40,000/-), FDR Ref. No. 2700000 (Rs. 21,98,700/-), and FDR linked to A/C No. 50301071293324 (Rs. 17,20,400/-), submitted to the Jharsuguda R&B Division as the required Bank Guarantee and Security Deposit for a permission application, are not reflected in the records of the concerned authority. An online FIR bearing No. 24861027072600041 has also been lodged regarding the matter. This notice is published for information to the public and all concerned.

## OFFICE OF THE MUNICIPAL COUNCIL: RAYAGADA

**DIST.-RAYAGADA, PIN CODE-765001, ODISHA**

E-mail ID - rayagadam.hud@nic.in

Letter No. 3408 Date. 14-07-2026

13001/1212/2627

## CORRIGENDUM

Please refer to this office notice no. 3187 dated 03.07.2026 regarding Request For Proposal (RPF) for "Door to Door Collection and Transportation of Municipal Solid Waste from Primary sources in Rayagada Municipality area through outsourcing Basics."

Due to administrative reason, the above mentioned Request For Proposal (RPF) is hereby cancelled.

Sd/- Executive Officer
Rayagada Municipality

OIPR-13001/13150/1/26-27/0008

## Office of the Notified Area Council, Dharamagarh (Dt.)- Kalahandi

13001/1191/2627

No. 2466 / DMH. Dt. 14.07.2026

**Tender Call Notice**

| | |
|---|---|
| Name of the work | Supply of equipment for SUH Dharamagarh |
| No of work | 01 No |
| Tender Notice No | 2463/DMH Dt.14.07.2026 |
| Agency | As per eligibility |
| Available of Document | Dt. 15.07.2026 to 24.07.2026 (in office Hour) at NAC Office Dharamagarh |
| Last date of Receipt of bid document | Up to 4.00 PM of 24.07.2024 |
| Date of Opening of BID | 4.30 PM of Dt. 24.07.2026 |
| Tender Paper Cost | Rs.500/- (Five Hundred)only |
| Name and Address of inviting officer | Executive Officer, NAC, Dharamagarh |

Executive Officer,
NAC, Dharamagarh

OIPR-13001/13163/1/26-27/0011

## O/O CHIEF DISTRICT MEDICAL & PUBLIC HEALTH OFFICER

**DHH WARE HOUSE NABARANGPUR.**

Mail id- dwhnabarangpur.26@gmail.com

10001/374/2627

**RFP No: 6681** **Date: 15.07.2026**

Sealed tenders are invited from registered, reputed and experienced Agencies /Firms/ Individuals for **"selection of bidders for Annual Rate Contract for supply of Chemicals, Media & Reagents, Laboratory wares and Medical items under Rate contract ".** Bidders may send their complete bid in double cover system **(Technical & Financial)** separate envelops only. Combined bids will not be considered. Category of supply must be superscribed in the top of the Bid envelop and addressing clearly to the CDM&PHO, Nabarangpur.Tender documents is to be downloaded from the District website https://nabarangpur.odisha.gov.in/. **Last date for receipt of Tender documents is 10.08.2026 by 5:00 PM only through Speed post/Regd Post/Courier only,** and the bids so received will be opened on **11.08.2026 at 11:00 AM** in the office chamber of CDM&PHO office, Nabarangpur. Incomplete and late receipt bids will be summarily rejected. The undersigned reserves the right to cancel all or any of the bids without assigning any reason thereof. Pre-Bid meeting-23.07.2026 at 11 AM.

-Sd-
CDM & PHO cum District Mission Director
NHM Nabarangpur

OIPR-10001/10081/1/26-27/0011

## ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର

13001/1189/2627

**HOUSING & URBAN DEVELOPMENT DEPARTMENT, GOVT. OF ODISHA**

ଜଟଣୀ ପୌର ପରିଷଦ, ଜଟଣୀ

**OFFICE OF THE MUNICIPAL COUNCIL: JATANI**

ସ୍ଥାନ – ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୭୫୨୦୫୦

At/Ps- Jatani, Dist.- Khordha (Odisha), Pin-752050

E-mail: municipalityjatni@gmail.com, Phone No.: **0674-2490826**

**Letter No.: 3980, Dated: 13/07/2026**

**QUOTATION CALL NOTICE**

Sealed quotations are invited from Registered Firms / Supplier / Agencies for Repair & maintenance of Computer/ Printer/LAN / Xerox/ CCTV/LCD Projector with supply of Computer and accessories peripherals for Jatni Municipality Office as per the detailed specification. The Bidder should submit the bid paper along with rate per following quantity in item wise in the prescribed proforma along with GST Certificate to the undersigned from **date 14/07/2026 at 11.00 AM to 23/07/2026 by 11.00 AM** and the same will be opened on **23/07/2026 at 12.30 PM** in the presence of Tender Committee Members & Bidders. The Bidder have to deposit **Rs. 1000/- (Rupees One Thousand Only)** as paper cost and **Rs. 5000/- (Rupees Five Thousand Only)** towards EMD in the shape of Demand Draft or online payment through MPOS in the favour of **Executive Officer, Jatni Municipality**. The Bidder should attach the copy of the deposit particulars with the bid document. The authority reserves the rights for cancellation or corrigendum of quotation call notice at any time without any reason thereof.

| Sl.No. | Particulars / Materials | Rates as per following quantity |
|---|---|---|
| 1 | All in One Computer 13th Gen., 22" Display (i5-16GB-1TB) HP/DELL/LENOVO | 1 No. |
| 2 | All in One Computer 13th Gen., 27" Display (i5-16GB-1TB) HP/DELL/LENOVO | 1 No. |
| 3 | Monitor 22" (HP/DELL/LENOVO) | 1 No. |
| 4 | Laptop i5 (HP/DELL/LENOVO) | 1 No. |
| 5 | Laser Printer (Dual Side Printing with Scanner) HP/Canon | 1 No. |
| 6 | Colour Inkjet Printer (HP/Canon) | 1 No. |
| 7 | Mother Board (61/81/210/270) HP/DELL/Lenovo | 1 No. each |
| 8 | RAM DDR-III/IV – 8GB (Laptop) | 1 No. |
| 9 | RAM DDR-III/IV – 800/1333/1600/2600/3200 (Desktop) | 1 No. each |
| 10 | HDD – 1TB (Seagate/WD/Toshiba) for Laptop | 1 No. |
| 11 | HDD – 1TB (Seagate/WD/Toshiba) for Desktop | 1 No. |
| 12 | SSD (Kingston/Samsung/480) | 1 No. |
| 13 | Processor (Core i3/Core i5 Intel) | 1 No. each |
| 14 | External HDD (1TB Seagate) | 1 No. |
| 15 | External SSD (1TB/2TB) | 1 No. each |
| 16 | PC Repair Charges (excluding parts) | 1 No. |
| 17 | Printer Repair Charges (excluding parts) | 1 No. |
| 18 | Monitor Repair Charges (excluding parts) | 1 No. |
| 19 | SMPS (Branded) | 1 No. |
| 20 | ATX Cabinet | 1 No. |
| 21 | USB Mouse/Wireless Mouse | 1 No. |
| 22 | USB Keyboard/Wireless Keyboard | 1 No. |
| 23 | Power Cable | 1 No. |
| 24 | SATA/PATA Cable | 1 No. each |
| 25 | Quick Heal Pro Antivirus (1 User/2 User/3 User/5 User) | 1 No. each |
| 26 | VGA Cable | 1 No. |
| 27 | HDMI Cable | 1 No. |
| 28 | Interface Cable | 1 No. |
| 29 | UPS 600VA (Microtek/Luminous/V-Guard) | 1 No. |
| 30 | UPS 1KVA (Microtek/Luminous/V-Guard) | 1 No. |
| 31 | UPS Battery 12V 500VA (Single) | 1 No. |
| 32 | UPS Battery 1KVA (Double) | 1 No. |
| 33 | UPS Logic Card | 1 No. |
| 34 | UPS Transformer | 1 No. |
| 35 | Konica Xerox Toner Cartridge (New) | 1 No. |
| 36 | Konica Xerox Toner Cartridge (Refilling) | 1 No. |
| 37 | Konica Xerox Developer | 1 No. |
| 38 | Konica Xerox Drum | 1 No. |
| 39 | Konica Xerox Wiper Blade | 1 No. |
| 40 | Konica Xerox DC Blade | 1 No. |
| 41 | Laser Printer (103HP/12AHP/18AHP/30AHP/Canon 337/Samsung 101) Toner Cartridge (New) | 1 No. each |
| 42 | Laser Printer (103HP/12AHP/18AHP/30AHP/Canon 337/Samsung 101) Toner Cartridge (Refilling) | 1 No. each |
| 43 | LAN/Networking Router 4G/3G | 1 No. |
| 44 | LAN/Networking HUB | 1 No. |
| 45 | LAN/Networking Cable | Per Mtr. |
| 46 | LAN/Networking Switch (5 Port/8 Port) | 1 No. each |
| 47 | LAN/Networking Wi-Fi Adapter | 1 No. |
| 48 | USB LAN Sound Adaptor | 1 No. |
| 49 | USB to Type-C Cable / Type-C to Type-C Cable (High Quality) | 1 No. each |
| 50 | Pen Drive (16GB/32GB/64GB/128GB/OTG) | 1 No. |
| 51 | Formatting & Data Recovery with Software Installation of Laptop | 1 No. |
| 52 | Formatting & Data Recovery with Software Installation of Desktop | 1 No. |
| 53 | CCTV Bullet Camera | 1 No. |
| 54 | DOME Camera | 1 No. |
| 55 | DVR (8 Port/16 Port/24 Port/32 Port) | 1 No. each |
| 56 | MVR (8 Port/16 Port) | 1 No. |
| 57 | VNC Connector | 1 No. |
| 58 | DC Connector | 1 No. |
| 59 | DVR Cable | Per Mtr. |
| 60 | MVR Cable | Per Mtr. |
| 61 | Surveillance HDD | 1 No. |
| 62 | HDMI Cable for LCD Projector | 1 No. |
| 63 | VGA Cable for LCD Projector | 1 No. |
| 64 | LCD Projector Stand | 1 No. |
| 65 | LCD Projector Screen (10' × 6') | 1 No. |

Executive Officer
Jatni Municipality

OIPR-13001/13041/1/26-27/0014

# ଟୋକନ ସମସ୍ୟା ପାଇଁ ୯ ହଜାର ଚାଷୀ ଧାନ ବିକ୍ରିରୁ ବଞ୍ଚିତ

## ସମାଧାନ ପାଇଁ ଆଇନଗତ ସହାୟତା ନେଲା କୃଷକ ସଂଗଠନ

ବରଗଡ଼, ୧୭।୭(ସମିସ)



ଚଳିତ ବର୍ଷ ରାଜ୍ୟ ସରକାରଙ୍କ ଧାନ ସଂଗ୍ରହ ନୀତି ମଧ୍ୟରେ ବାଦବିବାଦ ଭେଇ ସମାପନ ହୋଇଅଛି। ରାଜ୍ୟରେ ଖରିଫ ଋତୁରେ ୭୭ ଲକ୍ଷ ମେଟ୍ରିକ୍ ଟନ ଏବଂ ରବି ଋତୁରେ ୨୦ ଲକ୍ଷ ମେଟ୍ରିକ୍ ଟନ ମୋଟ ୯୭ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଛି। ଯାହାକି ଗତବର୍ଷ ତୁଳନାରେ ୫ ଲକ୍ଷ ମେଟ୍ରିକ୍ ଟନ୍ ଅଧିକ।

ମାତ୍ର ଏହି ଜିଲ୍ଲାରେ ଖରିଫ ଋତୁରେ ଚଳିତ ବର୍ଷ ୩୦ ହଜାର କ୍ୱିଣ୍ଟାଲ ଧାନ କମ୍ କିଣା ଯାଇଛି ଏବଂ ୯ ହଜାର ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହୋଇଛନ୍ତି। ପଞ୍ଜୀକରଣରୁ ବାଦ ପଡ଼ିଥିବା ଚାଷୀମାନେ ପ୍ରାୟ ୭୨ ଦିନ କଷ୍ଟ ଉପାର୍ଜିତ ଧାନ ବିକ୍ରି ଆଶାରେ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ଟୋକନ ଆସିଲା ନାହିଁ ଏବଂ ଧାନ ବିକ୍ରି ମଧ୍ୟ କରିପାରିଲେ ନାହିଁ। ରବି ଋତୁରେ ମଧ୍ୟ ସମାନ ସମସ୍ୟା ୧ ଲକ୍ଷ ୫ ହଜାର ୪୯୪ ଜଣ ଆବଶ୍ୟକ କାଗଜପତ୍ର ଦେଇ ପଞ୍ଜୀକୃତ ହୋଇଥିଲେ ହେଲେ ୫୦୮୯ ଚାଷୀଙ୍କ ଆଦୌ ଟୋକନ ଆସି ନାହିଁ ଏବଂ ୨୦ / ୨୫ ହଜାର ଚାଷୀଙ୍କ ଜମି ତୁଳନାରେ କମ ଟୋକନ ଆସିଥିବାରୁ ଅସନ୍ତୋଷ ଚାଷୀମାନେ ଖରବନ୍ଧ ବ୍ଲକ ତରଫରେ ୧୩ ଦିନ ଆମରଣ ଅନଶନ ଏବଂ ବିଭିନ୍ନ ସମୟରେ ଆନ୍ଦୋଳନାତ୍ମକ ପନ୍ଥା ମଧ୍ୟ ଅବଲମ୍ବନ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଟୋକନ ଅନିୟମିତତାର ଶିକାର ହୋଇଥିବା ଚାଷୀମାନେ ପୁଣି ଥରେ ହଜାର ହଜାର ଚାଷୀଙ୍କ ଅଭିଯୋଗ ଗ୍ରହଣ କରାଯାଇଥିଲା। କିନ୍ତୁ ସେହି ସମାନ ସ୍ଥିତି, ୫୦୮୯ ଚାଷୀଙ୍କୁ ଟୋକନ ମିଳିନା ନାହିଁ ଏବଂ ୨୦/୨୫ ହଜାର ଚାଷୀଙ୍କୁ ମିଳିଥିବା କମ୍ ପରିମାଣର ଟୋକନ ସଂଶୋଧନ ହୋଇ ପାରିଲା ନାହିଁ। ଫଳରେ ଗତ ରବି ଋତୁରେ ୭୨, ୭୩, ୯୯୪ କ୍ୱିଣ୍ଟାଲ ଧାନ କିଣା ଯାଇଥିବା ସ୍ଥଳେ ଚଳିତ ବର୍ଷ ମାତ୍ର ୫୮, ୨୭, ୩୭୨ କିଣା ଯାଇଛି ଅର୍ଥାତ ୪, ୩୭, ୬୭୨ କ୍ୱିଣ୍ଟାଲ ଧାନ କମ କିଣା ଯାଇଛି। ଯାହା ଅଞ୍ଚଳରେ କୃଷକ ସଂଗଠନମାନେ ସ୍ୱିପାକଳ ସରକାରଙ୍କ ଧାନ କ୍ୱିଣ୍ଟାଲ ପ୍ରତି ୩୧ ଶହ ଟଙ୍କା ନିର୍ବାଚନୀ ପ୍ରତିଶ୍ରୁତିକୁ ପ୍ରତାରଣା ବୋଲି ଅଭିହିତ କରିଛନ୍ତି। କାରଣ ସରକାର ଉଦ୍ଦେଶ୍ୟମୂଳକ ଭାବରେ ସାଟେଲାଇଟ ମାଁରେ ଚାଷ ହୋଇଥିଲେ ମଧ୍ୟ ଚାଷ ହୋଇନଥିବା ଉଲ୍ଲେଖ କରି ଟୋକନ ଦେଲେ ନାହିଁ କିମ୍ବା କୌଣସି ସନ୍ତୋଷ ଜନକ ଉତ୍ତର ବିଭାଗୀୟ ଅଧିକାରୀମାନଙ୍କ ଠାରୁ ଚାଷୀମାନେ ପାଇ ନାହାନ୍ତି ଫଳରେ କିଛି ଚାଷୀଙ୍କ ଧାନ ବର୍ତ୍ତମାନ ସୁଦ୍ଧା ବିକ୍ରି ହୋଇପାରିନାହିଁ।

ସମସ୍ତ କୃଷକ ମାନଙ୍କ ନ୍ୟାୟ ପାଇଁ ଆଇନର ଆଶ୍ରୟ ନେବା ନିଷ୍ପତ୍ତି ହୋଇଛି। ଆଜି ବରଗଡ଼ ଓକିଲ ସଂଘ ସଭାପତି ଭାଷ୍କର ଦେବ ସରାଫଙ୍କୁ ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ରମେଶ ମହାପାତ୍ର, ସୁରେଶ ନେକେଣ୍ଡି ଦାବିପତ୍ର ପ୍ରଦାନ କରିଛନ୍ତି।

## ଭଲଟି ଆସିବ ପୁରୀ ରଥର ୩ ଚକ

ଭଟଲି, ୧୭।୭(ସମିସ): ପଶ୍ଚିମ ଓଡ଼ିଶାର ଶ୍ରୀକ୍ଷେତ୍ର ଭାବେ ପରିଚିତ ଭଟଲିର ଆରାଧ୍ୟ ମହାପ୍ରଭୁ ଶ୍ରୀ ଦଧିବାମନ ସ୍ୱାମୀଙ୍କ ରଥଯାତ୍ରା ଗତକାଲି ପାଳିତ ହୋଇଯାଇଛି। ଭକ୍ତମାନଙ୍କ ଗହଣରେ ମହାପ୍ରଭୁ ଶ୍ରୀ ମନ୍ଦିରରୁ ବାହରି ନଅ ଦିନ ବ୍ୟାପି ନବଗୁଞ୍ଜର ଯାତ୍ରା ପାଇଁ ମାଉସୀ ମା' ମନ୍ଦିର ଅଭିମୁଖେ ବାହାରି ପଡ଼ିଥିଲେ। ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଗୁରୁବାର ପ୍ରାୟ ୭ଟାରେ ମାଉସୀ ମାଁ ମନ୍ଦିର ନିକଟରେ ଲାଗିଥିଲା। ଶୁକ୍ରବାର ରଥ ଉପରେ ଭୁରା ଭୋଗ ଲାଗି କରାଯାଇଥିଲା। ପରେ ସଂଧ୍ୟାରେ ପହଣ୍ଡି ବିଜୟ ଆରମ୍ଭ ହୋଇ ମହାପ୍ରଭୁଙ୍କୁ ମାଉସୀ ମାଁ ମନ୍ଦିର ଭିତରକୁ ନିଆଯାଇଥିଲା। ଆଜି ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁରିରୁ ଆସିଥରବା ଦଣ୍ଡଭୁଜା ଗୋଟିପୁଅ ନାଚ ଏବଂ ସୋନପୁରର ବିମଲ ମେଜିକ ସୋ ପ୍ରଦର୍ଶିତ ହୋଇଥିଲା। ତେବେ ଆଜି ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଏବଂ ମନ୍ଦିର ଟ୍ରଷ୍ଟର ମିଳିତ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା ଯେ ଆସନ୍ତା ୧୯ ତାରିଖ ରବିବାର ଦିନ ପୁରୀରୁ ଜଗନ୍ନାଥ ମହାପ୍ରଭୁ, ଶ୍ରୀ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ପବିତ୍ର ତିନୋଟି ଚକ ଭଟଲିକୁ ଅଣାଯାଉଛି। ପବିତ୍ର ରଥ ଚକଗୁଡିକ ସକାଳ ପ୍ରାୟ ୧୧ଟାରେ ଗୋପାଳପୁର ଛକରେ ପହଞ୍ଚିବ। ସେଠାରୁ ବିରାଟ ଶୋଭାଯାତ୍ରାରେ ଭଟଲି ସହର ପରିକ୍ରମା କରି ମାଉସୀ ମା' ମନ୍ଦିର ଠାରେ ପହଞ୍ଚିବ। ସେଠାରେ ଏହି ରଥ ଚକଗୁଡିକୁ ଅସ୍ଥାୟୀ ଭାବେ ସ୍ଥାପନା କରାଯିବ।

## ପାର୍ବତୀଗିରି ମହିଳା ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ବରଗଡ଼, ୧୭।୭(ସମିସ): ବରଗଡ଼ ପାର୍ବତୀଗିରି ମହିଳା ମହାବିଦ୍ୟାଳୟ ଶକ୍ତିଶ୍ରୀ ଏମ୍ପାୱାରମେଣ୍ଟ ସେଲ୍‌ଫ ପକ୍ଷରୁ 'ମହିଳା ସୁରକ୍ଷା ଓ ଆଇନଗତ ଅଧିକାର' ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅଧକ୍ଷା ନନ୍ଦିନୀ ନିରୋଦ ପଣ୍ଡାଙ୍କ




ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ଆଇନଜ୍ଞ ଡଃ. ସୁଜିତ କୁମାର ଦାଶ, ମୁଖ୍ୟବକ୍ତା ଓ ପ୍ରାଧାପିକା ଡଃ.ପୁଷ୍ପାଞ୍ଜଳି ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଶକ୍ତିଶ୍ରୀ ଏମ୍ପାୱାରମେଣ୍ଟ ସେଲ୍‌ଫର ସଂଯୋଜିକା ଡଃ.ସାଇଦା ବାନୁ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଡ଼ଃ. ସୁଜିତ ଦାଶ ତାଙ୍କ ବକ୍ତବ୍ୟରେ ମହିଳାଙ୍କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଆଇନ, ସାଇବର ଅପରାଧରୁ ସୁରକ୍ଷା, କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡ଼ନ ନିବାରଣ, ଘରୋଇ ହିଂସା ଆଇନ, ଜରୁରୀକାଳୀନ ସହାୟତା ବ୍ୟବସ୍ଥା ଏବଂ ମହିଳାଙ୍କ ଆଇନଗତ ଅଧିକାର ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଶେଷରେ ଅଧାପିକା ଡଃ.ମୋନାଲିସା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ସହଯୋଗ ଅନୁଷ୍ଠାନର ପ୍ରତିଷ୍ଠା ଦିବସ

ପଦ୍ମପୁର, ୧୭।୭(ସମିସ): ସ୍ଥାନୀୟ ସିଦ୍ଧି ବିନାୟକ କଲ୍ୟାଣ ମଣ୍ଡପ ଠାରେ ସହଯୋଗ ଅନୁଷ୍ଠାନର ତୃତୀୟ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟିକା ବର୍ଷା ସିଂ ବରିହା, ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପାଣ୍ଡବ ଶବର ଯୋଗ



ଦେଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଙ୍ଗ୍ ହ୍ୟୁମାନ ବଲାଙ୍ଗିର, ଜିଲ୍ଲା ସମାଜ ସେବୀ ସଙ୍ଗଠନ, ବରଗଡ଼, ୨୫ରୁ ଊର୍ଦ୍ଧ୍ୱ ଅଜଣା ଶବ ସତ୍କାର କରିଥିବା ସଂଘମିତ୍ରା ପଟେଲ ଗ୍ରୁପ୍, ନିଜସ୍ୱ ପାଣ୍ଠିରୁ ବୃଦ୍ଧାଶ୍ରମ କରି ୧୫ରୁ ଊର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କୁ ଥଇଥାନ କରିଥିବା ବାଘଝୁଲାର କୀର୍ତ୍ତନ ଦାସ ଏବଂ ପଦ୍ମପୁରରେ ସର୍ବାଧିକ ରକ୍ତଦାନ କରିଥିବା ମହିଳା ରକ୍ତଦାତ୍ରୀ ସବିତା ପଟେଲଙ୍କୁ ମାନପତ୍ର ସହ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପରେ ଆୟୋଜିତ ରକ୍ତଦାନ ଶିବିରରୁ ୩୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସମ୍ପାଦକ ତାପସ କୁମାର ନାୟକ ବିବରଣୀ ପାଠ କରିଥିବା ବେଳେ, ଆକାଶ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ସଭାପତି ମୌସମ ପାଗଡ଼ାଙ୍କ ସମେତ ସଂଗଠନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ପଦ୍ମପୁର, ୧୭।୭(ସମିସ): ପଦ୍ମପୁର ଉପ-ଜିଲ୍ଲାପାଳଙ୍କ ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରସନ୍ କୁଲ୍ଲୁଙ୍କ ଅଧକ୍ଷତାରେ ୮୦ତମ ଉପଖଣ୍ଡ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନତ ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଏହି ଜାତୀୟ ଉତ୍ସବ ପାଳନ ପାଇଁ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ନିଷ୍ପତ୍ତି ମୁତାବକ, ଆସନ୍ତା ଅଗଷ୍ଟ ୧୫ ତାରିଖ ପ୍ରାତଃ ୪ଟା ୩୦ରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହରରେ ରାମଧୁନ ସହ ସ୍ଥାନୀୟ ରାଧାମାଧବ ଓ ସତ୍ୟସାଇ ସେବା ସମିତିର ସହଯୋଗରେ ପ୍ରଭାତ ଫେରୀ ବାହାରିବ। ସକାଳ ୬ଟାରୁ ୭ଟା ମଧ୍ୟରେ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ର ଓ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ସକାଳ ୭ଟାରୁ ୮ଟା ମଧ୍ୟରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ପୂର୍ବାହ୍ନ ୯ଟାରେ ସ୍ଥାନୀୟ ଆର୍‌ବି ହାଇସ୍କୁଲ ପଡ଼ିଆଠାରେ ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆନୁଷ୍ଠାନିକ ଭାବେ ପତାକା ଉତ୍ତୋଳନ କରିବେ ଏବଂ ସମ୍ମିଳିତ ପରେଡରୁ ଅଭିବାଦନ ଗ୍ରହଣ କରି ଜନସାଧାରଣଙ୍କୁ ଉଦବୋଧନ ଦେବେ।

ଚଳିତ ବର୍ଷ ମାର୍ଚ୍ଚପାଷ୍ଟ ପ୍ରତିଯୋଗିତାରେ ଏନସିସି, ସ୍କାଉଟ୍, ଗାଇଡ୍, ରେଡକ୍ରସ ଏବଂ ସିଭିଲିୟାନ ଦଳ ଅଂଶଗ୍ରହଣ କରିବେ ଏବଂ କୃତୀ ଦଳଗୁଡ଼ିକୁ ରନିଂ ସିଲ୍ଡ ସହ ସ୍ଥାୟୀ କପ୍ ପ୍ରଦାନ କରାଯିବ। ଏହା ସହିତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆସନ୍ତା ଅଗଷ୍ଟ ୩ ତାରିଖରୁ ୫ ତାରିଖ ମଧ୍ୟରେ ଆୟୋଜନ କରାଯିବ। କୃତି ଛାତ୍ରଛାତ୍ରୀ ଏବଂ ନିଃସ୍ୱାର୍ଥପର ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ବିଶିଷ୍ଟ ବ୍ୟକ୍ତି ତଥା କଳାକାରମାନଙ୍କୁ ସ୍ମାରକୀ ଟ୍ରଫି ଦ୍ୱାରା ସମ୍ମାନୀତ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ଅନ୍ୟପକ୍ଷରେ, ଉତ୍ସବ ଦିନ ଅପରାହ୍ନ ୩ଟାରେ ଆର୍.ବି. ହାଇସ୍କୁଲ ଖେଳପଡ଼ିଆଠାରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହେବ। ପରିଶେଷରେ ଡେପୁଟି କଲେକ୍ଟର ଭବାନୀ ଶଙ୍କର ମହନ୍ତ ସମସ୍ତ ସଦସ୍ୟଙ୍କ ଆକୁଣ୍ଠ ସାହାଯ୍ୟ ଓ ସହଯୋଗ କାମନା କରି ଧନ୍ୟବାଦ ଅର୍ପଣ ସହ ସଭା ସାଙ୍ଗ କରିଥିଲେ।

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର

ବରଗଡ଼, ୧୭।୭(ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି ଏବଂ ଜନ୍ତରମନ୍ତରରେ ସୋନମ ୱାଙ୍ଗଚୁକଙ୍କ ଚାଲିଥିବା ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମରଣ ଅନଶନ ପ୍ରତି ସମର୍ଥନ ଜଣାଇ ବରଗଡ଼ ଜିଲ୍ଲାର ବିଭିନ୍ନ ସଂଗଠନର ଏକ



ପ୍ରତିନିଧିମଣ୍ଡଳୀ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ନିକଟକୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରତିନିଧିମଣ୍ଡଳୀ ପକ୍ଷରୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଗଲା ଯେ, ଉକ୍ତ ଦାବିପତ୍ର ଯଥାଶୀଘ୍ର ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କ ନିକଟକୁ ପ୍ରେରଣ କରି ଜନସାଧାରଣଙ୍କ ଦାବି ଓ ଚିନ୍ତାକୁ ଉପଯୁକ୍ତ ବିଚାର ପାଇଁ ଉପସ୍ଥାପନ କରାଯାଇଥିଲା। ଦାବିପତ୍ର ପ୍ରଦାନବେଳେ ଆମ୍ବେଦକର ଯୁବା ସଂଘ ବରଗଡ଼, ସଂଯୁକ୍ତ କୃଷକ ସଂଗଠନ, କୋଶଲ ସେନା ଓ ଜିଲ୍ଲାର ବିଭିନ୍ନ ସଂଗଠନର ସାମାଜିକ କର୍ମୀ ମାନେ ଉପସ୍ଥିତ ଥିଲେ।

## ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଶୁଖିଲା ଖାଦ୍ୟ ବଣ୍ଟନ

ବରଗଡ଼, ୧୭।୭(ସମିସ): ଲାୟନ୍ସ କ୍ଲବ ପକ୍ଷରୁ ଘରୋଇ ବସଷ୍ଟାଣ୍ଡ ନିକଟରେ ଥିବା ନିରାଶ୍ରୟଙ୍କ ଆଶ୍ରୟସ୍ଥଳୀରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଲଗାଣ ବର୍ଷାରେ କେହି ଘରୁ ବାହାରି



ପାରୁନଥିବାବେଳେ ଆଶ୍ରୟସ୍ଥଳୀରେ ରହୁଥିବା ଅନ୍ତେବାସୀ ଉକ୍ତ ସଂଗଠନ ପକ୍ଷରୁ ଶୁଖିଲା ଖାଦ୍ୟ ପାଇ ଖୁସିବ୍ୟକ୍ତ କରିଛନ୍ତି। ଏହି ଅବସରରେ ସଂସ୍ଥାର ସଭାପତି ଲାୟନ୍ସ ଅଭୟ କୁମାର ଭୋଇଙ୍କ ଜନ୍ମଦିବସ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଞ୍ଜୁଲତା ଭୋଇ, ସମାଜସେବୀ ସତ୍ୟ ନାରାୟଣ ପଣ୍ଡା, ସାମ୍ବାଦିକ ତୁଳସୀ ଚରଣ ଦାଶ, ନିରାଶ୍ରୟଆଶ୍ରୟସ୍ଥଳୀର ତତ୍ତ୍ୱାବଧାରକ ଅବିନାଶ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମପ୍ରାଣା ତପସ୍ୱିନୀ ପ୍ରଧାନଙ୍କ ପରଲୋକ

ବରଗଡ଼, ୧୭।୭(ସମିସ): ବରଗଡ଼ କଲେଜ ରୋଡ଼ ନିବାସୀ ତଥା ସମ୍ବଲପୁରୀ ବସ୍ତ୍ରାଳୟର ଅନ୍ୟତମ ସହଯୋଗୀ ପ୍ରତିଷ୍ଠାତା ସ୍ୱର୍ଗତ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ପୁତ୍ର ସ୍ୱର୍ଗତ ରବୀନ୍ଦ୍ର ପ୍ରଧାନଙ୍କ ପତ୍ନୀ ତପସ୍ୱିନୀ ପ୍ରଧାନଙ୍କ ୮୫ ବର୍ଷ ବୟସରେ ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ନିତ୍ୟାନନ୍ଦ, କୈଳାସ ଓ ସାନ ପୁଅ ସ୍ୱର୍ଗତ



ବିବେକାନନ୍ଦଙ୍କ ବିଧବା ପତ୍ନୀ ନିବେଦିତା, ଝିଅ ମୀନା ଓ ଜ୍ୱାଇଁ ପ୍ରମୋଦ ତଥା ନାତି ନାତୁଣୀ ଉପସ୍ଥିତ ଥିଲେ। ସ୍ୱର୍ଗତା ପ୍ରଧାନଙ୍କ ମୃତ୍ୟୁ ଖବର ପାଇ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ସମ୍ବଲପୁରୀ ବସ୍ତ୍ରାଳୟ ସଭାପତି ସମ୍ବିତ ଆଚାର୍ଯ୍ୟ(ଫିକ୍), ସଞ୍ଜୟ କୁମାର ଆଚାର୍ଯ୍ୟ (ଜନ୍), ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟଙ୍କ ବଡ଼ ବୋହୂ ବୀଣାପାଣି ଆଚାର୍ଯ୍ୟ-(ପୂର୍ବତନ ମନ୍ତ୍ରୀ ଆନନ୍ଦ ଆଚାର୍ଯ୍ୟଙ୍କ ଧର୍ମପତ୍ନୀ), ବିସ୍ମୟ ବାବୁ (ଲାଲା), ବାଳମୁକୁନ୍ଦ ଦାଶ, ବିଶିଷ୍ଟ ସମାଜସେବୀ ସତ୍ୟ ନାରାୟଣ ପଣ୍ଡା, ସୁଶୀଲ ମହାପାତ୍ର ପ୍ରମୁଖ କଲେଜ ରୋଡ଼ ମହିଳା ମଣ୍ଡଳ ଆଦି ସହରର ତଥା ବରଗଡ଼ ବାହାରର ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନ ଏବଂ ସ୍ୱର୍ଗଦ୍ୱାରକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବଡ଼ ପୁଅ ନିତ୍ୟାନନ୍ଦ ମୁଖାଗ୍ନି ଦେଇଥିଲେ।

## ଗୁଦେରପାଲି ଗାଁରେ ତୃତୀୟା ରଥ



ବରଗଡ଼, ୧୭।୭(ସମିସ): ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୁଦେରପାଲି ଗାଁରେ ରଥ ତୃତୀୟା ପାଳିତ ହୋଇଯାଇଛି। କିଛିବର୍ଷ ପୂର୍ବେ ଗାଁ ଗୌନ୍ତିଆଙ୍କ ବଡ଼ପୁଅ ରଥ ଦ୍ୱିତୀୟା ଦିନ ମୃତ୍ୟୁ ବରଣ କରିଥିଲେ। ସେହିବର୍ଷ ଠାରୁ ଗାଁରେ ରଥଯାତ୍ରା ତୃତୀୟା ଦିନ ହୋଇଆସୁଛି। ପଣ୍ଡିତ ନିରଞ୍ଜନ ମିଶ୍ର, ଧନପତି ଦେବତା, ଅଶୋକ ଦେବତା, ରିଙ୍କୁ ଦେବତା ଏବଂ ଆଦର୍ଶ ଦେବତା ଜଗନ୍ନାଥଙ୍କୁ ପହଣ୍ଡି କରି ରଥାରୁଢ଼ କରିଥିଲେ। ଗୌନ୍ତିଆ ରାମଚନ୍ଦ୍ର ପାତ୍ର ଛେରାପହଁରା କରିଥିବା ବେଳେ ସୁବାସ ପାତ୍ର, କେଶବ ପାତ୍ର, କିଶୋର ପାତ୍ର, କଏଁରୀ ପ୍ରଧାନ, ବୀରେନ୍ଦ୍ର ପ୍ରଧାନ, ସୁବଳ ପଧାନ, ଦୁର୍ବାଦଳ ପାତ୍ରଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ଚଳିତ ବର୍ଷ ବ୍ରାହ୍ମଣପଡ଼ାଠାରେ ନୂତଭାବେ ନିର୍ମାଣ ହୋଇଥିବା ଗୁଣ୍ଡିଚା ମନ୍ଦିରକୁ ପ୍ରଭୁ ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହୋଇ ଯାଇଛନ୍ତି।

## ବିଜେପୁର ଅଞ୍ଚଳରେ ରଥଯାତ୍ରା

ବିଜେପୁର, ୧୭।୭(ସମିସ): ବିଜେପୁର ଅଞ୍ଚଳରେ ରଥଯାତ୍ରା ପାଳିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ବିଜେପୁର ଠାରେ ଜମିଦାର ପରିବାର ପକ୍ଷରୁ ରଥଯାତ୍ରାର ମୁଖ୍ୟ ନୀତି 'ଛେରାପହଁରା' କରାଯାଇଥିଲା। ବିଜେପୁର ଜମିଦାର ତଥା



ବିଧାୟକ ସନତ କୁମାର ଗଡ଼ତୀୟାଙ୍କ ସୁପୁତ୍ର ରାଜକୁମାର ସୂର୍ଯ୍ୟାଂଶ ଗଡ଼ତୀୟା ଛେରାପହଁରା କରିଥିଲେ। ବ୍ଲକ ଅନ୍ତର୍ଗତ ତାଳପଦର ଗ୍ରାମରେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କୁ ପହଣ୍ଡି କରାଯାଇ ତିନି ପୃଥକ୍ ରଥରେ ବିଜେ କରାଯାଇଥିଲା। ମହିଳା ମାନେ ସୁଭଦ୍ରାଙ୍କ ରଥ ଟାଣିଥିଲେ। ବ୍ଲକର ପଡ଼ା, ଲାଉମୁଣ୍ଡା, ବରମୁଣ୍ଡା, ସାଇପାଳି, ଯୋଖିପାଳି ସମେତ ବିଭିନ୍ନ ଗ୍ରାମରେ ରଥଯାତ୍ରା ପାଳିତ ହୋଇଥିଲା।

## ବରପାଲିରେ ଶ୍ରୀ ଜଗନ୍ନାଥ ଚିତ୍ରକଳା ପ୍ରଦର୍ଶନୀ

ବରପାଲି, ୧୭।୭ (ସମିସ): ବରପାଲି ରାଉତ ଆର୍ଟ ଗ୍ୟାଲେରୀ ପରିସରରେ ରାଜ୍ୟ ସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବେ ମହିଳା ସମିତି ବରପାଲି ଶାଖା ସଭାନେତ୍ରୀ କିରଣ ଅଗ୍ରୱାଲ ଓ କଳାଭୂମି ଅଧକ୍ଷ



ଧ୍ରୁବ ବେହେରା ଦ୍ୱୟଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଥିଲା। ରଥଯାତ୍ରା ଉପଲକ୍ଷେ ଚଳିତବର୍ଷ ବିଷ୍ଣୁଙ୍କ ଦଶ ଅବତାର ବିଷୟକୁ ନେଇ ଆୟୋଜିତ ରାଜ୍ୟସ୍ତରୀୟ ଚିତ୍ରକଳା ପ୍ରଦର୍ଶନୀରେ କଳାକାରମାନଙ୍କ ଦ୍ୱାରା କଳାକୃତିମାନ ଶୋଭା ପାଇଥିଲା। ଆସନ୍ତା ରବିବାର ଅପରାହ୍ନ ପର୍ଯ୍ୟନ୍ତ ପ୍ରଦର୍ଶନୀ ଚାଲିବ। ଆଗାମି ୧୯ ତାରିଖ ଶିଳ୍ପୀ ସମ୍ମାନ ସମାରୋହ ରେ ସମସ୍ତ କଳାକାରମାନଙ୍କୁ ସମ୍ମାନୀତ କରାଯିବ ବୋଲି ରାଉତ ଆର୍ଟ ଫାଉଣ୍ଡେସନ ଆୟୋଜକ ସରୋଜ ରାଉତ କହିଛନ୍ତି। ଏହି ପ୍ରଦର୍ଶନୀ ଚିତ୍ରଶିଳ୍ପୀ କେଦାର ନାୟକ, ବୃନ୍ଦାବନ ବିଶି, କେଶବ କୁଅଁରଙ୍କ ସହାୟତାରେ ରାଉତ ଆର୍ଟ ଫାଉଣ୍ଡେସନ ତରଫରୁ ରଥଯାତ୍ରା ଉପଲକ୍ଷେ ଆୟୋଜିତ ହୋଇଛି।

## ରଥଯାତ୍ରାରେ ନିଷ୍ଠା ପରିବାରର ରକ୍ତଦାନ ଶିବିର

● ୨୯ ୟୁନିଟ ରକ୍ତ ସଂଗୃହୀତ

ବରଗଡ଼, ୧୭।୭(ସମିସ): ରଥଯାତ୍ରା ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ତରଫରୁ ବରଗଡ଼ ବାନ୍ଧୁଟିକ୍ରା ଛକରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ଥିବା ପ୍ରସସ୍ତ ଚଉଡ଼ା ରାସ୍ତା ରଥଦାଣ୍ଡରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।



ବରେଣ୍ୟ ଅତିଥି ଭାବରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଯୋଗଦେଇ ଫିତା କାଟି ଶିବିରର ଶୁଭାରମ୍ଭ କରିଥିଲେ। ରଥଯାତ୍ରା ଦେଖିବାକୁ ଆସୁଥିବା ଭକ୍ତମାନେ ରକ୍ତଦାନ କରିଥିଲେ। ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସର୍ବମୋଟ ୨୯ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ନିଷ୍ଠା ପରିବାରର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ତ୍ରୀପାଠୀ, ରାମ ନିବାସ ଅଗ୍ରୱାଲ, ରକ୍ଷପାଲ ସାହୁ, ଉପ ସଭାପତି ସଚି ପଣ୍ଡା, ସମ୍ପାଦକ ଲୋକନାଥ ସାହୁ, ଜିତୁ ମହାପାତ୍ର, ମହିଳା ଶାଖା ସଂଯୋଜିକା ତ୍ରିପୁରା ସୁହୁଲା, ସୂତପା ଗଡ଼ତିଆ, ରାଜ କିଶୋର ପଟ୍ଟନାୟକ, ମୁନ୍ନା ଦାଶ ଓ ଅନ୍ୟ ସଦସ୍ୟ ସଦସ୍ୟା ପରିଚାଳନା କରିଥିଲେ।

## ଅମୃତ ଭାରତରେ ବରପାଲି ଷ୍ଟେସନର ଲୋକାର୍ପଣ

ବରପାଲି, ୧୭।୭(ସମିସ): ବରପାଲି ରେଳ ଷ୍ଟେସନ ପରିସରରେ ଶୁକ୍ରବାର ଅମୃତ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ ପୁନଃନିର୍ମାଣ ପରିସର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଥିଲା। ଏହି ଅବସରରେ ବରପାଲିରେ ଆୟୋଜିତ ଉତ୍ସବକୁ ନିମନ୍ତ୍ରିତ ଅତିଥି ଭାବରେ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଡିଆରଏମ ସୁବାସ ଚନ୍ଦ୍ର ଚୌଧୁରୀ, ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ରନାଥ ଶତପଥୀ, ।




ବରିଷ୍ଠ ଶବ୍ଦ ନୃତ୍ୟଗୁରୁ ପଦ୍ମଶ୍ରୀ ଭାଗବତ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ପ୍ରାୟ ୨୨.୨୮ କୋଟି ଟଙ୍କା ବ୍ୟୟରେ ପୁନଃନିର୍ମାଣ କରାଯାଇଥିବା ଷ୍ଟେସନର ଆଜି ଲୋକାର୍ପଣ ହୋଇଥିଲା। ସେହିପରି ସମ୍ବଲପୁର ଡିଭିଜନ ଅନ୍ତର୍ଗତ ବଲାଙ୍ଗୀର ଓ କେସିଙ୍ଗା ରେଳ ଷ୍ଟେସନର ମଧ୍ୟ ଲୋକାର୍ପଣ ଉତ୍ସବ ପାଳିତ ହୋଇଥିଲା। ବରପାଲି ଷ୍ଟେସନରେ ଆଧୁନିକ ପ୍ରତୀକ୍ଷାଳୟ, ସର୍କୁଲେଟିଂ ଏରିଆ, ପାର୍କିଂ, ଦିବ୍ୟାଙ୍ଗ-ବନ୍ଧବ ସୁବିଧା, ୧୨ ମିଟର ପ୍ରସ୍ଥର ଫୁଟ୍ ଓଭରବ୍ରିଜ୍, ଉନ୍ନତ ଆଲୋକୀକରଣ, ସିସିଟିଭି, ଡିଜିଟାଲ ସୂଚନା ବୋର୍ଡ ଓ ପବ୍ଲିକ ଆଡ୍ରେସ୍ ସିଷ୍ଟମ୍ ସମେତ ବିଭିନ୍ନ ଆଧୁନିକ ସୁବିଧା ଉପଲବ୍ଧ କରାଯାଇଛି।

ବରଗଡ଼ ସାଂସଦ ପୁରୋହିତ କହିଥିଲେ ଯେ, ଅମୃତ ଭାରତ ଷ୍ଟେସନ ଯୋଜନା ମାଧ୍ୟମରେ ପଶ୍ଚିମ ଓଡ଼ିଶାର ରେଳ ଭିତ୍ତିଭୂମିରେ ଐତିହାସିକ ପରିବର୍ତ୍ତନ ଆସୁଛି। ଲୋକାର୍ପଣ ଉତ୍ସବ ଅବସରରେ ବରପାଲିର ବିଭିନ୍ନ ସାମାଜିକ, ବ୍ୟବସାୟିକ ଓ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସାଂସଦ ପ୍ରଦୀପ ପୁରୋହିତଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଦାବି ମଧ୍ୟରେ ଯଶମନ୍ତପୁରହାଟିଆ ଏକ୍ସପ୍ରେସ୍, ଟାଟାଏର୍ଣ୍ଣାକୁଲମ୍ ଏକ୍ସପ୍ରେସ୍, ପୁରୀ-ଅହମଦାବାଦ ଏକ୍ସପ୍ରେସ୍, ସୋନପୁରପୁରୀ ଏକ୍ସପ୍ରେସ୍ ଏବଂ ସମ୍ବଲପୁରପୁରୀ ଇଣ୍ଟରସିଟି ଏକ୍ସପ୍ରେସ୍‌ର ବରପାଲି ରେଳ ଷ୍ଟେସନରେ ନିୟମିତ ରହଣି ବ୍ୟବସ୍ଥା କରିବାକୁ ଦାବି ଜଣାଇଥିଲେ।

ସାଂସଦ ମଧ୍ୟ ଏହି ଦାବିକୁ ରେଳ ମନ୍ତ୍ରଣାଳୟ ନିକଟରେ ଉପସ୍ଥାପନ କରି ଆବଶ୍ୟକ ପଦକ୍ଷେପ ନେବାକୁ ଆଶ୍ୱାସନ ଦେଇଥିଲେ।

### ଓଡ଼ିଶାରେ ଶିକ୍ଷା ଅଧୋଗତି ବିରୁଦ୍ଧରେ ତେଜୁଛି ଅସନ୍ତୋଷ

## ୨୦ରୁ ଭୁବନେଶ୍ୱରରେ ୬୬୨ ବର୍ଗ କଲେଜ ସଂଘର ଆନ୍ଦୋଳନ

ବରଗଡ଼, ୧୭।୭(ସମିସ)

ସମ୍ପ୍ରତି ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ଭୟଙ୍କର ସଙ୍କଟରେ ଗତି କରୁଛି। ଉପଯୁକ୍ତ ଯୋଜନା ଓ ଆଭିମୁଖ୍ୟ ଅଭାବରୁ ଶିକ୍ଷାରେ ଅଧୋଗତି ଦେଖାଦେଇଛି। ଶିକ୍ଷକ ମାନଙ୍କ ସର୍ବନିମ୍ନ ମୌଳିକ ଦାବି ସବୁ ପୂରଣ କରିବାକୁ ଏଡାଇ ଦେଇ କେଜିରୁ ପିଜି ମାଗଣା ଶିକ୍ଷା ଘୋଷଣା କରି ଆହୁରି ଜଟିଳ ସ୍ଥିତିକୁ ଶିକ୍ଷା ବ୍ୟବସ୍ଥାକୁ ନେଇଛନ୍ତି ରାଜ୍ୟ ସରକାର। କେଜିରୁ ପିଜି ମାଗଣା ଶିକ୍ଷା ଘୋଷଣା କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ ଅଟେ କିନ୍ତୁ ଏହାର ମାର୍ଗଦର୍ଶିକା ତଥା କାର୍ଯ୍ୟକାରିତା ଦିଗରେ ଅନିୟମିତତା ଦେଖାଦେଇଥିବାରୁ ଏହି ଯୋଜନାକୁ ବିରୋଧ କରିଛି ୬୬୨ ବର୍ଗ ମହାବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ସଂଘ।

ଅନୁଦାନ ପାଇ ନ ଥିବା ମହାବିଦ୍ୟାଳୟକୁ ଅନୁଦାନ, ଚାକିରି ସର୍ତ୍ତାବଳୀ, ଅବସରକାଳୀନ ସୁବିଧା ଯୋଗାଇବା ଆଦି ସମସ୍ୟା ରହିଥିବା ବେଳେ ଏହାର ସମାଧାନ କରା ନ ଯାଇ ପୁଣି ନୂତନ ସମସ୍ୟା ଦେଖାଦେଇଛି ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ। ତେଣୁ ଏହାକୁ ନେଇ ୬୬୨ ବର୍ଗ କଲେଜର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ମାନେ ସାମୂହିକ ଛୁଟିରେ ରହି ଆସନ୍ତା ୨୦ ଓ ୨୧ ତାରିଖ ଦୁଇଦିନ ଧରି ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ କରିବେ।

ରାଜ୍ୟ ସଂଗଠନର ଆହ୍ୱାନ କ୍ରମେ ବରଗଡ଼ ଜିଲ୍ଲାରେ ମଧ୍ୟ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଜିଲ୍ଲା ସଂଘ ସଭାପତି ଅଶୋକ ବେହେରାଙ୍କ ପୌରୋହିତ୍ୟରେ ଜିଲ୍ଲା ସଂଘର ଏକ ବୈଠକ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ସଂଘର ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ମିଶ୍ର ସଂଗଠନ ଆଭିମୁଖ୍ୟ ସଂକ୍ରାନ୍ତରେ ସୂଚନା ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ସର୍ବଶ୍ରୀ ଗୋପାଳ କୃଷ୍ଣ ମିଶ୍ର, ସରୋଜ ଦେବତା, ରାମଚନ୍ଦ୍ର ସାହୁ, ବିଜୟ ମିଶ୍ର, ତାରିଣୀ ଦେବତା, ଦିପ୍ତିମୟୀ ପାଣିଗ୍ରାହୀ, ରାଜେଶ କୁମାର ସାହୁ, ଶ୍ରୀରାମ କର, ସରୋଜ କୁମାର ସାହୁ, ଗିରିଶଚନ୍ଦ୍ର ଦିଶ୍ରୀ, ପ୍ରଦୀପ ମେହେର, ନବୀନ ପ୍ରଧାନ, ବଳରାମ ସାହୁ, ବଳିଷ୍ଠ ମେହେର, ବାସୁଦେବ ପ୍ରଧାନ, ସଞ୍ଜୟ ପ୍ରଧାନ, ଅଶ୍ୱିନୀ ପ୍ରଧାନ, ଉମାକାନ୍ତ ସାହୁ, ଚୈତନ୍ୟ ବେହେରା, ଦୁର୍ଲଭ ସାହୁ, ଜୁଲିନା ପତି, ରବି ସାହୁ, ଶ୍ୟାମ ସୁନ୍ଦର ବେହେରାଙ୍କ ସମେତ ଜିଲ୍ଲାର ୨୫ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧାପକ, ଅଧାପିକା ତଥା କର୍ମଚାରୀ ବୃନ୍ଦ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଲୋଚନାରୁ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟର ଗ୍ରାମାଞ୍ଚଳ ତଥା ଉପାନ୍ତ ଅଞ୍ଚଳଗୁଡ଼ିକରେ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ୬୬୨ ବର୍ଗର ମହାବିଦ୍ୟାଳୟ ସବୁ ଗଢ଼ି ଉଠିଛି। ରାଜ୍ୟର ୭୦ ପ୍ରତିଶତ ପିଲାଙ୍କୁ ଦୀର୍ଘ ୩୫ ବର୍ଷ ହେଲା ଶିକ୍ଷାଦାନ କରି ଉଚ୍ଚଶିକ୍ଷା କ୍ଷେତ୍ରରେ ଏହି ବର୍ଗର ମହାବିଦ୍ୟାଳୟଗୁଡିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସୁଛନ୍ତି। ଏବେ ଏହି ବର୍ଗର ଅଧାପକ କର୍ମଚାରୀଙ୍କ ଅବସର ନେବା ଧାରା ଆରମ୍ଭ ହୋଇଥିବା ବେଳେ ଅବସର ଗ୍ରହଣ ପରେ ଆଦୌ ପେନସନ ମିଳୁ ନାହିଁ। ଫଳରେ ଅବସର ପରେ ଅତି ଦୟନୀୟ ଅବସ୍ଥାରେ ବଞ୍ଚୁଛନ୍ତି।

## ମିଶନ ଶକ୍ତି ଓ ଇକ୍ରିସାଟ୍ ମଧ୍ୟରେ ବୁଝାମଣାପତ୍ର

ଭୁବନେଶ୍ୱର,୧୭।୭(ସମିସ): ଓଡ଼ିଶାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ଦ୍ୱାରା ପରିଚାଳିତ କୃଷି ଉଦ୍ୟୋଗକୁ ଅଧିକ ସୁଦୃଢ଼ କରିବା ଏବଂ ସେମାନଙ୍କ ଜୀବିକାରେ ସ୍ଥାୟୀ ଉନ୍ନତି ଆଣିବା ଲକ୍ଷ୍ୟରେ ଆଜି ମିଶନଶକ୍ତି ବିଭାଗ ଓ ଅନ୍ତର୍ଜାତୀୟ



**କୃଷି ଉଦ୍ୟୋଗରେ ମହିଳାଙ୍କ ପାଇଁ ଖୋଲିଲା ସଫଳତାର ନୂଆ ଦିଗନ୍ତ**

କୃଷି ଅନୁସନ୍ଧାନ ସଂସ୍ଥା 'ଇକ୍ରିସାଟ୍' ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ମିଶନ ଶକ୍ତି ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗର କମିଶନର ତଥା ଶାସନ ସଚିବ ମାନସୀ ନିମ୍ବାଲ ଯୋଗଦେଇ କହିଛନ୍ତି ଯେ ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନଜନିତ ଆହ୍ୱାନକୁ ସାମ୍ନା କରିବା ପାଇଁ ମହିଳା କୃଷିମାନଙ୍କୁ ଆଧୁନିକ ଜ୍ଞାନକୌଶଳ, ବୈଜ୍ଞାନିକ ପ୍ରଯୁକ୍ତି ଏବଂ ବଜାର ସହ ସଂଯୋଗ କରିବା ଅତ୍ୟନ୍ତ ଜରୁରୀ। ଇକ୍ରିସାଟ୍ ସହ ଏହି ସହଭାଗିତା ରାଜ୍ୟର ଲକ୍ଷାଧିକ ଏସ୍.ଏଚ୍.ଜି ସଦସ୍ୟାଙ୍କୁ କୃଷି କ୍ଷେତ୍ରରେ ଅଧିକ ସକ୍ଷମ କରିବ। ଏହି ପଦକ୍ଷେପ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ 'ଲକ୍ଷପତି ଦିଦି', 'ବିକଶିତ ଭାରତ' ଏବଂ 'ବିକଶିତ ଓଡ଼ିଶା'ର ଲକ୍ଷ୍ୟ ହାସଲରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହି ବୁଝାମଣାପତ୍ର ଅନୁଯାୟୀ, ବିଭିନ୍ନ ଜିଲ୍ଲାରେ ଭିନ୍ନ ଭିନ୍ନ କୃଷି-ଆଧାରିତ ପ୍ରକଳ୍ପ ହାତକୁ ନିଆଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ଜଳାଶୟଗୁଡ଼ିକରେ ଥିବା ଦଳଜାତୀୟ ଗୁଳ୍ମକୁ ସଫା କରି ସେଥିରୁ ମୂଲ୍ୟ ସଂଯୋଜିତ ଉତ୍ପାଦ ପ୍ରସ୍ତୁତ କରାଯିବ, ଯାହା ମହିଳାଙ୍କ ପାଇଁ ସ୍ଥାୟୀ ଜୀବିକାର ପନ୍ଥା ହେବା ସହ ଜଳାଶୟଗୁଡ଼ିକର ପରିବେଶକୁ ସୁରକ୍ଷିତ ରଖିବ। ସେହିପରି ରାୟଗଡ଼ା ଜିଲ୍ଲାରେ ଉପଲବ୍ଧ କପା ଓ ହରଡ଼ ଡାଳରୁ ବାୟୋଚାର ପ୍ରସ୍ତୁତିକୁ ପ୍ରୋତ୍ସାହନ ଦିଆଯିବ, ଯାହା ମୃତ୍ତିକାର ଉର୍ବରତା ବୃଦ୍ଧି ଏବଂ କାର୍ବନ ସଂରକ୍ଷଣରେ ସହାୟକ ହେବ। ଏହାବ୍ୟତୀତ ତିନୋଟି ଯାକ ଜିଲ୍ଲାରେ ଉନ୍ନତମାନର ଗ୍ରାଫ୍ଟେଡ୍ ପନିପରିବା ଚାରା ଚାଷକୁ ବ୍ୟାପକ କରାଯିବ। ଏହି ସହଯୋଗ ମାଧ୍ୟମରେ ମହିଳାମାନଙ୍କୁ ମାଣ୍ଡିଆ, ଡାଲିଜାତୀୟ ଫସଲ, ତୈଳବୀଜ ଏବଂ ପ୍ରାକୃତିକ କୃଷି ପଦ୍ଧତି ଉପରେ ପ୍ରଶିକ୍ଷଣ ଦିଆଯିବା ସହ ଇକ୍ରିସାଟ୍ ଦ୍ୱାରା ବିକଶିତ ଜଳବାୟୁ-ସ୍ମାର୍ଟ କୃଷି ପ୍ରଯୁକ୍ତି, ଡିଜିଟାଲ କୃଷି ପରାମର୍ଶ ଏବଂ ଉନ୍ନତ ବିହନ ବ୍ୟବହାରକୁ ପ୍ରୋତ୍ସାହିତ କରାଯିବା ସହ ଉତ୍ପାଦର ପ୍ୟାକେଜିଂ, ବ୍ରାଣ୍ଡିଂ ଏବଂ ବଜାର ସଂଯୋଗକୁ ସୁଦୃଢ଼ କରିବା ପାଇଁ ସ୍ୱତନ୍ତ୍ର ବୈଷୟିକ ଓ ବ୍ୟବସାୟିକ ସହାୟତା ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ, ଇକ୍ରିସାଟ୍‌ର ଡେପୁଟି ଡାଇରକ୍ଟର ଜେନେରାଲ ଡ. ଷ୍ଟାନଫୋର୍ଡ ବ୍ଲେଡଙ୍କ ସମେତ ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ ଏବଂ ଇକ୍ରିସାଟ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ରାତିରେ ପତ୍ନୀଙ୍କ ଜନ୍ମଦିନ ପାଳିଲେ; ସକାଳେ ମିଳିଲା ମୃତଦେହ

## ପତ୍ନୀଙ୍କ ଭଡ଼ାଘରୁ ଯନ୍ତ୍ରୀଙ୍କ ମୃତଦେହ ଉଦ୍ଧାର

ବାଲେଶ୍ୱର, ୧୭।୭ (ସମିସ): ପତ୍ନୀଙ୍କ ଜନ୍ମଦିନ ପାଳିବାକୁ କଟକରୁ ବାଲେଶ୍ୱର ଆସିଥିଲେ ଇଞ୍ଜିନିୟର ସ୍ୱାମୀ। ହେଲେ ଜନ୍ମଦିନ ଉତ୍ସବ ପାଳିବାର କିଛି ଘଣ୍ଟା ମଧ୍ୟରେ ତାଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ପୂର୍ତ୍ତ ବିଭାଗ କଟକ ଡିଭିଜନର ଯନ୍ତ୍ରୀ ରଶ୍ମିରଞ୍ଜନ ସେଠୀ। ପ୍ରାରମ୍ଭିକ ଭାବେ ଏହାକୁ ଫାଶୀ ଲଗାଇ ଆତ୍ମହତ୍ୟା କୁହାଯାଉଥିବା ବେଳେ ରଶ୍ମିରଞ୍ଜନଙ୍କ ପରିବାର ଲୋକେ ଏହାକୁ ଖଣ୍ଡନ କରି ହତ୍ୟା ଅଭିଯୋଗ ଆଣିଛନ୍ତି।

ବାଲେଶ୍ୱର ସହରର ସହଦେବଖୁଣ୍ଟା ଥାନା ଅଧୀନ ଆଜିମାବାଦ ବିଜୁ ପଟ୍ଟନାୟକ କଲୋନୀରେ ଜଣେ ସରକାରୀ ଯନ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏନ୍‌ଏଚଏମ୍‌ରେ କାର୍ଯ୍ୟରତ ଜଣେ ମହିଳା ଯନ୍ତ୍ରୀଙ୍କ ଭଡ଼ାଘର



**ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ**

ଭିତରୁ ତାଙ୍କ ସ୍ୱାମୀ ତଥା ପୂର୍ତ୍ତ ବିଭାଗ କଟକ ଡିଭିଜନର ଯନ୍ତ୍ରୀ ରଶ୍ମିରଞ୍ଜନଙ୍କ ମୃତଦେହ ଉଦ୍ଧାର ହେବା ପରେ ଏହା ଯୋଜନାବଦ୍ଧ ହତ୍ୟା ବୋଲି ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଏହାକୁ ନେଇ ସହଦେବଖୁଣ୍ଟା ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଘଟଣା ପଛରେ ପାରିବାରିକ ବିବାଦ, ପରକୀୟା ସମ୍ପର୍କ ଓ ଅପରାଧିକ ଷଡ଼ଯନ୍ତ୍ରର ଆଶଙ୍କାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ମୃତକ ରଶ୍ମିରଞ୍ଜନ ସେଠୀ ଜଗତସିଂହପୁର ଜିଲ୍ଲାର ବାସିନ୍ଦା ହୋଇଥିବା ବେଳେ ସେ ପୂର୍ତ୍ତ ବିଭାଗର କଟକ ଡିଭିଜନରେ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ସ୍ତ୍ରୀ ବାଲେଶ୍ୱର ଏନ୍‌ଏଚଏମ୍‌ରେ ଯନ୍ତ୍ରୀ ଭାବେ କାମ କରୁଛନ୍ତି। ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆରେ ସେ କାର୍ଯ୍ୟରତ ଥିଲେ। କିଛି ମାସ ପୂର୍ବରୁ ତାଙ୍କର ବାଲେଶ୍ୱରକୁ ବଦଳି ହୋଇଥିଲା।

ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଦୀର୍ଘଦିନ ଧରି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ତିକ୍ତ ହୋଇପଡ଼ିଥିଲା। ସ୍ତ୍ରୀ କରଞ୍ଜିଆରେ କାର୍ଯ୍ୟରତ ଥିବା ସମୟରେ ଜଣେ ପୁରୁଷ ସହକର୍ମୀଙ୍କ ସହ ଘନିଷ୍ଠ ସମ୍ପର୍କ ଗଢ଼ିଉଠିଥିଲା ବୋଲି ସେମାନେ ଦାବି କରିଛନ୍ତି। ଏହି ଘଟଣାକୁ ନେଇ ରଶ୍ମି ରଞ୍ଜନ ମାନସିକ ଭାବେ ଅତ୍ୟନ୍ତ ଭାଙ୍ଗି ପଡ଼ିଥିଲେ। ସେପଟେ ଘଟଣା ଦିନ ସ୍ତ୍ରୀଙ୍କ ଭଡ଼ାଘରକୁ ଯିବା ପରେ କ'ଣ ଘଟିଲା, କିଏ ସେଠାରେ ଉପସ୍ଥିତ ଥିଲା, କେଉଁ ପରିସ୍ଥିତିରେ ତାଙ୍କ ମୃତ୍ୟୁ ହେଲା ଏସବୁ ପ୍ରଶ୍ନର ଉତ୍ତର ଏବେ ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ଏହି କାରଣରୁ ପରିବାର ଲୋକେ ସହଦେବଖୁଣ୍ଟା ଥାନାରେ ଲିଖିତ ଏତଲା ଦାଖଲ କରି ସ୍ତ୍ରୀ ଓ ତାଙ୍କ କଥିତ ପୁରୁଷ ବନ୍ଧୁ ମିଶି ଯୋଜନାବଦ୍ଧ ଭାବେ ହତ୍ୟା କରିଥିବାର ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ସହଦେବଖୁଣ୍ଟା ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ମୃତକଙ୍କ ମୋବାଇଲ୍ ଫୋନ୍, କଲ୍ ଡିଟେଲ୍ ରେକର୍ଡ, ଚାଟ୍ ହିଷ୍ଟ୍ରି, ସିସିଟିଭି ଫୁଟେଜ୍, ଫରେନସିକ୍ ରିପୋର୍ଟ ଓ ପୋଷ୍ଟମର୍ଟମ ରିପୋର୍ଟକୁ ଆଧାର କରି ମୃତ୍ୟୁର ପ୍ରକୃତ କାରଣ ଖୋଜାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଓଡ଼ିଶା ଓ ଆଇଏଫସି ମଧ୍ୟରେ ଚୁକ୍ତି

ଭୁବନେଶ୍ୱର,୧୭।୭(ସମିସ): ରାଜ୍ୟ ସରକାର ଏବଂ ଅନ୍ତର୍ଜାତୀୟ ଅର୍ଥ ନିଗମ (ଆଇଏଫସି) ମଧ୍ୟରେ ଏକ ପ୍ରୋଗ୍ରାମେଟିକ ଟ୍ରାନଜାକ୍ସନ ଆଡଭାଇଜରୀ ସର୍ଭିସେସ୍ ଏଗ୍ରିମେଣ୍ଟ (ଟିଏଏସ୍ଏ) ସ୍ୱାକ୍ଷରିତ ହୋଇଛି। ଏହା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ଓ ବେସରକାରୀ ନିବେଶ ପାଇଁ କାର୍ଯ୍ୟକ୍ରମଭିତ୍ତିକ ପରାମର୍ଶ ସେବା ଚୁକ୍ତି। ଏହି ଚୁକ୍ତି ସ୍ୱାକ୍ଷରରୁ ଅନ୍ୟାନ୍ୟ କାର୍ଯ୍ୟାବଳୀ ମଧ୍ୟରେ ରାଜ୍ୟର ସରକାରୀ-ବେସରକାରୀ ସହଭାଗିତା(ପିପିପି) ପରିବେଶକୁ ସୁଦୃଢ କରିବା ମୁଖ୍ୟତଃ ଫଳାଫଳ ଆଶା କରାଯାଇଛି। ଏହି ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମ ଓଡ଼ିଶା ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ସଚିବ କହିଛନ୍ତି, ବିକଶିତ ଓଡ଼ିଶା-୨୦୩୬ର ଲକ୍ଷ୍ୟ ସାଧନ ପାଇଁ ବେସରକାରୀ ପୁଞ୍ଜି ନିବେଶ ସଂଗ୍ରହ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ବିଭିନ୍ନ ଅଗ୍ରାଧିକାର କ୍ଷେତ୍ର

**ପିପିପି ପ୍ରକଳ୍ପ ପାଇଁ ସୁଦୃଢ଼ ପରିବେଶକୁ ଗୁରୁତ୍ୱ**

ପ୍ରକଳ୍ପ ଓ କାର୍ଯ୍ୟକ୍ରମର ଅଗ୍ରଗତି ଓଡ଼ିଶାକୁ ଜାତୀୟ ଏବଂ ବିଶ୍ୱସ୍ତରରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବାରେ ସହାୟକ ହେବ ବୋଲି ସେ ମତ ପ୍ରକାଶ କରିଥିଲେ। ଆଇଏଫସିର ଆଞ୍ଚଳିକ ପରିଚାଳନା ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ଆଞ୍ଚଳିକ ନିର୍ଦ୍ଦେଶକ (ଦକ୍ଷିଣ ଏସିଆ) ଶଲଭ ଟଣ୍ଡନ ତାଙ୍କ ବକ୍ତବ୍ୟରେ ଓଡ଼ିଶା ସରକାରଙ୍କ ସହ କାର୍ଯ୍ୟକରିବା ସେମାନଙ୍କର ପ୍ରମୁଖ ପ୍ରାଥମିକତା ଏଜେଣ୍ଡାରେ ରହିଛି ଏବଂ ଏ ଦିଗରେ ଆଇଏଫସି ଅଧିକ ଦକ୍ଷତା ଓ ଫଳପ୍ରଦ ଭାବେ କାର୍ଯ୍ୟ କରିବ ବୋଲି ଆଶା ପ୍ରକାଶ କରିଥିଲେ। ଆସନ୍ତା ଏକ ବର୍ଷ ମଧ୍ୟରେ ଆଇଏଫସି ସାମଗ୍ରିକ ଭାବେ ଅକ୍ଷୟ ଶକ୍ତି, ଉର୍ଜ୍ଜା, ଲଜିଷ୍ଟିକ୍ସ ଓ ପରିବହନ, ସହରାଞ୍ଚଳ ଭିତ୍ତିଭୂମି, ଇ-ମୋବିଲିଟି ଆଦି ପ୍ରମୁଖ ପ୍ରାଥମିକତା କ୍ଷେତ୍ର ପାଇଁ ୨ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ୨୦ଟି ପ୍ରକଳ୍ପକୁ ଚିହ୍ନଟ କରିବ ବୋଲି ଅନୁଷ୍ଠିତ ବୈଠକରୁ ଜଣାଯାଇଛି।

## ଆଜି ଶ୍ରୀମନ୍ଦିରରେ ବୈଷୟିକ ଯାଞ୍ଚ

ପୁରୀ,୧୭।୭(ସମିସ): ପ୍ରତିବର୍ଷ ମହାପ୍ରଭୁ ଗୁଣ୍ଡିଚା ମନ୍ଦିରକୁ ନବଦିନାତ୍ମକ ଯାତ୍ରା କଲେ ସେହି ସମୟରେ ଶ୍ରୀମନ୍ଦିରର ବାର୍ଷିକ ବୈଷୟିକ ନିରୀକ୍ଷଣ ଏବଂ ମରାମତି ହୋଇଥାଏ। ତେଣୁ ଶନିବାର ଶ୍ରୀମନ୍ଦିରର ବୈଷୟିକ ଯାଞ୍ଚ ହେବ। ଏଥିପାଇଁ ଆବଶ୍ୟକ ଭାରା ବି ବନ୍ଧାଯାଇଛି। ରତ୍ନଭଣ୍ଡାର ସମେତ ଶ୍ରୀମନ୍ଦିରର ବିଭିନ୍ନ ସଂରଚନାର ସ୍ଥିତି ଅନୁଧ୍ୟାନ ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ) ଓ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ)ର ମିଳିତ ଟିମ୍ ବିସ୍ତୃତ ଭାବେ ବୈଷୟିକ ଯାଞ୍ଚ କରିବେ। ଏହି ଯାଞ୍ଚ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ପୂର୍ବରୁ ଏଏସ୍ଆଇକୁ ଆନୁଷ୍ଠାନିକ ଭାବେ ଚିଠି ପଠାଯାଇଥିଲା। ଶନିବାର ବିଶେଷଜ୍ଞ ଟିମ୍ ମନ୍ଦିରର ବିଭିନ୍ନ ଅଂଶର ସ୍ଥିତି, ସୁରକ୍ଷା ଏବଂ ସଂରକ୍ଷଣ ସମ୍ପର୍କରେ ବୈଷୟିକ ଅନୁଧ୍ୟାନ କରିବେ। ଯାଞ୍ଚ ଶେଷ ହେବା ପରେ ଏଏସ୍ଆଇ, ଶ୍ରୀମନ୍ଦିର ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ବୈଠକରେ ବୈଷୟିକ ଯାଞ୍ଚ ରିପୋର୍ଟକୁ ଆଧାର କରି ମନ୍ଦିରର ସଂରକ୍ଷଣ, ମରାମତି ଏବଂ ପରବର୍ତ୍ତୀ କାର୍ଯ୍ୟପନ୍ଥା ଉପରେ ବିସ୍ତୃତ ଆଲୋଚନା କରାଯିବ। ଶ୍ରୀମନ୍ଦିରର ଐତିହ୍ୟ ଓ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଏହି ବୈଷୟିକ ଯାଞ୍ଚ କରାଯାଉଥିବାବେଳେ ଏହାର ରିପୋର୍ଟ ଆଧାରରେ ଭବିଷ୍ୟତର ସଂରକ୍ଷଣ କାର୍ଯ୍ୟ ନିର୍ଦ୍ଧାରଣ ହେବ ବୋଲି ସୂଚନା ମିଳିଛି।

## ଲଣ୍ଡନ ଇଣ୍ଡିଆ ଫ୍ୟାଶନ ୱିକ୍‌ରେ ଚମକିବେ ଓଡ଼ିଆ ପୁଅ ସୁଜିତ ମେହେର

ସମ୍ବଲପୁର,୧୭।୭(ସମିସ): ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ପାଇଁ ଗୌରବର ମୁହୂର୍ତ୍ତ। ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ଓଡ଼ିଶାର ବିଶିଷ୍ଟ ଫ୍ୟାଶନ୍ ଡିଜାଇନର ସୁଜିତ ମେହେର ଆଗାମୀ 'ଇଣ୍ଡିଆ ଫ୍ୟାଶନ ୱିକ୍ ଲଣ୍ଡନ



**ପ୍ରଦର୍ଶିତ ହେବ ସମ୍ବଲପୁରୀ ଓ ହାବାସପୁରୀର ହସ୍ତତନ୍ତ**

୨୦୨୬'ରେ ନିଜର ନୂତନ କଲେକ୍ସନ ପ୍ରଦର୍ଶନ କରିବା ପାଇଁ ମନୋନୀତ ହୋଇଛନ୍ତି। ଚଳିତବର୍ଷ ଆୟୋଜିତ ହେବାକୁ ଥିବା ଏହି ଫ୍ୟାଶନ ସୋ'ରେ ଭାରତୀୟ ଫ୍ୟାଶନର ଭବିଷ୍ୟତକୁ ଏକ ନୂଆ ରୂପ ଦେଉଥିବା ବିଶ୍ୱସ୍ତରୀୟ ଡିଜାଇନରମାନଙ୍କ ମଧ୍ୟରେ ସୁଜିତ ସାମିଲ ହୋଇ ଓଡ଼ିଶା ତଥା ସମଗ୍ର ଦେଶ ପାଇଁ ଗୌରବ ଆଣିଛନ୍ତି। ଆଗାମୀ ନଭେମ୍ବର ୨୧ ଏବଂ ୨୨ ତାରିଖ ଦୁଇ ଦିନ ଧରି ଲଣ୍ଡନର ପ୍ରସିଦ୍ଧ 'ନୋଭୋଟେଲ ଲଣ୍ଡନ ହାମରସ୍ମିଥ୍'ରେ ଏହି ମେଗା ଫ୍ୟାଶନ ଶୋ' ଅନୁଷ୍ଠିତ ହେବ। ସୁଜିତ ନିଜର ସ୍ୱତନ୍ତ୍ର ଡିଜାଇନ ଶୈଳୀ ପାଇଁ ଅନ୍ତର୍ଜାତୀୟସ୍ତରରେ ବେଶ୍ ପରିଚିତ। ସେ ନିଜର ବ୍ରାଣ୍ଡ 'ତିଲୋତ୍ତମା' ଜରିଆରେ ଓଡ଼ିଶାର ପାରମ୍ପରିକ ସମ୍ବଲପୁରୀ ଏବଂ ହାବାସପୁରୀ ହସ୍ତତନ୍ତକୁ ଆଧୁନିକ ଫ୍ୟାଶନରେ ରୂପାନ୍ତରିତ କରି ଏକ ନୂତନ କ୍ରାନ୍ତି ଆଣିଛନ୍ତି। କେବଳ ଫ୍ୟାଶନ ନୁହେଁ, ବରଂ ଶତାଧିକ ସ୍ଥାନୀୟ ବୁଣାକାର ଓ କାରିଗରମାନଙ୍କୁ ସ୍ଥାୟୀ ରୋଜଗାର ଯୋଗାଇଦେବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। "ମୁଁ କେବଳ ଡିଜାଇନ କରେନାହିଁ, ବରଂ ଏକ ସାମାଜିକ ଉଦ୍ଦେଶ୍ୟ ରଖି କାମ କରେ' ସୁଜିତଙ୍କର ଏହି ଚିନ୍ତାଧାରା ତାଙ୍କ ବ୍ରାଣ୍ଡକୁ ପରମ୍ପରା, କଳା ଏବଂ ଆଧୁନିକତାର ଏକ ଅପୂର୍ବ ସମିଶ୍ରଣ ଭାବେ ଗଢ଼ି ତୋଳିଛି। ଇଣ୍ଡିଆ ଫ୍ୟାଶନ ୱିକ୍ ଲଣ୍ଡନର ସୁନାମ ରହିଛି ଯେ ଏହା ଭାରତୀୟ ଡିଜାଇନରମାନଙ୍କ ଉତ୍କୃଷ୍ଟ କଳାକୁ ବିଶ୍ୱର ବଡ଼ ବଡ଼ କ୍ରେତା, ଗଣମାଧ୍ୟମ, ସେଲିବ୍ରିଟି ଏବଂ ଫ୍ୟାଶନ ପ୍ରେମୀଙ୍କ ସମ୍ମୁଖରେ ଉପସ୍ଥାପନ କରିଥାଏ। ସୁଜିତଙ୍କ ଅଂଶଗ୍ରହଣକୁ ନେଇ ଆୟୋଜକ କମିଟି ଅତ୍ୟନ୍ତ ଉତ୍ସାହିତ ଥିବା ପ୍ରକାଶ କରିଛନ୍ତି। ଆୟୋଜକଙ୍କ କହିବା ଅନୁଯାୟୀ, ପାରମ୍ପରିକ ହସ୍ତତନ୍ତର ସୁରକ୍ଷା ଓ ବୁଣାକାର ସମାଜର ସଶକ୍ତିକରଣ ପାଇଁ ସୁଜିତଙ୍କ ମନୋଭାବ ଆମ ପ୍ଲାଟଫର୍ମର ମୂଲ୍ୟବୋଧକୁ ସଂପୂର୍ଣ୍ଣ ପ୍ରତିଫଳିତ କରୁଛି। ଏହି ପ୍ରଦର୍ଶନୀରେ ସୁଜିତଙ୍କ ଡିଜାଇନରେ ଭାରତର ଶତାବ୍ଦୀ ପୁରୁଣା ବୁଣାକାର ପରମ୍ପରା ସହ ଆଧୁନିକ ଲୁକ୍‌ର ଏକ ନିଆରା ଫ୍ୟୁଜନ ଦେଖିବାକୁ ମିଳିବ।


24001/296/2627

ଓଡିଶା ସରକାର

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଘୋଷଣା

No. RDM-LAB-GM-0013-2025- 16716 / R&DM, Dated 21.04.2026

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ତୁଣ୍ଡୁରା**, ଥାନା- **ପାଟପୁର**, ତହସିଲ- **ଦିଗପହଣ୍ଡି**, ଜିଲ୍ଲା- ଗଞ୍ଜାମରେ ନିମ୍ନ ସୂଚୀତ 'କ' ତଫସିଲ ଜମିରେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଗଞ୍ଜାମ ଜିଲ୍ଲାରେ ଛେଳିଗଡ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା **୧୮୯୧୪ ତା. ୨୩.୦୫.୨୦୨୫** ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ତୁଣ୍ଡୁରା**, ଥାନା- **ପାଟପୁର**, ତହସିଲ- **ଦିଗପହଣ୍ଡି**, ଜିଲ୍ଲା- ଗଞ୍ଜାମରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ପୁନର୍ବାସ ଓ ଥଇଥାନ ଅଧିକାରୀ, (ଛେଳିଗଡ ମଧ୍ୟମ ଜଳସେଚନ ପ୍ରକଳ୍ପ), ମହେନ୍ଦ୍ରଗଡଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ଜିଲ୍ଲା: ଗଞ୍ଜାମ — ତହସିଲ: - ଦିଗପହଣ୍ଡି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ତୁଣ୍ଡୁରା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୨.୯୩୨ | ଏକର ୧.୯୮୦ | ଏଥି ସହିତ ସଂଲଗ୍ନ |

ତଫସିଲ- ଖ

(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ଗଞ୍ଜାମ — ତହସିଲ: - ଦିଗପହଣ୍ଡି

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୩୧.୦୭.୨୦୨୫।

ତୁଣ୍ଡୁରା ଗ୍ରାମର ଜମିର ବିବରଣୀ

ମୌଜା - ତୁଣ୍ଡୁରା — ତହସିଲ - ଦିଗପହଣ୍ଡି — ଜିଲ୍ଲା - ଗଞ୍ଜାମ

| କ୍ରମିକ ନମ୍ବର | ଖାତା ନମ୍ବର | ପ୍ଲଟ ନମ୍ବର | ଚାଷୀଙ୍କ ନାମ ପିତାଙ୍କ ନାମ | ମୋଟ ଏରିଆ (ଏକର) | ଶ୍ରେଣୀ ବିଭାଜନ | ଅଧିଗ୍ରହଣ ହେବାକୁ ଥିବା ରକବା (ଏକର) | ମନ୍ତବ୍ୟ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧ | ୧୮୨୬ | ଅରକ୍ଷିତ ପ୍ରଧାନ, ପି: ଅଙ୍କୁର ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୬୦ | ବିଲ ଅଣଜଳସେଚିତ ଦୁଇ | ୦.୦୬୦ | କେନାଲ ରେ ୦.୦୦୫ ଗୋଚର ପ୍ରତି ବଦଳରେ ୦.୦୫୫ |
| | | ୧୮୨୭ | | ୦.୧୧୦ | | ୦.୧୧୦ | ଗୋଚର ପ୍ରତି ବଦଳରେ |
| ୨ | ୪ | ୧୬୩୬ | ଅରକ୍ଷିତ ପ୍ରଧାନ, ପି: ବିପ୍ର ପ୍ରଧାନ, ସଚଳା ପ୍ରଧାନ, ସ୍ୱା: ବିପ୍ର ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୨୮୦ | ଘରବାରି | ୦.୧୯୦ | |
| ୩ | ୪୧ | ୧୮୨୮ | କାଳୁ ପ୍ରଧାନ, ପି: ବାଉରି ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୧୪୦ | ବିଲ ଅଣଜଳସେଚିତ ଦୁଇ | ୦.୧୪୦ | ଗୋଚର ପ୍ରତି ବଦଳରେ |
| ୪ | ୪୮ | ୧୭୦୭ | କେଦାରନାଥ ପ୍ରଧାନ, ଶିବରାମ ପ୍ରଧାନ, ସୁଦର୍ଶନ ପ୍ରଧାନ, ଉଲି ପ୍ରଧାନ, ଲକ୍ଷ୍ମୀ ପ୍ରଧାନ, ପି: ଅର୍ଜୁନ ପ୍ରଧାନ, ହେମ ପ୍ରଧାନ, ସ୍ୱା: ଅର୍ଜୁନ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୬୦ | ବିଲ ଅଣଜଳସେଚିତ ଦୁଇ | ୦.୦୬୦ | |
| | | ୧୭୨୧ | | ୦.୦୬୫ | | ୦.୦୧୦ | |
| ୫ | ୫୩ | ୧୮୩୭ | ଖଳି ପ୍ରଧାନ, ପି: ବାଲାଜୀ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୩୫ | ବିଲ ଅଣଜଳସେଚିତ ଦୁଇ | ୦.୦୩୫ | ଗୋଚର ପ୍ରତି ବଦଳରେ |
| ୬ | ୭୨ | ୧୭୦୬ | ଝରା ପ୍ରଧାନ, ପି: ବାପାଣି ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୧୮୫ | ବିଲ ଅଣଜଳସେଚିତ ଦୁଇ | ୦.୦୩୫ | |
| ୭ | ୭୪ | ୧୮୨୨ | ତବତିଆ ପ୍ରଧାନ, ଅନନ୍ତ ପ୍ରଧାନ, ବିଜୟ ପ୍ରଧାନ, ପି: ଦଣ୍ଡପାଣି ପ୍ରଧାନ, ଧନି ପ୍ରଧାନ, ସ୍ୱା: ଦଣ୍ଡପାଣି ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୮୫ | ବିଲ ଅଣଜଳସେଚିତ ଦୁଇ | ୦.୦୮୫ | କେନାଲ ରେ ୦.୦୨୦ ଗୋଚର ପ୍ରତି ବଦଳରେ ୦.୦୬୫ |
| | | ୧୮୨୩ | | ୦.୦୪୫ | | ୦.୦୪୫ | କେନାଲ ରେ ୦.୦୪୦ ଗୋଚର ପ୍ରତି ବଦଳରେ ୦.୦୦୫ |
| ୮ | ୮୧ | ୧୮୧୬ | ତ୍ରିନାଥ ପ୍ରଧାନ, ସୁମତି ପ୍ରଧାନ, ପି: ଅର୍ଜୁନ ପ୍ରଧାନ, ପାଟ ପ୍ରଧାନ, ସ୍ୱା: ଅର୍ଜୁନ ପ୍ରଧାନ, କେଦାର ପ୍ରଧାନ, ଲିଟୁ ପ୍ରଧାନ, ହରି ପ୍ରଧାନ, କୁନା ପ୍ରଧାନ, ମାମି ପ୍ରଧାନ, ଅମି ପ୍ରଧାନ, ପି: ଡାକ ପ୍ରଧାନ, କୁନ୍ତି ପ୍ରଧାନ, ସ୍ୱା: ଡାକ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୭୫ | ବିଲ ଅଣଜଳସେଚିତ ଦୁଇ | ୦.୦୭୫ | |
| ୯ | ୯୨ | ୧୬୫୨ | ଧନୁ ପ୍ରଧାନ, ପି: କୁସୁନ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୨୪୦ | ବିଲ ଅଣଜଳସେଚିତ ଦୁଇ | ୦.୧୨୫ | |
| ୧୦ | ୯୬ | ୧୮୧୫ | ଧୋଣ୍ଡ ପ୍ରଧାନ, ପି: ସିନ୍ଧୁ ପ୍ରଧାନ, କନ୍ଧ ପ୍ରଧାନ, ଅଭି ପ୍ରଧାନ, ଅନୁଛାୟା ପ୍ରଧାନ, ସର ପ୍ରଧାନ, ପି: ବୀର ପ୍ରଧାନ, ରୂପା ପ୍ରଧାନ, ସ୍ୱା: ବୀର ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୧୦୦ | ବିଲ ଅଣଜଳସେଚିତ ଦୁଇ | ୦.୧୦୦ | କେନାଲ ରେ ୦.୦୩୫ ଗୋଚର ପ୍ରତି ବଦଳରେ ୦.୦୬୫ |
| | | ୧୭୧୦ | | ୦.୦୩୫ | | ୦.୦୩୫ | |
| | | ୧୭୧୧ | | ୦.୧୨୦ | | ୦.୦୧୫ | |
| | | ୧୭୧୬ | | ୦.୦୩୫ | | ୦.୦୩୫ | |
| | | ୧୭୧୭ | | ୦.୦୭୦ | | ୦.୦୭୦ | କେନାଲ ରେ ୦.୦୫୫ ଗୋଚର ପ୍ରତି ବଦଳରେ ୦.୦୧୫ |
| | | ୧୭୧୮ | | ୦.୧୧୦ | | ୦.୦୯୦ | |
| | | ୧୭୧୯ | | ୦.୧୨୫ | | ୦.୧୨୫ | କେନାଲ ରେ ୦.୦୮୫ ଗୋଚର ପ୍ରତି ବଦଳରେ ୦.୦୪୦ |
| ୧୧ | ୧୦୬ | ୧୬୩୭ | ପାଣ୍ଡବ ପ୍ରଧାନ, ପି: ବାଲାଜି ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୧୭୫ | ବିଲ ଅଣଜଳସେଚିତ ଦୁଇ | ୦.୦୩୦ | |
| ୧୨ | ୧୦୮ | ୧୮୨୦ | ପୁନି ପ୍ରଧାନ, ପି: ବୈଷ୍ଣବ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୪୦ | ବିଲ ଅଣଜଳସେଚିତ ଦୁଇ | ୦.୦୪୦ | |
| ୧୩ | ୧୧୩ | ୧୮୨୧ | ବାୟା ପ୍ରଧାନ, ସାରଥି ପ୍ରଧାନ, ଶଶି ପ୍ରଧାନ, ଅମାଲୁ ପ୍ରଧାନ, ସୁରେଖା ପ୍ରଧାନ, ଶୈଳ ପ୍ରଧାନ, ପି: ବାଲାଜି ପ୍ରଧାନ, ଆସେଲି ପ୍ରଧାନ, ସ୍ୱା: ବାଲାଜି ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୬୫ | ବିଲ ଅଣଜଳସେଚିତ ଦୁଇ | ୦.୦୬୫ | କେନାଲ ରେ ୦.୦୬ ଗୋଚର ପ୍ରତି ବଦଳରେ ୦.୦୦୫ |
| ୧୪ | ୧୨୧ | ୧୭୦୮ | ବୃନ୍ଦାବନ ପ୍ରଧାନ, ପି: ବଇଷମ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୫୫ | ବିଲ ଅଣଜଳସେଚିତ ଦୁଇ | ୦.୦୫୫ | |
| | | ୧୭୦୯ | | ୦.୦୫୫ | | ୦.୦୨୦ | |
| | | ୧୭୨୦ | | ୦.୦୭୭ | | ୦.୦୨୫ | |
| ୧୫ | ୧୨୪ | ୧୮୩୮ | ଭଗବାନ ପ୍ରଧାନ, ପି: ପୁନିଆ ପ୍ରଧାନ, କାଞ୍ଚନ ପ୍ରଧାନ, ସ୍ୱା: ପୁନିଆ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୫୦ | ବିଲ ଅଣଜଳସେଚିତ ଦୁଇ | ୦.୦୫୦ | ଗୋଚର ପ୍ରତି ବଦଳରେ |
| ୧୬ | ୧୨୯ | ୧୮୧୭ | ଭୀମ ପ୍ରଧାନ, ପି: ଝଗଡୁ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୫୫ | ବିଲ ଅଣଜଳସେଚିତ ଦୁଇ | ୦.୦୧୦ | |
| ୧୭ | ୧୩୮ | ୧୮୩୬ | ମାଗତା ପ୍ରଧାନ, ପି: ଡମ୍ବ ପ୍ରଧାନ, ଜା: କୁରୁମ, ବା: ନିଜଗାଁ | ୦.୦୫୫ | ବିଲ ଅଣଜଳସେଚିତ ଦୁଇ | ୦.୦୫୫ | ଗୋଚର ପ୍ରତି ବଦଳରେ |
| ୧୮ | ୧୮୦/୧୧ | ୧୬୫୦ | କଂଗ୍ରେସ ପ୍ରଧାନ, ପି: ରଘୁ ପ୍ରଧାନ, ଜା: କୁରୁମ, ବା: ତୁଣ୍ଡୁରା | ୦.୧୬୦ | ବିଲ ଅଣଜଳସେଚିତ ଦୁଇ | ୦.୦୨୦ | |
| | | ୧୬୫୧ | | ୦.୧୭୦ | | ୦.୧୭୦ | |

ମୋଟ ୧.୯୮୦ ଏକର

ରାଜ୍ୟପାଳଙ୍କ ଆଦେଶକ୍ରମେ

(ସୁରଂଜନ ପ୍ରଧାନ)

ଅତିରିକ୍ତ ଶାସନ ସଚିବ

OIPR-24001/24001/3/26-27/0071

## ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ତ୍ରୈମାସିକ ସମୀକ୍ଷା ବୈଠକ

# ସ୍ଥାନୀୟ ଯୁବପିଢ଼ିଙ୍କୁ ଅଗ୍ରାଧିକାର ଦେବାକୁ ଶିଳ୍ପସଂସ୍ଥାକୁ ନିର୍ଦ୍ଦେଶ

ଝାରସୁଗୁଡ଼ା,୧୭ ।୭ (ସମିସ)




ଝାରସୁଗୁଡ଼ା ଜିଲ୍ଲାର ସ୍ଥାନୀୟ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏବଂ ଶିଳ୍ପ-ସହଭାଗିତାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ତ୍ରୈମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି ଅଧିକାରୀ ସଙ୍ଗୀତା ମେହେରଙ୍କ ସମେତ ବିଭିନ୍ନ ପ୍ରମୁଖ ଶିଳ୍ପସଂସ୍ଥାର ମୁଖ୍ୟମାନେ ଉପସ୍ଥିତ ଥିଲେ। ଜିଲ୍ଲାରେ କାର୍ଯ୍ୟରତ ବଡ଼ ବଡ଼ କମ୍ପାନୀଗୁଡ଼ିକ କିଭଳି ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷରେ ସ୍ଥାନୀୟ ପ୍ରତିଭାମାନଙ୍କୁ ଅଧିକରୁ ଅଧିକ ନିଯୁକ୍ତି ପ୍ରଦାନ କରିବେ, ସେ ନେଇ ଏହି ବୈଠକରେ ବିସ୍ତୃତ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ବୈଠକରେ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ବଡ଼ କମ୍ପାନୀଗୁଡ଼ିକୁ ବ୍ୟାପକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେବାସହ ଚାକିରି ପାଇଁ ଥିବା ବିଭିନ୍ନ ଯୋଗ୍ୟତା ମାପଦଣ୍ଡକୁ କୋହଳ କରିବାକୁ କହିଛନ୍ତି। ବିଶେଷ କରି ଚାକିରି ପାଇଁ ଆବଶ୍ୟକ ହେଉଥିବା ପୂର୍ବ ଅଭିଜ୍ଞତାର ଅବଧିକୁ କମାଇବା ପାଇଁ ସେ ପରାମର୍ଶ ଦେଇଛନ୍ତି, ଯାହାଦ୍ୱାରା ଫ୍ରେସର ଛାତ୍ରଛାତ୍ରୀମାନେ ସହଜରେ ନିଯୁକ୍ତି ପାଇପାରିବେ। ଏହାଛଡ଼ା, ନିଯୁକ୍ତି ମେଳାରୁ ଚୟନ ହେଉଥିବା କିମ୍ବା ୧ ବର୍ଷର ତାଲିମ ଶେଷ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଆପ୍ରେଣ୍ଟିସିପ୍ ମାଧ୍ୟମରେ ସୁଯୋଗ ଦେଇ ଅଭିଜ୍ଞତା ସୀମାକୁ କାଟ୍‌ଛାଟ୍ କରିବାକୁ ଜିଲ୍ଲାପାଳ ଗୁରୁତ୍ୱ ଦେଇଛନ୍ତି। ଝାରସୁଗୁଡ଼ାର ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀ ଯେଭଳି ଏହିସବୁ କମ୍ପାନୀରେ ନିଯୁକ୍ତି ପାଇପାରିବେ, ସେଥିପାଇଁ ଶିଳ୍ପସଂସ୍ଥାଗୁଡ଼ିକୁ ଆଗେଇ ଆସିବାକୁ ସେ ଆହ୍ୱାନ କରିଛନ୍ତି। ଆସନ୍ତା ଡିସେମ୍ବର ୨୦୨୬ରେ ଏକ ଜିଲ୍ଲାସ୍ତରୀୟ ମେଗା ନିଯୁକ୍ତି ମେଳା ଅନୁଷ୍ଠିତ ହେବାକୁ ଯାଉଛି, ଯେଉଁଥିରେ ସମସ୍ତ ଶିଳ୍ପସଂସ୍ଥା ସେମାନଙ୍କ ଠିକାଦାର ଓ ଭେଣ୍ଡରମାନଙ୍କ ସହ ସର୍ବାଧିକ ସଂଖ୍ୟକ ନିଯୁକ୍ତି ସହ ଅଂଶଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିଳ୍ପାନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ଥିବା ଦୂରତାକୁ ଦୂର କରିବା ପାଇଁ ଜିଲ୍ଲାପାଳ ସମସ୍ତ ବୃହତ କମ୍ପାନୀକୁ ସରକାରୀ ଏବଂ ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ ପରିଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କମ୍ପାନୀଗୁଡ଼ିକର ଆବଶ୍ୟକତା ଅନୁଯାୟୀ, ଝାରସୁଗୁଡ଼ା ନିଯୁକ୍ତି କାର୍ଯ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କୁ ଅତ୍ୟାଧୁନିକ ତାଲିମ ପାଇଁ 'ୱାର୍ଲ୍ଡ ସ୍କିଲ୍ ସେଣ୍ଟର'କୁ ପଠାଯିବ ଏବଂ ଶିଳ୍ପଭିତ୍ତିକ ଚାହିଦା ଅନୁଯାୟୀ ନୂତନ ଆଧୁନିକ ପାଠ୍ୟକ୍ରମ ମଧ୍ୟ ଆରମ୍ଭ କରାଯିବ। ପ୍ରଶାସନ ପକ୍ଷରୁ ପ୍ରତି ମାସରେ ଶିଳ୍ପସଂସ୍ଥାଗୁଡ଼ିକୁ ନେଇ ଏକ ସମୀକ୍ଷା ବୈଠକ କରାଯିବ, ଯେଉଁଥିରେ କମ୍ପାନୀଗୁଡ଼ିକ ସଠିକ୍ ଭାବେ ଆପ୍ରେଣ୍ଟିସିପ୍ ଆକ୍ଟ ଅନୁଯାୟୀ ତାଲିମ ପ୍ରଦାନ କରୁଛନ୍ତି କି ନାହିଁ ଏବଂ ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର ଦେଉଛନ୍ତି କି ନାହିଁ, ତାର ତଦାରଖ କରାଯିବ।

## ନାରାୟଣନଗରରେ ତୃତୀୟାରେ ରଥଯାତ୍ରା

ଜହ୍ନାପଙ୍କ,୧୭।୭ (ସମିସ): ବୌଦ୍ଧ ବ୍ଲକର ଲୋକକଳା ଗ୍ରାମ ନାରାୟଣ ନଗରରେ ତୃତୀୟା ତିଥିରେ ରଥଟଣା ଅନୁଷ୍ଠିତ ହୋଇଛି। ଶହ ଶହ ଶ୍ରଦ୍ଧାଳୁ ଯୋଗ ଦେଇ ରଥ ଟାଣି ଟାଣି ତିନି ଠାକୁରଙ୍କୁ ମାଉସୀ ମା' ମନ୍ଦିରକୁ ନେଇଥିଲେ। ଗତକାଲି ପବିତ୍ର ରଥଯାତ୍ରା ଅବସରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ମନ୍ଦିରରୁ ପହଣ୍ଡିରେ ଆଣି ରଥ ଉପରେ ବିଜେ କରାଇ ଗ୍ରାମର ହରିବଂଶ ଛକ ପର୍ଯ୍ୟନ୍ତ ରଥଟଣା ହୋଇଥିଲା। ଠାକୁରମାନେ ରଥ ଉପରେ ରାତ୍ରୀଯାପନ କରିଥିଲେ। ପରମ୍ପରା ଅନୁଯାୟୀ ଆଜି ଅପରାହ୍ନ ୪ଟାରେ ତୃତୀୟା ଦିନରେ ପୁଣି ରଥଟଣା ଆରମ୍ଭ ହୋଇଥିଲା। ପୂଜକ ଅଜିତ ପାଣିଗ୍ରାହୀ ରଥ ଉପରେ ପୂଜାର୍ଚ୍ଚନା କରିବା ପରେ ଶ୍ରଦ୍ଧାଳୁମାନେ ରଥକୁ ଟାଣି ଟାଣି ଗଂଗାଧର ମେହେର ଛକ, ସାହୁ ଗଳି ଦେଇ ରଥ ସନ୍ଧ୍ୟା ୭ ଟାରେ ଗାଁ ମୁଣ୍ଡରେ ପହଞ୍ଚି ଥିଲା। ସେଠାରୁ ତିନି ଠାକୁର, ସୁଦର୍ଶନ ଓ ଦଧିବାମନଙ୍କୁ ପହଣ୍ଡି କରି ମାଉସୀ ମା' ମନ୍ଦିରକୁ ନେଇଥିଲେ। ଏହି ଅବସରରେ ରଥ ଉପରେ ବାଞ୍ଛାନିଧି ହୋତା ଓ ଲକ୍ଷ୍ମଣ ମେହେର ଶ୍ରୀ ଜଗନ୍ନାଥ ସଂସ୍କୃତିର ଧାରାବିବରଣୀ ପ୍ରଦାନ କରିଥିଲେ। ଶ୍ରୀ ଜଗନ୍ନାଥ ଓ ଶ୍ରୀରାମ ଯୁଗ୍ମ ମନ୍ଦିର କମିଟି ସଭାପତି ରାଜେନ୍ଦ୍ର ମେହେର, ଉପସଭାପତି ଉପେନ୍ଦ୍ର ମେହେର, ଉପଦେଷ୍ଟା ଭୋଳାଗିରି ସାହୁ, କୋଷାଧ୍ୟକ୍ଷ ପିତାମ୍ବର ମେହେର, ସମ୍ପାଦକ ଗୋପାଳ ମେହେର ମନ୍ଦିର କମିଟିର ସଦସ୍ୟ, ନାରାୟଣନଗର ଗ୍ରାମବାସୀ ସହଯୋଗ କରିଥିଲେ। ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନ ଓ ବୌଦ୍ଧ ପୁଲିସ୍ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଉପସ୍ଥିତ ଥିଲେ। ଅନ୍ୟ ପୂଜକ ଭାବେ ଜିତେନ୍ଦ୍ର ହୋତା, ଜ୍ଞାନେନ୍ଦ୍ର ହୋତା, ରୋଶନ ହୋତା, ସୁରେଶ ପଣ୍ଡା, କୃଷ୍ଣ ଶତପଥୀ, ଲିଙ୍କନ ହୋତା, ଜିତ ଦାସ, ବିବେକା ହୋତା, ବବୁନ ପାଣିଗ୍ରାହୀ, ପପୁନ ପାଣିଗ୍ରାହୀ ପ୍ରମୁଖ ପଣ୍ଡା ପୂଜାରୀମାନେ ସହଯୋଗ କରିଥିଲେ।

## କୁନିରଥରେ ମହାପ୍ରଭୁ



ପଲଶାଗୋରା,୧୭।୭ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରାରେ କୁନି ଶିଶୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୁନି ରଥରେ ଶ୍ରୀ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରଥାରୁଢ଼ କରାଇ ମକର ପଡିଆରେ ବୁଲାଇଥିଲେ କୁନି କୁନି ପିଲାମାନେ। କୁନି ଭକ୍ତ ଆଦର୍ଶ ଖମାରୀ ଓ ସାଥୀ ଏହାର ପରିଚାଳନା କରିଥିଲେ।

## ସୌରିବେଙ୍ଗେସଠାରେ ନୀଳମାଧବ ପୂଜା



କଣ୍ଟାମାଳ,୧୭।୭ (ସମିସ): କଣ୍ଟାମାଳ ବ୍ଲକ ବରଗାଁ ଗ୍ରାମ ପଞ୍ଚାୟତ ସୌରି ବେଙ୍ଗେସଠାରେ ସଦର ସମାଜ ପକ୍ଷରୁ ନୀଳମାଧବ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ ସାହୁ ଯୋଗ ଦେଇଥିଲେ। ପୂଜକ କୃଷ୍ଣଚନ୍ଦ୍ର ଭୋଇ ପୂଜା ପାଠ କରିଥିଲେ। ଶବର ସମାଜ ସଭାପତି ଦୁର୍ଯ୍ୟୋଧନ ଭୋଇ, ଉପସଭାପତି ନବଘନ ଭୋଇ, ସମ୍ପାଦକ ସତ୍ୟବନ୍ତ ଭୋଇଙ୍କ ସହ ସମ୍ପାଦକ ବିଶିକେସନ ନାଏକ କୋଷାଧ୍ୟକ୍ଷ ହେମନ୍ତ ଭୋଇ ଏହି ପୂଜାପାଠରେ ଅଠର ଗାଁର ଶବର ସମାଜ ଯୋଗ ଦେଇଥିଲେ।

## ଆଡ଼ପ ମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତି



ବୌଦ୍ଧ,୧୭।୭ (ସମିସ): ବୌଦ୍ଧରେ ରଥଯାତ୍ରା ଗୁରୁବାର ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ଆଜି ଶ୍ରୀଜୀଉମାନେ ରଥରୁ ଓହ୍ଲାଇ ମାଉସୀ ମା' ମନ୍ଦିର ଆଡ଼ପ ମଣ୍ଡପରେ ବିଜେ କରିଛନ୍ତି। ଗତକାଲି ରାତି ପ୍ରାୟ ୧୦ଟାରେ ରଥ ଟଣା ସରିବା ପରେ ଠାକୁରମାନେ ରଥ ଉପରେ ରାତ୍ରୀ ଯାପନ କରିଥିଲେ। ରଥ ଉପରେ ମହାପ୍ରଭୁଙ୍କ ନୀତିକାନ୍ତି ସରିବାପରେ ଶନିବାର ଦିନ ୧୦ଟାରେ ପ୍ରଥମେ ଶ୍ରୀ ସୁଦର୍ଶନ, ଶ୍ରୀ ବଳଭଦ୍ର ପରେ ଭଉଣୀ ସୁଭଦ୍ରା ଓ ଶେଷରେ ଶ୍ରୀଜଗନ୍ନାଥଙ୍କୁ ଗୋଟି ପହଣ୍ଡିରେ ଆଣି ମାଉସୀ ମା' ମନ୍ଦିରର ଆଡ଼ପ ମଣ୍ଡପରେ ବିରାଜମାନ କରାଯାଇଥିଲା। ଆଜି ସନ୍ଧ୍ୟାରେ ଠାକୁରମାନେ ଆଡ଼ପ ମଣ୍ଡପରେ ବଡସିଂହାର ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ। ଆସନ୍ତାକାଲିଠାରୁ ଶ୍ରୀଜୀଉ ବିଭିନ୍ନ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେବେ।

## ଝାରସୁଗୁଡ଼ା କୋର୍ଟକୁ ବୋମା ଧମକ

ଝାରସୁଗୁଡ଼ା,୧୭ ।୭ (ସମିସ): ଝାରସୁଗୁଡ଼ା ଜିଲ୍ଲା ଅଦାଲତ ପରିସରକୁ ବୋମା ଧମକ ମିଳିଥିବା ସୂଚନା ମିଳିଛି। ଇ-ମେଲ୍ ମାଧ୍ୟମରେ ଏହି ଧମକ ଆସିଥିବା ନେଇ ଜିଲ୍ଲା ଜଜ୍‌ଙ୍କ କାର୍ଯ୍ୟାଳୟ ପକ୍ଷରୁ ଅବଗତ କରାଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ବାର୍ ଆସୋସିଏସନ୍ ପକ୍ଷରୁ ସମସ୍ତ ଆଇନଜୀବୀଙ୍କୁ ତୁରନ୍ତ କୋର୍ଟ ପରିସର ଛାଡ଼ିବା ଓ ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ପ୍ରଶାସନକୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ଘଟଣାକୁ ନେଇ ସୁରକ୍ଷା ବ୍ୟବସ୍ଥା କଡ଼ା କରାଯାଇଛି। ବୋମା ଧମକର ସତ୍ୟତା ଯାଞ୍ଚ ପାଇଁ ସୁରକ୍ଷା ଏଜେନ୍ସି ଓ ପୁଲିସ ପକ୍ଷରୁ ତଦନ୍ତ ଜାରିରହିଛି।

## କ୍ୱାର୍ଜ ପଥର ସହ ଗାଡ଼ି ଜବତ; ୨ ଗିରଫ



ମନମୁଣ୍ଡା/ଶଗଡ଼ା,୧୭।୭ (ସମିସ): ମନମୁଣ୍ଡା ପୁଲିସ କ୍ୱାର୍ଜ ପଥର ସହ ଏକ ଗାଡ଼ି ଜବତ କରିଥିବାବେଳେ ୨ ଅଭିଯୁକ୍ତକୁ ଗିରଫ କରିଛି। ଗତକାଲି ଏଏସ୍‌ଆଇ ପ୍ରମୋଦ କୁମାର ଦିଗାଲ ପୁଲିସ ଟିମ୍ ସହ ପେଟ୍ରୋଲିଂରେ ଯାଉଥିବାବେଳେ ଏକ ପିକ୍‌ଅପ୍ (ନଂ-ଓଡ଼ି୦୩ଏଡି-୩୪୭୮) ଦ୍ରୁତ ଗତିରେ ବିପରୀତ ପଟୁ ଆସୁଥିବାବେଳେ ବିଳାସପୁର ଗ୍ରାମରେ ଅଟକାଇ ତନଖି କରିଥିଲେ। ଗାଡ଼ି ଭିତରୁ କେତେକ କ୍ୱାର୍ଜ ପଥର ପୁଲିସ ପାଇଥିଲା। ଓଜନ କରିବାରୁ ୧୭୯୦ କେଜି ହୋଇଥିଲା। ଗାଡ଼ିରେ ଥିବା ୨ ଅଭିଯୁକ୍ତ ଘଣ୍ଟାପଡ଼ା ଗ୍ରାମର ଜିତେନ୍ଦ୍ର ନାଗ (୩୨) ଏବଂ ରାମକୃଷ୍ଣ ରଣା (୨୩)। ପୁଲିସ ଗାଡ଼ି ଓ ଉକ୍ତ ଖଣିଜ ପଥର ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ଥାନାରେ ଏକ ମାମଲା ରୁଜୁ କରିଛି। ଏହାର ଅଧିକ ତଦନ୍ତ ଚାଲିଥିବା ଆଇଆଇସି ଚିରଞ୍ଜିବୀ ବେହେରା କହିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଜଣେ ଗୁରୁତର

ଡୁଙ୍ଗୁରିପାଲି,୧୭।୭ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବରଗଡ଼ ବାରିଗୁମା ୨୬ନମ୍ବର ଜାତୀୟ ରାଜପଥ ଚେରୁପାଲି ନନ୍ଦନ ହୋଟେଲ ସମ୍ମୁଖରେ ଏକ ଅଜଣା ଗାଡି ଧକ୍କାରେ ମାନସିକବିକାରଗ୍ରସ୍ତ ଗୁରୁତର ହୋଇଛନ୍ତି। ସେ ରାସ୍ତା କଡ଼ରେ ଛିଡା ହୋଇଥିବାବେଳେ ଡୁଙ୍ଗୁରିପାଲି ପଟୁ ଦ୍ରୁତ ଗତିରେ ଏକ କାର୍ ଆସି ଧକ୍କା ଦେଇ ପଳାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

## ● ମନମୁଣ୍ଡା ୟୁପି ସ୍କୁଲରେ ଅଘଟଣ

## ଫାଟକ ଉପରେ ପଡ଼ିଲା ଗଛ; ଅଳ୍ପକେ ବର୍ତ୍ତିଗଲେ ଛାତ୍ରଛାତ୍ରୀ



ଶଗଡା/ମନମୁଣ୍ଡା,୧୭।୭ (ସମିସ): ମନମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ବଡ଼ଧରଣର ଅଘଟଣ ଟଳିଯାଇଛି। ସ୍କୁଲର ମୁଖ୍ୟ ଫାଟକ ନିକଟରେ ଥିବା ଏକ ବିଶାଳ ଗଛ ହଠାତ୍ ଉପୁଡ଼ି ପଡ଼ିଥିବାବେଳେ ସୌଭାଗ୍ୟବଶତଃ କୌଣସି ଜୀବନହାନି ଘଟିନାହିଁ କିମ୍ବା କେହି ଆହତ ହୋଇନାହାନ୍ତି। ଗଛଟି ପଡ଼ିବା ସମୟରେ ସେଠାରେ ପିଲାମାନଙ୍କର ଗହଳି ନଥିବାରୁ ବଡ଼ ବିପଦ ଟଳି ଯାଇଛି। ଏହି ବିରାଟ ଗଛଟି ସମ୍ପୂର୍ଣ୍ଣ ଭାବରେ ସ୍କୁଲର ପ୍ରବେଶ ପଥ ବା ଫାଟକ ଉପରକୁ ପଡ଼ିଛି। ଫଳରେ ସ୍କୁଲ ଭିତରକୁ ଯିବା ଆସିବା ବାଟ ସମ୍ପୂର୍ଣ୍ଣ ଅବରୋଧ ହୋଇଯାଇଥିଲା। ସ୍କୁଲ ସମୟରେ ଯଦି ଏହି ଅଘଟଣ ଘଟିଥାନ୍ତା, ତେବେ ପରିସ୍ଥିତି ଭୟାବହ ହୋଇଥାନ୍ତା ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଗଛର ବଡ଼ ବଡ଼ ଡାଳ ସ୍କୁଲ ଗେଟ୍ ଉପରେ ପଡ଼ିଥିବା ବେଳେ ରାସ୍ତାରେ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗଛ କାଟି ହଟାଇଥିଲେ। ବିଦ୍ୟାଳୟ ପରିସରରେ ଥିବା ଏଭଳି ପୁରୁଣା ଓ ବିପଜ୍ଜନକ ଗଛଗୁଡ଼ିକୁ ପ୍ରଶାସନ ପକ୍ଷରୁ ପୂର୍ବରୁ ଚିହ୍ନଟ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଗଲେ ଭବିଷ୍ୟତରେ ଏଭଳି ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଲଗାଣ ବର୍ଷାରେ ଭୁଶୁଡ଼ିଲା କାନ୍ଥ

ବୌଦ୍ଧ,୧୭।୭ (ସମିସ): ବୌଦ୍ଧ ସହର ୱାର୍ଡ ନଂ-୯ ନୂଆସାହିରେ ଲଗାଣ ବର୍ଷାରେ ଗୋଟିଏ ଘରର କାନ୍ଥ ଭୁଶୁଡି ପଡିଥିବାବେଳେ ପରିବାରର ୪ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମାତ୍ର ଘର ଭିତରେ ଥିବା ଆସବାବପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଛି।

ଅଭିଯୋଗ ଅନୁଯାୟୀ, ନୂଆସାହିର ଅରୁଣ ରାଉତଙ୍କ ଘର ପାର୍ଶ୍ୱରେ ସାହିର ଭାଗବତ ମନ୍ଦିର ନିର୍ମାଣ ବୌଦ୍ଧ ପୌରପରିଷଦ ପକ୍ଷରୁ ଠିକାଦାରଙ୍କ ଦ୍ୱାରା କରାଯାଉଥିଲା। ମନ୍ଦିର ଛାତର ବର୍ଷାଜଳ ନିଷ୍କାସନ ପାଇଁ ଠିକାଦାର ଛାତ ଉପରେ କୌଣସି ବାଡ଼ା ନଦେଇ ଖୋଲା ଛାଡି ଦେଇଥିଲେ। ଫଳରେ ଛାତର ବର୍ଷା ଜଳ ଅରୁଣଙ୍କ ଘର କାନ୍ଥରେ ପଡ଼ି ଭୁଶୁଡି ପଡିଥିବା ସେ ଅଭିଯୋଗ କରିଛନ୍ତି। ଜିଲ୍ଲା ପ୍ରଶାସନ ଓ ପୌର ପରିଷଦ ସହାୟତା ଯୋଗାଇ ଦେବାକୁ ପରିବାର ଲୋକେ ଦାବି କରିଛନ୍ତି।

## ମନମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

# ପରିଚାଳନା କମିଟି ସଭାପତି ହେଲେ ହରେକୃଷ୍ଣ



ମନମୁଣ୍ଡା,୧୭।୭ (ସମିସ): ବୌଦ୍ଧ ଜିଲ୍ଲାର ୧୮୮୧ ମସିହାରେ ସ୍ଥାପିତ ଶତାବ୍ଦୀ ପୁରାତନ ସରକାରୀ ମଧ୍ୟ ଇଂରାଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭାବେ ହରେକୃଷ୍ଣ ନାଏକ ଏବଂ ଉପ ସଭାପତି ଭାବେ କବିତା ମେହେର ମନୋନୀତ ହୋଇଛନ୍ତି। ପଞ୍ଚସଖା ସେତୁ ସଭାପତି ତଥା ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତାଙ୍କ ଉପସ୍ଥିତିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀନବନ୍ଧୁ ସେଠୀଙ୍କ

### କବିତା ମେହେର ଉପସଭାପତି ମନୋନୀତ

ସଭାପତିତ୍ୱରେ ଏନେଇ ଏକ ସଭା ହୋଇଥିଲା। ଗତ ୧୦ ତାରିଖରେ ଅନୁଷ୍ଠିତ ଶିକ୍ଷକ-ଅଭିଭାବକ ବୈଠକରେ ବିଦ୍ୟାଳୟ ପରିଚାଳନା କମିଟି ଗଠନ ହୋଇଥିଲା। ପରିଚାଳନା କମିଟି ସଭ୍ୟମାନେ ସେମାନଙ୍କ ମଧ୍ୟରୁ ସଭାପତି ଓ ଉପ ସଭାପତି ଭାବେ ଉପରୋକ୍ତ ଦୁଇ ଜଣଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ଉପ ସଭାପତି ଓ ଅନ୍ୟ ସଦସ୍ୟ କାଞ୍ଚନ ବେହେରା, ଚନ୍ଦ୍ରମା ମେହେର, ପୁଷ୍ପାଞ୍ଜଳି ବାଘ, ସସ୍ମିତା ସେଠୀ, କଳ୍ପନା ଭୋଇ, କ୍ଷୀରୋଦ୍ର ସେଠୀ, ରାଧାକାନ୍ତ ମଲ୍ଲିକ, ମହାଦେବ କଳତା, ଉତ୍ତମ ପାତ୍ର, ସବିତା ନାଗ, ଜୟରାମ ଭୋଇ, ୱାର୍ଡସଭ୍ୟା ଲକ୍ଷ୍ମୀ ନାଏକ, ଅଙ୍ଗନବାଡ଼ି କର୍ମୀ ସନ୍ତୋଷିନୀ ମହାରଣା, ଆଶାଦିଦି ରୀନା ତରିଆ, ସହକାରୀ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପୁରୋହିତ, ପ୍ରଧାନ ଶିକ୍ଷକ ଦୀନବନ୍ଧୁ ସେଠୀ ବିଦ୍ୟାଳୟର ବିକାଶ ଓ ଉନ୍ନତି ପାଇଁ ଆଜି ଶପଥ ମଧ୍ୟ କରିଥିଲେ।

ସେହିପରି ଖଟଖଟିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଶତପଥୀଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟି ସଭାପତି ଭାବେ ଅରୁଣ ବସ୍ତିଆ ଏବଂ ଉପ ସଭାପତି ଭାବେ କୁମଦିନି କୁମୁରିଆଙ୍କୁ କମିଟି ସଭ୍ୟାସଭ୍ୟ ମନୋନୀତ କରିଛନ୍ତି।

## ଅବସରକାଳୀନ ପ୍ରାପ୍ୟ ଦାବିରେ ପୌର କର୍ମଚାରୀଙ୍କ ଧାରଣା



ଦେବଗଡ଼,୧୭ ।୭ (ସମିସ): ପୌରପରିଷଦ କାର୍ଯ୍ୟାଳୟ ଚାକିରିରୁ ଅବସର ନେବାର ଦୀର୍ଘବର୍ଷ ପର୍ଯ୍ୟନ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ମିଳି ପାରିନି ଅବସରକାଳୀନ ପ୍ରାପ୍ୟ। ଏ ସମ୍ପର୍କରେ ପୌର କର୍ତ୍ତୃପକ୍ଷଙ୍କ ଠାରୁ ବିଭାଗୀୟ ଆଧିକାରୀ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସେମାନଙ୍କୁ ମିଳି ପାରୁନି ସୁଫଳ। ଫଳରେ ନିଜ ନ୍ୟାଯ୍ୟ ପ୍ରାପ୍ୟରୁ ବଞ୍ଚିତ ଅବସରପ୍ରାପ୍ତ କର୍ମଚାରୀମାନେ ଆର୍ଥିକ ଦୁର୍ଦଶା ଭୋଗିବା ସହ ଅନେକ କର୍ମଚାରୀ ଅର୍ଥାଭାବ ଯୋଗୁଁ ଚିକିତ୍ସାରୁ ବଞ୍ଚିତ ହୋଇ ଶଯ୍ୟାଶାୟୀ ହୋଇ ପଡିରହିଥିବା ଅଭିଯୋଗ ଆଣିଛନ୍ତି। ପୁଣିଥରେ ପୌର ପରିଷଦ ଅବସରପ୍ରାପ୍ତ କର୍ମଚାରୀ ରମେଶ ଚନ୍ଦ୍ର ଦଳବେହେରା, ପଦ୍ମଲୋଚନ ଦେହୁରୀ, କୁଇଲି ଦେଇ, ପ୍ରଦୀପ କୁମାର ଦ୍ୱିବେଦୀ ଓ ପୂର୍ଣ୍ଣ ଚନ୍ଦ୍ର ଦେହୁରୀ ପ୍ରମୁଖ ପୌର ପରିଷଦ କାର୍ଯ୍ୟାଳୟକୁ ଆସି ପୌର ପରିଷଦ ନିର୍ବାହୀ ଅଧିକାରୀ କଳିଙ୍ଗ ଆଶିଷ ଶତପଥୀ ଓ ପୌରାଧ୍ୟକ୍ଷ ପ୍ରଜିତ କୁମାର ଭୋଜଙ୍କୁ ସାକ୍ଷାତ କରି ନିଜ ଦାବି ଜଣାଇବା ସହ ପ୍ରାପ୍ୟ ପ୍ରଦାନ ପାଇଁ ନିର୍ଦ୍ଦିଷ୍ଟ ତାରିଖ ଲିଖିତ ଆକାରରେ ଜଣାଇବା ଦାବିନେଇ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ।

## ବଡଦାଣ୍ଡରେ ଗଡିଲା ଚତୁର୍ଦ୍ଧା ମୂର୍ତ୍ତିଙ୍କ ରଥ

ଦେବଗଡ଼,୧୭ ।୭ (ସମିସ): ଦେବଗଡ଼ରେ ଆଜି ଆଦି ପରମ୍ପରା ଅନୁଯାଇ ପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘବର୍ଷ ପରେ ନବ ନିର୍ମିତ ରଥରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ବିଜେ କରାଯାଇ ବଡ଼ଦାଣ୍ଡରେ ରଥ ଟଣା ହେବା ସହ ଆଜି ବଡ଼ ଦାଣ୍ଡର ଅଧା ବାଟରେ ରଥ ଅଟକିଛି। ଆସନ୍ତାକାଲି ଅପରାହ୍ନରେ ପୁଣିଥରେ ରଥ ଟଣାହୋଇ ଶ୍ରୀ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା ଆରମ୍ଭ କରାଯିବ।



ପୁରୁଣାଗଡ଼ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଗତକାଲି ସକାଳେ ତିନି ଠାକୁରଙ୍କ ବିଭିନ୍ନ ନୀତିକାନ୍ତି କରାଯିବା ପରେ ସଂଧାରେ ତିନିଠାକୁରଙ୍କୁ ଗୋଟି ପହଣ୍ଡି କରି ନବନିର୍ମିତ ରଥରେ ରଥାରୂଢ କରାଯାଇଥିଲା। ପରମ୍ପରା ଅନୁସାରେ ବାମଣ୍ଡା ରାଜା ନିତେଶ ଗଙ୍ଗଦେବଙ୍କ ଅନୁପସ୍ଥିତିରେ ଆଜି ବାମଣ୍ଡା ରାଜପରିବାରର ସଦସ୍ୟ ନମନ ଗଙ୍ଗଦେବ, ରାନେଶ ଗଙ୍ଗଦେବ, ବଡ଼ପଣ୍ଡା ସନ୍ତୋଷ ନାୟକ ଉପସ୍ଥିତ ରହି ଛେରାପହଁରା ନୀତି କରିବା ସହରଥରେ ମଙ୍ଗଳଆଳତୀ କରିଥିଲେ। ଏହାପରେ ଭକ୍ତମାନେ ଚତୁର୍ଦ୍ଧା ଠାକୁରଙ୍କୁ ଦର୍ଶନ କରିଥିଲେ। ଦେବଗଡ଼ ଜଗନ୍ନାଥ ମନ୍ଦିରରେ ଭିନ୍ନ ପରମ୍ପରା ଅନୁଯାଇ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଠାକୁରଙ୍କୁ ରଥାରୁଢ଼ କରଯିବା ପର ଦୁଇଦିନ ଅର୍ଥାତ ତୃତୀୟା ଓ ଚତୁର୍ଥୀ ତିଥିରେ ଦୁଇଦିନ ଧରି ବଡ଼ଦାଣ୍ଡରେ ରଥ ଟଣାଯିବା ପରମ୍ପରା ରହିଛି। ସେହିପରି ରଥଯାତ୍ରା ପରିଚାଳନାରେ ଜଗନ୍ନାଥ ମନ୍ଦିରର ସମସ୍ତ ସେବାୟତ, ଓଲଟବର ବଜରଙ୍ଗୀ କମିଟି ଓ ଏବିଭିପି ସଦସ୍ୟମାନେ ସକ୍ରିୟ ସହଯୋଗ କରିଥିଲେ। ସେହିପରି ଜିଲ୍ଲାର ବାରକୋଟ, ରିଆମାଳ ଖଜୁରିଖମଣ, ତିଲେଇବଣି, ବଣିଆକିଲିଣ୍ଡା, ଦନ୍ତାରିବାହାଳ, କଂସର, ଢୋଲପଡା ତଥା ବିଭିନ୍ନ ଅଞ୍ଚଳରେ ଗତକାଲି ରଥଯାତ୍ରା ଅନୁଷ୍ଠିତ ହୋଇଥିଲା।

## କପର ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାସ

# ୬ ଗିରଫ; ୧୫୦ କେଜି କପର ସହ କାର୍ ଜବତ

ଇବଥର୍ମାଲ,୧୭ ।୭ (ସମିସ)



ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଥାନା ଅଧୀନ ଦଲଗାଁ ସ୍ଥିତ 'ସନ୍‌ସିଟି ଊର୍ଜା ପ୍ରାଇଭେଟ୍ ଲିମିଟେଡ'ର ଷ୍ଟୋରର ୟାଡରୁ ରେଳବାଇ ବିଦ୍ୟୁତୀକରଣ ତମ୍ବା ତାର(କପର କଣ୍ଡକ୍ଟର) ଚୋରି ମାମଲାରେ ବନହରପାଲି ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ଚୋରିରେ ସମ୍ପୃକ୍ତ ଏକ ସଂଗଠିତ ଗ୍ୟାଙ୍ଗର ୬ ଜଣ ସଦସ୍ୟଙ୍କୁ ପୁଲିସ ଗିରଫ କରିବା ସହ ସମସ୍ତ ଚୋରି ସାମଗ୍ରୀ ଉଦ୍ଧାର କରାଯାଇଛି। ଏନେଇ ବନହରପାଲି ଥାନାରେ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବନହରପାଲି ଥାନା ବନହରପାଲି ଗ୍ରାମର ପ୍ରଶାନ୍ତ ମାଝୀ (୨୮), ଡବ୍ଲୁଆଇ କଲୋନୀର ନେତ୍ର ମାର୍ଡି (୨୨), ସହରେଇପଡାର ରବି ବାର୍ଲା (୨୮), ଧୁବାଡେରାର ଡାକ୍ତର ସେଠ୍(୩୪) ଫତେଗଡ ଥାନା ଜିଲ୍ଲା ନୟାଗଡ଼ (ବର୍ତ୍ତମାନ ବାସିନ୍ଦା ତେଲେନପାଲିର ମନୋରଞ୍ଜନ ପ୍ରଧାନ ଓରଫ୍ ପପୁ (୨୮), ବନହରପାଲି ର ଦିନେଶ ହାତୀ ଓରଫ୍ ନାକୁ(୨୪)। ଏମାନଙ୍କ ଠାରୁ ହାରାହାରି ୨ଲକ୍ଷ ୪୦ ହଜାର ଟଙ୍କା ମୂଲ୍ୟର ତମ୍ବା ତାର ଗୋଟିଏ କାର୍, ଲୁହା ଶାବଳ, ଗୋଟିଏ ସ୍ୱାର୍ଥ କଟନ୍, ଗୋଟିଏ ଟାଙ୍ଗିଆ, ଅପରାରାଧ ସମୟରେ ବ୍ୟବହୃତ ମାସ୍କ, ମୋବାଇଲ୍ ଫୋନ୍ ପୁଲିସ୍ ଜବତ କରିଛି।

ସୂଚନା ଅନୁସାରେ ୧୪ତାରିଖ ଭୋର ୮ରୁ ୧୨ଜଣ ଅଭିଯୁକ୍ତ କମ୍ପାନୀ ପରିସରର ସୀମା ପ୍ରାଚୀର ଭାଙ୍ଗି କପର ଚୋରି କରିବା ଉଦ୍ଦେଶ୍ୟରେ ଭିତରକୁ ପ୍ରବେଶ କରିଥିଲେ। ସେଠାରେ ନିୟୋଜିତ ସୁରକ୍ଷା କର୍ମୀ ଓ କମ୍ପାନୀ କର୍ମଚାରୀ ସେମାନଙ୍କୁ ପ୍ରତିରୋଧ କରିବାରୁ ଅଭିଯୁକ୍ତମାନେ ଢେଲା, ପଥର, ଇଟା ଏବଂ କାଚ ବୋତଲରେ ଆକ୍ରମଣ କରି ଖସିଯିବାକୁ ଚେଷ୍ଟା କରିଥିଲେ। ତେବେ କମ୍ପାନୀ କର୍ମଚାରୀମାନେ ସାହସର ସହ ଦୁଇଜଣ ଅଭିଯୁକ୍ତଙ୍କୁ ଘଟଣାସ୍ଥଳରେ କାବୁ କରିନେଇଥିବା ବେଳେ ବାକି ସଦସ୍ୟ ଫେରାର ମାରିଥିଲେ। ଏସଂକ୍ରାନ୍ତରେ ପୁଲିସ ପାଖରେ ରିପୋର୍ଟ ହେବାପରେ ବିଭିନ୍ନ ସ୍ଥାନରେ ଚଢ଼ଉକରି ଘଟଣାରେ ସଂପୃକ୍ତ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଆଜି କୋର୍ଟ ଚାଲାଣ କରାଯାଇଥିବା ବନହରପାଲି ଥାନା ଅଧିକାରୀ ବିନୋଦ କୁମାର ରାଓ ପ୍ରକାଶ କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଐତିହ୍ୟ

- ୧୮୫୭- ବମ୍ବେ ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୨୭- ଗଜଲ ସମ୍ରାଟ୍ ମେହେନ୍ଦି ହାସନ୍‌ଙ୍କ ଜନ୍ମ।
- ୧୯୭୭- ଭିଏତନାମ ଜାତିସଂଘର ସଦସ୍ୟ ହେଲା।
- ୧୯୮୦- ସଂପୂର୍ଣ୍ଣ ଭାବେ ଭାରତ ଦ୍ୱାରା ନିର୍ମିତ ଉପଗ୍ରହ 'ରୋହିଣୀ-୧' ପୃଥିବୀ କକ୍ଷରେ ସ୍ଥାପିତ ହେଲା।
- ୨୦୦୨- ଏପିଜେ ଅବଦୁଲ୍ କଲାମ୍ ଦେଶର ୧୨ତମ ରାଷ୍ଟ୍ରପତି ହେଲେ।
- ୨୦୧୨- ବଲିଉଡ୍ ଅଭିନେତା ରାଜେଶ ଖାନ୍ନାଙ୍କ ଦେହାନ୍ତ।



# ଅନ୍ତର୍ଜାତୀୟ ନେଲସନ ମଣ୍ଡେଲା ଦିବସ

ପ୍ରତିବର୍ଷ ଜୁଲାଇ ୧୮ ତାରିଖକୁ ଅନ୍ତର୍ଜାତୀୟ ନେଲସନ ମଣ୍ଡେଲା ଦିବସ ଭାବେ ପାଳନ କରାଯାଏ। ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ତଥା ନୋବେଲ ଶାନ୍ତି ପୁରସ୍କାର ବିଜେତା ମଣ୍ଡେଲାଙ୍କ ଜନ୍ମଦିନ ଅବସରରେ ଏହା ପାଳନ କରାଯାଏ। ୨୦୦୯ ମସିହା ନଭେମ୍ବର ମାସରେ ମିଳିତ ଜାତିସଂଘ ଦ୍ୱାରା ଏହି ଦିବସ ପାଳନ କରିବା ପାଇଁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଥିଲା। ପ୍ରଥମ ଥର ପାଇଁ ୧୮ ଜୁଲାଇ, ୨୦୧୦ରେ ସାରା ବିଶ୍ୱରେ ଏହି ଦିବସ ପାଳିତ ହୋଇଥିଲା। ସମାଜରୁ ଦାରିଦ୍ର୍ୟ ଦୂରୀକରଣ, ଲିଙ୍ଗଗତ ସମାନତା ଏବଂ ମାନବ ଅଧିକାରର ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ କରିବା ଏହି ଦିବସର ଲକ୍ଷ୍ୟ ଅଟେ। ମଣ୍ଡେଲା ଜଣେ ବର୍ଣ୍ଣବୈଷମ୍ୟ ବିରୋଧୀ ନେତା ଭାବେ ସାରା ବିଶ୍ୱରେ ପରିଚିତ। ସେ ମହାତ୍ମା ଗାନ୍ଧୀଙ୍କ ଅହିଂସା ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ ହୋଇଥିବାରୁ ତାଙ୍କୁ ଦକ୍ଷିଣ ଆଫ୍ରିକାର 'ଗାନ୍ଧୀ' ବୋଲି କୁହାଯାଏ। ସେ ଦକ୍ଷିଣ ଆଫ୍ରିକାର ପ୍ରଥମ କୃଷ୍ଣକାୟ ରାଷ୍ଟ୍ରପତି ଥିଲେ। ମଣ୍ଡେଲାଙ୍କ ଜୀବନର ମୁଖ୍ୟ ସଂଗ୍ରାମ ଥିଲା କୃଷ୍ଣକାୟ ଓ ଶ୍ୱେତାଙ୍ଗଙ୍କ ମଧ୍ୟରେ ଥିବା ରଙ୍ଗଭେଦ ନୀତିର ବିଲୋପ କରିବା। ତାଙ୍କ ନୀତି ଏବଂ ଆଦର୍ଶକୁ ମନେ ପକାଇବା ତଥା ଭେଦଭାବ ଭୁଲି ବିଶ୍ୱକୁ ଏକତାର ବନ୍ଧନରେ ବାନ୍ଧି ରଖିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଏହି ଦିନ ସମସ୍ତଙ୍କୁ ଦାରିଦ୍ର ତଥା ସାମାଜିକ ଅନ୍ୟାୟ ବିରୁଦ୍ଧରେ ପଦକ୍ଷେପ ନେବାକୁ ଉତ୍ସାହିତ କରାଯାଏ। ମଣ୍ଡେଲା ଆଫ୍ରିକାରେ ସାମାଜିକ ନ୍ୟାୟ ପାଇଁ ୬୭ ବର୍ଷ ଧରି ସଂଗ୍ରାମ ଜାରି ରଖିଥିଲେ। ଏହି ୬୭ ବର୍ଷ ମଧ୍ୟରୁ ୨୭ ବର୍ଷ ସେ ଜେଲରେ ଜୀବନ କାଟିଥିଲେ। ସେ ଦକ୍ଷିଣ ଆଫ୍ରିକାରେ ଜାତିବାଦ ପ୍ରଥାର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଏହା ସହ ସାମାଜିକ ସମାନତା ପାଇଁ ସେ ତାଙ୍କ ଜୀବନକୁ ଉତ୍ସର୍ଗ କରିଥିଲେ। ତାଙ୍କର ଏହି ନିଃସ୍ୱାର୍ଥପର କାମ ପାଇଁ ତାଙ୍କୁ ୨୫୦ରୁ ଅଧିକ ପୁରସ୍କାର ମିଳିଥିଲା। ୧୯୯୦ ମସିହାରେ ତାଙ୍କୁ ଭାରତ ରତ୍ନ ଏବଂ ୧୯୯୩ ମସିହାରେ ନୋବେଲ ଶାନ୍ତି ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ୨୦୧୩ ଡିସେମ୍ବର ୫ ତାରିଖରେ ତାଙ୍କର ପରଲୋକ ଘଟିଥିଲା। ୨୦୨୬ ମସିହା ପାଇଁ ଅନ୍ତର୍ଜାତୀୟ ନେଲସନ ମଣ୍ଡେଲା ଦିବସର ବିଷୟବସ୍ତୁ ରହିଛି "ଦାରିଦ୍ର୍ୟ ଏବଂ ଅସମାନତା ବିରୋଧରେ ଲଢ଼େଇ କରିବା ଏବେ ବି ଆମ ହାତରେ ଅଛି"।

# ଦିଆସିଲି ଖୋଳରେ ଶାଢ଼ି




ପ୍ରାୟ ଅଧିକାଂଶ ମହିଳାଙ୍କର ଅଭିଯୋଗ ଥାଏ ଯେ, ଶାଢ଼ି ରଖିବା ପାଇଁ ଆଲମାରିରେ ଜାଗା ହେଉ ନାହିଁ। ଏହି କ୍ରମରେ ଗୋଟିଏ ୫.୫ ମିଟର ଲମ୍ବା ଶାଢ଼ି ଗୋଟିଏ ଛୋଟ ଦିଆସିଲି ବାକ୍ସରେ ରହିବା କଥା ଅନେକଙ୍କୁ ନିଶ୍ଚୟ ଆଶ୍ଚର୍ଯ୍ୟ କରୁଥିବ। ତେଲେଙ୍ଗାନାର ଜଣେ କାରିଗରଙ୍କ ଏହି ଅନନ୍ୟ କଳା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି କାରିଗର ଜଣକ ଏକ ୫.୫ ମିଟର ଲମ୍ବା ସିଲ୍‌କ ଶାଢ଼ିକୁ ଗୋଟିଏ ଦିଆସିଲି ଖୋଳରେ ରଖି ସମସ୍ତଙ୍କୁ ଚକିତ କରି ଦେଇଛନ୍ତି। ଉକ୍ତ କଳାକାରଙ୍କ ନାମ ନଲ୍ଲା ବିଜୟ କୁମାର। ତାଙ୍କର ଏହି କଳାକାରିତାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି, ଯାହାକୁ ଦେଖି ଲୋକେ ହତବାକ୍ ହୋଇଯାଉଛନ୍ତି। ଏହି ଶାଢ଼ିଟିକୁ ସେ ଶ୍ରୀଭ୍ରାମରାମ୍ବା ମଲ୍ଲିକାର୍ଜୁନ ସ୍ୱାମୀ ମନ୍ଦିର ଟ୍ରଷ୍ଟ ବୋର୍ଡର ଅଧ୍ୟକ୍ଷ ପୋଥୁଗୁଣ୍ଟା ରମେଶ ନାଇଡୁ ଏବଂ ଟ୍ରଷ୍ଟ ବୋର୍ଡର ସଦସ୍ୟା କୋଡେ କାଛିବର୍ଦ୍ଧିନୀଙ୍କ ଉପସ୍ଥିତିରେ ପ୍ରସିଦ୍ଧ ଶ୍ରୀଶୈଳମ୍ ମନ୍ଦିରରେ ଦେବୀ ଭ୍ରମରମ୍ବାଙ୍କୁ ଭେଟି ଦେଇଛନ୍ତି। ଏହା ଏବେ ଶ୍ରୀଶୈଳମ୍ ମନ୍ଦିରର ଶୋଭା ବଢ଼ାଉଛି। ମନ୍ଦିର ଟ୍ରଷ୍ଟ ଏହି ଅନନ୍ୟ ଉପହାରକୁ ଆଦରର ସହ ଗ୍ରହଣ କରି ବୁଣାକାରଙ୍କର ପ୍ରଶଂସା କରିଛନ୍ତି। ନଲ୍ଲା ବିଜୟ କୁମାର ନିଜ ବୁଣାକାର କଳାର ଏଭଳି ଭାବେ ପ୍ରଦର୍ଶନ କରିଛନ୍ତି ଯେ, ଆଜି ସାରା ଦେଶରେ ତାଙ୍କୁ ନେଇ ଚର୍ଚ୍ଚା ହେଉଛି।" ୫.୫ ମିଟର ଲମ୍ବା ଏବଂ ୪୮ ଇଞ୍ଚ ଓସାରର ଏହି ଶାଢ଼ିକୁ ଏକ ସାମାନ୍ୟ ଦିଆସିଲି ଖୋଳରେ ଫିଟ୍ କରାଇବା ନଲ୍ଲା ବିଜୟ କୁମାରଙ୍କ ପାଇଁ ଏତେ ସହଜ ନ ଥିଲା। ଏନେଇ ତାଙ୍କର କହିବା କଥା, "ସେ ନିଜ ପରିବାର ଲୋକଙ୍କ ସହ ମିଶି ଏହି ଶାଢ଼ିଟିକୁ ତିଆରି କରିଥିଲେ। ଏଥିପାଇଁ ୭ ଦିନ ସମୟ ଲାଗିଥିଲା। ୨୦୦ ଗ୍ରାମ୍ ଓଜନ ବିଶିଷ୍ଟ ଏହି ଶାଢ଼ିକୁ 'ଇକତ୍' ଡିଜାଇନ୍‌ରେ ବୁଣାଯାଇଛି। ଶାଢ଼ିକୁ ତିଆରି କରିବାରେ ଏଭଳି ସୂକ୍ଷ୍ମ ସୂତା ବ୍ୟବହାର କରାଯାଇଥିଲା, ଯେଉଁଥିପାଇଁ ଏହାକୁ ଭାଙ୍ଗି ଏକ ଛୋଟ ଦିଆସିଲି ଖୋଳ ଭିତରେ ସହଜରେ ରଖାଯାଇପାରୁଛି।"

# ପୁଣି ଏକାଠି ଦେଖାଗଲେ କ୍ରିତି-କବୀର

ବଲିଉଡ୍ ଅଭିନେତ୍ରୀ କ୍ରିତି ସାନନ୍ ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଦିନିକିଆ ମ୍ୟାଚ୍ ଦେଖିବାକୁ ନିକଟରେ ଇଂଲଣ୍ଡରେ ପହଞ୍ଚିଥିଲେ। ଏହି ସମୟରେ ସେଠାରେ କ୍ରିତିଙ୍କ ସହ ତାଙ୍କର ତଥାକଥିତ ପ୍ରେମିକ ତଥା ବ୍ୟବସାୟୀ କବୀର ବାହିଆ ମଧ୍ୟ ଉପସ୍ଥିତ ଥିଲେ। ଷ୍ଟାଡିୟମର ଷ୍ଟାଣ୍ଡରେ ଉଭୟ ଏକାଠି ମ୍ୟାଚ୍‌ର ମଜା ନେଉଥିବାର ଦେଖିବାକୁ ମିଳିଥିଲା। କ୍ରିତି ଏବଂ କବୀର ନିଜ ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଷ୍ଟାଡିୟମ୍‌ର କିଛି ଫଟୋ ମଧ୍ୟ ସେୟାର କରିଛନ୍ତି, ଯେଉଁଥିରେ ଦୁହେଁ ଜଣେ ବନ୍ଧୁଙ୍କ ସହ ପୋଜ୍ ଦେଉଥିବାର ନଜର ଆସୁଛନ୍ତି। ଏହି ଫଟୋଗୁଡ଼ିକ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି। ଫଟୋ ଭାଇରାଲ ହେବା ପରେ ପୁଣିଥରେ ଉଭୟଙ୍କ ସମ୍ପର୍କକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କ୍ରିତି ତାଙ୍କର ୩୪ତମ ଜନ୍ମଦିନ ପାଳନ କରିବା ସମୟରେ କବୀରଙ୍କ ସହ ତାଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ହେବାକୁ ଲାଗିଲା। ଦୁହେଁ ଏହି ସମୟରେ ଗ୍ରୀସ୍‌ରେ ଛୁଟି କାଟୁଥିଲେ। ଏହା ପରଠାରୁ ଉଭୟଙ୍କୁ ଅନେକ ସମୟରେ ଏକାଠି ଦେଖିବାକୁ ମିଳିଛି। ହେଲେ ଏଯାଏଁ କ୍ରିତି କି କବୀର ଏନେଇ କିଛି ପ୍ରତିକ୍ରିୟା ରଖି ନାହାନ୍ତି। ଏହାପୂର୍ବରୁ କବୀରଙ୍କୁ କ୍ରିତିଙ୍କ ଭଉଣୀ ନୁପୂର ସାନନ୍‌ଙ୍କ ବାହାଘରବେଳେ ମଧ୍ୟ ଦେଖାଯାଇଥିଲା। କବୀର ବ୍ରିଟେନର ଜଣେ ବଡ଼ ବ୍ୟବସାୟୀ। ସେ 'ୱାର୍ଲ୍ଡୱାଇଡ୍ ଏଭିଏସନ୍ ଆଣ୍ଡ ଟୁରିଜିମ୍ ଲିମିଟେଡ୍'ର ପ୍ରତିଷ୍ଠାତା ଅଟନ୍ତି। କବୀରଙ୍କ ପିତା କୁଲଜିନ୍ଦର ବହିଆ ବ୍ରିଟେନର ପ୍ରମୁଖ ଟ୍ରାଭେଲ ଏଜେନ୍ସି 'ସାଉଥଅଲ୍ ଟ୍ରାଭେଲର'ର ମାଲିକ। ଖେଳ ଏବଂ ବଲିଉଡ୍ ଜଗତର ଅନେକ ଜଣାଶୁଣା ସେଲିବ୍ରିଟିଙ୍କ ସହ କବୀରଙ୍କର ଭଲ ପରିଚୟ ରହିଛି। କ୍ରିତିଙ୍କ କାମ କଥା କହିବାକୁ ଗଲେ ସେ ନିକଟରେ 'କକ୍‌ଟେଲ୍ ୨'ରେ ଦେଖାଯାଇଥିଲେ। ଏହି ଫିଲ୍ମରେ ତାଙ୍କ ସହ ଶାହିଦ କପୁର ଏବଂ ରଶ୍ମିକା ମନ୍ଦାନା ମୁଖ୍ୟ ଭୂମିକାରେ ନଜର ଆସିଥିଲେ। 'କକ୍‌ଟେଲ୍ ୨' ରିଲିଜ୍ ପରେ କ୍ରିତି କାମରୁ ବ୍ରେକ୍ ନେଇ ଛୁଟି କାଟୁଛନ୍ତି।





ବଡ଼ଦାଣ୍ଡେ ଦେଖ ବଡ଼ ଠାକୁର,
ମେଲାଇ ଦେଇଛି ବାହୁ ତାହାର।
ଝୁଲିଝୁଲି ଆସି ହୋଇଛି ବିଜେ,
ଭକତ ଜନଙ୍କ ଭାବରେ ଭିଜେ।
ନ'ଦିନ କରିବ ଘୋଷ ଯାତରା,
ଯିବ ମାଉସୀ ମାଆ ମନ୍ଦିର ପରା।
ନନ୍ଦିଘୋଷ ରଥ ତା'ର ଗଡ଼ିବ,
ଭକତ ଦଉଡ଼ି ଟାଣିକି ନେବ।
ସୁଭଦ୍ରା, ବଳିଆ ସଙ୍ଗରେ ନେଇ,
ଆସିଛି ରାଇଜ ବୁଲିବା ପାଇଁ।



**ସୁଜିତ କୁମାର ମିଶ୍ର**

ବୁଝିବ ସବୁରି ମନର କଥା,
ହୋଇଣ ସବୁରି ଜଗତ ନେତା।
ଆଷାଢ଼ ବରଷା ବାରିଧାରାରେ,
ଭିଜୁଥିବ ସିଏ ଭକ୍ତି ସ୍ରୋତରେ।
କରିବ ପୁଣି ସେ ବାହୁଡ଼ା ଯାତ,
ଶ୍ରୀମନ୍ଦିର ହେବ ଶୋଭାର ସ୍ରୋତ। ■

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର

## ପ୍ରହେଳିକା

- ଆଷାଢ଼ ଶୁକଳ ଦଶମୀ ତିଥିରେ
  ଆସିଥାଏ ସେହି ଯାତ
  ଜନମ ବେଦୀରୁ ରଥ ପରେ ବସି
  ଫେରନ୍ତି କଳା ସାଆନ୍ତ
  ଶୁଭେ ଘଣ୍ଟ ଘଣ୍ଟି ସ୍ୱନ
  ପୂଣ୍ୟ ବଡ଼ଦାଣ୍ଡ ହୁଏ ଲୋକାରଣ୍ୟ
  କୁହ'ତ ସେ ଯାତ ନାମ।

  ଉତ୍ତର-ବାହୁଡ଼ା ଯାତ

- ଜନମ ବେଦୀରୁ ଫେରନ୍ତି ସାଆନ୍ତ
  ପବିତ୍ର ଦଶମୀ ଦିନ
  ନନ୍ଦିଘୋଷ ପରେ ଚମକନ୍ତି ପ୍ରଭୁ
  ପୂଣ୍ୟ ଏକାଦଶୀ ଦିନ
  ହୁଏ ଜନ ସମାବେଶ
  ଅଳଙ୍କାର ପିନ୍ଧି ହସନ୍ତି ଠାକୁର
  କୁହ ସିଏ କେଉଁ ବେଶ।

  ଉତ୍ତର-ସୁନାବେଶ

- ସୁନାବେଶ ପରେ ତିନି ରଥ ପରେ
  ହୁଏ ପଣାଲାଗି ବିଧି
  କ୍ଷୀର ସର ଛେନା ଗୁଡ଼ କଦଳୀରେ
  ଭରାଯାଏ ମାଟି ହାଣ୍ଡି
  ଲାଗି ହୋଇଲେ ସଂପୂର୍ଣ୍ଣ
  ରଥ ପରେ ସେହି ହାଣ୍ଡି ଭଙ୍ଗାଯାଏ
  କୁହ'ତ ସେ ବିଧି ନାମ।

  ଉତ୍ତର-ଅଧରପଣା

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର



# କାଳିଆର ସୁନାବେଶ



**ମହେନ୍ଦ୍ର କୁମାର ଘଡ଼େଇ**

ନଅ ଦିନର ଘୋଷଯାତରା
ଚତୁର୍ଦ୍ଧାମୂର୍ତ୍ତି ସାରି
ଫେରିବା ପରେ ରଥେ ଦୁନିଆ
ଦେଖିବ ମନ ଭରି।
ଆଷାଢ଼ ଶୁକ୍ଳ ଏକାଦଶୀରେ
କାଳିଆ ସୁନାବେଶ
ଦେଖିବା ପାଇଁ ବଡ଼ ଗହଳି
ରଥର ଚଉପାଶ।
ନୀତିରେ ସେବାୟତ ଲଗାନ୍ତି
କିରୀଟି ଚନ୍ଦ୍ରିକା
ଶ୍ରୀପାଦ ଚକ୍ର ଶଙ୍ଖ ପୟର
ଶ୍ରୀଭୁଜ ଶୋଭା ଦେଖା।
ସୁନାର ଗଦା ଲଙ୍ଗଳ ହାର
କୁଣ୍ଡଳ କଣ୍ଠମାଳା
କମରପଟି ଓଡ଼ିଆଣୀର
ତିଳକ ପୁଳା ପୁଳା।
ଏ ଅପରୂପ ଦେଖିଛି ଯିଏ
ଭୁଲିନି ଜମା ସିଏ
ଫେରିବା ବେଳେ ଫିଇବରଷ
ଡୋରିକୁ ଅଳି ଦିଏ।
ମଣିଷ ପରି ନୀତିରେ ବନ୍ଧା
ଆମ ଜଗତ ସାଇଁ
ମାଗିବା ଆଗୁ ଦିଅନ୍ତି ଖୋଲା
ହାତରେ ଦାନ ଚାହିଁ।
ଏମିତି ରଥ ପଥ ଦେବତା
ଆଉ କୋଉଠି ନାହିଁ
ତାହାରି ପଦ ସୁମରଣାରେ
ରହିଲେ ସୁଖ ପାଇ। ■

କଟରପଡ଼ା, ନିଶ୍ଚିନ୍ତକୋଇଲି,
କଟକ





# ଯୁବ ବେପାରୀ ଓ ସାଧୁ






**ନଗେନ୍ଦ୍ର ନାଥ ପଟ୍ଟନାୟକ**

ଜଣେ ଯୁବ ବେପାରୀ ଥିଲେ। ଚାକିରି ଖଣ୍ଡେ ନ ମିଳିବାରୁ ସେ ତା'ଙ୍କ କୁଳ ବେଉସାକୁ ଆପଣାଇ ନେଲେ। ଜେଜେ ବାପା ଓ ବାପା ତ ବେପାର ବଣିଜ କରୁଥିଲେ। ସେମାନଙ୍କ ଅନ୍ତେ ସେ ବେପାର କରିବାକୁ ଲାଗିଲେ। ବେପାର ବଣିଜରେ ତାଙ୍କର ମୋଟେ ଲାଭ ହେଉ ନ ଥିଲା। ବରଂ ବାରମ୍ବାର ତାଙ୍କୁ ବହୁତ କ୍ଷତି ସହିବାକୁ ପଡ଼ିଥିଲା। ଲଗାତାର କ୍ଷତି ହେଉଥିବାରୁ ତାଙ୍କୁ ଖୁବ୍ ବାଧୁଥିଲା। ନିରାଶା ଓ ଦୁଃଖରେ ସେ ଭାଙ୍ଗିପଡ଼ିଲେ। ହତାଶ ହୋଇ ସେ ଦିନେ ଜଣେ ଜ୍ଞାନୀ ସାଧୁ ମହାତ୍ମାଙ୍କ ନିକଟରେ ପହଞ୍ଚିଲେ। ଦୁଃଖ ମନରେ ହାତଯୋଡ଼ି ନମ୍ରତା ସହକାରେ କହିଲେ- ମହାରାଜ, ମୁଁ ଯେଉଁ କାମ ଆରମ୍ଭ କରୁଛି, ସଫଳ ହୋଇପାରୁନି। ହାତ ଦେଲା ମାତ୍ରେ କାମଟା ବିଗିଡ଼ି ଯାଉଛି। ଆରମ୍ଭରୁ ବେପାରରେ ଲାଭ ପଇସା ତ ଦୂର କଥା ମୂଳ ପୁଞ୍ଜିତକ ବି ବୁଡ଼ି ଯାଉଛି। ମୋ ଜେଜେ ବାପା ଆଉ ବାପା ଏ ବେପାର ବଣିଜ କରି ବେଶ୍ ଦି ପଇସା ରୋଜଗାର କରୁଥିଲେ। ସେମାନେ ସଫଳ ବ୍ୟବସାୟୀ ଥିଲେ, ଆଉ ବ୍ୟବସାୟରୁ ବହୁତ ଲାଭ ଉପାର୍ଜନ କରୁଥିଲେ। ଭାବୁଚି ଏ ବେପାର ବାଣିଜ ଆଉ ମୋ ଦେଇ ହେବନି ବୋଧ ହୁଏ ମୁଁ ଜଣେ ଅଭାଗା; ମୋ ଫଟା କପାଳରେ ସଫଳତା ଲାଭ କରିବା ଲେଖାଯାଇନି। ଏହାଶୁଣି ହସି ଦେଲେ ସାଧୁ ମହାତ୍ମା। ବିନା କୌଣସି ବାକ୍ୟ ବିନିମୟରେ ସେଇ ଯୁବ ବେପାରୀଙ୍କ ହାତକୁ ଗୋଟାଏ କୁନି ମଞ୍ଜି ବଢାଇ ଦେଉ ଦେଉ ସାଧୁ ମହାତ୍ମା କହିଲେ- ହେଇ ନିଅ ଏଇ ଟିକି ମଞ୍ଜିକୁ, ଏଟାକୁ ନିଜ ବଗିଚାରେ ବୁଣିଦେବ। ଯୁବ ବେପାରୀ ଜଣକ ବେଶ୍ ଯତ୍ନର ସହିତ ମଞ୍ଜିଟିକୁ ହାତରେ ତୋଳି ଧରି ସାଧୁ ମହାତ୍ମାଙ୍କୁ ଓଳିଗି ହେଲେ। ତାପରେ ଆଉ କିଛି ନ କହି ଘର ମୁହାଁ ବାଟରେ ଆଗେଇବାକୁ ଲାଗିଲେ। ଘରେ ପହଞ୍ଚିଲା କ୍ଷଣି ଆଉ ସବୁ ଜରୁରି କାମକୁ ପଛ କରି ସେଇ ମଞ୍ଜିଟିକୁ ବଗିଚା ମାଟିରେ ପୋତି ଦେଲେ। ଦିନ କେତେ ପରେ ପ୍ରଚଣ୍ଡ ବେଗରେ ଝଡ଼ ତୋଫାନ ଓ ମୂଷଳ ଧାରାରେ ବର୍ଷା ଅଜାଡ଼ି ଦେବାରୁ ବଗିଚାର ମାଟିତକ ବୋହିଗଲା। ତଥାପି ସେଇ କୁନି ମଞ୍ଜିଟି ସେଇଟି ପୋତି ହୋଇ ରହିଥିବା ଦେଖିବାକୁ ମିଳିଲା। ଏହା ଦେଖି ହଡ଼ବଡ଼େଇ ଗଲା ଯୁବକ। ବଡ଼ ଭାଳେଣିରେ ପଡ଼ି ଅଗତ୍ୟା ସେ ମହାତ୍ମାଙ୍କ ପାଖକୁ ଗଲା। ସାଧୁ ମହାତ୍ମା ତାକୁ ଆଦର ସମାଦର କରି ପାଛୋଟି ନେଲେ। ଯୁବକ ଜଣଙ୍କ ସବୁ ସବୁକଥା ଟିକିଏ ନିଖିଏ କରି ବଖାଣ କରିଲାରୁ ସାଧୁ ମହାତ୍ମା ବେଶ୍ ଶାନ୍ତ ସ୍ଥିର ଭାବେ ବୁଝାଇଲେ – "ହେଉ ଶୁଣ, ପ୍ରଚଣ୍ଡ ବାଆ ବତାସୀ ଆଗରେ ମାଟି ହାର୍‌ମାନି ଧୋଇ ହୋଇ ବହିଗଲା। ଟିକି ମଞ୍ଜିଟି କିନ୍ତୁ ବେଶ୍ ଦମ୍ଭର ସହ ଝଡ଼ତୋଫାନକୁ ସାମନା କଲା; ହେଲେ ମଥାନଇଁ ହାର ମାନିଲା ନାହିଁ। ବରଂ ତା' ମୂଳକୁ ଆହୁରି ମଜଭୁତ କରି ଚାରା ରୂପେ ମାଟି ଫଟେଇ ଉପରକୁ ଉଠିଲା। ପଛଥର କ'ଣ କିଛି ଉଣାପଣ ରହିଛି ବୋଲି ତୁମକୁ ଏ ବିଫଳତା ଶିକ୍ଷା ଦେଇଛି। ବିଫଳତାର ଅନ୍ତ ନ ଥାଏ; ବରଂ ଏହା ଏକ ନୂଆ ସୁଯୋଗ। ଯେଉଁ ଲୋକ ବିଫଳତା ଭୟରେ ଚେଷ୍ଟା କରିବା ଛାଡ଼ିଦିଏ ସେ କେବେ ସଫଳ ହୋଇପାରେ ନାହିଁ।" ■


ଓସ୍କାର ସିଟି, ଲକ୍ଷ୍ମୀ ସାଗର କେନାଲ ରୋଡ଼
ଭୁବନେଶ୍ୱର

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।





**ସ୍ୱରଣିକା ପ୍ରଧାନ**
ସପ୍ତମ ଶ୍ରେଣୀ
ସେଣ୍ଟ ଆନିସ୍ କନ୍‌ଭେଣ୍ଟ ସ୍କୁଲ
ସୋନପୁର





**ମାନସ ରଞ୍ଜନ ଆଚାର୍ଯ୍ୟ**
ଷଷ୍ଠ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର





**ଶାନ୍ତନୁ ଶାନ୍ତିସ୍ୱରୂପ**
ସପ୍ତମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ଭୀମଟାଙ୍ଗି, ଭୁବନେଶ୍ୱର





**ରିଷିକା କାନୁନ୍‌ଗୋ**
ଷଷ୍ଠ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





**ଉପସିତା ଜେନା**
ସପ୍ତମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ନିମାପଡ଼ା






## ସ୍ୱତନ୍ତ୍ର ଟ୍ରଙ୍କ୍‌ରେ ଆସିବ ବିଶ୍ୱକପ୍ ଟ୍ରଫି

ଡଲାସ,୧୭।୭(ଏଜେନ୍ସି): ଆର୍ଜେଣ୍ଟିନା ଓ ସ୍ପେନ୍ ମଧ୍ୟରେ ନ୍ୟୁୟର୍କର ନ୍ୟୁ ଜର୍ସୀ ସ୍ଥିତ ମେଟ୍ ଲାଇଫ୍ ଷ୍ଟାଡିୟମ୍‌ରେ ୨୦୨୬ ଫିଫା ବିଶ୍ୱକପ୍ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ଫାଇନାଲ ପୂର୍ବରୁ ଫିଫା ବିଶ୍ୱକପ୍ ଟ୍ରଫି ଏକ ସ୍ୱତନ୍ତ୍ର ଟ୍ରଙ୍କ୍‌ରେ ଷ୍ଟାଡିୟମ୍‌କୁ ଅଣାଯିବ। ଲୁଇସ ଭିଟନ ଦ୍ୱାରା ତିଆରି କରାଯାଇଥିବା ଏହି ଟ୍ରଙ୍କ୍ ବିସ୍ପୋକ୍ (ସ୍ୱତନ୍ତ୍ର ଚମଡ଼ା) ରହିଛି। ଫ୍ରାନ୍ସର ଏହି କମ୍ପାନୀ କ୍ରମାଗତ ୫ମ ବର୍ଷ ଲାଗି ଏଭଳି ଟ୍ରଙ୍କ ତିଆରି କରିଛି। 'ଭି' ସାଇଜ୍‌ରେ ନିର୍ମିତ ଏହି ଟ୍ରଙ୍କ୍‌ର ଅର୍ଥ ହେଉଛି ଭିକ୍ଟ୍ରି ଓ ଭିଟନ। ଲୁଇସ ଭିଟନ ଓ ଫିଫା ମଧ୍ୟରେ ଏହି ସମ୍ପର୍କ ଦୁଇ ଦଶନ୍ଧି ଧରି ତିଷ୍ଠି ରହିଛି।

## ବିଜେତାଙ୍କୁ 'ଏନ୍‌ଏଫ୍‌ଏଲ୍' ଶୈଳୀର ମୁଦି



ନ୍ୟୁୟର୍କ,୧୭।୭(ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍ ଫାଇନାଲରେ ସ୍ପେନ୍ ଓ ଆର୍ଜେଣ୍ଟିନା ମଧ୍ୟରେ ହେବାକୁ ଥିବା ମହାଲଢ଼େଇ ପରେ, ଚାମ୍ପିଅନ ଦଳକୁ ଆମେରିକାର ପ୍ରସିଦ୍ଧ 'ନ୍ୟାସନାଲ ଫୁଟବଲ ଲିଗ୍ (ଏନ୍‌ଏଫ୍‌ଏଲ୍) ସୁପର ବାଉଲ' ଶୈଳୀରେ ଚାମ୍ପିଅନ୍‌ସିପ୍ ରିଙ୍ଗ୍ ପ୍ରଦାନ କରାଯିବ। ବିଜେତା ଦଳର ଖେଳାଳି ଏବଂ ସପୋର୍ଟ ଷ୍ଟାଫ୍‌ଙ୍କ ପାଇଁ ମୋଟ ୩୦ଟି ସ୍ୱତନ୍ତ୍ର ରିଙ୍ଗ୍ ପ୍ରସ୍ତୁତ କରାଯିବ। ଫାଇନାଲ ପରେ ଅଧିନାୟକ ଓ କୋଚ୍‌ଙ୍କୁ ଅସ୍ଥାୟୀ ରିଙ୍ଗ୍ ଦିଆଯିବ ଏବଂ ପରେ ସେଗୁଡ଼ିକୁ କଷ୍ଟମାଇଜ୍ କରି ଅଫିସିଆଲ ଭାବେ ପ୍ରଦାନ କରାଯିବ। ରିଙ୍ଗ୍‌ର ଗୋଟିଏ ପାର୍ଶ୍ୱରେ ଫିଫା ବିଶ୍ୱକପ୍ ଟ୍ରଫି ଏବଂ ଅନ୍ୟ ପାର୍ଶ୍ୱରେ ବିଜେତା ଦଳ ଅନୁଯାୟୀ ସ୍ୱତନ୍ତ୍ର କଷ୍ଟମାଇଜେସନ୍ ରହିବ। ସମୁଦାୟ ୧,୯୯୬ଟି ରିଙ୍ଗ୍ ପ୍ରଶଂସକଙ୍କ ପାଇଁ ବଜାରରେ କ୍ରୟ ନିମନ୍ତେ ଉପଲବ୍ଧ କରାଯିବ। ଏହି ନିଷ୍ପତ୍ତି ଆମେରିକାର କ୍ରୀଡ଼ା ପରମ୍ପରାକୁ ବିଶ୍ୱସ୍ତରୀୟ ଫୁଟବଲ୍ ସହ ଯୋଡ଼ିବାକୁ ଏକ ପ୍ରୟାସ ବୋଲି ଫିଫା ପକ୍ଷରୁ ସୂଚନା ଦିଆଯାଇଛି।

## ଫାଇନାଲ୍‌ରେ ବିବାଦୀୟ ରେଫରି

ନ୍ୟୁୟର୍କ,୧୭।୭(ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍ ଫାଇନାଲ୍‌ରେ ଆର୍ଜେଣ୍ଟିନା ଓ ସ୍ପେନ୍ ଟାଇଟଲ ପାଇଁ ମୁହାଁମୁହିଁ ହେବାକୁ ଯାଉଥିବା ବେଳେ ସ୍ଲୋଭେନିଆର ସ୍ଲାଭକୋ ଭିନକିକ୍‌ଙ୍କୁ ଫିଫା ରେଫରି ନିଯୁକ୍ତ କରିଛି। ତେବେ ତାଙ୍କ ନାମ ୨୦୨୦ ମସିହାରେ ବୋସନିଆରେ ଏକ ବେଶ୍ୟାବୃତ୍ତି ସମ୍ପର୍କିତ ମାମଲାରେ ପୁଲିସ ଚଢ଼ଉ ସମୟରେ ଚର୍ଚ୍ଚାକୁ ଆସିଥିଲା। ସେହି ଚଢାଉରେ କୋକେନ୍, ବନ୍ଧୁକ ଓ ନଗଦ ଟଙ୍କା ଜବତ ହୋଇଥିଲା। ଭିନ୍‌କିକ୍‌ଙ୍କୁ ପୁଲିସ କେବଳ ସାକ୍ଷୀ ଭାବେ ପଚରାଉଚରା କରିଥିଲା ଏବଂ ତାଙ୍କ ବିରୋଧରେ କୌଣସି ଅପରାଧିକ ପ୍ରମାଣ ନ ମିଳିବାରୁ ମୁକ୍ତ କରିଦେଇଥିଲା। ସେ ଏହାକୁ ଏକ ବ୍ୟବସାୟିକ ମଧ୍ୟାହ୍ନ ଭୋଜନର ନିମନ୍ତ୍ରଣ ବୋଲି ଭାବି ଯାଇଥିବା କହିଥିଲେ। ବିବାଦ ସତ୍ତ୍ୱେ ତାଙ୍କ ରେଫରିଂ କ୍ୟାରିୟର ଜାରି ରହିଥିଲା। ସେ ୨୦୨୪ ୟୁଇଏଫ୍‌ଏ ଚାମ୍ପିଅନ୍ସ ଲିଗ୍ ଫାଇନାଲ୍‌ରେ ମଧ୍ୟ ରେଫରି ଥିଲେ। ବର୍ତ୍ତମାନ ଫିଫା ତାଙ୍କୁ ବିଶ୍ୱକପ୍ ଫାଇନାଲ୍ ପରିଚାଳନାର ଗୁରୁଦାୟିତ୍ୱ ଦେଇଛି।

**ମିଆମିରେ ଏମ୍‌ବାପେ-ଡେମ୍ବେଲେ-କେନ୍-ବେଲିଂହାମ୍ ମୁକାବିଲା**

# ଫ୍ରାନ୍ସ ବନାମ ଇଂଲଣ୍ଡ ପ୍ଲେ ଅଫ୍ ଆଜି

ମିଆମି,୧୭।୭(ଏଜେନ୍ସି)



ଫିଫା ବିଶ୍ୱକପ୍- ୨୦୨୬ରେ ଆଉ ୨ଟି ମ୍ୟାଚ୍ ଆୟୋଜିତ ହେବାକୁ ବାକି ରହିଛି। ସ୍ଥାନୀୟ ମିଆମି ଷ୍ଟାଡିୟମ୍‌ରେ ଶନିବାର ରାତିରେ ସେମିଫାଇନାଲରେ ପରାଜିତ ହୋଇଥିବା ଫ୍ରାନ୍ସ ଓ ଇଂଲଣ୍ଡ ମଧ୍ୟରେ ତୃତୀୟସ୍ଥାନ ଲାଗି ପ୍ଲେ ଅଫ୍ ମୁକାବିଲା ଅନୁଷ୍ଠିତ ହେବ। ସ୍ପେନ୍ ନିକଟରୁ ଫ୍ରାନ୍ସ ୨-୦ ଗୋଲରେ ଓ ଆର୍ଜେଣ୍ଟିନା ନିକଟରୁ ଇଂଲଣ୍ଡ ୨-୧ ଗୋଲରେ ପରାଜିତ ହେବା ପରେ ବିଶ୍ୱକପ୍ ଫାଇନାଲ ଖେଳିବା ଆଶା ଧୂଳିସାତ ହୋଇଯାଇଛି। ଏବେ ଶେଷଥର ଲାଗି ଚଳିତ ବିଶ୍ୱକପ୍‌ରେ ଏମାନଙ୍କୁ ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ରହିଛି। ୟୁରୋପ ମହାଦେଶର ଏହି ପ୍ରତିଦ୍ୱନ୍ଦ୍ୱୀ ପରସ୍ପର ଖେଳ ଓ ରଣଶୈଳୀ ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ। ଟୁର୍ଣ୍ଣାମେଣ୍ଟ ସାରା ଭଲ ଖେଳି ଗୋଟିଏ ମ୍ୟାଚ୍ ହାରିବା ପରେ ଉଭୟ ଖେଳାଳି ଓ ସମର୍ଥକ ନିରାଶ ହୋଇପଡ଼ିଛନ୍ତି। ବିଶ୍ୱସ୍ତରରେ ଦେଶର ଗୌରବ ତଥା ବ୍ୟକ୍ତିଗତ ଦକ୍ଷତା ପ୍ରଦର୍ଶନ କରିବା ସହ ତୃତୀୟସ୍ଥାନ ଅଧିକାର କରି ଶାନ୍ତ୍ୱନାମୂଳକ ଭାବେ ପ୍ରତିଯୋଗିତାରୁ ବିଦାୟ ନେବାକୁ ନିଶ୍ଚିତ ଚେଷ୍ଟା କରିବେ।

### ବିଦାୟୀ ମ୍ୟାଚ୍ ଓ ଗୋଲ୍ଡେନ ବୁଟ୍ ରେସ୍

ତୃତୀୟସ୍ଥାନ ଲାଗି ଇଂଲଣ୍ଡ ବିପକ୍ଷରେ ଖେଳାଯିବାକୁ ଥିବା ଏହି ମୁକାବିଲାରେ ଫ୍ରାନ୍ସ ଲାଗି ଦୁଇଟି ଗୁରୁତ୍ୱପୂର୍ଣ୍ଣ କାମ ରହିଛି। ଗୋଟିଏ ହେଉଛି ହେଡ୍ କୋଚ୍ ଡିଡିଏର ଡେସ୍‌ଚାମ୍ପ୍‌ଙ୍କ ଏହା ହେଉଛି ବିଦାୟୀ ମ୍ୟାଚ୍। ୨୦୧୨ରୁ ସେ ଫ୍ରାନ୍ସର ହେଡ୍ କୋଚ୍ ଦାୟିତ୍ୱରେ ରହି ଦଳକୁ ୨ଥର ଫାଇନାଲରେ ପ୍ରବେଶ କରାଇବା ସହ ଥରେ ଚାମ୍ପିଅନ କରାଇଛନ୍ତି। ଟୁର୍ଣ୍ଣାମେଣ୍ଟ ପୂର୍ବରୁ ତାଙ୍କ ପଦରୁ ଅବ୍ୟାହତି ନେବାକୁ ଘୋଷଣା କରିଥିଲେ। ଫ୍ରାନ୍ସ ଏହି ମ୍ୟାଚ୍ ଜିତି ଡେସ୍‌ଚାମ୍ପଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେବେ ବୋଲି ଯୋଜନା କରିଛନ୍ତି। ସେହିପରି ଦଳର ଅଧିନାୟକ କିଲିଆନ୍ ଏମବାପେଙ୍କ ଗୋଲରେ ଫ୍ରାନ୍ସ ୨୦୧୮ରେ ଚାମ୍ପିଅନ ହୋଇଥିଲା। ଚଳିତ ଟୁର୍ଣ୍ଣାମେଣ୍ଟରେ ସେ ୮ଟି ଗୋଲ ଓ ଗୋଲଦେବାରେ ୩ଥର ଆସିଷ୍ଟ କରି ଆର୍ଜେଣ୍ଟିନାର ଲିଓନେଲ ମେସି (୮ଗୋଲ, ୪ ଆସିଷ୍ଟ)ଙ୍କ ପଛକୁ ଗୋଲ୍ଡେନ୍ ବୁଟ୍ ରେସ୍‌ରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ମୁକାବିଲାରେ ସେ ଆଉ କିଛି ଗୋଲ ଦେଇ ଏହି ପୁରସ୍କାର ଜିତିବାକୁ ନିଶ୍ଚିତ ଚେଷ୍ଟା କରିବେ।

### ଲଢ଼େଇ କରିଛି ଇଂଲଣ୍ଡ

ଚଳିତ ବିଶ୍ୱକପ୍‌ରେ ଫ୍ରାନ୍ସକୁ ଫେବରାଇଟ୍ ମନେ କରାଯାଉଥିଲେ ମଧ୍ୟ ଦଳ ସେମିଫାଇନାଲ ରାସ୍ତାରେ ବିଶେଷ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇନାହିଁ। କେବଳ ରାଉଣ୍ଡ -୩୨ରେ ସେନେଗାଲ ବ୍ୟତୀତ ଅନ୍ୟ ସବୁ ମ୍ୟାଚ୍ ସହଜରେ ଜିତିଛି। ପାରାଗୁଏ ବିପକ୍ଷ ରାଉଣ୍ଡ ଅଫ୍ ୧୬ରେ ଦଳ ଅଫ୍ କଲର ହୋଇଯାଇଥିଲା। କ୍ୱାର୍ଟରରେ ମରୋକ୍କୋକୁ ହରାଇବା ଫ୍ରାନ୍ସ ଲାଗି କଷ୍ଟକର ହୋଇ ନ ଥିଲା। ଅନ୍ୟପକ୍ଷରେ ଇଂଲଣ୍ଡ ସମାନ ଫଳାଫଳ ହାସଲ କରିଥିଲେ ମଧ୍ୟ ସେମିଫାଇନାଲ ପ୍ରବେଶ ପୂର୍ବରୁ ଅନେକ ଟିମ୍ ସହ ଟକ୍କର ଦେଇଥିଲା। କ୍ରୋଏସିଆକୁ ୪-୨ରେ ହରାଇବା, ଘାନା ସହ ଗୋଲଶୂନ୍ୟ ଡ୍ର, କଙ୍ଗୋ ବିପକ୍ଷ ରାଉଣ୍ଡ-୩୨ ମୁକାବିଲାରେ ସଂଘର୍ଷ କରି ଦ୍ୱିତୀୟାର୍ଦ୍ଧରେ ବିଜୟୀ ହୋଇଥିଲା। ଦଳକୁ ପ୍ରି-କ୍ୱାର୍ଟର ଫାଇନାଲରେ ମେକ୍ସିକୋ ଓ କ୍ୱାର୍ଟର ଫାଇନାଲରେ ନରୱେ ସହ କଡ଼ା ମୁକାବିଲା କରିବାକୁ ପଡ଼ିଥିଲା। ଫଳରେ ଇଂଲଣ୍ଡ ଖେଳାଳିମାନେ ବିଶେଷ ଦକ୍ଷ ହୋଇଥିଲେ। କିନ୍ତୁ ଆର୍ଜେଣ୍ଟିନା ବିପକ୍ଷ ସେମିଫାଇନାଲରେ ଅତ୍ୟଧିକ ରକ୍ଷଣାତ୍ମକ ଖେଳ ଦଳକୁ ଅଡୁଆରେ ପକାଇଥିଲା। ଦଳର ଦୁଇ ତାରକା ଖେଳାଳି ହ୍ୟାରୀ କେନ୍ ଓ ଜୁଡ୍ ବେଲିଂହାମ୍ ୬ଟି ଲେଖାଏଁ ଗୋଲ ସ୍କୋର କରି ଭଲ ଫର୍ମରେ ଅଛନ୍ତି।

### ଅଧିକ ମ୍ୟାଚ୍ ଜିତିଛି ଇଂଲଣ୍ଡ

ଅନ୍ତର୍ଜାତୀୟ ଫୁଟବଲରେ ଫ୍ରାନ୍ସ ଓ ଇଂଲଣ୍ଡ ସହ ୩୨ଥର ମୁକାବିଲା କରିଛନ୍ତି। ଏହା ମଧ୍ୟରୁ ଇଂଲଣ୍ଡ ୧୭ଟି ମ୍ୟାଚ୍ ଜିତି ଆଗରେ ରହିଛି। ଫ୍ରାନ୍ସ ୧୦ଟି ମ୍ୟାଚ୍‌ରେ ଜିତିଥିଲାବେଳେ ୫ଟି ମ୍ୟାଚ୍‌ର ଫଳାଫଳ ମିଳିପାରିନାହିଁ। ଏହି ୩୨ଟି ମଧ୍ୟରୁ ମାତ୍ର ୩ଥର ବିଶ୍ୱକପ୍‌ରେ ମୁକାବିଲା ହୋଇଛି। ଗତଥର ଅର୍ଥାତ୍ ୨୦୨୨ କତାର ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ଉଭୟ ଦଳ ଭେଟାଭେଟି ହୋଇଥିଲେ। ଏଥିରେ ଫ୍ରାନ୍ସ ୨-୧ ଗୋଲରେ ବିଜୟୀ ହୋଇଥିଲା। ଏହା ପୂର୍ବରୁ ୧୯୮୨ ଓ ୧୯୬୬ ବିଶ୍ୱକପ୍‌ରେ ଖେଳାଯାଇଥିବା ୨ଟି ଯାକ ବିଶ୍ୱକପ୍ ମୁକାବିଲାରେ ଇଂଲଣ୍ଡ ବିଜୟୀ ହୋଇଥିଲା। ଉଭୟଙ୍କ ମଧ୍ୟରେ ଖେଳାଯାଇଥିବା ଗତ ୫ଟି ମୁକାବିଲା ମଧ୍ୟରେ ଶେଷ ଦୁଇଟିରେ ଫ୍ରାନ୍ସ ଓ ତାହା ପୂର୍ବରୁ ଖେଳାଯାଇଥିବା ୩ଟି ଯାକ ମ୍ୟାଚ୍‌ରେ ଇଂଲଣ୍ଡ ବିଜୟୀ ହୋଇଥିଲା।

**ପ୍ଲେ ଅଫ୍ ମୁକାବିଲା**
**ଫ୍ରାନ୍ସ ବନାମ ଇଂଲଣ୍ଡ**
ଶନିବାର ରାତି | ମିଆମି, ରାତି ୨.୩୦
ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫

**ଫାଇନାଲ୍‌ରେ ଆର୍ଜେଣ୍ଟିନା**

## ଖେଳ ଦେଖିବାକୁ ଆସିବେନି ଅନ୍ଧବିଶ୍ୱାସୀ ରାଷ୍ଟ୍ରପତି



ବୁଏନସ ଆଇରିସ୍, ୧୭।୭ (ଏଜେନ୍ସି): ମାନବ ସମାଜ ଯେତେ ଆଧୁନିକ ହେଲେ ମଧ୍ୟ ଅନ୍ଧବିଶ୍ୱାସରୁ ଆର୍ଜେଣ୍ଟିନା ଭଳି ଏକ ଶକ୍ତିଶାଳୀ ଦେଶର ରାଷ୍ଟ୍ରପତି ଜାଭିୟର ମିଲେଇ ମୁକୁଳିପାରି ନାହାନ୍ତି। ନ୍ୟୁୟର୍କ-ନ୍ୟୁ ଜର୍ସୀର ମେଟଲାଇଫ୍ ଷ୍ଟାଡିୟମ୍‌ରେ ରବିବାର ସ୍ପେନ୍ ସହ ଆର୍ଜେଣ୍ଟିନା ଚଳିତଥରର ଫିଫା ବିଶ୍ୱକପ୍ ଫାଇନାଲ ଖେଳିବ। ଏହି ମ୍ୟାଚ୍ ଦେଖିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିୟର ମିଲେଇ ସ୍ପେନ୍ ପ୍ରଧାନମନ୍ତ୍ରୀ ପେଡ୍ରୋ ସାନ୍‌ଚେଜ୍‌ଙ୍କୁ ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ ନିମନ୍ତ୍ରଣ କରିଥିଲେ। ଟ୍ରମ୍ପ୍‌ଙ୍କ ସହ ଘନିଷ୍ଠତା ସତ୍ତ୍ୱେ ଫାଇନାଲ ଖେଳ ଦେଖିବା ଲାଗି ମିଲେଇ ଆସିବେ ନାହିଁ ବୋଲି ଜଣାଇଦେଇଥିଲେ। କିନ୍ତୁ ଟ୍ରମ୍ପ୍‌ଙ୍କ ସହ ଖରାବ ସମ୍ପର୍କ ସତ୍ତ୍ୱେ ସ୍ପେନ୍ ପ୍ରଧାନମନ୍ତ୍ରୀ ସାନ୍‌ଚେଜ୍ ଫାଇନାଲ ଖେଳ ଦେଖିବାକୁ ଆସିବେ ବୋଲି ସମ୍ପ୍ରତି ଜଣାଇଛନ୍ତି। ମିଲେଇଙ୍କ ଅନୁପସ୍ଥିତିରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍, ସ୍ପେନ୍ ପ୍ରଧାନମନ୍ତ୍ରୀ ସାନ୍‌ଚେଜ୍ ଓ ଫିଫା ସଭାପତି ଇନ୍‌ଫାଣ୍ଟିନୋ ଫାଇନାଲ ମ୍ୟାଚ୍‌ରେ ଅତିଥିଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିବେ ବୋଲି ଫିଫା ପକ୍ଷରୁ ସ୍ପଷ୍ଟ କରାଯାଇଛି। ଫାଇନାଲରେ ଟ୍ରମ୍ପ୍ ଅତିଥି ହେବାକୁ କିଛି ବିରୋଧ କରିଛନ୍ତି। କିନ୍ତୁ ୨୦୧୮ରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ, ୨୦୨୨ରେ କତାର ଅମୀର ଶେଖ ତାମିମ ବିନ୍ ହମାଦ ଅଲି ଥାନି ଫିଫା ସଭାପତିଙ୍କ ସହ ପୁରସ୍କାର ପ୍ରଦାନ କରିଥିଲେ।

### କାହିଁକି ଆସିବେନି ଆର୍ଜେଣ୍ଟିନା ରାଷ୍ଟ୍ରପତି

ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାମିୟର ମିଲେଇ ନ ଆସିବାର କାରଣ ସମ୍ପର୍କରେ ସେ ଆର୍ଜେଣ୍ଟିନା ରେଡିଓକୁ ଦେଇଥିବା ସାକ୍ଷାତକାରରେ କହିଥିଲେ। ସେ ତାଙ୍କ ପ୍ରେସିଡେନ୍ସିଲ ସୁଇଟ୍‌ରେ ଆର୍ଜେଣ୍ଟିନା ଖେଳିଥିବା ୭ଟି ଯାକ ମ୍ୟାଚ୍ ଗୋଟିଏ ନିର୍ଦ୍ଦିଷ୍ଟ ଜ୍ୟାକେଟ୍ ପିନ୍ଧି ଦେଖିଥିଲେ। ଏହି ସବୁ ମ୍ୟାଚ୍‌ରେ ଆର୍ଜେଣ୍ଟିନା ବିଜୟୀ ହୋଇଛି। ଏଣୁ ବିଜୟ ଧାରା ଅବ୍ୟାହତ ରଖିବା ଲାଗି ମିଲେଇ ତାଙ୍କ ସ୍ୱତନ୍ତ୍ର ଜ୍ୟାକେଟ ପିନ୍ଧି ପ୍ରେସିଡେନ୍ସିଆଲ ସୁଇଟ୍‌ରେ ଫାଇନାଲ ଖେଳ ଦେଖିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। ଏଣୁ ସେ ଫିଫା ସଭାପତି ଇନ୍‌ଫାଣ୍ଟିନୋଙ୍କ ଅନୁରୋଧ ରକ୍ଷା କରିପାରିବେ ନାହିଁ ବୋଲି କହିଛନ୍ତି। ରାଷ୍ଟ୍ରପତି ପୂର୍ବରୁ ଆର୍ଜେଣ୍ଟିନା ଦଳକୁ ସାକ୍ଷାତ କଲେ ଦଳ ପରାଜିତ ହେବାର ନଜିର ମଧ୍ୟ ରହିଛି।

## ଫାଇନାଲ ଟିକଟ ମୂଲ୍ୟ ୭.୨୨ ଲକ୍ଷ

ଆର୍ଜେଣ୍ଟିନା ଓ ସ୍ପେନ୍ ମଧ୍ୟରେ ଆସନ୍ତାକାଲି ଖେଳାଯିବାକୁ ଥିବା ଫାଇନାଲ ଟିକଟମୂଲ୍ୟ ୭.୨୨ରୁ ୭.୭୧ ଲକ୍ଷ ଟଙ୍କାଯାଏ ରହିଛି। ଏହାର ରିସେଲ୍ ମୂଲ୍ୟ ୧୦.୬୦ରୁ ୧୨.୫୩ ଲକ୍ଷ ଟଙ୍କାରେ ବିକ୍ରି ଲାଗି ସ୍ଥିର କରାଯାଇଛି। ପ୍ରିମିୟମ ସିଟ୍‌ର ମୂଲ୍ୟ ୫୪ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ଆର୍ଜେଣ୍ଟିନା -ଇଂଲଣ୍ଡ ସେମିଫାଇନାଲ ଟିକଟ ମୂଲ୍ୟ ସର୍ବାଧିକ ୩ଲକ୍ଷ ଓ ଫ୍ରାନ୍ସ-ସ୍ପେନ୍ ଟିକଟ ମୂଲ୍ୟ ୧.୨୬ ଲକ୍ଷ ରହିଥିଲା।

## ଏଲ୍‌ପିଏଲ୍‌ରେ ଲାଞ୍ଚ: ମଞ୍ଜୋତ କାର୍ଲା ଗିରଫ

ନୂଆଦିଲ୍ଲୀ,୧୭।୭(ଏଜେନ୍ସି): ଭାରତର ୨୦୧୮ ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜେତା ଦଳର ସଦସ୍ୟ ମଞ୍ଜୋତ କାର୍ଲାଙ୍କୁ ଶ୍ରୀଲଙ୍କାରେ ଲଙ୍କା ପ୍ରିମିୟର ଲିଗ୍ (ଏଲ୍‌ପିଏଲ୍) ସମୟରେ ଜଣେ ଖେଳାଳିଙ୍କୁ ଲାଞ୍ଚ ଦେବାକୁ ଉଦ୍ୟମ କରିଥିବା ଅଭିଯୋଗରେ ଶୁକ୍ରବାର ଗିରଫ କରାଯାଇଛି। ୨୭ ବର୍ଷୀୟ କାର୍ଲା ଚଳିତ ବର୍ଷ ଜାଫ୍ନା କିଙ୍ଗ୍ସ ଦଳର ସହ-ମାଲିକ ହୋଇଥିଲେ। ଅଭିଯୋଗ ଅନୁସାରେ, ସେ ଜଣେ ଖେଳାଳିଙ୍କୁ ଅର୍ଥ ପ୍ରଲୋଭନ ଦେଇଥିଲେ। ପରେ ଏହି ଘଟଣା ସମ୍ପର୍କରେ ଖେଳାଳି କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ଶ୍ରୀଲଙ୍କା କ୍ରିକେଟ୍ ବୋର୍ଡ କହିଛି, ଦୁର୍ନୀତି ବିରୋଧରେ ତାହାର 'ଶୂନ ସହନଶୀଳତା' ନୀତି ଜାରି ରହିଛି ଏବଂ ତଦନ୍ତରେ ସମ୍ପୂର୍ଣ୍ଣ ସହଯୋଗ କରାଯିବ। ତେବେ ଏହି ଘଟଣା ସତ୍ତ୍ୱେ ଲଙ୍କା ପ୍ରିମିୟର ଲିଗ୍ ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଚାଲୁରହିବ।


## କୋଚ୍ ପଦ ଦୌଡ଼ରୁ ଓହରିଲେ ଫ୍ଲାୱାର

ଲଣ୍ଡନ,୧୭।୭(ଏଜେନ୍ସି): ଇଂଲଣ୍ଡ କ୍ରିକେଟ୍ ଦଳର ପୂର୍ବତନ ମୁଖ୍ୟ କୋଚ୍ ଆଣ୍ଡି ଫ୍ଲାୱାର ନିଜକୁ ଆଗାମୀ ଟେଷ୍ଟ କୋଚ୍ ପଦବୀ ଦୌଡ଼ରୁ ଦୂରେଇ ରଖିଛନ୍ତି। ନିକଟରେ ଇଂଲଣ୍ଡ ଏଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ମୁଖ୍ୟ କୋଚ୍ ବ୍ରେଣ୍ଡନ ମ୍ୟାକକୁଲମଙ୍କୁ ଖରାପ ପ୍ରଦର୍ଶନ ଓ କିଛି ବିବାଦ କାରଣରୁ ଟେଷ୍ଟ ଦାୟିତ୍ୱରୁ ବହିଷ୍କାର କରିବା ପରେ ଏହି ପଦବୀ ଖାଲି ପଡ଼ିଛି। ସେ ପୁଣି ଥରେ ଏହି ଦାୟିତ୍ୱ ନେବାକୁ ମନା କରିଦେଇଛନ୍ତି।

## ସେମିରେ ସିନ୍ଧୁ

ଟୋକିଓ,୧୭।୭(ଏଜେନ୍ସି): ଭାରତୀୟ ମହିଳା ବ୍ୟାଡମିଣ୍ଟନ ତାରକା ତଥା ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ପିଭି ସିନ୍ଧୁ 'ଜାପାନ ଓପନ୍ ୨୦୨୬' (ସୁପର ୭୫୦)ର ମହିଳା ଏକକ ସେମିରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଖେଳାଯିବାକୁ ଥିବା କ୍ୱାର୍ଟରଫାଇନାଲ୍ ମ୍ୟାଚ୍ ପୂର୍ବରୁ ଜାପାନର ପୂର୍ବତନ ବିଶ୍ୱ ଚାମ୍ପିଅନ ନୋଜୋମି ଓକୁହାରା ଆହତ ଜନିତ ସମସ୍ୟା କାରଣରୁ ଓହରି ଯାଇଥିଲେ। ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଓକୁହାରାଙ୍କ ଏହି ନିଷ୍ପତ୍ତି ପରେ ସିନ୍ଧୁଙ୍କୁ ୱାକଓଭର ଦିଆଯାଇଛି। ସେମିରେ ସିନ୍ଧୁଙ୍କ ସାମ୍ନା ଚୀନ୍‌ର ଟୋକିଓ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ଚେନ୍ ୟୁଫେଇଙ୍କ ସହ ହେବ।

## କିଂବଦନ୍ତୀ କ୍ରିକେଟର ଗ୍ୟାରୀ ସୋବର୍ସଙ୍କ ପରଲୋକ



ବାର୍ବାଡୋସ୍,୧୭।୭(ଏଜେନ୍ସି): ୱେଷ୍ଟଇଣ୍ଡିଜର୍ କିଂବଦନ୍ତୀ କ୍ରିକେଟ୍‌ର, ପ୍ରବାଦ ପୁରୁଷ ତଥା ବିଶ୍ୱ କ୍ରିକେଟ୍ ଇତିହାସର ସର୍ବଶ୍ରେଷ୍ଠ ଅଲ୍‌ରାଉଣ୍ଡର ସାର୍ ଗାରଫିଲ୍ଡ ସୋବର୍ସଙ୍କର ୮୯ ବର୍ଷ ବୟସରେ ବାର୍ବାଡୋସ୍‌ସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କ ପୁତ୍ର ଡାନିଏଲ୍ ସୋବର୍ସ ଏହି ସୂଚନା ଦେଇଛନ୍ତି। ନିଜର ୯୦ତମ ଜନ୍ମଦିନ ପାଳନ କରିବାର ମାତ୍ର ୧୦ ଦିନ ପୂର୍ବରୁ ସେ ଆଖି ବୁଜିଛନ୍ତି। ସୋବର୍ସ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ (୧୯୬୮ ମସିହାରେ ନର୍ଟିଂହାମସାୟର ପକ୍ଷରୁ ଖେଳି) ଗୋଟିଏ ଓଭରରେ ୬ଟି ଛକା ମାରିବାର ବିଶ୍ୱର ପ୍ରଥମ କୀର୍ତ୍ତିମାନ ସ୍ଥାପନ କରିଥିଲେ। ୧୯୫୪ରୁ ୧୯୭୪ ମଧ୍ୟରେ ସେ ୯୩ଟି ଟେଷ୍ଟ ମ୍ୟାଚ୍ ଖେଳି ୫୭.୭୮ ହାରରେ ୮,୦୩୨ ରନ୍ (୨୬ ଶତକ, ୩୦ ଅର୍ଦ୍ଧଶତକ) ସଂଗ୍ରହ କରିଥିଲେ। ଏହାସହ ବାମହାତୀ ବୋଲିଂ କରି ସେ ୨୩୫ଟି ଟେଷ୍ଟ ୱିକେଟ୍ ମଧ୍ୟ ଅକ୍ତିଆର କରିଥିଲେ। ବିଶ୍ୱ କ୍ରିକେଟ୍‌ରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ୨୦୦୪ ମସିହାରୁ ଆଇସିସି ପକ୍ଷରୁ ପ୍ରତିବର୍ଷ ବର୍ଷର ଶ୍ରେଷ୍ଠ ପୁରୁଷ କ୍ରିକେଟରଙ୍କୁ 'ସାର୍ ଗାରଫିଲ୍ଡ ସୋବର୍ସ ଟ୍ରଫି' ପ୍ରଦାନ କରାଯାଉଛି। "କ୍ରିକେଟ୍ ଜଗତର ଜଣେ ପ୍ରକୃତ ଆଇକନ୍ ତଥା ସର୍ବଶ୍ରେଷ୍ଠ ଅଲ୍‌ରାଉଣ୍ଡର ସାର୍ ଗାରଫିଲ୍ଡ ସୋବର୍ସଙ୍କ ପରଲୋକରେ ବିସିସିଆଇ ଗଭୀର ଶୋକ ପ୍ରକାଶ କରିଛି। ୱେଷ୍ଟଇଣ୍ଡିଜ୍ କ୍ରିକେଟ୍ ବୋର୍ଡ ଭାବବିହ୍ୱଳ ପୋଷ୍ଟ କରି ଲେଖିଛି, "ଏକ ମହାନ ଇନିଂସର ଅନ୍ତ ଘଟିଲା। ଆମ ହୃଦୟରେ ସାର୍ ଗାରଫିଲ୍ଡ ସୋବର୍ସ ସଦାସର୍ବଦା ଅମର ରହିବେ।' ଗ୍ଲୋବାଲ୍ ଗେମ୍ ଏବଂ କ୍ୟାରିବିଆନ୍ କ୍ରିକେଟ୍ ପ୍ରତି ତାଙ୍କର ଅବଦାନ ଚିରସ୍ମରଣୀୟ ରହିବ।'

**ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍**

## ଭାରତୀୟ ଦଳରେ ସୁନେଲିତା ଏକମାତ୍ର ଓଡ଼ିଆ



ନୂଆଦିଲ୍ଲୀ,୧୭।୭(ଏଜେନ୍ସି)

ଆସନ୍ତା ଅଗଷ୍ଟ ୧୫ ରୁ ୩୦ ତାରିଖ ପର୍ଯ୍ୟନ୍ତ ନେଦରଲ୍ୟାଣ୍ଡ ଏବଂ ବେଲଜିୟମର ଯୌଥ ଆୟୋଜନରେ ଖେଳାଯିବାକୁ ଥିବା 'ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ୨୦୨୬' ପାଇଁ ହକି ଇଣ୍ଡିଆ ଶୁକ୍ରବାର ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରିଛି। ତାରକା ମିଡ୍‌ଫିଲ୍ଡର ସଲିମା ଟେଟେଙ୍କୁ ଏହି ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ନିକଟରେ ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ନେସନ୍ସ କପ୍‌ରେ ଅପରାଜେୟ ରହି ଚାମ୍ପିଅନ୍ ହୋଇଥିବା ଭାରତୀୟ ଦଳ ଏବେ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସରେ ରହିଛି। ଏହି ଦଳରେ ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ତାରକା ମିଡଫିଲ୍ଡର ସୁନେଲିତା ଟପ୍ପୋ ସ୍ଥାନ ପାଇଛନ୍ତି। ଭାରତକୁ ଚୀନ୍, ଇଂଲଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ସହ ପୁଲ୍-ଡି'ରେ ସ୍ଥାନ ଦିଆଯାଇଛି। ଭାରତ ତାର ସମସ୍ତ ପୁଲ୍ ପର୍ଯ୍ୟାୟ ମ୍ୟାଚ୍ ନେଦରଲ୍ୟାଣ୍ଡସର ଆମଷ୍ଟେଲଭିନସ୍ଥିତ 'ୱାଗେନର୍ ହକି ଷ୍ଟାଡିୟମ୍'ରେ ଖେଳିବ।

ଭାରତୀୟ କୋଚ୍ ଜୋଏର୍ଡ ମାରିଜନେଙ୍କ କହିଛନ୍ତି ଯେ, "ଆସନ୍ତା ଗ୍ରୀଷ୍ମ ଋତୁର ଏହି ବଡ଼ ଆହ୍ୱାନ ପାଇଁ ଆମେ ଏକ ଅତି ସନ୍ତୁଳିତ ଦଳ ଚୟନ କରିଛୁ। ବାଙ୍ଗାଲୋର ଜାତୀୟ ଶିବିରରେ ଖେଳାଳିମାନେ କଠିନ ପରିଶ୍ରମ କରିଛନ୍ତି ଏବଂ ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ସହ ମୁକାବିଲା କରିବାକୁ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ।'

### ଘୋଷିତ ଭାରତୀୟ ମହିଳା ଦଳ

ଗୋଲକିପର-ସବିତା, ବିଚ୍ଛୁ ଦେବୀ ଖାରିବାମ୍, ଡିଫେଣ୍ଡର -ଇଶିକା ଚୌଧୁରୀ, ସୁଶିଲା ଚାନୁ ପୁଖରାମ୍ବାମ୍, ଲାଲଥାନ୍ତଲୁଆଙ୍ଗି, ଜ୍ୟୋତି, ଶିଳ୍ପୀ ଡାବାସ, ମିଡ୍‌ଫିଲ୍ଡର- ନିକ୍କି ପ୍ରଧାନ, ସାକ୍ଷୀ ରାଣା, ସୁନେଲିତା ଟପ୍ପୋ, ସଲିମା ଟେଟେ (ଅଧିନାୟିକା), ନେହା, ଦୀପିକା ସୋରେଙ୍ଗ, ଫରୱାର୍ଡ -ଲାଲରେମସିଆମି, ଋତୁଜା ଦାଦାସୋ ପିସାଲ, ନବନୀତ କୌର, ଦୀପିକା, ଇଶିକା, ବଲଜିତ କୌର, ବିଉଟି ଡୁଙ୍ଗଡୁଙ୍ଗ।

### ପୁଲ୍-ଡି'ରେ ଭାରତର କାର୍ଯ୍ୟସୂଚୀ

ଅଗଷ୍ଟ ୧୬: ବନାମ ଚୀନ୍
ଅଗଷ୍ଟ ୧୮ : ବନାମ ଦକ୍ଷିଣ ଆଫ୍ରିକା
ଅଗଷ୍ଟ ୨୦ : ବନାମ ଇଂଲଣ୍ଡ

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS